

ବରୁଣଙ୍କୁ ଟକ୍କର ଦେବେ ଯଶ୍
▸ପୃଷ୍ଠା ୧୨ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-251 •TUESDAY •10 MARCH 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୨୫୧ •ମଙ୍ଗଳବାର •୧୦ ମାର୍ଚ୍ଚ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦

ଯୁଦ୍ଧ ନିଆଁ

# ପଶ୍ଚିମ ଏସିଆ ଛାରଖାର

## ଇରାନକୁ ଅକୁଣ୍ଠ ସମର୍ଥନ ଘୋଷଣା କଲା ରୁଷ୍

■ ତେହରାନ/ତେଲ ଆଭିଭ, ୯।୩ (ଏଜେନ୍ସି): ପଶ୍ଚିମ ଏସିଆରେ ମହାଯୁଦ୍ଧ ସମ୍ପୂର୍ଣ୍ଣ ଅଞ୍ଚଳକୁ କବଳିତ କରିବାରେ ଲାଗିଛି। ଦଶମ ଦିନରେ ଏହା ତୁର୍କୀ ପର୍ଯ୍ୟନ୍ତ ବ୍ୟାପି ଯାଇଛି। ଏହା ଉପରେ ଇରାନ ଆକ୍ରମଣ କରିଥିବା ତୁର୍କୀ ଦାବି କରିଛି। ଅଭିଯୋଗକୁ ଇରାନ ଖଣ୍ଡନ କରିଥିଲେ ବି ପ୍ରତିଶୋଧ ନେବାକୁ ତୁର୍କୀ ଧମକ ଦେଇଛି। ଅନ୍ୟପଟେ ଇରାନକୁ ରୁଷ ସମର୍ଥନର ହାତ ବଢ଼ାଇଛି। ଯୁଦ୍ଧରତ ତେହରାନକୁ ଅକୁଣ୍ଠ ସମର୍ଥନ ଦେବାକୁ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଘୋଷଣା କରିଛନ୍ତି। ତାଙ୍କର ଏହି ଘୋଷଣା ପରିସ୍ଥିତିକୁ ଆହୁରି ଜଟିଳ କରିପକାଇଛି। ଇରାନ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ ଚଳାଇଥିବା ବେଳେ ଇରାନର ପାଲଟା ଆକ୍ରମଣ ଯୋଗୁଁ ସମଗ୍ର ପଶ୍ଚିମ ଏସିଆ ଛାରଖାର ହେବାକୁ ବସିଛି।

ଇରାନ ଉପରେ ଇସ୍ରାଏଲ ଚାରିପଟୁ ଆକ୍ରମଣ କରୁଛି। ରାଜଧାନୀ ତେହରାନ, ଇସ୍ଫାହନ ଏବଂ ଦକ୍ଷିଣ ଭାଗରେ ଭିତ୍ତିଭୂମିକୁ ନିଶାଣ କରି ତୁହାକୁ ତୁହା କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ କରିବାରେ ଲାଗିଛି। ତେହରାନର ତୈଳ ବିଶୋଧନ କେନ୍ଦ୍ରରେ ପୁଣି ସୋମବାର ଆକ୍ରମଣ



■ ଖାମନେଇଙ୍କ ଦ୍ୱିତୀୟ ପୁତ୍ର ଇରାନର ସର୍ବୋଚ୍ଚ ନେତା
■ ଇରାନର ନୂଆ ସୁପ୍ରିମୋଙ୍କୁ ଟ୍ରମ୍ପଙ୍କ ହତ୍ୟା ଧମକ
■ ଯୁଦ୍ଧ ଆମ ଉପରେ ଲଦି ଦିଆଯାଇଛି: ଇରାନ
■ ଆକ୍ରମଣ ପାଇଁ ଟ୍ରମ୍ପଙ୍କୁ ଉସୁକାଯାଇଛି
■ ଯୁଦ୍ଧରେ ସାମିଲ ହେବାକୁ ତୁର୍କୀର ଘୋଷଣା

କରିଛି। ଏଥିଯୋଗୁଁ ଉକ୍ତ କେନ୍ଦ୍ରରୁ ଭୟଙ୍କର କଳା ଧୂଆଁ ଉଠୁଥିବା ଦେଖାଯାଉଛି। ଇରାନର ସହଯୋଗୀ ହୁତି ବିଦ୍ରୋହୀଙ୍କ ଲେବାନନସ୍ଥିତ ଠିକଣାକୁ ମଧ୍ୟ ଇସ୍ରାଏଲ ସେନା ଆକ୍ରମଣ କରୁଛି। ଏହି ଅଞ୍ଚଳରେ ନିଷିଦ୍ଧ ଫସ୍‌ଫରସ୍ ବୋମା ମାଡ଼ କରାଯାଉଥିବା ଅଭିଯୋଗ ହୋଇଛି। ଏହାର ଜବାବରେ ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ବିଭିନ୍ନ ସାମରିକ ପ୍ରତିଷ୍ଠାନ ଉପ।।ରେ ଇରାନ ପ୍ରଚଣ୍ଡ କ୍ଷେପଣାସ୍ତ୍ର ଓ ଡ୍ରୋନ ମାଡ଼ କରୁଛି।

ଘମାଘୋଟ ଯୁଦ୍ଧ ମଧ୍ୟରେ ଆକ୍ରମଣ।।ରେ ନିହତ ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଅଲି ଖାମନେଇଙ୍କ ପୁତ୍ର ମୋଜତବାଙ୍କୁ ତାଙ୍କର ଉତ୍ତରାଧିକାରୀ ନିଯୁକ୍ତ କରାଯାଇଛି। ଏହାକୁ ନେଇ ଆମେରିକା ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ବାପାଙ୍କର ଯାହା ସ୍ଥିତି ହେଲା ତାହା ପୁଅର ମଧ୍ୟ ହେବ ବୋଲି ଆମେରିକାର ରିପବ୍ଲିକାନ ସାଂସଦ ଧମକ ଦେଇଛନ୍ତି। ଆଜିର ଆକ୍ରମଣରେ ମୋଜତବା ଆହତ ହୋଇଥିବା ମଧ୍ୟ ସୂଚନା ମିଳିଛି। ଇରାନ ବିଦେଶ ମନ୍ତ୍ରାଳୟର ପ୍ରବକ୍ତା କହିଛନ୍ତି ଯେ ଆକ୍ରମଣ ଜାରି ରହିଥିବା ପର୍ଯ୍ୟନ୍ତ କୌଣସି ଆଲୋଚନା କରାଯିବ ନାହିଁ। ଅନ୍ୟପକ୍ଷରେ ଇରାନ ଦୃଢ଼ ଜବାବ ଦେବାରେ ଲାଗିଛି। ଇରାନ ବୈଦେଶିକ ମନ୍ତ୍ରୀ ଅବାସ ଅରାଗଚି କହିଛନ୍ତି ଯେ ଇରାନ ▸ପୃଷ୍ଠା-୭

## ଅଧିବେଶନ ଆରମ୍ଭରୁ ଅଚଳାବସ୍ଥା

# ସଂସଦରେ ଯୁଦ୍ଧ ତାତି

■ ନୂଆଦିଲ୍ଲୀ, ୯।୩: ବିରୋଧୀ ଦଳଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଆଜି ଆରମ୍ଭ ହୋଇଛି ସଂସଦର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଉପରେ ସ୍ୱତନ୍ତ୍ର ଆଲୋଚନା ଦାବି କରି ବିରୋଧୀ ଦଳ ସଂସଦର ଉଭୟ ଗୃହକୁ ଅଚଳ କରିଦେଇଛନ୍ତି। ଫଳରେ ଲୋକସଭାରେ ବାଚସ୍ପତି

### ଆସିପାରିଲା ନାହିଁ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଓମ୍ ବିର୍ଲାଙ୍କ ବିରୋଧରେ ଆଜି ଅନାସ୍ଥା ପ୍ରସ୍ତାବ ଆଗତ ହୋଇପାରି ନାହିଁ। ବିରୋଧୀ ଦଳମାନଙ୍କର ଏଭଳି ଆଚରଣ ନେଇ ସରକାର ସେମାନଙ୍କର ତୀବ୍ର ସମାଲୋଚନା କରିଛନ୍ତି।

ଆଜି ସଂସଦ ଆରମ୍ଭ ହେବାମାତ୍ରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବଂ ଭାରତର ଆଭିମୁଖ୍ୟ ଉପରେ ସ୍ୱତନ୍ତ୍ର ଆଲୋଚନା କରିବାକୁ ଦାବି କରିଥିଲେ ବିରୋଧୀ ଦଳ। ଯୁଦ୍ଧ ଯୋଗୁଁ ମଧ୍ୟପ୍ରାଚ୍ୟରେ ଫସିଥିବା ଭାରତୀୟ ନାଗରିକମାନଙ୍କୁ ସୁରକ୍ଷିତ ଉଦ୍ଧାର କରିବା ଲାଗି ଭାରତ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କ ମନ୍ତବ୍ୟ ସେମାନଙ୍କୁ ଶାନ୍ତ କରିପାରି ନଥିଲା। ସେ କହିଥିଲେ ଯେ ଭାରତ ସର୍ବଦା ଶାନ୍ତି ସପକ୍ଷରେ ରହିଛି। ସବୁ ପ୍ରକାର ବିବାଦର ସମାଧାନ ପାଇଁ ଆଲୋଚନା ଏବଂ କୂଟନୀତି ହେଉଛି ଏକମାତ୍ର ପନ୍ଥା। ତେଣୁ ଯୁଦ୍ଧ ବନ୍ଦ କରି ସବୁ ପକ୍ଷ ଆଲୋଚନା ପାଇଁ ଆସନ୍ତୁ। ତେବେ ଏହି ଯୁଦ୍ଧରେ ଭାରତୀୟ ନାଗରିକମାନଙ୍କର ନିରାପତ୍ତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଥିଲେ।

ବିରୋଧୀ ଦଳ ମାନେ କିନ୍ତୁ ଆମେରିକା-ଇରାନ-ଇସ୍ରାଏଲ-ଇରାନ ଯୁଦ୍ଧ ଉପରେ ବିସ୍ତୃତ ଆଲୋଚନା କରିବାକୁ ଜିଦ ଧରିଥିଲେ। ଏହି ଯୁଦ୍ଧରେ ଭାରତର ଆଭିମୁଖ୍ୟକୁ ସେମାନେ ତୀବ୍ର ସମାଲୋଚନା କରିଥିଲେ। ଏହା ▸ପୃଷ୍ଠା-୭

### ଜ୍ଞାନେଶ କୁମାରଙ୍କୁ ବହିଷ୍କାର ପାଇଁ ମହାଭିଯୋଗ ଆଣିବେ ବିରୋଧୀ

■ ନୂଆଦିଲ୍ଲୀ, ୯।୩: ମହାଭିଯୋଗ ଜରିଆରେ ଭାରତର ମୁଖ୍ୟ ନିର୍ବାଚନ କମିସନର ପଦରୁ ଜ୍ଞାନେଶ କୁମାରଙ୍କୁ ବହିଷ୍କାର କରିବା ଲାଗି ବିରୋଧୀ ଦଳ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ କରିଛନ୍ତି। ଜ୍ଞାନେଶ କୁମାରଙ୍କ 'ସମ୍ବିଧାନ-ବିରୋଧୀ' ଆଚରଣ ଏବଂ ବିଶେଷ କରି ଏସ୍‌ଆଇଆର୍ ଜରିଆରେ ବ୍ୟାପକ ଭୋଟର କାଟ୍ ଅଭିଯାନ ନେଇ କ୍ଷୁବ୍ଧ ଅଛନ୍ତି ବିରୋଧୀ ଦଳ। ତେଣୁ ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ସେମାନେ ସଂସଦରେ ମହାଭିଯୋଗ ▸ପୃଷ୍ଠା-୭

ଚିନ୍ତାଜନକ ସ୍ଥିତିରେ ଦୁର୍ଘଟଣା

# ଦିନକୁ ଗଡୁଛି ୧୮ ମୁଣ୍ଡ

■ ଭୁବନେଶ୍ୱର, ୯।୩(ସମିସ): ରାଜ୍ୟରେ ସଡ଼କ ଦୁର୍ଘଟଣା ଏବେ ସମସ୍ତଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ପରିବହନ ବିଭାଗଠାରୁ ଆରମ୍ଭ କରି ଟ୍ରାଫିକ୍ ପୁଲିସ ପର୍ଯ୍ୟନ୍ତ ସବୁସ୍ତରରେ ଯାଞ୍ଚ କଡ଼ାକଡ଼ି ହେଉଥିଲେ ମଧ୍ୟ ଦୁର୍ଘଟଣା ହାର କମିବାର ନାଁ ନେଉନାହିଁ।

■ ୧୦ ବର୍ଷରେ ମଲେଣି ୫୩,୪୫୧ ଜଣ
■ ୬୧ ହଜାର ଗୁରୁତର, ୪୫ ହଜାର ଆହତ

ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ସାଙ୍ଘାତିକ ତଥ୍ୟ ରଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ ଅନୁସାରେ, ଗତ ୧୦ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଥାନାରେ ୧ଲକ୍ଷ ୧୩ ହଜାର ୩୨୫ଟି ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଛି। ଏହି ଅବଧି ମଧ୍ୟରେ ସଡ଼କ ଦୁର୍ଘଟଣାରେ ୫୩ହଜାର ୪୫୧ ଲୋକଙ୍କ ଜୀବନ ଯାଇଛି। ଏଥିସହ ୬୧ ହଜାର ୧୮୬ ଜଣ ଗୁରୁତର ଓ ୪୫ ହଜାର ୧୪୬ ଆହତ ହୋଇଛନ୍ତି। ଚାଞ୍ଚଲ୍ୟକର କଥାଟି ହେଲା, ରାଜ୍ୟରେ ସଡ଼କ ଦୁର୍ଘଟଣା ପ୍ରତିଦିନ ୧୮ଟି ମୁଣ୍ଡ ନେଉଛି।

ମୁଖ୍ୟମନ୍ତ୍ରୀଙ୍କ ସୂଚନାନୁଯାୟୀ, ୨୦୧୬ ମସିହାରେ ୪୪୬୩ ଜଣ, ୨୦୧୭ରେ ୪୭୯୦ ଜଣ, ୨୦୧୮ରେ ୫୩୧୫ଜଣ, ୨୦୧୯ରେ ୫୩୩୩ ଓ ୨୦୨୦ରେ ୪୭୩୮ ଜଣ ପ୍ରାଣ ହରାଇଛନ୍ତି। ସେହିପରି ୨୦୨୧ ମସିହାରେ ୫୦୮୧ ଜଣ, ୨୦୨୨ ରେ ୫୪୬୭ ଜଣ, ୨୦୨୩ରେ ୫୭୩୯ ଜଣ, ୨୦୨୪ରେ ୬୧୪୨ ଓ ୨୦୨୫ ମସିହାରେ ୬୪୮୩ ଜଣଙ୍କ ମୃତ୍ୟୁ ହୋଇଛି। ୨୦୨୫ ମସିହାର ଦୁର୍ଘଟଣାଜନିତ ମୃତ୍ୟୁ ହିସାବକୁ ନେଲେ, ରାଜ୍ୟରେ ଦିନକୁ ୧୮ ଜଣ ଲୋକ ଦୁର୍ଘଟଣାରେ ପ୍ରାଣ ହରାଉଥିବା କଥା ସାମ୍ନାକୁ ଆସିଛି। ସେହିପରି, ୨୦୨୪ ଓ ୨୦୨୫ରେ ହୋଇଥିବା ଦୁର୍ଘଟଣା ତଥ୍ୟ ତୁଳନା କରିବା ପରେ ସାଙ୍ଘାତିକ କଥା ପଦାକୁ ଆସିଛି। ଗତବର୍ଷ ତୁଳନାରେ ଚଳିତବର୍ଷ ରାଜ୍ୟରେ ଦୁର୍ଘଟଣା ହାର ୫.୫୫ ପ୍ରତିଶତ ବୃଦ୍ଧି ପାଇଛି।

### ଦୁଃଖ ପ୍ରକାଶ କଲେ ବ୍ରାଣ୍ଡ ଆମ୍ବାସାଡର୍ ସିଦ୍ଧାନ୍ତ

ଶୂନ୍ୟକାଳରେ ବିଧାୟକ ସିଦ୍ଧାନ୍ତ ମହାପାତ୍ର ଦିଗପହଣ୍ଡି ଅଞ୍ଚଳରେ ଘଟିଥିବା ଏକ ଦୁର୍ଘଟଣା ଉପରେ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ସଡ଼କ ସୁରକ୍ଷାର ବ୍ରାଣ୍ଡ ଆମ୍ବାସାଡର୍ ଭାବେ ମୁଁ ଦୁଃଖିତ ବୋଲି କହିବା ସହ ରାଜ୍ୟରେ ବଢୁଥିବା ଦୁର୍ଘଟଣା ହାରକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଜାତୀୟ ତୁଳନାରେ ରାଜ୍ୟର ଦୁର୍ଘଟଣା ହାର ଅଧିକ ରହିଛି ଓ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ଓଡ଼ିଶା ଦେଶରେ ସବୁଠାରୁ ଆଗରେ ରହିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଏଣୁ, ପରିବହନ ମନ୍ତ୍ରୀ ଦୁର୍ଘଟଣାପ୍ରବଣ ଅଞ୍ଚଳରେ ଇଣ୍ଟରସେପ୍ଟର୍ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟମନ୍ତ୍ରୀ ଦୁର୍ଘଟଣାସ୍ଥଳକୁ ତୁରନ୍ତ ଆମ୍ବୁଲାନ୍ସ ପଠାଇବାକୁ ଦାବି କରିଛନ୍ତି।

# ଦିନକରେ ରାଜପଥରେ ଗଲା ୪ ଜୀବନ

## ବାଇକ୍-କଣ୍ଟେନର୍ ଧକ୍କା; ୩ ମୃତ

■ ଜମନକିରା, ୯।୩ (ସମିସ): ସମ୍ବଲପୁର ଜିଲ୍ଲା ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର ପିଠାମାରେନ-ଡୁମେରମୁଣ୍ଡା ରାସ୍ତାରେ ଆଜି ଦିନ ସାଢ଼େ ୧୦ଟାରେ ଏକ ଛାତିଥରା ଦୁର୍ଘଟଣାରେ ୩ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ବାଇକ୍ ଉପରେ ଏକ କଣ୍ଟେନର୍ ମାଡ଼ିଯିବାରୁ ଏହି ଦୁଃଖଦ ଘଟଣା ଘଟିଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଦୁର୍ଘଟଣା ପରେ ଉଭୟ ବାଇକ୍ ଓ କଣ୍ଟେନରଟି ହୁତୁହୁତୁ ହୋଇ ଜଳି ଯାଇଥିଲା। ମୃତକମାନେ ହେଲେ, ବଡ଼ରମା ପଞ୍ଚାୟତ ବିଶାଳପାଲି ଗ୍ରାମର ରାମ ବିରିତ ସିଂ(୨୧), କୁଲୁଣ୍ଡି ପଞ୍ଚାୟତ ପତ୍ରାପାଲିଗ୍ରାମର ସୁଜିତ ଲମଗା (୧୭) ଓ ପତ୍ରାପାଲି ଗ୍ରାମର ବୁଲୁ ରଣା(୨୦)। ଜମନକିରା ପୁଲିସ୍ ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ▸ପୃଷ୍ଠା-୭

## ଦୁଇ ବାଇକ୍ ଧକ୍କା; ୧ ମୃତ

■ ବାରିପଦା, ୯।୩(ସମିସ): ସୋମବାର ସନ୍ଧ୍ୟା ସାଢ଼େ ୮ଟାରେ ଟାଉନ୍ ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ଶେରାୱାଲି ଢାବା ସମ୍ମୁଖରେ ଦୁଇଟି ବାଇକ୍ ମଧ୍ୟରେ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଭଞ୍ଜପୁର ଥାନା ଅନ୍ତର୍ଗତ ୱାର୍ଡ ନମ୍ବର ୧୯ ଅଞ୍ଚଳର କାର୍ତ୍ତିକ ଗିରି ▸ପୃଷ୍ଠା-୭

ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ

# ତେଲ ବଜାରରେ ନିଆଁ

## ୧୦ ଦିନରେ ଅଶୋଧିତ ତୈଳ ଦର ୬୦% ବୃଦ୍ଧି

■ ନୂଆଦିଲ୍ଲୀ, ୯।୩(ଏଜେନ୍ସି): ମଧ୍ୟପ୍ରାଚ୍ୟ ଯୁଦ୍ଧ ଘନଘଟାରେ ସାରା ବିଶ୍ୱରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି। ବିଶ୍ୱ ବଜାରରେ ବର୍ତ୍ତମାନ ଅଶୋଧିତ ତୈଳ ମୂଲ୍ୟ ଗତ ସାଢେ ତିନି ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୦୦ ଡଲାର ଅତିକ୍ରମ କରିଥିଲା। ଏବେ ମଧ୍ୟପ୍ରାଚ୍ୟରୁ ତୈଳ ଆମଦାନୀ ହ୍ରାସ ପରେ କଞ୍ଚା ତେଲ ମୂଲ୍ୟ ହୁ ହୁ ବଢ଼ିବାରେ ଲାଗିଛି। ଅପରପକ୍ଷେ ଅଶୋଧିତ ତୈଳ

ସର୍ବନିମ୍ନ ସ୍ତରରେ ଟଙ୍କା ମୂଲ୍ୟ

### ଦିନକରେ ସେନ୍‌ସେକ୍ସ ଖସିଲା ୧୩୫୦ ପଏଣ୍ଟ





ସୋମବାର ଅଶୋଧିତ ତୈଳ ମୂଲ୍ୟରେ ୨୫%ରୁ ବୃଦ୍ଧି ଘଟି ଏହା ବ୍ୟାରେଲ ପିଛା ୧୨୦ ଡଲାର ନିକଟତର ହୋଇଛି। ଯୁଦ୍ଧ ଯୋଗୁ ମାତ୍ର ୧୦ ଦିନରେ ଅଶୋଧିତ ତେଲ ଦରରେ ୬୦% ବୃଦ୍ଧି ଘଟିଛି। ବଜାର ବିଶେଷଜ୍ଞଙ୍କ ମତରେ ଏମିତି ସ୍ଥିତିରେ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୧୫୦ ଡଲାରରେ ପହଞ୍ଚିପାରେ। ଯାହା ଦେଶରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଶେଷ ଥର ପାଇଁ ୨୦୨୨ରେ ରୁଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ ସମୟରେ ଦର ବୃଦ୍ଧିର ପ୍ରଭାବ ଆଜି ଭାରତୀୟ ସେୟାର ବଜାର ଉପରେ ପଡିଛି। ଯାହାଫଳରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସରେ ୧୩୫୦ ପଏଣ୍ଟ ହ୍ରାସ ଘଟିଛି। ଗୋଟିଏ ଦିନରେ ଭାରତୀୟ ନିବେଶକମାନେ ପ୍ରାୟ ୧୧ ଲକ୍ଷ କୋଟି ଟଙ୍କା କ୍ଷତି ସହିଛନ୍ତି। ସେହିପରି ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଟଙ୍କା ମୂଲ୍ୟରେ ଦ୍ରୁତ ଅବମୂଲ୍ୟାୟନ ଘଟିଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟ ପ୍ରଥମ ଥରପାଇଁ ▸ପୃଷ୍ଠା-୭

## ପାକିସ୍ତାନରେ ତୈଳ ସଙ୍କଟ

■ ଇସଲାମାବାଦ, ୯।୩ (ଏଜେନ୍ସି): ଇରାନ ଯୁଦ୍ଧ ପାଇଁ ବିଶ୍ୱରେ ଶକ୍ତି ସଙ୍କଟ ବଢ଼ିବାରେ ଲାଗିଛି। ପଡ଼ୋଶୀ ଦେଶ ପାକିସ୍ତାନରେ ଏଥିରେ ଗଭୀର ଭାବେ ପ୍ରଭାବିତ ହୋଇଛି। ଭୟଙ୍କର ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଥିବା ପାକିସ୍ତାନରେ ଉତ୍କଟ ତୈଳ ସଙ୍କଟ ଦେଖା ଦେଇଛି। ତେଲ ଟାଙ୍କିରେ ଲୋକେ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଛିଡ଼ା

■ ସ୍କୁଲ ବନ୍ଦ କରିବା ପାଇଁ ନିର୍ଦ୍ଦେଶ
■ ସପ୍ତାହକୁ ୪ ଦିନ ଅଫିସ୍ ଖୋଲା

ହେଲେ ବି ପେଟ୍ରୋଲ, ଡିଜେଲ ମିଳୁ ନାହିଁ। ସରକାର ମଧ୍ୟ ଅକଳରେ ପଡ଼ିଛନ୍ତି। କୌଣସି ଉତ୍ସରୁ ତୈଳ ଆମଦାନୀ କରିପାରୁନାହାନ୍ତି। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଦେଶରେ ଅଘୋଷିତ କଟକଣା ଲାଗୁ କରିଛନ୍ତି। ତୈଳ ଚାହିଦା ହ୍ରାସ ପାଇଁ ଅସ୍ଥାୟୀ ଭାବେ ସ୍କୁଲ ବନ୍ଦ କରିବାକୁ ନିର୍ଦ୍ଦେଶ ▸ପୃଷ୍ଠା-୭

## ଘରୁ ଡାକି ନେଇ ଯୁବକଙ୍କୁ ହତ୍ୟା

■ ଭଦ୍ରକ, ୯।୩ (ସମିସ): ଘରୁ ଡାକି ନେଇ ମାରିଦେଲେ। ଭଦ୍ରକ ସହରାଞ୍ଚଳ ଥାନା ଅଧୀନ ଗୁଣ୍ଟୁଣିଆଠାରେ ଗତ ରାତିରେ ଏପରି ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ଚରମ୍ପା ବରାଳ ପୋଖରୀ ରେଳବାଇ କଲୋନୀର ଶ୍ରୀକୁମାର ସ୍ୱାମୀ(୨୪)। ୫ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ତାଙ୍କୁ ଗୁଣ୍ଟୁଣିଆ ବଜାରରେ ସର୍ବସମ୍ମୁଖରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଛନ୍ତି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ▸ପୃଷ୍ଠା-୭

SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN CORE COMPUTING
Computer Science and Engineering
Computer Science and Information Technology
APPROVAL & RECOGNITIONS
Approved by UGC and AICTE
Re-accredited by NAAC with A++ Grade
Granted with Category-1 Graded Autonomy by UGC
NBA Accredited Programmes
NIRF INDIA RANKINGS 2025
15th Best in University Category
22nd Best in Engineering Category
INTERNATIONAL RANKINGS 2026
Ranked in QS World Rankings 2026
Ranked in Times World Rankings 2026
To apply for admission through SAAT, Please visit: www.soa.ac.in

୨୦ ଦିନ ପରେ ସରିବ ଧାନ ସଂଗ୍ରହ

# ଏବେ ବି ମଣ୍ଡିରେ ବସିଛନ୍ତି ୩ ଲକ୍ଷ ଚାଷୀ

■ ଭୁବନେଶ୍ୱର, ୯।୩(ସମିସ): ଖରିଫ୍ ଋତୁରେ ୭୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ; କିନ୍ତୁ ଚଳିତ ବର୍ଷ ଭଲ ଫସଲ ଉତ୍ପାଦନ ହେତୁ ଚାଷୀଙ୍କ ଆବଶ୍ୟକତା ପରେ ଆଉ

### ଅବଧି ମଧ୍ୟରେ ସବୁ ଧାନ କିଣିବାକୁ ଘୋଷଣା କରିଥିଲେ ସରକାର

ପ୍ରାୟ ୩୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ବଳକା ରହୁଛି। ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ଏହି ବଳକା ଧାନ ଚାଷୀଙ୍କଠାରୁ କିଣା ଯିବା କଥା। ଆଉ ୨୦ ଦିନ ଅର୍ଥାତ ମାର୍ଚ୍ଚ ୩୧ରେ ଖରିଫ୍ ଧାନ କିଣା ଋତୁ ଶେଷ ହେବ। ବଳକା



ଧାନ ଦୂରର କଥା, ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ ପ୍ରାୟ ୩ ଲକ୍ଷ ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି। ଏବେ ବି ରାଜ୍ୟର ୩ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି ପାଇଁ ମଣ୍ଡି ଆଗରେ ବସି ରହିଛନ୍ତି। ଟୋକନ ପାଇ ମଧ୍ୟ ଚାଷୀ ମାସ ମାସ ଧରି ସୋସାଇଟି ଆଗରେ ▸ପୃଷ୍ଠା-୭

### ଧାନବସ୍ତା ଫିଙ୍ଗି ଧାରଣାରୁ ଚାଷୀଙ୍କୁ ଉଠାଇନେଲା ପୁଲିସ

■ ବରଗଡ଼, ୯।୩(ସମିସ): ଗୋଟିଏ ଦିନ ପରେ ରବି ଋତୁ ଧାନ ବିକ୍ରି ପାଇଁ ପଞ୍ଜୀକରଣ ଆରମ୍ଭ ହେବ। ଏଯାଏଁ ଖରିଫ ଋତୁର ଧାନକିଣା ସରିନାହିଁ। ପ୍ରତିବାଦରେ ବରଗଡ଼ ଜିଲ୍ଲା ଭେଡେନ୍ ବ୍ଲକ୍‌ର ଚାଷୀମାନେ ଧାନବସ୍ତା ଧରି ଜିଲ୍ଲାପାଳଙ୍କ ଅଫିସରେ ଧାରଣାରେ ବସିଥିବା ବେଳେ ଆଜି ପୁଲିସ ସେମାନଙ୍କୁ ଉଠାଇ ନେଇଛି। ଏପରିକି ପୁଲିସ ଧାରଣାସ୍ଥଳରୁ ଚାଷୀଙ୍କ ଧାନ ବସ୍ତାକୁ ଫୋପାଡ଼ି ଦେଇଥିବା ଅଭିଯୋଗ ହୋଇଛି।



## ଇରାନ-ଆମେରିକା ଯୁଦ୍ଧ: ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ଅନୁପସ୍ଥିତି ନେଇ ଚର୍ଚ୍ଚା

ୱାଶିଂଟନ, ୯ ।୩(ଏଜେନ୍ସି): ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ସକ୍ରିୟ ଥିବା ବେଳେ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ଚୁପ୍ ରହିବା ଓ ସର୍ବସାଧାରଣରେ ଦୃଶ୍ୟମାନ ନ ହେବା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ମିଳିଥିବା ସୂଚନା ଅନୁଯାୟୀ, ଆମେରିକା ଯୁଦ୍ଧ ଅଭିଯାନ ଆରମ୍ଭ କରିବାର ୭୨ ଘଣ୍ଟା ପର୍ଯ୍ୟନ୍ତ ଭାନ୍ସ ଏନେଇ କୌଣସି ସାର୍ବଜନୀନ ମନ୍ତବ୍ୟ ଦେଇନଥିଲେ। ସାଧାରଣତଃ ଯୁଦ୍ଧ ସମୟରେ ଉପରାଷ୍ଟ୍ରପତିମାନେ ସରକାରଙ୍କ ସବୁଠାରୁ ବଡ଼ ଚେହେରା ହୋଇଥାନ୍ତି, କିନ୍ତୁ ଏଠାରେ ସ୍ଥିତି ଓଲଟା। ଯୁଦ୍ଧ ସପକ୍ଷରେ ଓକିଲାତି ଅର୍ଥାତ ସମର୍ଥନ କରିବା ପାଇଁ ପ୍ରତିରକ୍ଷା ସଚିବ ପିଟ୍ ହେଗ୍‌ସେଥ ସାମ୍ନାକୁ ଆସିଛନ୍ତି। ସେ ଅତ୍ୟନ୍ତ ଆକ୍ରମଣାତ୍ମକ ଢଙ୍ଗରେ ଯୁଦ୍ଧକୁ ବର୍ଣ୍ଣନା କରୁଛନ୍ତି, ଯାହା ପ୍ରଶାସନର କୌଶଳକୁ ପ୍ରତିଫଳିତ କରୁଛି। ଭାନ୍ସଙ୍କ ଚୁପ୍ ରହିବା ପଛରେ ବିଚାରଧାରାଗତ ମତଭେଦକୁ ମୁଖ୍ୟ କାରଣ ବୋଲି କୁହାଯାଉଛି। ସେ ଅନେକ ସମୟରେ ଆମେରିକାର ବିଦେଶୀ ସାମରିକ ହସ୍ତକ୍ଷେପକୁ ଦୃଢ଼ ବିରୋଧ କରିଆସିଛନ୍ତି ଓ ଆମେରିକାକୁ ବିଶ୍ୱର ପୁଲିସ ହେବା ଉଚିତ ନୁହେଁ ବୋଲି କହିଛନ୍ତି। ତେଣୁ ଏହି ଯୁଦ୍ଧ ତାଙ୍କ ରାଜନୈତିକ ବ୍ୟକ୍ତିତ୍ୱ ସହ ମେଳ ଖାଉନାହିଁ। ପୁଣି ଭାନ୍ସ ଆମେରିକାର ରାଷ୍ଟ୍ରପତି ପଦ ପାଇଁ ଜଣେ ପ୍ରମୁଖ ପ୍ରାର୍ଥୀ ବୋଲି ବିବେଚନା କରାଯାଉଛି। ତେଣୁ ଟ୍ରମ୍ପ ପ୍ରଶାସନକୁ ସମର୍ଥନ କରିବା ଓ ନିଜର ପୁରୁଣା ଯୁଦ୍ଧ ବିରୋଧୀ ଛବିକୁ ବଜାୟ ରଖିବା ମଧ୍ୟରେ ସେ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରୁଛନ୍ତି। ପୂର୍ବରୁ ମଧ୍ୟ ସେ ଭେନେଜୁଏଲା ପ୍ରସଙ୍ଗରେ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରିଥିଲେ। ଭାନ୍ସଙ୍କ ଏହି ନୀରବତା ରିପବ୍ଲିକାନ ପାର୍ଟି ମଧ୍ୟରେ ବୈଦେଶିକ ନୀତିକୁ ନେଇ ଏକ ଗଭୀର ମତଭେଦ ରହିଛି ବୋଲି ସ୍ପଷ୍ଟ ହେଉଛି। ତେବେ ତାଙ୍କ ନୀରବତା ନେଇ ଚାଲିଥିବା ଆକଳନ ଆଗାମୀ ଦିନରେ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି।

## ବ୍ରହ୍ମୋସ କ୍ଷେପଣାସ୍ତ୍ର କିଣିବ ଇଣ୍ଡୋନେସିଆ

ନୂଆଦିଲ୍ଲୀ, ୯।୩ (ଏଜେନ୍ସି): ବ୍ରହ୍ମୋସ କ୍ଷେପଣାସ୍ତ୍ର କିଣିବା ଲାଗି ଭାରତ ସହ ଇଣ୍ଡୋନେସିଆ ଚୁକ୍ତି କରିଛି। ଇଣ୍ଡୋନେସିଆ ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର ରିକୋ ରିକାର୍ଡୋ ସିରୈତ ସୋମବାର ଏହି ସୂଚନା ଦେଇଛନ୍ତି। ଭାରତ ଏବଂ ରୁଷର ମିଳିତ ମାଲିକାନାରେ ଥିବା ବ୍ରହ୍ମୋସ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ ଜାକର୍ତ୍ତା ସହିତ ୨୦୦ ମିଲିୟନରୁ ୩୫୦ ମିଲିୟନ ଡଲାରର ଚୁକ୍ତି ପାଇଁ ଆଲୋଚନା ଅଗ୍ରୀମ ପର୍ଯ୍ୟାୟରେ ପହଞ୍ଚିଛି। ରିକୋ କହିଛନ୍ତି ଯେ ଏହି ଚୁକ୍ତି ସାମରିକ ହାର୍ଡୱେର୍ ଏବଂ ପ୍ରତିରକ୍ଷା କ୍ଷମତାର ଆଧୁନିକୀକରଣର ଏକ ଅଂଶ। ଏହାପୂର୍ବରୁ ଫିଲିପାଇନ୍ସ ମଧ୍ୟ ଭାରତଠାରୁ ବ୍ରହ୍ମୋସ ମିସାଇଲ ସିଷ୍ଟମ କିଣି ସାରିଛି। ଏଥିପାଇଁ ୩୧୩୦ କୋଟି ଟଙ୍କାରେ ଚୁକ୍ତି ହୋଇଥିଲା। ସୂଚନାଯୋଗ୍ୟ ଯେ ବ୍ରହ୍ମୋସ ହେଉଛି ଏକ ସୁପରସୋନିକ କ୍ଷେପଣାସ୍ତ୍ର। ଏହା ୨୦୦୭ରେ ପ୍ରଥମ ଥର ପାଇଁ ଭାରତୀୟ ସେନାକୁ ମିଳିଥିଲା।

## ଶର୍ଜିଲ ଇମାମଙ୍କୁ ୧୦ ଦିନର ଅନ୍ତରୀଣ ଜାମିନ

ନୂଆଦିଲ୍ଲୀ, ୯ ।୩(ଏଜେନ୍ସି): ଦିଲ୍ଲୀର ଏକ କୋର୍ଟ ୨୦୨୦ ଦିଲ୍ଲୀ ଦଙ୍ଗା ମାମଲାରେ ଅଭିଯୁକ୍ତ ଛାତ୍ରନେତା ଶର୍ଜିଲ ଇମାମଙ୍କୁ ୧୦ ଦିନ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ନିଜ ଭାଇଙ୍କ ବାହାଘରରେ ଯୋଗ ଦେବା ଓ ନିଜର ଅସୁସ୍ଥ ମାଆଙ୍କର ଯତ୍ନ ନେବା ପାଇଁ କୋର୍ଟ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରଛନ୍ତି। ଅତିରିକ୍ତ ସେସନ ଜଜ୍ ସମୀର ବାଜପେୟୀ ତାଙ୍କୁ ମାର୍ଚ୍ଚ ୨୦ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ଜାମିନ ପ୍ରଦାନ କରିଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ସେ ଜାମିନ ଅବଧି ମଧ୍ୟରେ କୌଣସି ଗଣମାଧ୍ୟମ ସହ କଥା ହୋଇପାରିବେ ନାହିଁ କିମ୍ବା ସାମାଜିକ ଗଣମାଧ୍ୟମ ବ୍ୟବହାର କରିପାରିବେ ନାହିଁ। ସେ କେବଳ ନିଜର ପରିବାର, ବନ୍ଧୁ ଓ ସମ୍ପର୍କୀୟଙ୍କ ସହିତ ମିଳାମିଶା କରିପାରିବେ। ଏହା ଛଡ଼ା ୫୦, ୦୦୦ ଟଙ୍କାର ବଣ୍ଡ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଲ୍ଲେଖଥାଉ କି, ୨୦୨୦ ଫେବୃଆରୀରେ ଉତ୍ତର-ପୂର୍ବ ଦିଲ୍ଲୀରେ ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗା ପଛରେ ବୃହତ ଷଡ଼ଯନ୍ତ୍ର ମାମଲାରେ ଶର୍ଜିଲ ଜଣେ ମୁଖ୍ୟ ଅଭିଯୁକ୍ତ। ଚଳିତ ବର୍ଷ ଜାନୁଆରୀରେ ସୁପ୍ରିମକୋର୍ଟ ସର୍ଜିଲ ଓ ଉମର ଖାଲିଦଙ୍କ ନିୟମିତ ଜାମିନ ଆବେଦନକୁ ଖାରଜ କରିଥିଲେ।

## ଉସ୍‌ମାନ ହାଦି ହତ୍ୟାକାଣ୍ଡ: ପଶ୍ଚିମବଙ୍ଗରୁ ୨ ଅଭିଯୁକ୍ତ ଗିରଫ

କୋଲକାତା, ୯ ।୩(ଏଜେନ୍ସି): ବାଂଲାଦେଶର ଯୁବ ନେତା ତଥା ଲେଖକ ଉସ୍‌ମାନ ହାଦିଙ୍କୁ ହତ୍ୟା ମାମଲାର ଦୁଇ ଅଭିଯୁକ୍ତଙ୍କୁ ଭାରତର ପଶ୍ଚିମବଙ୍ଗରୁ ଗିରଫ କରାଯାଇଛି। ପଶ୍ଚିମବଙ୍ଗ ପୁଲିସ ସ୍ୱତନ୍ତ୍ର ଟ୍ୟାକ୍ସ ଫୋର୍ସ (ଏସ୍‌ଟିଏଫ୍) ଏମାନଙ୍କୁ ଗିରଫ କରିଛି। ଏହି ଦୁଇ ଅଭିଯୁକ୍ତ ହେଲେ ରାହୁଲ ଉରଫ ୩୭ ବର୍ଷୀୟ ଫୈଜଲ କରିମ ମାସୁଦ ଓ ୩୪ ବର୍ଷୀୟ ଆଲମଗିର ହୁସେନ। ପୁଲିସ ସୂଚନା ଅନୁଯାୟୀ ଉଭୟ ଅଭିଯୁକ୍ତ ମେଘାଳୟ ସୀମା ଦେଇ ବେଆଇନ୍ ଭାବେ ଭାରତରେ ପ୍ରବେଶ କରିଥିଲେ। ସେମାନେ ପଶ୍ଚିମବଙ୍ଗର ବନଗାଁ ଅଞ୍ଚଳରେ ଲୁଚି ରହିଥିଲେ ଓ ପୁଣି ବାଂଲାଦେଶ ଫେରିଯିବା ପାଇଁ ସୁଯୋଗ ଖୋଜୁଥିଲେ। ଗତ ମାର୍ଚ୍ଚ ୭ ଓ ୮ ମଧ୍ୟରାତ୍ରିରେ ଏସ୍‌ଟିଏଫ୍ ଏକ ସ୍ୱତନ୍ତ୍ର ଚଢ଼ାଉ କରି ସେମାନଙ୍କୁ ଗିରଫ କରିଛି। ରବିବାର ସେମାନଙ୍କୁ କୋର୍ଟରେ ହାଜର କରାଯିବା ପରେ ପୁଲିସ ହେପାଜତକୁ ପଠାଇ ଦିଆଯାଇଛି। ଉସ୍‌ମାନ ହାଦି ଜଣେ ରାଜନୈତିକ କର୍ମୀ, ଲେଖକ ଏବଂ ଇନ୍‌କିଲାବ ମଞ୍ଚର ମୁଖପାତ୍ର ଥିଲେ। ସେ ବାଙ୍ଗଲାଦେଶର ଆବାମୀ ଲିଗ୍ ଦଳକୁ ବିରୋଧ କରୁଥିଲେ ଓ ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିବାକୁ ଯୋଜନା କରିଥିଲେ। କିନ୍ତୁ ୨୦୨୫ ଡିସେମ୍ବର ୧୨ରେ ରାଜଧାନୀ ଢାକାରେ ଏକ ରିକ୍ସା ଯାଉଥିବା ବେଳେ ବାଇକ୍‌ରେ ଆସିଥିବା ଦୁର୍ବୃତ୍ତ ହାଦିଙ୍କୁ ଗୁଳି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେ ୧୮ ତାରିଖରେ ମୃତ୍ୟୁବରଣ କରିଥିଲେ।

# ଇରାନ ଆକ୍ରମଣ ପାଇଁ ତୁର୍କୀର ଧମକ

ଅଙ୍କାରା, ୯।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଭୟଙ୍କର ରୂପ ନେଇଛି। ଏଭଳି ସ୍ଥିତିରେ ସ୍ଥିତି ଅଧିକ ବିଗିଡ଼ିବା ଭଳି ଘଟଣା ଘଟିଛି। ଇରାନ ଯୁଦ୍ଧରେ ସାମରିକ ସଂଗଠନ ନର୍ଥ ଆଟଲାଣ୍ଟିକ ଟ୍ରିଟି ଅର୍ଗାନାଇଜେସନ (ନାଟୋ) ପ୍ରବେଶ ନେଇ ଆଶଙ୍କା ପ୍ରକାଶ ପାଇଛି। ତୁର୍କୀକୁ ଲକ୍ଷ୍ୟ କରି ଇରାନ ସୋମବାର ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି। ମାତ୍ର ଏହି କ୍ଷେପଣାସ୍ତ୍ରକୁ ଠାବ କରି ନାଟୋ ଭୂମଧ୍ୟସାଗରରେ ଉଡ଼ାଇ

**ମାଂସପୋଡ଼ା ଅସ୍ତ୍ର ବ୍ୟବହାର କରୁଛି ଇସ୍ରାଏଲ**

ଦେଇଛି। ଏହାକୁ ନେଇ ଇରାନକୁ ତୁର୍କୀ ଧମକ ଦେଇଛି। ପୁଣି ଏଭଳି ପଦକ୍ଷେପ ନେଇ ଆକ୍ରମଣ କରିବୁ ବୋଲି କୁହାଯାଇଛି। ଯଦି ଏପରି ହୁଏ ତେବେ ସଂଘର୍ଷକୁ ଚରମ ରୂପ ନେଇପାରେ। ଏହାକୁ ନେଇ ନାଟୋ ପ୍ରତ୍ୟକ୍ଷ ଯୁଦ୍ଧରେ ସାମିଲ ହେବ କି ବୋଲି ପ୍ରଶ୍ନ ଉଠୁଛି। ପୂର୍ବରୁ ଗତ ୪ ତାରିଖରେ ନାଟୋ ଏଭଳି ଏକ କ୍ଷେପଣାସ୍ତ୍ରକୁ ଅଟକାଇ ଦେଇଥିଲା। ଏବେକାର ସ୍ଥିତିକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି।

ତୁର୍କୀ ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଇରାନ କ୍ଷେପଣାସ୍ତ୍ରକୁ ସଫଳତାର ସହ ଧ୍ୱଂସ କରିଦିଆଯାଇଛି। ମାତ୍ର ଏହାର ଅବଶେଷ ଦକ୍ଷିଣ ତୁର୍କୀର ଗାଜିଆଁଟେପ ପ୍ରଦେଶରେ ଖସିଛି। ସୂଚନା ଅନୁଯାୟୀ ତୁର୍କୀ ସ୍ଥିତ ଆମେରିକାର ନସିରଲିକ ଏୟାରବେସରେ ପରମାଣୁ ଅସ୍ତ୍ରଶସ୍ତ୍ର ରଖାଯାଇଛି। ଏହା କୁରେସିକରେ ଥିବା ନାଟୋର ଆଡଭାନ୍ସଡ ରାଡାର ସିଷ୍ଟମଠାରୁ ପ୍ରାୟ ୨୦୦ କିମି ଦୂରରେ ଅଛି। ଥାଡ ଆଣ୍ଟି ବାଲିଷ୍ଟିକ ମିସାଇଲ ସିଷ୍ଟମକୁ ସହାୟତା



ପାଇଁ ଏହାକୁ ବ୍ୟବହାର କରାଯାଉଛି। ଇରାନ ଏହି ସିଷ୍ଟମକୁ ଧ୍ୱଂସ କରିବାକୁ ଚାହୁଁଥିଲା। ସେଥିପାଇଁ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ତୁର୍କୀ ସରକାର ଏପର୍ଯ୍ୟନ୍ତ ନିଜର ସାମରିକ ଘାଟି କିମ୍ବା ଆକାଶ ମାର୍ଗକୁ ଇରାନ ବିରୋଧରେ କୌଣସି ଆକ୍ରମଣ ପାଇଁ ବ୍ୟବହାର କରିବାକୁ ଦେଇନାହାଁନ୍ତି। ପ୍ରଥମ ଘଟଣା ପରେ ଅଙ୍କାରା ତେହେରାନକୁ ଚେତାବନୀ ଦେଇଛି। ଏଭଳି ପଦକ୍ଷେପ ଆଞ୍ଚଳିକ ସଂଘର୍ଷକୁ ଆହୁରି ବ୍ୟାପକ କରିପାରେ ବୋଲି କୁହାଯାଇଛି। ବିଶେଷଜ୍ଞଙ୍କ ମତରେ, ଯଦି ତୁର୍କୀର କୌଣସି ସାମରିକ ଘାଟି କିମ୍ବା ନାଟୋର ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନର କ୍ଷତି ହୋଇଥାନ୍ତା, ତେବେ ନାଟୋକୁ ସିଧାସଳଖ ଏହି ସଂଘର୍ଷରେ ଓହ୍ଲାଇବାକୁ ପଡ଼ିଥାନ୍ତା। ଏହି କାରଣରୁ ଏହି ଘଟଣାଆନ୍ତର୍ଜାତୀୟସ୍ତରରେଗମ୍ଭୀରଚିନ୍ତାରବିଷୟପାଲଟିଛି।

ଅନ୍ୟପକ୍ଷରେ ମାନବାଧିକାର ସଂଗଠନ 'ହ୍ୟୁମାନ ରାଇଟ୍ ୱାଚ୍' (ଏଚ୍‌ଆରଡବ୍ଲ୍ୟୁ) ଏବେ ଇସ୍ରାଏଲ ବିରୋଧରେ ଏକ ନୂଆ ଗୁରୁତର ଅଭିଯୋଗ ଆଣିଛି। ଯୁଦ୍ଧରେ ଇସ୍ରାଏଲ ମାଂସ ଜାଳୁଥିବା ରାସାୟନିକ ଅସ୍ତ୍ର ଅର୍ଥାତ ହ୍ୱାଇଟ୍ ଫସ୍‌ଫରସ୍ ବ୍ୟବହାର କରୁଛି ବୋଲି ଏହି ସଂଗଠନ ଅଭିଯୋଗ କରିଛି। ଇସ୍ରାଏଲ ସେନାବାହିନୀ ଲେବାନନ୍‌ରେ 'ଯୋହୋମୋର' ନାମକ ଏକ ଜନବସତି ଅଞ୍ଚଳରେ ବେଆଇନ୍ ଭାବେ 'ହ୍ୱାଇଟ୍ ଫସ୍‌ଫରସ୍' ବୋମା ବ୍ୟବହାର କରିଛି ବୋଲି ଅଭିଯୋଗ ହୋଇଛି। ଗତ ମାର୍ଚ୍ଚ ୩ରେ ଇସ୍ରାଏଲ ଏହି ଆକ୍ରମଣ କରିଥିଲା। ଏଚ୍‌ଆରଡବ୍ଲ୍ୟୁ ୭ଟି ଭିନ୍ନ ଭିନ୍ନ ଫଟୋ ଓ ଭିଡ଼ିଓକୁ ଯାଞ୍ଚ କରି ଏହା ସ୍ପଷ୍ଟ କରିଛି ଯେ ଘରୋଇ ଅଞ୍ଚଳରେ ଏହି ମାରାତ୍ମକ ରାସାୟନିକ ଅସ୍ତ୍ର ବ୍ୟବହାର କରାଯାଇଥିଲା।

## ଇସ୍ରାଏଲ ଓ ଇରାନକୁ ମୋଦୀ ଥରେ ଫୋନ୍ କଲେ ଯୁଦ୍ଧ ବନ୍ଦ ହୋଇଯିବ: ୟୁଏଇ ରାଷ୍ଟ୍ରଦୂତ

ନୂଆଦିଲ୍ଲୀ, ୯।୩ (ଏଜେନ୍ସି): ପଶ୍ଚିମ ଏସିଆରେ ଜାରି ଯୁଦ୍ଧ ବିଶ୍ୱ ଅର୍ଥବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପକାଉଛି। ହର୍ମୁଜ ଷ୍ଟ୍ରିଟ ବନ୍ଦ ହେବା ଯୋଗୁଁ ଭାରତ ସମେତ ଅନେକ ଦେଶ ଶକ୍ତି ସୁରକ୍ଷାକୁ ନେଇ ଚିନ୍ତିତ ଅଛନ୍ତି। ଅଞ୍ଚଳର ଅନ୍ୟ ଦେଶ ମଧ୍ୟ ସୁରକ୍ଷାକୁ ନେଇ ବ୍ୟତିବ୍ୟସ୍ତ ହୋଇ ପଡ଼ିଛନ୍ତି। ଏଭଳି ସମୟରେ ଭାରତରେ ୟୁଏଇର ପ୍ରଥମ ରାଷ୍ଟ୍ରଦୂତ ହୁସେନ ହାସନ ମିର୍ଜା ବଡ଼ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ଭାରତର



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚାହିଁଲେ ଏହି ସଂଘର୍ଷ ବନ୍ଦ ହୋଇଯିବ। କେବଳ ଉପସାଗରୀୟ ଦେଶର ନେତା ନୁହେଁ, ଅଞ୍ଚଳର ଜନସାଧାରଣ, ବ୍ୟବସାୟୀକ ନେତୃତ୍ୱଙ୍କ ବ୍ୟତୀତ ସଂଘର୍ଷରତ ଦୁଇ ଦେଶ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ବହୁତ ସମ୍ମାନ ଦେଇଥାନ୍ତି। ଇରାନ ଏବଂ ଇସ୍ରାଏଲର ସହଯୋଗୀଙ୍କୁ ମୋଦୀ ଥରେ ମାତ୍ର ଫୋନ କଲେ ଏହି ସମସ୍ୟାର ସମାଧାନ ହୋଇଯିବ। କେବଳ ଗୋଟିଏ ଫୋନ କଲ୍‌ରେ ଏହି ମାମଲାର ଅନ୍ତ ହୋଇଯିବ। ଉଭୟ ଦେଶର ନେତାଙ୍କ ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କର ଥିବା ଘନିଷ୍ଠ ସମ୍ବନ୍ଧ ଉପରେ ଏହି ବିଶ୍ୱାସ ଉପରେ ଆଧାରିତ। ମିର୍ଜା କହିଛନ୍ତି ଯେ ଇସ୍ରାଏଲ-ଇରାନ ସଂଘର୍ଷକୁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଡେଇଁବ ନାହିଁ। କୌଣସି ପକ୍ଷକୁ ଅନ୍ୟ ଉପରେ ଆକ୍ରମଣ ପାଇଁ ନିଜ କ୍ଷେତ୍ରକୁ ଦିଆଯିବ ନାହିଁ। ଏହି ଯୁଦ୍ଧରେ ୟୁଏଇ ସାମିଲ ହେବାର କୌଣସି କାରଣ ବି ନାହିଁ। ମାତ୍ର ଉଭୟ ପକ୍ଷଙ୍କ ସହ ଆଲୋଚନା କରିପାରୁ। ଏବେ ଉଭୟ ଦେଶ ଆମ ମାଟିରେ ପରସ୍ପର ସହ ଲଢୁଛନ୍ତି। ଏହାକୁ ଗ୍ରହଣ କରାଯିବ ନାହିଁ ବୋଲି ମିର୍ଜା କହିଛନ୍ତି।

## ମଝି ଆକାଶରୁ ଫେରିଲା ଇଣ୍ଡିଗୋ ବିମାନ

ନୂଆଦିଲ୍ଲୀ, ୯ ।୩(ଏଜେନ୍ସି): ଦିଲ୍ଲୀରୁ ବ୍ରିଟେନର ମାଞ୍ଚେଷ୍ଟର ଯାଉଥିବା ଇଣ୍ଡିଗୋର ଏକ ବିମାନକୁ ଜରୁରୀକାଳୀନ ଭାବେ ଦିଲ୍ଲୀ ଫେରାଇ ଅଣାଯାଇଛି। ବିମାନଟି ୫ ଘଣ୍ଟାରୁ ଅଧିକ ସମୟ ଉଡ଼ାଣ ଭରିବା ପରେ ଇଥିଓପିଆ ସୀମା ନିକଟରୁ ହଠାତୟୁ-ଟର୍ଣ୍ଣନେଇଥିଲା। ନୋର୍ସଦ୍ୱାରାପରିଚାଳିତଇଣ୍ଡିଗୋ ବିମାନ ୬ଇ୩୩ ଉତ୍ତରପଶ୍ଚିମ ଆଫ୍ରିକୀୟ ଦେଶ ଇଥିଓପିଆ ସୀମା ନିକଟରୁ ଫେରିଥିଲା। ମିଳିଥିବା ସୂଚନା ଅନୁଯାୟୀ, ଏହି ବିମାନ ଦିଲ୍ଲୀରୁ ମାଞ୍ଚେଷ୍ଟର ଅଭିମୁଖେ ଯାତ୍ରା କରିଥିଲା। ଯେତେବେଳେ ବିମାନଟି ଇଥିଓପିଆର ଆକାଶମାର୍ଗରେ ପହଞ୍ଚିଥିଲା, ସେତେବେଳେ ପାଇଲଟ ବିମାନକୁ ଫେରାଇ ଆଣିଥିଲେ। ପଶ୍ଚିମ ଏସିଆରେ ଚାଲିଥିବା ସାମ୍ପ୍ରତିକ ଯୁଦ୍ଧ ଯୋଗୁଁ ସମ୍ପୃକ୍ତ ଅଞ୍ଚଳରେ ହଠାତ ଏୟାରସ୍ପେଶ ନିୟନ୍ତ୍ରଣ ଲାଗୁ ହେବାରୁ ଏହି ବିମାନର ଯାତ୍ରା ବାଧାପ୍ରାପ୍ତ ହୋଇଥିଲା। ଏହି ବିମାନଟି ସାଧାରଣତଃ ସଂଘର୍ଷପୂର୍ଣ୍ଣ ଅଞ୍ଚଳକୁ ଏଡ଼ାଇବା ପାଇଁ ଆଫ୍ରିକା ଓ ଆଡେନ ଉପସାଗର ଦେଇ ଯାତ୍ରା କରୁଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ କଟକଣା ଲାଗୁ ହେବା କାରଣରୁ ବିମାନକୁ ଶେଷରେ ଫେରିବାକୁ ପଡ଼ିଥିଲା। ତେବେ ଇଣ୍ଡିଗୋ ପକ୍ଷରୁ କୁହାଯାଇଛି ଯେ ସୁରକ୍ଷା ଦୃଷ୍ଟିକୋଣରୁ ବିମାନକୁ ଆଗକୁ ନ ନେଇ ପାଇଲଟ ତୁରନ୍ତ ଦିଲ୍ଲୀ ଫେରିବା ପାଇଁ ନିଷ୍ପତ୍ତି ନେଇଥିଲେ। ପଶ୍ଚିମ ଏସିଆରେ ବଦଳୁଥିବା ସ୍ଥିତିକୁ ଦୃଷ୍ଟିରେ



ରଖି କିଛି ବିମାନର ମାର୍ଗ ବଦଳାଯାଇଛି କିମ୍ବା ବାଧ୍ୟତାମୂଳକ ଭାବେ ଫେରାଇ ଅଣାଯାଇଛି। ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅବତରଣ କରିବା ପରେ ଯାତ୍ରୀମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉଥିବାର ସୂଚନା ମିଳିଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ଆକାଶରେ ରହିବା ପରେ ପୁଣି ସେହି ସ୍ଥାନକୁ ଫେରିଆସିବା ଯୋଗୁଁ ଯାତ୍ରୀମାନେ କିଛି ସମୟ ପାଇଁ ଆତଙ୍କିତ ହୋଇ ପଡ଼ିଥିଲେ। ଇଞ୍ଜିନିୟରିଂ ଟିମ୍ ବର୍ତ୍ତମାନ ବିମାନର ଯାଞ୍ଚ କରୁଛନ୍ତି।

## ନେପାଳ ପ୍ରଧାନମନ୍ତ୍ରୀ ହୋଇପାରନ୍ତି ବାଲେନ୍ଦ୍ର ଶାହା



କାଠମାଣ୍ଡୁ, ୯ ।୩(ଏଜେନ୍ସି): ନେପାଳ ନିର୍ବାଚନର ଆଂଶିକ ଫଳାଫଳ ଅନୁଯାୟୀ, ବାଲେନ୍ଦ୍ର ଶାହାଙ୍କ ଦଳ ସଂସଦରେ ସଂଖ୍ୟା ଗରିଷ୍ଠତା ହାସଲ କରିବା ଏକପ୍ରକାର ନିଶ୍ଚିତ ହୋଇଛି। ଦଶନ୍ଧି ଦଶନ୍ଧି ଧରି ଚାଲି ଆସିଥିବା ନେପାଳ ରାଜନୈତିକ ବ୍ୟବସ୍ଥାରେ ପ୍ରଥମଥର ପାଇଁ କୌଣସି ଗୋଟିଏ ଦଳ ଏତେ ବଡ଼ ବିଜୟ ହାସଲ କରିଛି। ବର୍ତ୍ତମାନର ଭୋଟ ଗଣତି ଅନୁଯାୟୀ, ବାଲେନ୍ଦ୍ରଙ୍କ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆରଏସପି) ଅନ୍ୟ ପାରମ୍ପରିକ ଦଳଗୁଡ଼ିକୁ ଯଥେଷ୍ଟ ପଛରେ ପକାଇଦେଇଛି। ଦୀର୍ଘ ବର୍ଷ ପରେ ପ୍ରଥମଥର ପାଇଁ ନେପାଳର ଜଟିଳ ଦୁଇ-ସ୍ତରୀୟ ନିର୍ବାଚନ ପ୍ରଣାଳୀରେ ଏକକ ଦଳ ଭାବେ ଆରଏସ୍‌ପି ବହୁମତ ପାଇବାକୁ ଯାଉଛି। ସାଧାରଣତଃ ଏହି ପ୍ରଣାଳୀରେ କୌଣସି ଗୋଟିଏ ଦଳ ସିଧାସଳଖ ବହୁମତ ହାସଲ କରିବା ଦୁର୍ଲଭ। ବର୍ତ୍ତମାନ ମିଳିଥିବା ଫଳାଫଳ ଅନୁଯାୟୀ, ଶାହାଙ୍କ ଦଳ ୧୨୪ଟି ଆସନ ଜିତିସାରିଛି। ୩୫ ବର୍ଷୀୟ ବାଲେନ୍ଦ୍ର ଝାପା-୫ ଆସନରେ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କୁ ପରାସ୍ତ କରି ଐତିହାସିକ ବିଜୟ ହାସଲ କରିଛନ୍ତି। ଏହି ଆସନ ଓଲିଙ୍କ ପାରମ୍ପରିକ ଦୃଢ଼ ଗଡ଼ ଭାବେ ପରିଚିତ ଥିଲା। ଏହି ବିଜୟ ଶାହାଙ୍କ ପାଇଁ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବାର ପଥକୁ ସୁଗମ କରିଛି। ଅନ୍ୟପଟେ ନିର୍ବାଚନରେ ବଡ଼ ପରାଜୟ ପରେ ଓଲିଙ୍କ ଦଳ ସିପିଏନ୍- ୟୁଏମ୍‌ଏଲ୍ ମଧ୍ୟରେ ପୁନର୍ଗଠନ ଓ ନେତୃତ୍ୱ ପରିବର୍ତ୍ତନ ନେଇ ଆଲୋଚନା ହୋଇଛି। ଦଳର ନେତାମାନେ ଏହାକୁ ଗଭୀର ପତନ ବୋଲି ବର୍ଣ୍ଣନା କରିଛନ୍ତି। ଉଲ୍ଲେଖଥାଉ କି, ୨୦୨୫ ସେପ୍ଟେମ୍ବରରେ ହଜାର ହଜାର ନେପାଳୀ ଯୁବକ- ଯୁବତୀ ଦୁର୍ନୀତି ଓ ପରିବାର ବିରୋଧରେ ସଂସଦ ସାମ୍ନାରେ ବିଶାଳ ପ୍ରତିବାଦ କରିଥିଲେ। ଏହି ପ୍ରତିବାଦରେ ନେତୃତ୍ୱ ଦେଇଥିଲେ ନିଜକୁ ଜେନ୍-ଜେଡ୍ ବୋଲି ପରିଚୟଦେଉଥିବା ଯୁବକମାନେ। ଏହି ଆନ୍ଦୋଳନ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା ଓ ସେବେକାର ସରକାରର ପତନ ହୋଇଥିଲା। ଏହି ଆନ୍ଦୋଳନରେ ୭୭ ଜଣଙ୍କର ମୃତ୍ୟୁ ହୋଇଥିଲା।

### ରାଷ୍ଟ୍ରପତିଙ୍କ ପ୍ରୋଟୋକଲ ମାମଲା

## ରିପୋର୍ଟ ଦାଖଲ କଲେ ପଶ୍ଚିମବଙ୍ଗ ସରକାର

କୋଲକାତା, ୯।୩ (ଏଜେନ୍ସି): ପଶ୍ଚିମବଙ୍ଗ ଗସ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରୋଟୋକଲ୍ ଉଲ୍ଲଂଘନ ମାମଲାକୁ ନେଇ ଦେଶରେ ରାଜନୀତି ଜୋର ଧରିଛି। ଶିବସେନା ନେତା ସଞ୍ଜୟ ରାଉତ ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ମଣିପୁରରେ ଆଦିବାସୀ ମହିଳାଙ୍କୁ ଅତ୍ୟାଚାର ମାମଲାରେ ରାଷ୍ଟ୍ରପତି କାହିଁକି ଚୁପ ରହିଥିଲେ ବୋଲି ପଚାରିଛନ୍ତି। ଏପରି ସମୟରେ ସିଲିଗୁଡ଼ିରେ ପ୍ରୋଟୋକଲ ଉଲ୍ଲଙ୍ଘନକୁ ନେଇ ପଶ୍ଚିମବଙ୍ଗ ସରକାର କେନ୍ଦ୍ରକୁ ରିପୋର୍ଟ ପ୍ରଦାନ କରିଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀ ସୋମବାର କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନଙ୍କ ନିକଟକୁ ଏହି ଘଟଣା ସମ୍ବନ୍ଧିତ ବିବରଣୀ ଓ ଆବଶ୍ୟକୀୟ ଦଲିଲ ସହ ଏହି ରିପୋର୍ଟ ପଠାଇଛନ୍ତି। ଘଟଣାବଳୀର ବାଖ୍ୟା କରି ବିସ୍ତୃତ ରିପୋର୍ଟ ଦିଆଯାଇଛି ବୋଲି ପଶ୍ଚିମବଙ୍ଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏଥିରେ ପ୍ରତିଟି ପର୍ଯ୍ୟାୟରେ ନିଆଯାଇଥିବା ପ୍ରଶାସନିକ ନିଷ୍ପତ୍ତିଗୁଡ଼ିକୁ ବିଷୟରେ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କାହିଁକି ଉପସ୍ଥିତ ନ ଥିଲେ, ସେ ସମ୍ପର୍କରେ ମଧ୍ୟ ରିପୋର୍ଟ ଦିଆଯାଇଛି। ଏହାବ୍ୟତୀତ ରାଷ୍ଟ୍ରପତିଙ୍କ ସମ୍ମିଳନୀ ସ୍ଥଳର ସ୍ଥାନ ପରିବର୍ତ୍ତନ ନିଷ୍ପତ୍ତି ପଛରେ ଥିବା କାରଣ ବିଷୟରେ ମଧ୍ୟ ରାଜ୍ୟ ସରକାର କେନ୍ଦ୍ରକୁ ଅବଗତ କରାଇଛନ୍ତି।

ଗତ ୭ ତାରିଖରେ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ପ୍ରୋଟୋକଲ୍ ଉଲ୍ଲଂଘନ ହୋଇଥିବା ଅଭିଯୋଗ ପରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପଶ୍ଚିମବଙ୍ଗ ସରକାରଙ୍କଠାରୁ ଏକ ରିପୋର୍ଟ ମାଗିଥିଲା। ଏ ନେଇ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ଜବବା ମଗା ଯାଇଥିଲା। ରାଷ୍ଟ୍ରପତି ରାଜ୍ୟରେ ପହଞ୍ଚିବା ସମୟରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ଡିଜିପି ଙ୍କ ଅନୁପସ୍ଥିତି ଉପରେ ଜବାବ ମଗାଯାଇଥିଲା।

## ଦିଲ୍ଲୀ ମଦ ନୀତି ମାମଲା: କେଜ୍ରିୱାଲ, ସିସୋଦିଆଙ୍କୁ ହାଇକୋର୍ଟ ନୋଟିସ୍

ନୂଆଦିଲ୍ଲୀ, ୯ ।୩(ଏଜେନ୍ସି): ବହୁ ଚର୍ଚ୍ଚିତ ମଦ ନୀତି ଦୁର୍ନୀତି ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଆସିଛି। ଦିଲ୍ଲୀ ହାଇକୋର୍ଟ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ସମେତ ୨୩ ଜଣ ଅଭିଯୁକ୍ତଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। ନିମ୍ନ ଅଦାଲତ (ଟ୍ରାଏଲ କୋର୍ଟ) ସମସ୍ତ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଥିବା ଆଦେଶ ବିରୋଧରେ ସିବିଆଇ ଆବେଦନ କରିବା ପରେ ହାଇକୋର୍ଟ ଏହି ପଦକ୍ଷେପ ନେଇଛନ୍ତି। କେବଳ ସେତିକି ନୁହେଁ ଜଷ୍ଟିସ ସ୍ୱର୍ଣ୍ଣକାନ୍ତା ଶର୍ମା ଶୁଣାଣି କରି ଟ୍ରାଏଲ କୋର୍ଟ ଦ୍ୱାରା ସିବିଆଇ ଅଧିକାରୀଙ୍କ ବିରୋଧରେ ଦିଆଯାଇଥିବା ମନ୍ତବ୍ୟ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଉପରେ ରୋକ ଲଗାଇଛନ୍ତି। ଏଥିସହ ମନି ଲଣ୍ଡରିଂ ମାମଲାରେ ହାଇକୋର୍ଟଙ୍କ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଟ୍ରାଏଲ କୋର୍ଟଙ୍କ କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସିବିଆଇ ନିଜର ୯୭୪ ପୃଷ୍ଠାର ଆବେଦନରେ ଦର୍ଶାଇଛି ଯେ ଟ୍ରାଏଲ କୋର୍ଟ ଚାର୍ଜ ଫ୍ରେମିଂ ସମୟରେ ହିଁ ମାମଲାର ପୂରା ବିଚାର କରିବା ଭଳି ଆଚରଣ ପ୍ରଦର୍ଶନ କରିଛନ୍ତି, ଯାହା ଆଇନଗତ ଭାବେ ଠିକ୍ ନୁହେଁ। ସିବିଆଇର ଦାବି ଅନୁଯାୟୀ, କେଜ୍ରିୱାଲଙ୍କ ନିର୍ଦ୍ଦେଶକ୍ରମେ ବିଜୟ ନାୟାର 'ସାଉଥ ଗ୍ରୁପ୍'ରୁ ୧୦୦ କୋଟି ଟଙ୍କା ଆଦାୟ କରିଥିଲେ। ଏଥିରୁ ୪୪.୫ କୋଟି ଟଙ୍କା ଗୋଆ ନିର୍ବାଚନରେ ବ୍ୟୟ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଗତ ଫେବୃଆରୀ ୨୭ରେ ଦିଲ୍ଲୀର ରାଓଜ ଆଭେନ୍ୟୁ କୋର୍ଟଙ୍କ ଦ୍ୱାରା ଦୋଷମୁକ୍ତ ହେବା ପରେ କେଜ୍ରିୱାଲ ଗଣମାଧ୍ୟମ ସମ୍ମୁଖରେ କାନ୍ଦି ପକାଇଥିଲେ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହା ଆମ ଆଦମୀ ପାର୍ଟିକୁ ଶେଷ କରିବା ପାଇଁ ଏକ ଷଡ଼ଯନ୍ତ୍ର ରଚିଥିଲେ ବୋଲି କହିଥିଲେ। ତେବେ ହାଇକୋର୍ଟଙ୍କ ନୋଟିସ ପରେ ଏହି ମାମଲା ପୁଣି ସକ୍ରିୟ ହୋଇଛି।

# ବିଶ୍ୱକୁ ଅଶାନ୍ତ କରି ଆମେରିକା ମାଲେମାଲ

ନୂଆଦିଲ୍ଲୀ, ୯।୩ (ଏଜେନ୍ସି): ଯୁଦ୍ଧର କରାଳ ଛାୟାରେ ବିଶ୍ୱ କବଳିତ ହୋଇଯାଇଛି। ଏବେ ଦୁଇ ଦୁଇଟି ଯୁଦ୍ଧ ଜାରି ରହିଛି। ଶତ୍ରୁ ତ ଦୂରର କଥା ମିତ୍ର ରାଷ୍ଟ୍ର ବି ସୁରକ୍ଷିତ ନାହାନ୍ତି। ୟୁକ୍ରେନ ଉପରେ ରୁଷର ଆକ୍ରମଣ ଏହାର ଉଦାହରଣ ପାଲଟିଛି। ସେହିପରି ଭେନେଜୁଏଲା ଏବଂ ଇରାନରେ ଆମେରିକାର ଆକ୍ରମଣ 'ଜୋରଜାର ମୂଲକ ତାର' ସ୍ଥିତି ସୃଷ୍ଟି କରିଛି। ଏହା ବିଶ୍ୱର ଭୂରାଜନୈତିକ ସ୍ଥିତିକୁ ବଦଳାଇ ଦେଇଛି। ନିଜ ଅର୍ଥବ୍ୟବସ୍ଥାକୁ ବଞ୍ଚାଇବା ପାଇଁ ଆମେରିକା ମିଛ ଅଭିଯୋଗ ଲଗାଉଛି। ପରେ ସାଲିସ କରିବା ପାଇଁ ଚାପ ପକାଉଛି। ଯଦି କୌଣସି ରାଷ୍ଟ୍ର ଏହାକୁ ବିରୋଧ କରୁଛନ୍ତି ତେବେ ଆକ୍ରମଣ ଭୟ ଦେଖାଯାଉଛି। ପରିଶେଷରେ ସେହି ଦେଶକୁ ନିୟନ୍ତ୍ରଣ କରିବା ପାଇଁ ଆକ୍ରମଣ କରାଯାଉଛି। ଭେନେଜୁଏଲା ପରେ ଇରାନ ସହ ଆମେରିକା ଏପରି କରିଛି। ଏହା ଦ୍ୱାରା ଆମେରିକାର ବୁଡ଼ି ଯାଉଥିବା ଅର୍ଥନୀତି ଲାଭବାନ ହେଉଛି। ଶତ୍ରୁ ରାଷ୍ଟ୍ର ଆକ୍ରମଣ କରିବାର ଭୟରେ ଛାନିଆ ହୋଇ ସାମରିକ ଦୃଷ୍ଟିରୁ ଦୂର୍ବଳ ଦେଶଗୁଡ଼ିକ ଆମେରିକାଠାରୁ ବିପୁଳ ଅସ୍ତ୍ରଶସ୍ତ୍ର କ୍ରୟ କରୁଛନ୍ତି। ଫଳରେ ଆମେରିକା ମାଲେମାଲ ହେଉଛି। ଏହାକୁ ନେଇ ଚାଞ୍ଚଲ୍ୟକର ତଥ୍ୟ ସାମ୍‌ନାକୁ ଆସୁଛି। ବିଶ୍ୱରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଲାଗିଥିବାବେଳେ ଆମେରିକା ବିକ୍ରିରେ ଆଗରେ ରହିଛି। ବିଶ୍ୱର ବିକ୍ରି ହେଉଥିବା ପ୍ରତି ଶହେରୁ ୪୨ ଅସ୍ତ୍ରଶସ୍ତ୍ର ଆମେରିକା ନିର୍ମାଣ କରୁଛି।

**■ ବଢୁଛି ଅସ୍ତ୍ରଶସ୍ତ୍ର କ୍ରୟ ପ୍ରତିଯୋଗିତା**
**■ ଶୀର୍ଷରେ ସାଉଦି; ଦ୍ୱିତୀୟରେ ଭାରତ**

ଅନ୍ୟପଟେ ଅସ୍ତ୍ରଶସ୍ତ୍ର କ୍ରୟରେ ସାଉଦି ଆରବ ବିଶ୍ୱରେ ପ୍ରଥମ ଏବଂ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ସ୍ୱିଡେନର ଗବେଷଣା ସଂସ୍ଥା ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ (ଏସଆଇପିଆରଆଇ) ରିପୋର୍ଟରେ ଏହା କୁହାଯାଇଛି।

ମଧ୍ୟପ୍ରାଚ୍ୟ ଏବଂ ୟୁରୋପରେ ଚାଲିଥିବା ଯୁଦ୍ଧ ପାଇଁ ସମଗ୍ର ବିଶ୍ୱ ପ୍ରଭାବିତ ହୋଇଛି। ମାତ୍ର ଏହି ଯୁଦ୍ଧ ସୃଷ୍ଟି କରି ଆମେରିକା ତାହାର ଲାଭ ଉଠାଉଛି। ଗତ ୪ ବର୍ଷରେ ଯୁଦ୍ଧ ପ୍ରଭାବିତ ଦେଶକୁ ଆମେରିକା ବିପୁଳ ଅସ୍ତ୍ରଶସ୍ତ୍ର ବିକିଛି। ଏଥିପାଇଁ ଅସ୍ତ୍ରଶସ୍ତ୍ର ବଜାରରେ ଆମେରିକାର କର୍ତ୍ତୃତ୍ୱ ବୃଦ୍ଧି ପାଇବାରେ ଲାଗିଛି। ୨୦୨୧-୨୫ ଭିତରେ ବିକ୍ରି ହୋଇଥିବା ଅସ୍ତ୍ରଶସ୍ତ୍ରରେ ଆମେରିକାର ଅଂଶ ୪୨ ପ୍ରତିଶତ ରହିଛି। ୨୦୧୬-୨୦ରେ ଏହା ୩୬ ପ୍ରତିଶତ ଥିଲା। ମାତ୍ର ଏହି ଅବଧିରେ ରୁଷର ସର୍ବାଧିକ କ୍ଷତି ହୋଇଛି। ଅସ୍ତ୍ରଶସ୍ତ୍ର ବିକ୍ରିରେ ରୁଷର ଯୋଗଦାନ ୬.୮ ପ୍ରତିଶତକୁ ଖସି ଆସିଛି। ୨୦୨୧-୨୫ ଭିତରେ ଆମେରିକା ୯୯ ଦେଶକୁ ଅସ୍ତ୍ରଶସ୍ତ୍ର ବିକିଛି। ଏଥିରେ ୟୁରୋପର ୩୫ ଦେଶ, ଉତ୍ତର ଏବଂ ଦକ୍ଷିଣ ଆମେରିକା ମହାଦେଶର ୧୮ ରାଷ୍ଟ୍ର, ଆଫ୍ରିକାର ୧୭, ଏସିଆ ଏବଂ ଓସିନିଆର ୧୭, ମଧ୍ୟପ୍ରାଚ୍ୟର ୧୨ ଦେଶ ସାମିଲ ଅଛନ୍ତି। ଅସ୍ତ୍ରସ୍ତ୍ର ରପ୍ତାନୀରେ ଫ୍ରାନ୍ସ (୯.୮%) ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଦେଶଠାରୁ ଭାରତ (୨୪%), ଇଜିପ୍ଟ (୧୧%) ଏବଂ ଗ୍ରୀସ (୧୦%) ରହିଛି। ଅନ୍ୟପଟେ ରୁଷର ରପ୍ତାନୀ ୬୪ ପ୍ରତିଶତ ହ୍ରାସ ପାଇଛି। ସମୀକ୍ଷାଧିନ ଅବଧିରେ ଭାରତକୁ ୪୮%, ଚୀନ୍ ଏବଂ ବେଲାରୁଷକୁ ୧୩% ଲେଖାଏଁ ଅସ୍ତ୍ରଶସ୍ତ୍ର ବିକିଛି। ଅସ୍ତ୍ରଶସ୍ତ୍ର ବିକ୍ରି ତାଲିକାରେ ଚୀନକୁ ପଛରେ ପକାଇ ଜର୍ମାନୀ ଚତୁର୍ଥ ସ୍ଥାନରେ ରହିଛି।

୨୦୨୧-୨୫ରେ ସାଉଦିକୁ ଆମେରିକା ୪୮ଟି ଏଫ-୩୫ ବିମାନ, ଥାଡ ସିଷ୍ଟମ ଆଦି ଦେଇଛି। ଏହି ଅବଧିରେ ଆମେରିକା ବିକିଥିବା ଅସ୍ତ୍ରଶସ୍ତ୍ରର ୧୨ ପ୍ରତିଶତ ସାଉଦି କିଣିଛି। ଭାରତ ବିଶ୍ୱର ସବୁଠାରୁ ବଡ଼ ଅସ୍ତ୍ରଶସ୍ତ୍ର କ୍ରେତା ଥିଲା। ମାତ୍ର ଏବେ ଆମଦାନୀ ୪ ପ୍ରତିଶତ ହ୍ରାସ ପାଇଛି। ଭାରତର ୪୦% ଅସ୍ତ୍ରଶସ୍ତ୍ର ରୁଷରୁ ଆସୁଥିଲା। ଏବେ ପଶ୍ଚିମ ଦେଶରୁ ଅଧିକ କିଣାଯାଉଛି। ୨୦୧୬-୨୦ ତୁଳନାରେ ୨୦୨୧-୨୫ରେ ଦେଶ ଦେଶ ମଧ୍ୟରେ ବୃହତ ଅସ୍ତ୍ରଶସ୍ତ୍ର ସ୍ଥାନାନ୍ତର ମାମଲା ୯.୨ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୧-୧୫ ପରେ ଏହା ସର୍ବାଧିକ। ୟୁରୋପରେ ଅସ୍ତ୍ରଶସ୍ତ୍ର ଚାହିଦା ବଢ଼ିବା ଏହାର ପ୍ରମୁଖ କାରଣ। ୨୦୨୧-୨୫ ମଧ୍ୟରେ ୟୁରୋପୀୟ ଦେଶଗୁଡ଼ିକ ଅସ୍ତ୍ରଶସ୍ତ୍ର କ୍ରୟ ତିନି ଗୁଣ ବୃଦ୍ଧି କରିଛନ୍ତି। ଏଥିଯୋଗୁଁ ୟୁରୋପ ବିଶ୍ୱର ସବୁଠାରୁ ବଡ଼ ଅସ୍ତ୍ରଶସ୍ତ୍ର କ୍ରେତା ପାଲଟି ଯାଇଛି। ଏହି ଅବଧିରେ ବିକ୍ରି ହୋଇଥିବା ମୋଟ ଅସ୍ତ୍ରଶସ୍ତ୍ରରୁ ୩୩ ପ୍ରତିଶତ ଭାରତକୁ ମିଳିଛି।

## ରେସନ କାର୍ଡ ଭୋଜବାଜୀ

# କାଟିଲେ ଅଧିକ; ଯୋଡ଼ିଲେ କମ୍

### ବାଦ୍ ପଡ଼ିଲେ ୧୭ ଲକ୍ଷ, ନୂଆ ପାଇଲେ ୯ ଲକ୍ଷ

ଭୁବନେଶ୍ୱର, ୯।୩(ସମିସ): ରାଜ୍ୟରେ ନୂତନ ସରକାର ଆସିବା ପରେ ପ୍ରାୟ ୧୭ ଲକ୍ଷ ହିତାଧିକାରୀଙ୍କ ରାସନ୍ କାର୍ଡ କାଟିଛନ୍ତି। ଏହା ବଦଳରେ ମାତ୍ର ୯ ଲକ୍ଷ ଲୋକଙ୍କୁ ନୂତନ କାର୍ଡ ପ୍ରଦାନ କରାଯାଇଛି। ଏବେ ବି ୮ ଲକ୍ଷ ଲୋକଙ୍କୁ ରାସନ କାର୍ଡ ମିଳିପାରିବ, ମାତ୍ର ସରକାର ଆବେଦନ କରିଥିବା ଲୋକଙ୍କୁ ରାସନ କାର୍ଡ ଦେଉ ନାହାନ୍ତି । ଯେଉଁମାନେ ବ୍ଲକ୍‌କୁ ଗେରୁଆ ଗାମୁଛା ପକାଇ ଯାଉଛନ୍ତି, ସେମାନଙ୍କ ନାମରେ ରାସନ କାର୍ଡ ଇସ୍ୟୁ ହେଉଛି । ସୋମାବାର ଏମିତି ଆକ୍ଷେପ କରି ସରକାରଙ୍କୁ ବିଧାନସଭାରେ ଘେରିଛନ୍ତି ବିରୋଧୀ। ଏହା ସହ ଏହି ଆଲୋଚନା ସମୟରେ ଧାନ କିଣା ଅବ୍ୟବସ୍ଥା, ଚାଷୀ ମୃତ୍ୟୁ, ବଳକା ଚାଉଳ ବଣ୍ଟନ ପ୍ରସଙ୍ଗରେ ବିଜେଡ଼ି ଓ କଂଗ୍ରେସ ବିଧାୟକ ସରକାରଙ୍କ ନୀତିକୁ କଟୁ ସମାଲୋଚନା କରିଛନ୍ତି ।

ଏ ସଂକ୍ରାନ୍ତ ମୁଲତବୀ ଆଲୋଚନା ଆରମ୍ଭ କରି ବିଜେଡି ଉପମୁଖ୍ୟ ସଚେତକ ପ୍ରତାପ ଦେବ କହିଛନ୍ତି ଯେ ସରକାର ଗତ ବର୍ଷ ରବି ଓ ଖରିଫ ଋତୁରେ ୯୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ଟାର୍ଗେଟ୍ ରଖିଥିଲେ। ଏହି ଧାନରୁ ୬୩ ଲକ୍ଷ ମେଟ୍ରିକ ଟନ୍ ଚାଉଳ ହେବ। ପିଡିଏସ୍ ପାଇଁ ଚାଉଳ ଯାଇ ସାରିବା ପରେ ୩୩ ଲକ୍ଷ ମେଟ୍ରିକ୍ ଟନ ଚାଉଳ ବଳକା ରହୁଛି। ଏହି ଚାଉଳ କେଉଁଠି ରଖାଯାଇଛି? କେନ୍ଦ୍ର କେତେ ଚାଉଳ ଉଠାଇଛି? କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଏମଏସପି ଉପରେ ବୋନସ ଦେଲେ କେନ୍ଦ୍ର ଚାଉଳ ନେବାକୁ ବାଧ ନୁହେଁ। ବିଭିନ୍ନ ଆଳରେ ବହୁ ରାସନ୍ କାର୍ଡ କାଟି ୨୦୦ କୋଟି ଟଙ୍କା ରାଜସ୍ୱ ବଞ୍ଚାଇଛନ୍ତି ବୋଲି ସରକାର କହୁଛନ୍ତି। ହେଲେ ପର୍ବ ପର୍ବାଣୀ ଆଳରେ ବିଭିନ୍ନ ଅଞ୍ଚଳରେ ବଳକା ଚାଉଳ ବଣ୍ଟାଯାଇଛି। ସେଥିରେ ସରକାର

- ଗେରୁଆ ଗାମୁଛା ପକାଇଲେ ଯୋଡ଼ା ଯାଉଛି ନାମ: ବିରୋଧୀ
- ବିଜେପି ସରକାର ଆସିବା ପରେ ଚାଷୀ ସବୁଠୁ ଖୁସି: ଶାସକ

୧୧୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିରେ ରାଜସ୍ୱ କ୍ଷତି କେତେ ହୋଇଛି ବୋଲି ସେ ପ୍ରଶ୍ନ କରିଥିଲେ। ୩୧୦୦ ଟଙ୍କା ଦେବା କଥା କହି ବିଜେପି ସରକାରକୁ ଆସିଲେ, ହେଲେ ସରକାରଙ୍କ ଠନ ଠନ ଏବେ ଲଣ୍ଠନ ହୋଇଯାଇଛି। ଧାନ ସଂଗ୍ରହ ଲକ୍ଷ୍ୟ ବଢ଼ାଇଦେଇଛନ୍ତି। ହେଲେ ରଖିବା ପାଇଁ ଜାଗା ନାହିଁ ବୋଲି କହି ପ୍ରତାପ ଦେବ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ଅନୁରୂପ ଭାବରେ ବିଜେଡି ବିଧାୟକ ବ୍ୟୋମକେଶ ରାୟ ମଧ୍ୟ ସରକାରଙ୍କ ନୀତିକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଏବେ ବି ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କର ଇ-କେୱାଇସି ହୋଇନାହିଁ। ବହୁ ଅଞ୍ଚଳରେ ନେଟୱର୍କ ସମସ୍ୟା ଯୋଗୁଁ ଦାଦନ ଯାଇଥିବା ଲୋକ ଥରେ ଇ କେୱାଇସି କରି ଫେରିବା ପରେ ସେମାନଙ୍କୁ ପୁନର୍ବାର ଇ-କେୱାଇସି ପାଇଁ ଡକାଯାଉଛି। ସରକାର ଏବେ ପୁରୁଣା ଚାଉଳ ନିଲାମ କରିବେ ବୋଲି କହୁଛନ୍ତି। ହେଲେ ଏହାର ଦର କଣ ରହିବ, ତାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ସରକାର ଧାନ କିଣା ବେଳେ ଅତିରିକ୍ତ ୮୦୦ ଟଙ୍କା ଖର୍ଚ୍ଚ କରିଛନ୍ତି। ପୁଣି ନିଲାମ ବେଳେ କ୍ଷତି ହେବ। ଏହାଦ୍ୱାରା ସରକାରଙ୍କର କେତେ ରାଜସ୍ୱ କ୍ଷତି ହେବ ତାହାର ହିସାବ ଦେବାକୁ ବ୍ୟୋମକେଶ ଦାବି କରିଛନ୍ତି। ବିଧାୟକ ଧ୍ରୁବ ସାହୁ କହିଥିଲେ ଯେ, ରାଜ୍ୟ ସରକାର ୧୭ ଲକ୍ଷ ଲୋକଙ୍କର ରାସନ୍ କାର୍ଡ କଟାଯାଇଛି। ଏମାନଙ୍କ ବଦଳରେ ମାତ୍ର ୯ ଲକ୍ଷ ଯୋଡାଯାଇଛି। ଯେଉଁମାନେ ଗେରୁଆ ଗାମୁଛା ପକାଇ ବ୍ଲକକୁ ଯାଉଛନ୍ତି, ସେମାନଙ୍କର ହିଁ ନାଁ ଯୋଡାଯାଉଛି। ପୁରୁଣା ଚାଉଳ ମିଲରଙ୍କ ପାଖରେ ପଡ଼ିଥିବାରୁ, ସେମାନେ ଚାଉଳ ଉଠାଉନହନ୍ତି। ଏହାସହ ସେ ରାଜନଗର ଚାଷୀ ମୃତ୍ୟୁ ଘଟଣା ପ୍ରସଙ୍ଗ ଉଠାଇ ଜାନୁଆରୀ ୧୬ରୁ ଟୋକନ ପାଇ ମଧ୍ୟ ଫେବୃଆରୀ ୧୪ ପର୍ଯ୍ୟନ୍ତ ଚାଷୀ ସୋସାଇଟି ଦୌଡୁଛି ବୋଲି କହି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏହା ବ୍ୟତୀତ କେନ୍ଦ୍ରାପଡାରେ ମିଲରଙ୍କ ଠାରୁ ଚାନ୍ଦା ଆଦାୟ ହୋଇଛି। ଏହି ଘଟଣା ସେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମନ୍ତ୍ରୀ ଘଟଣା ତଦନ୍ତ କରି ଏହି ଟଙ୍କା କାହା ପାଖକୁ ଯାଉଛି, ତାହାର ରିପୋର୍ଟ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

କଂଗ୍ରେସ ବିଧାୟକ ଅଶୋକ ଦାସ କହିଥିଲେ ଯେ, ରାଜ୍ୟରେ ବର୍ତ୍ତମାନ ଗେରୁଆ, ସବୁଜ ଲଢ଼େଇ ମଧ୍ୟରେ ସାଧାରଣ ଉପଭୋକ୍ତା ହନ୍ତସନ୍ତ ଅର୍ଥାତ ତ୍ରିରଙ୍ଗା ବାଦ୍ ପଡୁଛି। ସରକାର ଋଣ କରି ଗୁଣ ଗାଉଛନ୍ତି। ମାଣ୍ଡିପଙ୍କା ଅନାହାର ମୃତ୍ୟୁ ସହ ଆଜିକା ଦିନରେ ମଧ ଖାଦ୍ୟ ଅଭାବରୁ ଶିଶୁ ବିକ୍ରି ହେଉଛି ବୋଲି କହି ସରକାରଙ୍କୁ ସମାଲୋଚନା କରିଛନ୍ତି। ସେହିଭଳି କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ ରାସନ୍ କାର୍ଡ ବଣ୍ଟନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇବା ସହ ବିଜେପି ବିଧାୟକ ସନ୍ତୋଷ ଖଟୁଆ, ସାରଦା ପ୍ରଧାନ, ଓମ୍ ପ୍ରକାଶ ମିଶ୍ର ଓ ଅଶ୍ୱିନୀ ଷଡ଼ଙ୍ଗୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ବିଜେପି ସରକାର ଆସିବା ପରେ ଚାଷୀ ଖୁସି ଅଛନ୍ତି। ଭୂତ ରାସନ୍ କାର୍ଡ କାଟାଯାଇଛି। ବ୍ୟବସ୍ଥାରେ ସ୍ୱଚ୍ଛତା ଆସିଛି। ନିରପେକ୍ଷ ଭାବେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଉଛି। ଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ କଟାଯାଇନାହିଁ ବୋଲି ଶାସକ ଦଳ ପକ୍ଷରୁ ବିଧାୟକମାନେ ଯୁକ୍ତି ରଖିଛନ୍ତି।

# ରାଜ୍ୟରେ ମହିଳା ହିଂସା ଅଣାୟତ୍ତ

### ୧୮ ମାସରେ ୪୮୭୮୯ ମାମଲା

ଭୁବନେଶ୍ୱର, ୯।୩(ସମିସ): ଗତ ୧୮ ମାସରେ ରାଜ୍ୟରେ ମହିଳା ବିରୋଧୀ ହିଂସା ଲଗାମଛଡ଼ା ଭାବେ ବଢ଼ିଛି। ୨୦୨୪ ଜୁଲାଇ ୧ରୁ ୨୦୨୫ ଡିସେମ୍ବର ୧୨ ମଧ୍ୟରେ ରାଜ୍ୟର ବିଭିନ୍ନ ଥାନାରେ ୪୮୭୮୯ଟି ମହିଳା ବିରୋଧୀ ହିଂସା ମାମଲା ରୁଜୁ ହୋଇଛି। ସେହିପରି, ଏହି ଅବଧି ମଧ୍ୟରେ ଦଳିତ ଓ ଆଦିବାସୀମାନଙ୍କ ଉପରେ ଅତ୍ୟାଚାର ଜନିତ ୪୮୬୮ଟି ମାମଲା ପଞ୍ଜୀକୃତ ହୋଇଛି। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବିସ୍ଫୋରକ ତଥା ଭୟଙ୍କର ତଥ୍ୟ ରଖିଛନ୍ତି।

**ଦଳିତ ଓ ଆଦିବାସୀମାନଙ୍କ ଉପରେ ଅତ୍ୟାଚାର ଜନିତ ୪୮୬୮ ମାମଲା**

ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ମହିଳାମାନଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧ ରୋକିବା ସହ ମହିଳାମାନଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି। ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ମାମଲାଗୁଡ଼ିକର ତୁରନ୍ତ ପଞ୍ଜୀକରଣ, ଉପଯୁକ୍ତ ତଦନ୍ତ, ସ୍ୱତନ୍ତ୍ର ସରକାରୀ ଓକିଲ ଏବଂ ତଦନ୍ତକାରୀ ଅଧିକାରୀ ନିଯୁକ୍ତ କରି ବିଚାରର ତଦାରଖ, ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ, ପୁନର୍ବାସ ମାଧ୍ୟମରେ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବା ଉପରେ ଗୁରୁତ୍ୱ ଦିଆଯାଉଛି। ମହିଳା ଏବଂ ଶିଶୁ ବିରୁଦ୍ଧରେ ଅପରାଧ ଜଘନ୍ୟ ମାମଲା ଯଥା ମାନବ ଚାଲାଣ, ଯୌନ ଅପରାଧ, ଘରୋଇ ହିଂସା, ଏସିଡ୍ ଆକ୍ରମଣ, ଶିଶୁ ଶ୍ରମିକ, ଗୁଣିଗାରେଡ଼ିର ଶିକାର ଇତ୍ୟାଦି ଉପରେ ନଜର ରଖିବା ପାଇଁ କ୍ରାଇମବ୍ରାଞ୍ଚ ଅଧୀନରେ ସିଏଡବ୍ଲ୍ୟୁ ଏବଂ ସିଡବ୍ଲ୍ୟୁକୁ ଦାୟିତ୍ୱ ଦିଆଯାଇଛି। ସେହିପରି ରାଜ୍ୟ ସାରା ଘୃଣ୍ୟ ଏବଂ ଚାଞ୍ଚଲ୍ୟକର ଅପରାଧର ତଦନ୍ତ ପାଇଁ ସିଏଡବ୍ଲ୍ୟୁ ଏବଂ ସିଡବ୍ଲ୍ୟୁ ଅଧୀନରେ ଏକ ପୁଲିସ ଷ୍ଟେସନ୍ କାର୍ଯ୍ୟ କରୁଥିବା ସହ ଜିଲ୍ଲାଗୁଡ଼ିକରେ ଜଣେ ଅତିରିକ୍ତ ଏସପିଙ୍କ ନେତୃତ୍ୱରେ ମହିଳା ସମ୍ପର୍କିତ ସମ୍ବେଦନଶୀଳ ମାମଲାଗୁଡ଼ିକର ତଦନ୍ତ ପାଇଁ ଜିଲ୍ଲାସ୍ତରରେ ୨୯ଟି ଆଇୟୁସିଏଡବ୍ଲ୍ୟୁ କାର୍ଯ୍ୟକାରୀ ହେଉଛି। ପ୍ରତ୍ୟେକ ଜିଲ୍ଲାରେ ସ୍ୱତନ୍ତ୍ର ଜୁଭେନାଇଲ୍ ପୁଲିସ ୟୁନିଟ୍ (ଏସଜେପିୟୁ) କାର୍ଯ୍ୟ କରୁଛି। ଏହାର ନେତୃତ୍ୱ ଜଣେ ଡିଏସପି ପାହ୍ୟାର ଅଧିକାରୀ ନେଉଛନ୍ତି।

---

**ସାଇବର୍ ଅପରାଧ ତଦନ୍ତରେ ବ୍ୟାଙ୍କ ଆକାଉଣ୍ଟ ସମ୍ପୂର୍ଣ୍ଣ ଅଚଳ କରାଯିବା ପ୍ରସଙ୍ଗ**

# ଗୃହ ମନ୍ତ୍ରଣାଳୟ ଏସ୍‌ଓପି ଆଣିବା ଉପରେ ହାଇକୋର୍ଟଙ୍କ ଗୁରୁତ୍ୱାରୋପ

କଟକ, ୯।୩ (ସମିସ): ସାଇବର୍ ଅପରାଧ ତଦନ୍ତ ସମୟରେ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଫ୍ରିଜ୍ କରିଦେବା ଦ୍ୱାରା ନିର୍ଦ୍ଦୋଷ ବ୍ୟକ୍ତି ଓ ବ୍ୟବସାୟୀମାନେ ଭୋଗୁଥିବା ସମସ୍ୟାକୁ ନେଇ ଓଡ଼ିଶା ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଯଦି କୌଣସି ନିର୍ଦ୍ଦିଷ୍ଟ ପରିମାଣର ଟଙ୍କା ସନ୍ଦେହଜନକ ଥାଏ, ତେବେ କେବଳ ସେତିକି ଟଙ୍କା ଉପରେ ପ୍ରତିବନ୍ଧକ ଲଗାଯାଇପାରିବ। କିନ୍ତୁ, ସମ୍ପୂର୍ଣ୍ଣ ଆକାଉଣ୍ଟକୁ ଅଚଳ କରିଦେବା ଅନୁଚିତ ଓ ଯୁକ୍ତିସଙ୍ଗତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସହ ପରାମର୍ଶ କରି ସମାନ ନୀତି ପ୍ରଣୟନ ସହ ଏକ ଏସ୍‌ଓପି ଏବଂ ନିର୍ଦ୍ଦେଶାବଳୀ ଜାରି କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଅଦାଲତ ପ୍ରକାଶିତ ରାୟରେ ଉଲ୍ଲେଖ କରି କହିଛନ୍ତି ଯେ, ବାରମ୍ବାର ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ ସମ୍ପର୍କିତ ମାମଲା କୋର୍ଟକୁ ଆସୁଥିବାରୁ କେନ୍ଦ୍ର ସରକାର ଏହି ବିଷୟରେ ସକ୍ରିୟ ପଦକ୍ଷେପ ଗ୍ରହଣ କରିବା ଉଚିତ। ଅଭିଯୋଗକାରୀଙ୍କ ସ୍ୱାର୍ଥ ଏବଂ ଜଣେ ନିର୍ଦ୍ଦୋଷ ବ୍ୟାଙ୍କ ଖାତାଧାରୀଙ୍କ ଅଧିକାର ମଧ୍ୟରେ ସନ୍ତୁଳନ ରକ୍ଷା କରାଯିବା ସହ ପୁଲିସ୍ ଯେପରି ଏହି ମାମଲାଗୁଡ଼ିକୁ ସମ୍ବେଦନଶୀଳ ଭାବେ ପରିଚାଳନା କରିବ, ସେଥିପାଇଁ ସ୍ପଷ୍ଟ ଗାଇଡ୍‌ଲାଇନ୍ ରହିବା ଆବଶ୍ୟକ। ସେହିଭଳି, ଜଣେ ବ୍ୟକ୍ତି କୌଣସି ଅପରାଧ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ଥାଇ କିମ୍ବା ନିର୍ଦ୍ଦୋଷ ହୋଇ ମଧ୍ୟ ଯେପରି ନିଜର ବ୍ୟାଙ୍କ ଆକାଉଣ୍ଟ ଅଚଳ ଯୋଗୁଁ ଅଯଥା କଷ୍ଟ ନପାଆନ୍ତି, ତାହାକୁ ସୁନିଶ୍ଚିତ କରିବା ଉଚିତ ବୋଲି କହିଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ, ଗଜପତି ଜିଲ୍ଲାର ଏକ ଗ୍ୟାସ୍ ବିତରକ ସଂସ୍ଥା 'ମେସର୍ସ ସାଇରାମ ଭାରତ ଗ୍ୟାସ୍'ର ବ୍ୟାଙ୍କ ଆକାଉଣ୍ଟକୁ ଏକ ସାଇବର ଅପରାଧ ମାମଲାରେ କେରଳ ସାଇବର ପୁଲିସ୍ ଫ୍ରିଜ୍ କରିବା ମାମଲାର ଶୁଣାଣି କରି ହାଇକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷଣ କରିଛନ୍ତି। ବ୍ୟାବସାୟିକ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଆକାଉଣ୍ଟକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ଫଳରେ କର୍ମଚାରୀଙ୍କ ଦରମା ଓ ଦୈନନ୍ଦିନ କାରବାର ବାଧାପ୍ରାପ୍ତ ହେଉଥିବା ଦର୍ଶାଇ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। କେରଳ ସାଇବର୍ ପୁଲିସ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ସନ୍ଦେହଜନକ ଟଙ୍କାର ପରିମାଣ ଜଣାଇବ। ସମ୍ପୃକ୍ତ ବ୍ୟାଙ୍କ କେବଳ ସେତିକି ଟଙ୍କାକୁ ଅଟକାଇ ବାକି ଟଙ୍କାରେ ବ୍ୟବସାୟୀଙ୍କୁ କାରବାର କରିବାକୁ ଅନୁମତି ଦେବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିବା ସହ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

# ଛାତ୍ରୀନିବାସରେ ବାଣ ଫୁଟି ୪ ଛାତ୍ରୀ ଆହତ

ସମ୍ବଲପୁର, ୯।୩ (ସମିସ): ସମ୍ବଲପୁର ଲେଡିଲୁଇସ ବାଳିକା ହାଇସ୍କୁଲର ଛାତ୍ରୀ ନିବାସ ଭିତରେ ବାଣ ଫୁଟି ୪ ଜଣ ଛାତ୍ରୀ ଆହତ ହୋଇଛନ୍ତି। ଛାତ୍ରୀନିବାସ କର୍ମଚାରୀ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି। ସେଠାରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସମ୍ବଲପୁର ଟାଉନ୍ ଥାନା ମୁଦିପଡ଼ା ଫେଜ୍‌ର କ୍ଲବ୍ ରାସ୍ତାରେ ଲେଡ଼ିଲୁଇସ୍ ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀନିବାସ ଭିତରେ ଛାତ୍ରୀମାନେ ପାଠ ପଢୁଥିଲେ। ଏହି ସମୟରେ ଛାତ୍ରୀନିବାସ ସମ୍ମୁଖ ରାସ୍ତାରେ ଏକ ବରଯାତ୍ରୀ ଦଳ ନାଚଗୀତ କରି ଯାଉଥିଲେ। ବରଯାତ୍ରୀ ଦଳ ପକ୍ଷରୁ କିଛି ଲୋକ ବାଣ ଫୁଟାଉଥିଲେ। ଏହି ସମୟରେ ଛାତ୍ରୀନିବାସ ଭିତରେ ବାଣ ପଡ଼ି ବାହାରେ ପାଠ ପଢୁଥିବା ଛାତ୍ରୀଙ୍କ ପାଖରେ ଫୁଟିବାରୁ ଜଣେ ନବମ ଶ୍ରେଣୀ ଓ ତିନିଜଣ ଅଷ୍ଟମ ଶ୍ରେଣୀ ଛାତ୍ରୀ ଆହତ ହୋଇଥିଲେ। ଟାଉନ୍ ଥାନାଧିକାରୀ ଡାକ୍ତରଖାନାରେ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି।

# ହାତୀ ଆକ୍ରମଣରେ ଜଣେ ମୃତ

ଅତାବିରା, ୯।୩ (ସମିସ): ଅତାବିରା ବ୍ଲକ୍ ଟାମ୍ପରସରା ପଞ୍ଚାୟତ ଅନ୍ଧାରିପାଲିରେ ହାତୀ ଆକ୍ରମଣରେ ଜଣେ ଚାଷୀଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ, ଅନ୍ଧାରିପାଲିର ବେଣୁଧର ଛୁରିଆ (୬୦)। ସୂଚନାନୁଯାୟୀ, ଆଜି ଭୋର୍‌ରେ ଅର୍ଡଚାଟ ବଗିଚା ପାଖ ଚାଷ ଜମିକୁ ବେଣୁଧର ଯାଇଥିଲେ। ସେତିକିବେଳେ ସେ ଏକ ହାତୀପଲ ହାବୁଡ଼ରେ ପଡ଼ି ଯାଇଥିଲେ। ସେଥିମଧ୍ୟରୁ ଗୋଟିଏ ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ବେଣୁଧରଙ୍କ ଚିତ୍କାର ଶୁଣି ବଗିଚା ପାଖରେ ଥିବା ଅନ୍ୟ ଚାଷୀ ତାଙ୍କ ପାଖକୁ ଗଲା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଫାଣ୍ଡି ଅଧିକାରୀ ଗଣେଶ ବାରିକଙ୍କ ସମେତ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଥିଲେ। ବନ ବିଭାଗ ଡିଏଫ୍‌ଓ ସରୋଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ବନ ବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ କରିଥିଲେ। ପରିବାର ଲୋକେ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିବା ସହ ପଞ୍ଚାୟତ ସ୍ତରରେ ଥିବା ହରିଶ୍ଚନ୍ଦ୍ର ଯୋଜନାର ସହାୟତା ଦେବାକୁ କହିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।



ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ସଂସଦ ଭବନ ପରିସରରେ ବିଜେଡି ରାଜ୍ୟସଭା ସାଂସଦଙ୍କ ଦଳୀୟ ରଣନୀତି ପ୍ରସ୍ତୁତି....

**ଯୁକ୍ତ ୨ ଛାତ୍ରଛାତ୍ରୀଙ୍କ ପାଇଁ ନୂଆ ବ୍ୟବସ୍ଥା**

# ଗୋଟିଏ ବିଷୟରେ ଦେଇପାରିବେ ଇମ୍‌ପ୍ରୁଭମେଣ୍ଟ ପରୀକ୍ଷା

ଭୁବନେଶ୍ୱର, ୯ ।୩(ସମିସ): ଯୁକ୍ତ୨ ପରୀକ୍ଷାରେ ଅଧିକ ନମ୍ବର ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ଆଉ ଏକ ସୁଯୋଗ ମିଳିବ। ଏଥିପାଇଁ ଚଳିତ ଶିକ୍ଷାବର୍ଷ ଠାରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ନୂତନ ପଦକ୍ଷେପ ନିଆଯାଇଛି। ପରୀକ୍ଷାରେ ପାସ୍ କରିଥିବା ପିଲାମାନେ ଗୋଟିଏ ବିଷୟରେ ଅଧିକ ମାର୍କ ରଖିବା ପାଇଁ ଇମ୍‌ପ୍ରୁଭମେଣ୍ଟ (ଉନ୍ନତି) ପରୀକ୍ଷା ଦେଇପାରିବେ। ସେମାନଙ୍କ ପରୀକ୍ଷା ଫଳ ଦୁଇମାସ ମଧ୍ୟରେ ପ୍ରକାଶ ପାଇବ ବୋଲି ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

ଡ. ପରିଡ଼ା କହିଛନ୍ତି ଯେ, ପୂର୍ବପରି ଗୋଟିଏ ବିଷୟରେ ଫେଲ୍ ହେଉଥିବା ଛାତ୍ରଛାତ୍ରୀମାନେ ଇନଷ୍ଟାଣ୍ଟ ପରୀକ୍ଷା ଦେବେ। ମାତ୍ର ସମସ୍ତ

**ଫଳ ପ୍ରକାଶର ୬୦ ଦିନ ମଧ୍ୟରେ ପରୀକ୍ଷା ଓ ରେଜଲ୍ଟ**

ବିଷୟରେ ପାସ କରିଥିବା ପିଲା ନିଜର ମାର୍କ ବା ପରସେଣ୍ଟ ବଢ଼ାଇବା ପାଇଁ ଇମପ୍ରୁଭମେଣ୍ଟ ପରୀକ୍ଷା ଦେଇପାରିବ। ନିଜ ଇଚ୍ଛା ମୁତାବକ କେବଳ ଗୋଟିଏ ବିଷୟରେ ହିଁ ଏହି ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀମାନେ ସୁଯୋଗ ପାଇବେ। ଏକାଧିକ ବିଷୟରେ ଏହି ପରୀକ୍ଷା ଦେଇପାରିବେ ନାହିଁ। ଇନଷ୍ଟାଣ୍ଟ ପରୀକ୍ଷା ସହ ଇମ୍‌ପ୍ରୁଭମେଣ୍ଟ ପରୀକ୍ଷା ହେବ ଓ ଏକା ସାଙ୍ଗରେ ହିଁ ପରୀକ୍ଷା ଫଳ ପ୍ରକାଶ ପାଇବ। ନିୟମିତ ପରୀକ୍ଷାର ଫଳ ପ୍ରକାଶ ପାଇବାର ୬୦ ଦିନ ବା ୨ମାସରେ ଏସବୁ ପରୀକ୍ଷା ସରି ରେଜଲ୍ଟ ପ୍ରକାଶ ପାଇବ। ଇମ୍ପ୍ରୁଭମେଣ୍ଟ ପରୀକ୍ଷା ପାଇଁ ଗତ ଅଗଷ୍ଟ ମାସରୁ ନୀତିଗତ ନିଷ୍ପତ୍ତି ହୋଇଛି। ୨୦୨୬ ରେ ବାର୍ଷିକ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ଠାରୁ ଏହାକୁ ଲାଗୁ କରାଯାଉଥିବା ଡ. ପରିଡ଼ା ସ୍ପଷ୍ଟ କରିଛନ୍ତି।

---

**ଗୃହ ବିଭାଗ ଷ୍ଟାଣ୍ଡିଂ କମିଟି ରିପୋର୍ଟ**

# ପୁଲିସ ବ୍ୟବସ୍ଥାରେ ପୃଥକ୍ ହେଉ ଆଇନଶୃଙ୍ଖଳା ଓ ତଦନ୍ତ ପ୍ରକ୍ରିୟା

ଭୁବନେଶ୍ୱର, ୯।୩(ସମିସ): ଓଡ଼ିଶା ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ଗତ କିଛିମାସ ହେଲା ପ୍ରଶ୍ନବାଚୀ ସୃଷ୍ଟି ହୋଇ ଆସୁଛି। ପୁଲିସ ଉପରେ ଉଭୟ ଆଇନ ଶୃଙ୍ଖଳା ରକ୍ଷା ଏବଂ ତଦନ୍ତ ପରି ଦୁଇଟି ଗୁରୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିବାରୁ ଏହା ପୁଲିସର କାର୍ଯ୍ୟଦକ୍ଷତା ଉପରେ କୁପ୍ରଭାବ ପକାଉଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ଗଭୀର ଉଦବେଗ ପ୍ରକାଶ କରିଛି ଗୃହ ବିଭାଗ ସମ୍ପର୍କିତ ବିଧାନସଭା ଷ୍ଟାଣ୍ଡିଂ କମିଟି। ଏପରି ଦ୍ୱୈତ ଦାୟିତ୍ୱ ପୁଲିସର କାର୍ଯ୍ୟକୁଶଳତାକୁ ହ୍ରାସ କରୁଛି ବୋଲି ଷ୍ଟାଣ୍ଡିଂ କମିଟି ମତବ୍ୟକ୍ତ କରିଛନ୍ତି।

ଅନେକ ସମୟରେ ପୁଲିସ ନିକଟରୁ ଆଇନ ଶୃଙ୍ଖଳା ଓ ତଦନ୍ତ ଦାୟିତ୍ୱକୁ ପୃଥକ କରିବା ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଛି। ଜଣେ ପୁଲିସ ଉପରେ ଦୁଇଟି ଦାୟିତ୍ୱ ଏକ ସାଙ୍ଗରେ ରହୁଥିବାରୁ ଏହା ସେମାନଙ୍କ କାର୍ଯ୍ୟଦକ୍ଷତା ଗଭୀର ଭାବେ ପ୍ରଭାବିତ ହେଉଛି। ପୁଲିସ ଅଧିକାରୀମାନେ ଅଧିକ ଚାପଗ୍ରସ୍ତ ହେବା ଯୋଗୁଁ ଏହା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଦଣ୍ଡବିଧାନ ହାର ହ୍ରାସ କରିବା ସହ ତଦନ୍ତର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରି ଆସିଛି। ତେଣୁ ପୁଲିସକୁ ପୃଥକ ପୃଥକ ଭାବେ ଉଭୟ ଦାୟିତ୍ୱ ପ୍ରଦାନ କରିଲେ ପୁଲିସ ଅଧିକ ଦକ୍ଷ ତଥା କୁଶଳୀ ହୋଇପାରିବ ବୋଲି ଆଇନ ବିଶେଷଜ୍ଞମାନେ ମତ ଦେଇ ଆସୁଛନ୍ତି।

ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଗୃହ ବିଭାଗର ଷ୍ଟାଣ୍ଡିଂ କମିଟି ମଧ୍ୟ ନିଜ ପରାମର୍ଶରେ ସମାନ କଥା ଉଲ୍ଲେଖ କରିଛି। ଦାୟିତ୍ୱ ଦ୍ୱୟକୁ ଅଲଗା କରିବା ସହ ଏଥିପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଯୋଗାଇ ଦେବାକୁ ମଧ୍ୟ କମିଟି ପରାମର୍ଶ ଦେଇଛି। ୨୦୦୬ରେ ସୁପ୍ରିମକୋର୍ଟ ପ୍ରକାଶ ସିଂହ ମାମଲାରେ ଏ ନେଇ ଏକ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ନିଜ ନିର୍ଦ୍ଦେଶରେ ସୁପ୍ରିମକୋର୍ଟ କହିଥିଲେ ଯେ ଦେଶରେ ସହରାଞ୍ଚଳରେ (୧୦ ଲକ୍ଷରୁ ଅଧିକ ଜନସଂଖ୍ୟା) ଏହି ପୃଥକୀକରଣ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରାଯାଉ। ଏହାପରେ ଏହାକୁ ଧିରେ ଧିରେ ଅନ୍ୟ ଅଞ୍ଚଳରେ ଲାଗୁ କରାଯାଉ। ମାତ୍ର ଆଜି ପର୍ଯ୍ୟନ୍ତ କୌଣସି ରାଜ୍ୟ ଏହାକୁ ସଠିକ୍ ଭାବରେ କାର୍ଯ୍ୟକାରୀ କରିନାହାନ୍ତି। ତେବେ ୨୦୧୮ ମସିହାରେ ତତକାଳୀନ ବିଜେଡି ସରକାର ସୁପ୍ରିମକୋର୍ଟଙ୍କ ରାୟକୁ କାର୍ଯ୍ୟକାରୀ କରିବାକୁ ଯୋଜନା କରିଥିଲେ। ଏହି କ୍ରମରେ ରାଜ୍ୟର ପ୍ରାୟ ୧୧୫ଟି ଥାନାରେ ତତ୍କାଳୀନ ସରକାର ପାଇଲଟ୍ ପ୍ରକଳ୍ପ ଭାବରେ ଏହି ପୃଥକୀକରଣ ଯୋଜନାକୁ କାର୍ଯ୍ୟକାରୀ କରିଥିଲେ। ସେହିପରି ନଭେମ୍ବର ୧୯-୨୦ ତାରିଖରେ ଭୁବନେଶ୍ୱରରେ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କର ଦୁଇଦିନିଆ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ମତ ରଖିଥିଲେ। ବରିଷ୍ଠ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ ରାଜ୍ୟରେ ଦଣ୍ଡାଦେଶ ହାର ବଢ଼ାଇବା ପାଇଁ ବିଶେଷ ରଣନୀତି ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭୁବନେଶ୍ୱର-କଟକ କମିଶନରେଟ ପୁଲିସ ମଧ୍ୟ ଆଇନ ଶୃଙ୍ଖଳା ଏବଂ ତଦନ୍ତ ପ୍ରକ୍ରିୟାକୁ ପୃଥକ କରିବା ପାଇଁ ଅତୀତରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇସାରିଛନ୍ତି। ତେଣୁ ଏ ଦିଗରେ ସରକାର ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବା ଉଚିତ୍। ଏହାଦ୍ୱାରା ପୁଲିସର କାର୍ଯ୍ୟଦକ୍ଷତା ବଢ଼ିବା ସହ ଦଣ୍ଡବିଧାନ ହାର ଏବଂ ଆଇନ ଶୃଙ୍ଖଳା ରକ୍ଷାରେ ଯଥେଷ୍ଟ ଉନ୍ନତି ଆସିବ ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

**୧୧୫ ଥାନାରେ ୨୦୧୮ ରେ ଆରମ୍ଭ ହୋଇଥିଲା ପାଇଲଟ୍ ପ୍ରକଳ୍ପ**

**କେହି ପ୍ରତ୍ୟାହାର କଲେ ନାହିଁ ନାମାଙ୍କନ: ଆସନ ୪, ପ୍ରାର୍ଥୀ ୫**

# ଚତୁର୍ଥ ଆସନରେ ବିଜୟ ପାଇଁ ଶାସକ-ବିରୋଧୀଙ୍କ ଦମ୍ଭୋକ୍ତି

ଭୁବନେଶ୍ୱର, ୯।୩(ସମିସ): ରାଜ୍ୟସଭା ନିର୍ବାଚନ ନେଇ ସୋମବାର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ଥିବାବେଳେ କୌଣସି ପ୍ରାର୍ଥୀ ନିଜର ନାମାଙ୍କନ ପ୍ରତ୍ୟାହାର କରିନାହାନ୍ତି। ମଇଦାନରେ ମୋଟ ୫ଜଣ ପ୍ରାର୍ଥୀ ଥିବାବେଳେ ଆସନ୍ତା ୧୬ ତାରିଖରେ ବିଧାନସଭା ସଚିବାଳୟରେ ଭୋଟ ଗ୍ରହଣ କରାଯିବା ନିଶ୍ଚିତ ହୋଇଛି। ନିର୍ବାଚନ ନେଇ ତାରିଖ ପାଖଉଥିବା ବେଳେ ଚତୁର୍ଥ ଆସନରେ ବିଜୟ ନେଇ ଉଭୟ ଶାସକ ଓ ବିରୋଧୀ ଦଳ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ଏପଟେ କଂଗ୍ରେସ ପକ୍ଷରୁ ସୋମବାର ବିଧାନସଭାରେ ନିଜର ବିଧାୟକଙ୍କୁ ନେଇ ବୈଠକ କରାଯିବା ସହ ନିର୍ବାଚନରେ କେମିତି ମତଦାନ କରିବାକୁ ହେବ, ସେନେଇ ଏକ ପ୍ରାଥମିକ ତାଲିମ ପ୍ରଦାନ କରାଯାଇଛି।

ମୋଟ ୪ ଆସନ ମଧ୍ୟରୁ ବିଜେପି ଖାତାକୁ ୨ଟି ଆସନ ଏବଂ ବିଜେଡି ଖାତାକୁ ଗୋଟିଏ ଆସନ ଯିବା ଏକ ପ୍ରକାର ସୁନିଶ୍ଚିତ ହୋଇଯାଇଛି। ତେବେ ଚତୁର୍ଥ ଆସନକୁ ନେଇ ଉଭୟ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଛି। ବିଜେଡି ଦ୍ୱାରା ଘୋଷିତ ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ କଂଗ୍ରେସ ଏବଂ ସିପିଏମ ସମର୍ଥନ ଘୋଷଣା କରିଥିବାରୁ ତାଙ୍କ ପାଖରେ ନିର୍ବାଚନ ଜିଣିବା ପାଇଁ ଆବଶ୍ୟକୀୟ ସଂଖ୍ୟା ରହିଛି। ତେବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ଦିଲ୍ଲୀପ ରାୟ ସ୍ୱାଧୀନ ଭାବରେ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ବିଜେପି ତାଙ୍କୁ ସମର୍ଥନ ଘୋଷଣା କରି ସାରିଛି। ବିଜେପି ସହ ନିଜେ ଦିଲ୍ଲୀପ ନିଜର ବିଜୟ ନେଇ ଦୃଢ଼ୋକ୍ତି ପ୍ରକାଶ କରିଥିବାବେଳେ ବିଜେପି ୩ଟି ଆସନରେ ବିଜୟ ଲାଭ କରିବ ବୋଲି ଭବିଷ୍ୟତବାଣୀ କରିଛି। ଶାସକ ବିଜେପିର ଏପ୍ରକାରର ଆକଳନକୁ ସମାଲୋଚନା କରିଛନ୍ତି ବିଜେଡି ବିଧାୟକ ଧ୍ରୁବଚରଣ ସାହୁ। ସେ କହିଛନ୍ତି ଯେ

- ବିଧାୟକଙ୍କୁ କିଣିବା ପାଇଁ ଶାସକ ଖୋଲା ଆହ୍ୱାନ କରୁଛି: ବିଜେଡି
- ଆମେ ସବୁ ଏକାଠି, ଦତ୍ତେଶ୍ୱରଙ୍କୁ ମିଳିବ ସବୁ ଭୋଟ: କଂଗ୍ରେସ
- ବିଜେପିର ସବୁ ତିନି ଜଣ ପ୍ରାର୍ଥୀ ବିଜୟୀ ହେବା ନିଶ୍ଚିତ: ଶାସକ

ବିଜେପି ଗଣତନ୍ତ୍ରକୁ ହତ୍ୟା କରି ଚାଲିଛି। ଏକ ସରକାରୀ ଦଳ ଘୋଡ଼ା ବେପାରକୁ ଜାତୀୟକରଣ କରିବା ପାଇଁ ସୁଯୋଗ ଦେଇଛି ଏବଂ ବିଧାୟକମାନଙ୍କୁ କିଣିବା ପାଇଁ ଖୋଲାଖୋଲି ଆହ୍ୱାନ କରୁଛି। ଏପରି ଅଗଣତାନ୍ତ୍ରିକ କାର୍ଯ୍ୟର ଉତ୍ତର ଜନ ସାଧାରଣ ଆଗାମୀ ଦିନରେ ଦେବେ।

ସେହିପରି କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ କଂଗ୍ରେସ ୧୪ ଜଣ ବିଧାୟକ ଏକ ହୋଇ ରହିଛନ୍ତି। କୌଣସି ପରିସ୍ଥିତିରେ ଆମର କ୍ରସ ଭୋଟିଂ ହେବାର ନାହିଁ। ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ସମସ୍ତ କଂଗ୍ରେସ ଭୋଟ ଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅପରପକ୍ଷେ ବିଜେପି ବିଧାୟକ ଅଶୋକ ମହାନ୍ତି କହିଛନ୍ତି ଯେ ବିଜେପି ନିଶ୍ଚିତ ଭାବରେ ଚତୁର୍ଥ ଆସନରେ ବିଜୟ ହେବ। ଏଥିପାଇଁ ଉଭୟ ଗଣିତ ଏବଂ ସଂଖ୍ୟା ଆମ ସାଥିରେ ଅଛି ବୋଲି ବିଜେପି ବିଧାୟକ ଅଶୋକ ମହାନ୍ତି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ତେବେ ବିଜେପି କେଉଁଠୁ ଆବଶ୍ୟକୀୟ ସଂଖ୍ୟା ଆଣିବ ସେ ସମ୍ପର୍କରେ ସେ ନିରବ ରହିଛନ୍ତି।

ଅପରପକ୍ଷେ କଂଗ୍ରେସ ପକ୍ଷରୁ ଆଜି ବିଧାନସଭା ପରିସରରେ ଦଳୀୟ ବିଧାୟକଙ୍କୁ ପ୍ରାଥମିକ ଟ୍ରେନିଂ ଦିଆଯାଇଛି। ଏନେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ଦଳୀୟ ବିଧାୟକଙ୍କୁ ନିର୍ବାଚନ ନେଇ ଥିବା ନୀତି ନିୟମ ସମ୍ପର୍କରେ ଆଜି ଆଲୋଚନା ହେଲା। ଆଜି ଏକ ମକ୍ ଟ୍ରାଏଲ ହୋଇଛି। ଆଜି ବିଧାୟକମାନଙ୍କୁ ଭୋଟିଂ ପ୍ରକ୍ରିୟା ନେଇ ଟ୍ରେନିଂ ଦିଆଯାଇଥିବା ବେଳେ ଆଉ ୨ ଥର ଟ୍ରେନିଂ ଦିଆଯିବ। ଆମର ୧୪ ବିଧାୟକ ସହ ସିପିଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ଭୋଟ ମଧ୍ୟ ଆମକୁ ମିଳିବ। ଆମର ବିଜୟ ସୁନିଶ୍ଚିତ ବୋଲି ଶ୍ରୀ ଦାସ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସକାଳ THE SAKALA



### ବ୍ରହ୍ମଗିରିର ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣ

# ପଞ୍ଚୁପାଣ୍ଡବଙ୍କ ସମେତ ୧୦୮ ବିମାନ ଖୁଣ୍ଟିଲାଗି

ବ୍ରହ୍ମଗିରି, ୯।୩(ସମିସ): ପୁରୀ ଜିଲ୍ଲା ବ୍ରହ୍ମଗିରି ଓଡ଼ିଶାରେ ଏକ କଳା, ସଂସ୍କୃତି, ପରମ୍ପରା, ଭାଇଚାରା ସମ୍ପନ୍ନ ଅଞ୍ଚଳ ଭାବରେ ବେଶ୍ ଖ୍ୟାତିଲାଭ କରିଛି। ବ୍ରହ୍ମଗିରିର ପଞ୍ଚୁଦୋଳ ମେଳଣ ବ୍ରହ୍ମଗିରି, କୃଷ୍ଣପ୍ରସାଦ ଓ ପୁରୀ ସଦର ବ୍ଲକ୍‌ରେ ପ୍ରସିଦ୍ଧିଲାଭ କରିଛି। ରବିବାର ବ୍ରହ୍ମଗିରିରେ ପଞ୍ଚୁପାଣ୍ଡବ ମେଳଣ ଆରମ୍ଭ ହୋଇ ମଙ୍ଗଳବାର ସାରିବ। ଦିଅଁ ଜମାଣ ରବିବାର ଆରମ୍ଭ ହୋଇଥିଲା। ପଞ୍ଚୁଦୋଳ ମେଳଣ ପଡ଼ିଆର ଦୋଳ ବେଦୀରେ ହୋମାଦି ପୂଜାର୍ଚ୍ଚନା କରାଯାଇ ଆଞ୍ଜାମାଳ ସ୍ଥାନାଧିପତି ଶ୍ରୀଗୋପୀନାଥ ଦେବଙ୍କ ନିକଟକୁ ପଠାଯାଇଥିବା ବେଳେ ସୋମବାର ସନ୍ଧ୍ୟା ସୁଦ୍ଧା ୧୦୮ ବିମାନ ମେଳଣ ପଡ଼ିଆରେ ଖୁଣ୍ଟିଲାଗି ହୋଇଛନ୍ତି।

ପାରମ୍ପରିକ ପୂଜାର୍ଚ୍ଚନା ପରେ ଏକ ସୁଶୋଭିତ ବିମାନରେ ଗୋପୀନାଥଙ୍କୁ ବିଜେ କରାଯାଇ ମେଳଣ ପଡ଼ିଆରେ ଖୁଣ୍ଟଲାଗି ହେବା ପରେ ଗୋପୀନାଥଙ୍କ ସମେତ ପଞ୍ଚୁପାଣ୍ଡବ ପଞ୍ଚୁଦୋଳ ମେଳଣ କୁଞ୍ଜରେ ବିଜେ କରିଥିଲେ। ସୋମବାର ସମସ୍ତ ବିମାନ ଆଗମନରେ ମେଳଣ କୁଞ୍ଜ ଦୁଲୁକିଛି। ଭକ୍ତ, ଶ୍ରଦ୍ଧାଳୁମାନେ ପୀଠକୁ ଆସି ଗୋଟିଏ କୁଞ୍ଜରେ ପଞ୍ଚୁପାଣ୍ଡବଙ୍କ ସହ ୧୦୮ ବିମାନରେ ପ୍ରଭୁଙ୍କୁ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ମେଳଣ ପଡ଼ିଆରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବା ସହିତ ମେଳଣ ପଡ଼ିଆ ହରିବୋଲ ଓ ହୁଳହୁଳିରେ ପ୍ରକମ୍ପିତ ହେଉଛି। ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ଆତସବାଜି ପ୍ରତିଯୋଗିତା, ବାଦ୍ୟ, ଘଣ୍ଟଘଣ୍ଟା, ସଂକୀର୍ତ୍ତନ, ସାହିଯାତ, ନାଗା, ମେଢ଼, ଘୋଡ଼ାନାଚ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଛି। ବ୍ରହ୍ମଗିରି ଗ୍ରାମବାସୀଙ୍କ ତରଫରୁ ପାରମ୍ପରିକ ସାହିଯାତ, ନାଗା ନୃତ୍ୟ, ମେଢ଼ ନୃତ୍ୟ ପରିବେଷଣ କରାଯାଇଛି। ଶ୍ରୀଯୁଧିଷ୍ଠିର ଦେବ, ଶ୍ରୀଭୀମେଶ୍ୱର ଦେବ, ଶ୍ରୀଅର୍ଜୁନେଶ୍ୱର ଦେବ, ଶ୍ରୀନକୁଳ ଓ ଶ୍ରୀସହଦେବ ପଞ୍ଚୁପାଣ୍ଡବଙ୍କ ସମେତ ୧୦୮ ଦୋଳ ବିମାନର ସମାହାରରେ ରବିବାର ବିଳମ୍ବିତ ରାତିରେ ପାଣ୍ଡବଙ୍କର ଦୁର୍ଲ୍ଲଭ ମେଳଣ ଦର୍ଶନ ଲାଭ କରିବାର ସମୟ ନିର୍ଘଣ୍ଟ ହୋଇଛି। ୩ ଦିନ ଧରି ହେଉଥିବା ପଞ୍ଚୁଦୋଳ ମେଳଣର ପ୍ରତ୍ୟେକ ସନ୍ଧ୍ୟାରେ ସାହିଯାତ, ନାଗା, ମେଢ଼ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି। ପ୍ରଶାସନ ତରଫରୁ ପାନୀୟ ଜଳ, ଲାଇଟ୍, ସାଧାରଣ ଲୋକଙ୍କ ପାଇଁ ସୂଚନା କେନ୍ଦ୍ର ପ୍ରସ୍ତୁତ ହୋଇଛି। ମେଳଣରେ ଶାନ୍ତି ଶୃଙ୍ଖଳା ପାଇଁ ବ୍ରହ୍ମଗିରି ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଦୁଇ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଟ୍ରାଫିକ୍ ନିୟନ୍ତ୍ରଣ କଡ଼ାକଡ଼ି କରାଯାଇଛି। ଅସାମାଜିକ ବ୍ୟକ୍ତିଙ୍କ ଉପରେ ପୁଲିସ ତୀକ୍ଷ୍ଣ ନଜର ରଖିଥିବା ବ୍ରହ୍ମଗିରି ଆଇଆଇସି ବାମଦେବ ସ୍ୱାଇଁ ସୂଚନା ଦେଇଛନ୍ତି।





# ହରିହର ଭେଟରେ ସରିଲା ଡେଲାଙ୍ଗ ମେଳଣ

ଡେଲାଙ୍ଗ, ୯।୩(ସମିସ): ଡେଲାଙ୍ଗ ଅଞ୍ଚଳର ପ୍ରଥମ ମେଳଣ ଭାବେ ପରିଚିତ ହେଉଛି ଡେଲାଙ୍ଗ ମେଳଣ। ଭାଇଚାରା ସମନ୍ୱୟର ମହାମିଳନ ଏହି ଡେଲାଙ୍ଗ ମେଳଣ ଉତ୍ସବରେ ଦେଖିବାକୁ ମିଳିଥାଏ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ହୋଲିପର୍ବର ମଧ୍ୟରାତ୍ରରେ ଜମାଣ ଉତ୍ସବ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିଲା। ଘଣ୍ଟଘଣ୍ଟା, କଳଘୋଡ଼ା, ନାଗା, ଢୋଲ, ସମ୍ବଲପୁରୀ ବାଜା, ସିଂହମାଦଳ ବାଦ୍ୟ ଧ୍ୱନୀ ଓ ଆକର୍ଷଣୀୟ ମେଢ଼ ମଧ୍ୟରେ ଜମାଣ ଉତ୍ସବ ପ୍ରକମ୍ପିତ ହୋଇଥିଲା। ଥାନାପତି ଭାବେ ପୁରୁଣା ଡେଲାଙ୍ଗ ଗ୍ରାମର ଆରାଧ୍ୟ ପ୍ରଭୁ ଶ୍ରୀପର୍ଷ୍ଣିମାଶମ୍ଭୁ ନୀଳକଣ୍ଠେଶ୍ୱର ଦେବଙ୍କ ସୁସଜ୍ଜିତ ଦୋଳ ବିମାନ ସହିତ କାଲୁପଡ଼ାର ଶ୍ରୀପାହାଡ଼ ବିଶ୍ୱନାଥଦେବ, ଜଗଦଲପୁର ଗ୍ରାମର ତଳ ବିଶ୍ୱନାଥ ଦେବ, ଚାଇଁପୁରର ଓଗରନାଥ ଦେବ, ବଳରାମେଶ୍ୱର ଦେବ, ସାତ୍ୱିକପୁରର ବାଙ୍କନାଥ ଦେବ, ପଟଣପୁରର ରାଧାମୋହନ ଦେବ, ଗୋପୀନାଥ ଦେବ, ହାଟ ଡେଲାଙ୍ଗ ଲକ୍ଷ୍ମୀନାରାୟଣ ଦେବ, ବାଲୁଙ୍କେଶ୍ୱର ଦେବ, ପତିତପାବନ ଦେବ, ଖେଲାଉର ଖେଳେଶ୍ୱର ଦେବ, ଗୁଆଚଉକାର ତୃତୀୟା ଦେବ, ମୁନିନ୍ଦାର ବାଲୁଙ୍କେଶ୍ୱର ଦେବ, ପଥରଡିହିର ରାଧାକୃଷ୍ଣ ଦେବ, ଆଙ୍କୋଇର ବାଲୁଙ୍କେଶ୍ୱର ଦେବ, ବଡ଼ଆଙ୍କୁଲାର ବାଣେଶ୍ୱର ଦେବ ପ୍ରଭୃତି ୩୮ଟି ଦୋଳ ବିମାନରେ ଚଳନ୍ତି ପ୍ରତିମା ମେଳଣ ପଡ଼ିଆରେ ଖୁଣ୍ଟିଲାଗି ହୋଇଥିଲେ। ଠାକୁରଙ୍କ ଦର୍ଶନ ପାଇଁ ଡେଲାଙ୍ଗ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିବାବେଳେ ଆରାଧ୍ୟଙ୍କୁ ଫଗୁ ଅର୍ପଣ କରି କୃପାଲାଭ କରିଥିଲେ। ଶନିବାର ସନ୍ଧ୍ୟାରେ ହରିହର ଭେଟ, ଠାକୁର ମେଳଣ ଓ ଫଗୁଖେଳରେ ମେଳଣ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରକାରର ଆତସବାଜି ପ୍ରଦର୍ଶନ କରାଯାଇଥିଲା।



### ପାରମ୍ପରିକ ରୀତିରେ ଆତସବାଜି ପ୍ରଦର୍ଶନ

ମେଳଣ କମିଟି ସଭାପତି ପ୍ରଫୁଲ୍ଲ ଖଟେଇ, ସମ୍ପାଦକ ସୁରେନ୍ଦ୍ର ସାହୁ, ସ୍ଥାନୀୟ ସରପଞ୍ଚ ଦୀପକ ସାହୁ, ବସନ୍ତ ବେହେରା, ନିର୍ମଳ ପରିଡ଼ା, ଲକ୍ଷ୍ମୀଧର ମହାରଣା, କୈଳାସଚନ୍ଦ୍ର ମହାରଣା, ସୂର୍ଯ୍ୟନାରାୟଣ ସାମନ୍ତରାୟ, ପ୍ରସନ୍ନ ସାହୁ, ଲୋକନାଥ ବେହେରା, ଆର୍ତ୍ତତ୍ରାଣ ସାହୁ, ବିଚିତ୍ର ଭୂଷଣ ମହାପାତ୍ର ପ୍ରମୁଖ ମେଳଣ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଡେଲାଙ୍ଗ ପାଞ୍ଚପଡ଼ା ଗ୍ରାମର ଯୁବକମାନଙ୍କୁ ନେଇ ଗଠିତ ବାବା ନୀଳକଣ୍ଠେଶ୍ୱର ଯୁବ ସଂଗଠନ ପକ୍ଷରୁ ମେଲୋଡ଼ି ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ଥାନୀୟ ଯୁବ ସଂଗଠନ ପକ୍ଷରୁ ନାଟକ 'ଆଖିର ଜନମ କାନ୍ଦିବା ପାଇଁ' ମଞ୍ଚସ୍ଥ ହୋଇଥିଲା। ଲକ୍ଷ୍ମୀକାନ୍ତ ବାରିକ୍, ରବିନ୍ଦ୍ର ଖଟେଇ, ମନୋରଞ୍ଜନ ବେହେରା, ଦିଲ୍ଲୀପ ସାହୁ, ସନ୍ତୋଷ ଦାଶ, ପ୍ରଦ୍ୟୁମ୍ନ ବାରିକ୍ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆନନ୍ଦ ଉଲ୍ଲାସରେ ପଞ୍ଚୁଦୋଳ ମେଳଣ

ବଳଙ୍ଗା, ୯।୩(ସମିସ): ରବିବାର ବିଳମ୍ବିତ ରାତିରେ ଚୈତ୍ର ମାସ କୃଷ୍ଣପକ୍ଷ ତିଥିରେ ପର୍ଷ୍ଣିମାଶମ୍ଭୁ ବକ୍ରେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ବାଙ୍କନାଥ, ଚନ୍ଦ୍ରଶେଖର ଓ ଗୋପାଳଜୀଉ ଘଣ୍ଟଘଣ୍ଟା, କାହାଳୀ, ଶଙ୍ଖ, ବିଭିନ୍ନ ପ୍ରକାରର ପାରମ୍ପରିକ ବାଦ୍ୟଯନ୍ତ୍ର, ଛାତ୍ରୀ, ତ୍ରାସ, ପୌରାଣିକ ଆଧାରିତ ନୃତ୍ୟ, ଆଲୋକ ଓ ପୁଷ୍ପମାଲ୍ୟରେ ସଜ୍ଜିତ ହୋଇ ଦୋଳବିମାନ ସହ ମନ୍ଦିରରୁ ବାହାରିଥିଲେ। ସର୍ବପ୍ରଥମେ ରାଜସ୍ୱ କାର୍ଯ୍ୟାଳୟଠାରେ ପହଞ୍ଚି ପନ୍ତିଭୋଗ ଅର୍ପଣ କରାଯିବାରେ ଗାଁ ଦାଣ୍ଡରେ ପଛକୁ ପଛ ବିଭିନ୍ନ ଦିଗରୁ ଆସୁଥିବା ୧୦୮ ବିମାନ ସହ ଆସି ସ୍ଥାନୀୟ ୨୨ ଗୁଣ୍ଠ ମେଳଣ ପଡ଼ିଆରେ ଥିବା ନିର୍ଦ୍ଧାରିତ ଆସନରେ ବିଭିନ୍ନ ଗ୍ରାମରୁ ହରିହରଙ୍କ ଚଳନ୍ତି ପ୍ରତିମା ଆସନରେ ଉପବେଶନ କରିଥିଲେ। ଚଳିତ ବର୍ଷ ମେଳଣ ଦୁଇଦିନ ବଢ଼ାଯାଇଥିବାରୁ ସୋମବାର ସକାଳେ ପର୍ଯ୍ୟାୟ କ୍ରମେ ଠାକୁରଙ୍କ ନିକଟରେ ମାଟି ଆଟିକାରେ ଛେନା, ଗୁଡ଼, ନବାତ, ପଣା, ଖଇକୋରା, ଚଣା, ବିଭିନ୍ନ ପ୍ରକାରର ଫଳମୂଳ, ବାଳଭୋଗ ଓ ବାଉଁଶରେ ତିଆରି ଚାଙ୍ଗୁଡ଼ାରେ ଉଖୁଡ଼ା, ହୁଡୁମ୍ବ, ଚୁଡ଼ାପୁଆ, ଖଜା ମିଠା ପ୍ରଭୃତି ଭୋଗ ଅର୍ପଣ କରାଯାଇଥିଲା। କେଉଁ ଆବହମାନ କାଳରୁ ଚାଲି ଆସୁଥିବା ବଳଙ୍ଗା ମେଳଣ ଏହି ଅଞ୍ଚଳରେ ପ୍ରସିଦ୍ଧ ହୋଇଥିବାରୁ ପ୍ରଚୁର ପରିମାଣରେ ଆସିଥିବା ଜନସାଧାରଣଙ୍କୁ ଲକ୍ଷ୍ୟକରି ମେଳଣ କମିଟି ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମେଳଣ କମିଟିର ସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ ଓ ସମ୍ପାଦକ ବଳଭଦ୍ର ସେନା ପ୍ରକାଶ କରିଥିଲେ ଯେ ମଙ୍ଗଳବାର ଆତସବାଜି ପ୍ରଦର୍ଶନ ପରେ ୧୧ ତାରିଖ ଦିନ ହରିହର ଭେଟ ହୋଇ ନିଜ ନିଜର ଅବସ୍ଥାନକୁ ବାହୁଡ଼ିବେ।



### ପ୍ରସିଦ୍ଧ ମାଲୁଦ ପଞ୍ଚୁଦୋଳ ଯାତ୍ରା

# ଚିଲିକା ଜଳରେ ପଶି ପହଞ୍ଚିଲେ ୧୨ ଠାକୁର

କୃଷ୍ଣପ୍ରସାଦ, ୯।୩(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍‌ର ପ୍ରସିଦ୍ଧ ମାଲୁଦ ପଞ୍ଚୁଦୋଳ ଯାତ୍ରା ପଡ଼ିଆରେ ପହଞ୍ଚିଲେ ୨୩ ଠାକୁର। ସବୁଠାରୁ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଆକର୍ଷିତ କରିଥିଲା ଚିଲିକାର ଜଳରେ ପଶି ଆସିଥିବା ୧୨ ଠାକୁରଙ୍କ ମନୋରମ ଦୃଶ୍ୟ। ଏହି ମନୋରମ ଦୃଶ୍ୟ ସୋସିଆଲ ମିଡିଆରେ ଦେଖି ଚଳିତ ବର୍ଷ ବହୁ ଭକ୍ତ ରାଜ୍ୟ ବାହାରୁ ଆସିଥିବା ଦେଖିବାକୁ ମିଳିଥିଲା।

ପ୍ରଥା ଅନୁଯାୟୀ, ୮ ତାରିଖରେ ଏକ ଶୁଭ ଖୁଣ୍ଟି ପଞ୍ଚୁଦୋଳ ପଡ଼ିଆକୁ ଆସିଥିଲା। ମାଲୁଦ ଦଧିବାମନ ଦେବଙ୍କ ମାର୍ଫତ୍‌ଦାର ସଂଗ୍ରାମ କେଶରୀ ପଟ୍ଟନାୟକ ସମସ୍ତ ଠାକୁରଙ୍କୁ ନିମନ୍ତ୍ରଣ କରିଥା'ନ୍ତି। ନିମନ୍ତ୍ରଣ ଅନୁଯାୟୀ, ସଠିକ୍ ସମୟରେ ସମସ୍ତ ଠାକୁର ସୁସଜ୍ଜିତ ମେଢ଼ରେ ଆତସବାଜି, ପାଇକ ଆଖଡ଼ା, ବାଘ ନାଚ, ଆଦିବାସୀ ବାଦ୍ୟ, ନାଚ, ଉତ୍ତର ପ୍ରଦେଶର ବାଦ୍ୟ, ଲୋକନୃତ୍ୟର ତାଳେ ତାଳେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ଠାକୁର ଆସି ପହଞ୍ଚିଲେ। ମନୋରଞ୍ଜନ ପାଇଁ ୩ ଦିନ ୨ଟି ଯାତ୍ରା ତା'ର ଅଭିନୟ କରିବ। ଠାକୁରମାନେ ଏହି ପଡ଼ିଆରେ ୩ ଦିନ ରହି ନିଜ ନିଜ ମନ୍ଦିରକୁ ଫେରିବେ। ଠାକୁରଙ୍କ ପ୍ରତିଦିନ ରୀତିନୀତି ପୂଜାପାଠ ଏହିଠାରେ ହୋଇଥାଏ। ୩ ଦିନ ଧରି ଏହି ପଡ଼ିଆରେ ବହୁ ବ୍ୟବସାୟୀ ନିଜର ବ୍ୟବସାୟ କରିଥା'ନ୍ତି। ଏଠାରେ ଭଗବାନ ଓ ଭକ୍ତଙ୍କ ମହାମିଳନ ହୋଇଥାଏ। ଭାଇଚାରାର ଏହି ଯାତ୍ରାରେ ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ଼ ଓ ଗଜପତି ଜିଲ୍ଲାରୁ ବହୁ ଭକ୍ତଙ୍କ ସମାଗମ ହୋଇଛି। ଶାନ୍ତି ଶୃଙ୍ଖଳା ପାଇଁ ସ୍ୱେଚ୍ଛାସେବୀମାନେ ପ୍ରତ୍ୟକ୍ଷ ଦୃଷ୍ଟି ରଖିଥିବାବେଳେ କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଲୋପ୍ ପାଉଥିବା ଲୋକନୃତ୍ୟ ପାଲା, ଦାସକାଠିଆ, ଭାରତ ଲୀଳା, କୃଷ୍ଣ ଲୀଳା, ପ୍ରହ୍ଲାଦ ନାଟକ, ସଂଗୀତ ଆଦି ପରିବେଷଣ ହୋଇଥାଏ। ଉତ୍ତମ କଳା ପ୍ରଦର୍ଶନ କରିଥିବା ନୃତ୍ୟକୁ ପୁରସ୍କୃତ କରାଯାଇଥାଏ। ଯାହା ରାଜ୍ୟର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳି ନ ଥାଏ।



# କଣାସରେ ପଞ୍ଚୁ ଦୋଳ ଜମାଣ

କଣାସ, ୯।୩(ସମିସ): କଣାସ ଅଞ୍ଚଳର ମୁଖ୍ୟ ପର୍ବ ପଞ୍ଚୁଦୋଳ ଯାତ୍ରା ସୋମବାର ପ୍ରଭାତରୁ ମହାସମାରୋହରେ ଜମିଛି। କଣାସ ମେଳଣର ଆରାଧ୍ୟ ଠାକୁର ସୁସଜ୍ଜିତ ବିମାନରେ ବସି ଘଣ୍ଟଘଣ୍ଟା, ବାଦ୍ୟ ଧ୍ୱନୀ, ନାଗା ନାଚ, ଘୋଡ଼ା ନାଚ, ସଖି ନାଚ ମଧ୍ୟରେ ମେଳଣ ପଡ଼ିଆକୁ ପ୍ରବେଶ କରିଥିଲେ। ସେହିପରି ସିରେଇ, ଦୋକୋନ୍ଧା, ଜଙ୍କିଆ, ଅଣ୍ଡାଳସିଂହ ମେଳଣର ଥାନପତିମାନେ ସୁସଜ୍ଜିତ ବିମାନରେ ବସି ମହାଆଡ଼ମ୍ବରରେ ମେଳଣ ପଡ଼ିଆକୁ ଆସି ନିଜ ନିଜ ଆସ୍ଥାନରେ ବସିବା ପରେ ପରମ୍ପରା ଅନୁଯାୟୀ ଆଖପାଖ ଗ୍ରାମର ଠାକୁରମାନେ ନିଜ ନିଜ ସ୍ଥାନରେ ବସିଥିଲେ। ବିଶେଷ କରି ଜଙ୍କିଆ ମେଳଣକୁ ଆସୁଥିବା ଓଲ ବେଦରପଡ଼ାର ଆରାଧ୍ୟ ଠାକୁର ବାବା ଈନ୍ଦ୍ରେଶ୍ୱର ଦୀର୍ଘ ୧୫ କିଲୋମିଟର ଅତିକ୍ରମ କରି ବିମାନରେ ବସି ବାଟଯାକ ଭୋଗ ଖାଇଖାଇ ୧୨ ଘଣ୍ଟାରୁ ଅଧିକ ସମୟ ପରେ ମେଳଣ ପଡ଼ିଆରେ ପହଞ୍ଚିଥିଲେ।



# ସାଗର ସ୍ନାନ ଯାତ୍ରା ପ୍ରସ୍ତୁତି ବୈଠକ

ସାକ୍ଷୀଗୋପାଳ, ୯।୩(ସମିସ): ଆସନ୍ତା ୧୭ ତାରିଖ ଚୈତ୍ର ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥି ଶତଭିଷା ନକ୍ଷତ୍ର ମହାବାରୁଣୀ ଯୋଗରେ ବଳପୁର ଗ୍ରାମସ୍ଥିତ ଭାର୍ଗବୀ ନଦୀର ଭୃଗୁ ଘାଟରେ ମହାବାରୁଣୀ ସ୍ନାନ ପ୍ରତି ବର୍ଷ ଭଳି ଅନୁଷ୍ଠିତ ହେବ। ପୂଜାର୍ଚ୍ଚନା, ଦେବନୀତି ଓ ଶୃଙ୍ଖଳିତ ଭାବରେ ୨ ଦିନ ଧରି ଯାତ୍ରା ପରିଚାଳନା ନିମନ୍ତେ ସୋମବାର ଏକ ପ୍ରସ୍ତୁତି ବୈଠକ ବରାଳ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ ବୈଠକରେ ଅଧ୍ୟକ୍ଷତା କରି ଠାକୁରଙ୍କ ସାଗର ବିଜେ ନୀତିକାନ୍ତି ପରମ୍ପରା ଅନୁସାରେ ନିର୍ଦ୍ଧାରିତ ସମୟରେ କରିବା ପାଇଁ ଉପସ୍ଥିତ ସେବାୟତମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଭାର୍ଗବୀ ନଦୀରେ ଘାଟ, ରାସ୍ତା ମରାମତି, ଅସ୍ଥାୟୀ ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ, ସୁରକ୍ଷିତ ସ୍ନାନ ନିମନ୍ତେ ନଦୀ ଘାଟରେ ବ୍ୟାରିକେଟ୍ ନିର୍ମାଣ, ସଫେଇ କାମ ଶେଷ କରିବାକୁ ବୈଠକରେ ଉପସ୍ଥିତ ବିଭାଗୀୟ ଅଧିକାରୀମାନେ ଆଲୋଚନା କରିଥିଲେ। ବିଶେଷ କରି ନଦୀରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଇବା ସମୟରେ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ବୋଟ୍, ମୋଟର ଟିୟୁ ସହ ସଜାଗ ରହିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଆବାହକ ବଳପୁର ବାଲୁଙ୍କେଶ୍ୱର ଦେବ ମନ୍ଦିର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ନିରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଦେଇ ଯାତ୍ରାରେ ଶ୍ରଦ୍ଧାଳୁମାନଙ୍କୁ ଅତ୍ୟାବଶ୍ୟକ ସୁବିଧା ଯୋଗାଇଦେବାକୁ ସ୍ଥାନୀୟ ପ୍ରଶାସନ, ପୁଲିସ, ବରାଳ ଓ ବଳପୁର ବାଲୁଙ୍କେଶ୍ୱର ଦେବ ମନ୍ଦିର ସେବାୟତ ଓ ପଞ୍ଚାୟତ ପ୍ରତିନିଧିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ବୈଠକରେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ବିଡିଓ ଦେବାଶିଷ ନାୟକ, ଅତିରିକ୍ତ ତହସିଲ୍‌ଦାର ଓମ୍ ପ୍ରକାଶ ପରିଡ଼ା, ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଲିକ, ବରାଳ ବାଲୁଙ୍କେଶ୍ୱର ମନ୍ଦିର ସେବାୟତ ସଂଘ ସମ୍ପାଦକ ସୁବାସ ଚନ୍ଦ୍ର ମହାପାତ୍ର, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଜଳସେଚନ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ସାହୁ, ଅଗ୍ନିଶମ ଅଧିକାରୀ ପ୍ରଦିପ୍ତ ମହାପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ପ୍ରୀତମ୍ ବାଗ୍, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଧ୍ରୁବ ଚରଣ ଦାସ, ବିଦ୍ୟାଧରପୁର ସରପଞ୍ଚ ଦୁଃଶାସନ ପ୍ରଧାନ, କାଦୁଆ ସରପଞ୍ଚ ଗାୟତ୍ରୀ ମହାପାତ୍ର ଓ ବଳପୁର ସରପଞ୍ଚଙ୍କ ପ୍ରତିନିଧି ମନୋଜ ପଣ୍ଡାଙ୍କ ସହିତ ପୂର୍ତ୍ତ, ପାନୀୟ ଜଳ, ପରିମଳ, ବିଦ୍ୟୁତ୍ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।



# ସାମ୍ବାଦିକଙ୍କ ପିତୃ ବିୟୋଗ

କାକଟପୁର, ୯।୩(ସମିସ): ମା' ମଙ୍ଗଳାଙ୍କ ବରିଷ୍ଠ ସେବାୟତ ତଥା କାକଟପୁର ଅଞ୍ଚଳର ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କୁମାର ଦୀକ୍ଷିତଙ୍କ ପିତା ଶରତ କୁମାର ଦୀକ୍ଷିତ(୯୧)ଙ୍କର ରବିବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ଜଣେ ସରକାରୀ ପ୍ରାଣୀ ଚିକିତ୍ସକ ଭାବେ ଅଞ୍ଚଳରେ ବେଶ୍ ସୁନାମ ଅର୍ଜନ କରିଥିଲେ। ଚାକିରିରୁ ଅବସର ପରେ ବିଭିନ୍ନ ଧର୍ମାନୁଷ୍ଠାନ ସହିତ ଜଡ଼ିତ ରହି ସମାଜସେବାରେ ନିଜକୁ ଉତ୍ସର୍ଗ କରିଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ୨ ପୁଅ ଅଞ୍ଜନ ଓ ପ୍ରଦୀପ୍ତ ମୁଖାଗ୍ନି ଦେଇଥିଲେ। ଶବାଧାରରେ ବରିଷ୍ଠ ଆଇନଜୀବୀ ଅନିଲ ଦୀକ୍ଷିତ, ସମିତିସଭ୍ୟ ସମରେନ୍ଦ୍ର ଦୀକ୍ଷିତ, ପୂର୍ବତନ ସରପଞ୍ଚ ତପନ ଦୀକ୍ଷିତ, ମାନସ ଦୀକ୍ଷିତ, ହରିହର ଦୀକ୍ଷିତ, ପୂଜାପଣ୍ଡା ଶରତ ଦୀକ୍ଷିତ, ସଞ୍ଜୟ ସାମଲ, କାକଟପୁର ପ୍ରେସ୍ କ୍ଲବ୍ ସଭାପତି କମଳ ଲୋଚନ ଦୀକ୍ଷିତ, ମଙ୍ଗଳା ମନ୍ଦିର ଉପଦେଷ୍ଟା କମିଟି ସଦସ୍ୟ ତୁଷାର ରଞ୍ଜନ ଦୀକ୍ଷିତ, ମଙ୍ଗଳା କ୍ରିକେଟ କ୍ଲବ୍ ସମ୍ପାଦକ ଶୁଭ୍ରାଂଶୁ ଭୂଷଣ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।



# 'ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ'କୁ ୧୦୦ ଦିନ

ଚାରିଛକ, ୯।୩(ସମିସ): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପୁରୀ ଜିଲ୍ଲାର ତମ୍ପାଲୋ ପଞ୍ଚାୟତରେ 'ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ'କୁ ୧୦୦ ଦିନ ପୂରଣ ଅବସରରେ ମହମବତି ଶୋଭାଯାତ୍ରା କରି ଉଦ୍‌ଯାପିତ ହୋଇଯାଇଛି। ଏହି ଅଭିଯାନ ଗତ ନଭେମ୍ବର ୨୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୮ ତାରିଖ ମହିଳା ଦିବସ ପର୍ଯ୍ୟନ୍ତ ୧୦୦ ଦିନ ପୂରଣ ହୋଇଛି। ରୁଚିକା ସମାଜ ମଙ୍ଗଳ ସଂଗଠନ ଦ୍ୱାରା ଆୟୋଜିତ ଶୋଭାଯାତ୍ରାରେ ଉକ୍ତ ପଞ୍ଚାୟତର ସମସ୍ତ ମହିଳା ନେତ୍ରୀ ବାଲ୍ୟ ବିବାହରୁ ବର୍ତ୍ତିଯାଇଥିବା ବାଳିକା, ଅଙ୍ଗନବାଡ଼ି କର୍ମୀ, ସ୍ଥାନୀୟ ସରପଞ୍ଚ ସସ୍ମିତା ଖଟୋଇ, ସମିତିସଭ୍ୟା ସୁମିତ୍ରା ସ୍ୱାଇଁ, ଗ୍ରାମର ସଭାପତି ଲିଙ୍ଗରାଜ ପଣ୍ଡା, ପୂର୍ବତନ ସରପଞ୍ଚ ରଚିଦାନନ୍ଦ ଖଟୋଇ, ୱାର୍ଡସଭ୍ୟା ସୁଚିତ୍ରା ସ୍ୱାଇଁ ଓ ପ୍ରିୟରଞ୍ଜନ ପାଢ଼ୀ ପ୍ରମୁଖ ଯୋଗଦେଇ ବାଲ୍ୟ ବିବାହମୁକ୍ତ ନିମନ୍ତେ ଶପଥପାଠ କରାଇଥିଲେ। ରୁଚିକା ସମାଜ ମଙ୍ଗଳ ସଂଗଠନର ସଂଯୋଜକ ହେମନ୍ତ କୁମାର ଦାସ, ହରପ୍ରିୟା ଖଟୋଇ, ତଟିନ ବିଶ୍ୱାଳ, ପ୍ରଦୀପ୍ତ ମୁଖି, ଫୁଲରାଣୀ ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୮୭ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ

ନିମାପଡ଼ା, ୯।୩(ସମିସ): ପୁରୀ ଜିଲ୍ଲା ଅବକାରୀ ବିଭାଗ ନିର୍ଦ୍ଦେଶକ ଜଗଦୀଶ ସାମଲଙ୍କ ନିର୍ଦ୍ଦେଶ କ୍ରମେ ନିମାପଡ଼ା ଅବକାରୀ ବିଭାଗ ଅଧିକାରୀ ପ୍ରଭାକର ସେଠୀ ସୋମବାର ଜଣେ ବ୍ରାଉନ୍‌ସୁଗର ବେପାରୀକୁ ଗିରଫ କରିବା ସହିତ ତା' ନିକଟରୁ ୮୭ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର ଜବତ କରିଥିବା ଜଣାପଡ଼ିଛି। ଜବତ ବ୍ରାଉନ୍‌ସୁଗରର ଆନୁମାନିକ ମୂଲ୍ୟ ୮ ଲକ୍ଷ ୭୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅଣ୍ଡିଆ ଶାସନ ଗ୍ରାମର ମାଧବାନନ୍ଦ ଦାଶ (୪୨) ନିମାପଡ଼ା ବଜାରରେ ଏକ ମେଡିସିନ ଦୋକାନ ସମ୍ମୁଖରେ ବ୍ରାଉନ୍‌ସୁଗର ବିକ୍ରି କରୁଥିବା ସମୟରେ ସୂଚନା ପାଇ ନିମାପଡ଼ା ଅବକାରୀ ବିଭାଗର ଅଧିକାରୀ ଶ୍ରୀ ସେଠୀ ତାଙ୍କ ଟିମ୍ ସହ ତତ୍‌କ୍ଷଣାତ୍ ସେଠାରେ ଚଢ଼ଉ କରି ମାଧବାନନ୍ଦକୁ କୋର୍ଟ ଚାଲଣ କରିଛି।

# ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା କାର୍; ବର୍ତ୍ତିଲେ ୬

ଗୋପ, ୯।୩(ସମିସ): ଗୋପ-କୋଣାର୍କ ପୂର୍ତ୍ତ ବିଭାଗ ରାସ୍ତାର ପାଟେଲିଆ ଛକ ନିକଟ ଶ୍ରୀକୁଞ୍ଜ ହୋଟେଲ ସମ୍ମୁଖରେ ଥିବା ଏକ ୧୧ କେଭି ବିଦ୍ୟୁତ୍ ଖୁଣ୍ଟରେ ଏକ କାର୍ ପିଟି ହେବା ଫଳରେ ୬ ଜଣ କଳାକାର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, କଟକର ଜିତୁ ମ୍ୟୁଜିକ୍‌ର କିଛି କଳାକାର ପୁରୀରୁ ଏକ କାର୍ଯ୍ୟକ୍ରମ ସାରି କୋଣାର୍କ ବୁଲାବୁଲି କରିବା ପରେ ଏକ କାର୍ ଯୋଗେ ନିମାପଡ଼ା ଅରିଷଣ୍ଡ ଗ୍ରାମରେ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିଲେ। ମାତ୍ର ଦିନ ୩ଟାରେ କାର୍‌ଟି ଭାରସାମ୍ୟ ହରାଇ ଗୋପ-କୋଣାର୍କ ରାସ୍ତାର ପାଟେଲିଆ ଛକ ନିକଟ ଶ୍ରୀକୁଞ୍ଜ ହୋଟେଲ ପାଖରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଏତେ ଜୋର୍‌ରେ ଧକ୍କା ହୋଇଥିଲା ଯେ, ବିଦ୍ୟୁତ୍ ଖୁଣ୍ଟଟି ଭାଙ୍ଗିପଡ଼ି କାର୍ ଉପରେ ପଡ଼ିଥିଲା। ଖବରପାଇ ଗୋପ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିଟିକୁ ଜବତ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।



# ଜନଶୁଣାଣିକୁ ଆସିଲେନି ଜିଲ୍ଲାପାଳ; ବ୍ଲକ୍‌ବାସୀ ଅସନ୍ତୁଷ୍ଟ

ଅସ୍ତରଙ୍ଗ, ୯।୩(ସମିସ)

ଅସ୍ତରଙ୍ଗ ବ୍ଲକ୍ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଜିଲ୍ଲାପାଳଙ୍କ ଅନୁପସ୍ଥିତି ଦେଖି ଅଭିଯୋଗ କରିବାକୁ ଆସିଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ପୂର୍ବରୁ କେତେକ ଅଭିଯୋଗ କରିଆସୁଥିଲେ ମଧ୍ୟ ତାହା ସମାଧାନ ହେଉ ନ ଥିବାରୁ ଅନ୍ୟ କେତେକ ଅଭିଯୋଗ କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ସେ ଯାହା ହେଉନା କାହିଁକି ବ୍ଲକ୍‌ସ୍ତରୀୟ ଏହି ଜନଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ଲୋଚନ ବେହେରା ଅଭିଯୋଗ ଶୁଣାଣି କରିଥିଲେ। ଅଭିଯୋଗ ପ୍ରକୋଷ୍ଠରେ ମୋଟ୍ ୮୦ଟି ଅଭିଯୋଗ ଗ୍ରହଣ ହେବାବେଳେ ଅଭିଯୋଗ କରିବାକୁ ଆସିଥିବା ଲୋକମାନେ ନାମ ପଞ୍ଜୀକରଣ କରିଥିଲେ।

ଅଭିଯୋଗ ମଧ୍ୟରେ ଭତ୍ତା, ପାନୀୟ ଜଳ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ଉନ୍ନୟନମୂଳକ କାର୍ଯ୍ୟ, ପିଡିଏସ୍, ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାରେ ବିଳମ୍ବ, ଅବକାରୀ, ମିଶନ ଶକ୍ତି, ସମ୍ମନ୍ୱିତ ମହିଳା ଶିଶୁ ବିକାଶ, ଜିଲ୍ଲା ପରିବହନ ବିଭାଗ ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କିତ ଲୋକମାନେ ଅଭିଯୋଗ କରିଥିଲେ। ଅଭିଯୋଗକାରୀଙ୍କ ଉପସ୍ଥିତିରେ ଅଭିଯୋଗଗୁଡ଼ିକୁ ଯାଞ୍ଚ କରି ତାହା କିପରି ସମାଧାନ ହେବ ସେ ବିଷୟରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟ ଅଭିଯୋଗଗୁଡ଼ିକୁ ଆବଶ୍ୟକ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ମୁଖ୍ୟ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତୀ ନାୟକ, ଅସ୍ତରଙ୍ଗ ବିଡିଓ ସସ୍ମିତା ବେହେରା, ତହସିଲ୍‌ଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଜିଲ୍ଲା ବନ ବିଭାଗ ଅଧିକାରିଣୀ ମୋନାଲିସା ମହାପାତ୍ର, ଅସ୍ତରଙ୍ଗ ସ୍ୱାସ୍ଥ୍ୟ ଅଧିକାରୀ ସଞ୍ଜୟ କୁମାର ପ୍ରଧାନ ଓ ଅନ୍ୟ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।




ଜନ୍ମେଜୟ ପଣ୍ଡା

# ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ମହିଳା ଦିବସ

କଣାସ, ୯।୩(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପକ୍ଷରୁ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଗଡ଼ିଶାଗୋଦା ଥାନା ଏଏସ୍‌ଆଇ କପିଳାସ ସାହୁ, ଆଇନଜୀବୀ ଶୁଭ୍ରାଂଶୁ ମିଶ୍ର ଯୋଗଦେଇ ଅନ୍ତର୍ଜାତୀୟ ମହିଳା ଦିବସ ସମ୍ପର୍କରେ ଅନେକ ତଥ୍ୟ ପ୍ରଦାନ କରିଥିଲେ। ଆଧୁନିକ ସମାଜରେ ଦିନକୁ ଦିନ ମହିଳାଙ୍କ ଉପରେ ନିର୍ଯାତନା ବଢ଼ି ବଢ଼ି ଚାଲିଥିବାରୁ ଉଦ୍‌ବେଗ ପ୍ରକାଶ କରିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାର ମହିଳାଙ୍କ ନିର୍ଯାତନା ରୋକିବା ପାଇଁ କଠୋର ପଦକ୍ଷେପ ନେଇଥିବା ସମ୍ପର୍କରେ ସୂଚନା ଦେଇଥିଲେ।

ନାମଲେଖା ନାମଲେଖା ନାମଲେଖା
ଶିକ୍ଷାବର୍ଷ ୨୦୨୬ - ୨୭ ନିମନ୍ତେ
ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଆମ୍ବଶାଳ
କାଳିକୁଦା, ଜଗତସିଂହପୁର
ଶ୍ରେଣୀ - ନର୍ସରୀ ଠାରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ

# ଶ୍ରୀକ୍ଷେତ୍ର ସିଟି

୯/୩/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୨୩,୨୨୯/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍





## ସିଆର୍‌ଜେଡ୍ ନିୟମକୁ ଫୁ'

# ସମୁଦ୍ର କୂଳରେ ଚାଲିଛି ବେଆଇନ ନିର୍ମାଣ



**ପୁରୀ, ୯।୩(ସମିସ):** ପୁରୀ ସହରରେ ନିୟମ କାନୁନ୍ ବୋଲି କିଛି ନାହିଁ। ଯୁଆଡ଼େ ଦେଖିବ ଖାଲି ମାଳମାଳ ବେଆଇନ କାମ। ବିଶେଷକରି ଜମିଜମା ଏବଂ ନିର୍ମାଣକୁ ନେଇ ପୁଳାପୁଳା ଅଭିଯୋଗ ଆସୁଛି। ସିଆର୍‌ଜେଡ୍‌କୁ ତ ଖୁଲମ୍‌ଖୁଲା ଉଲ୍ଲଂଘନ କରାଯାଉଛି। କିନ୍ତୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ବେଆଇନକାରୀଙ୍କ ସାହସ ବଢୁଛି। ଏବେ ସମୁଦ୍ର କୂଳରେ ବେଆଇନ ନିର୍ମାଣ କରାଯାଉଥିବା ନେଇ ଅଭିଯୋଗ କରିଛନ୍ତି ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି।

ଅତି ସମ୍ବେଦନଶୀଳ ପୁରୀ ବେଳାଭୂମିରେ ଚାଲିଛି ବେଆଇନ ନିର୍ମାଣ। ପେଣ୍ଟକଟା ସମୁଦ୍ର ବେଳାଭୂମିରେ ଦିନ ଦ୍ୱିପ୍ରହରରେ ଏହି ନିର୍ମାଣ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସମୁଦ୍ର କୂଳଠାରୁ ମାତ୍ର କିଛି ଫୁଟ୍ ଦୂରତାରେ କଂକ୍ରିଟ ପିଲାର ନିର୍ମାଣ ହେଉଥିବାବେଳେ ପ୍ରଶାସନିକ କଳ ଚୁପ୍ ବସିଛି। ସିଆର୍‌ଜେଡ୍ ନିୟମର ଖୁଲମ୍‌ଖୁଲା ଉଲ୍ଲଙ୍ଘନ କରାଯାଇ ନିର୍ମାଣ ଜାରି ରହିଥିବାବେଳେ ଏହାକୁ ତୀବ୍ର ବିରୋଧ କରିଛନ୍ତି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି। ସେ କହିଛନ୍ତି, ବେଳାଭୂମିରେ ନିର୍ମାଣ ପାଇଁ କେହି ବି ଅନୁମତି ଦେଇ ନ ଥିବେ। ହେଲେ ଅନୁମତି ନ ଥିବା ସତ୍ତ୍ୱେ ନିର୍ମାଣ ଚାଲିଛି। ଅନ୍ୟପକ୍ଷରେ ପେଣ୍ଟକଟା ବେଳାଭୂମି ଏକ ବିସ୍ତୀର୍ଣ୍ଣ ବେଳାଭୂମି ହୋଇଥିବାବେଳେ ଏଠାରେ ମତ୍ସ୍ୟଜୀବୀମାନେ ବସବାସ କରିଥା'ନ୍ତି। ସମୁଦ୍ରର ଅତି ନିକଟରେ ସେମାନଙ୍କର ଘର ରହିଥିବାବେଳେ ବିଭିନ୍ନ ବାତ୍ୟାର ପ୍ରଭାବରେ ଘର ଭାଙ୍ଗି ନଷ୍ଟ ହୋଇଥିବା ନଜିର ରହିଛି। ଏହି ନିର୍ମାଣ କରି ସେମାନେ ଭୁଲ୍ କରିନାହାନ୍ତି ବୋଲି ମତ ରଖିଛନ୍ତି।

ମତ୍ସ୍ୟଜୀବୀ ସଂଘର କେ. ଜଗନ୍ନାଥ ରାଓ କହିଛନ୍ତି, ପେଣ୍ଟକଟା ମତ୍ସ୍ୟଜୀବୀମାନଙ୍କ ସୁବିଧା ପାଇଁ ଏଭଳି ଏକ ଅସ୍ଥାୟୀ ସେଡ୍ ନିର୍ମାଣ କରାଯାଉଛି। ନିର୍ମାଣ ନେଇ ସେଭଳି କୌଣସି ଅନୁମତିର ଆବଶ୍ୟକତା ନାହିଁ। ଅନ୍ୟପକ୍ଷରେ ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି, ଏହି ନିର୍ମାଣ ସଂକ୍ରାନ୍ତରେ ତାଙ୍କ ପାଖରେ ଖବର ପହଞ୍ଚିଛି। କାହା ଅନୁମତି ନେଇ ସେମାନେ ଏହି ଘର ତିଆରି କରୁଛନ୍ତି ନା ମନଇଚ୍ଛା ନିର୍ମାଣ କରୁଛନ୍ତି ଏହାର ତଦନ୍ତ କରାଯିବ। ଯଦି ବେଆଇନ ଭାବେ ଏହାକୁ ନିର୍ମାଣ କରୁଥିବେ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ବେହେରା ମତ ଦେଇଛନ୍ତି।

## ଶ୍ରୀମନ୍ଦିରରେ ଖସାପଡ଼ା ନୀତି ସମ୍ପନ୍ନ

**ପୁରୀ, ୯।୩(ସମିସ):** ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ଖସାପଡ଼ା ଲାଗି ନୀତି ସମ୍ପନ୍ନ ହୋଇଛି। ଅପରାହ୍ଣ ୫ଟା ୨୫ରେ ଦ୍ୱିତୀୟ ଭୋଗମଣ୍ଡପ ସରିଥିଲା। ୫ଟା ୩୫ରେ ଲକ୍ଷ୍ମୀ ସରସ୍ୱତୀ ଖଟଶେଯ ଘରକୁ ବିଜେ କରିବା ପରେ ୫ଟା ୪୦ରେ ମଇଲମ ବଢ଼ିଥିଲା। ଏହାପରେ ସନ୍ଧ୍ୟା ୬ଟା ୧୫ରେ ଖସାପଡ଼ା ଲାଗିକୁ ଦଇତାପତିମାନେ ପ୍ରବେଶ କରିଥିଲେ। ନୀତି ଶେଷ ପରେ ମହାସ୍ନାନ କରାଯାଇଥିଲା। ଖସାପଡ଼ା ହେଉଛି ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ପୂର୍ବଦିନରୁ ଦେଉଳକରଣ ଧଳାକନା ଶୁଖାଇ ଗାରଦରେ ଜମା ଦେଇଥା'ନ୍ତି। ଶୁଦ୍ଧସୁଆର ଖଳି, କଇଁଥ ଅଠା ଯୋଗାଇଥା'ନ୍ତି। ମଧ୍ୟାହ୍ନ ଧୂପ ପରେ ଜୟ ବିଜୟ ଦ୍ୱାର ବନ୍ଦ ହୁଏ। ବେହେରଣ ଦ୍ୱାର ଦେଇ ଦଇତାପତି ସେବକମାନେ ଗର୍ଭଗୃହକୁ ଯାଇ ରତ୍ନସିଂହାସନ ଉପରେ ମହାପ୍ରଭୁଙ୍କ ଏହି ଗୁପ୍ତ ନୀତି ସମ୍ପନ୍ନ କରିଥା'ନ୍ତି। ଧଳାକନା, ଖଳି ଓ କଇଁଥ ଅଠାକୁ ବ୍ୟବହାର କରି ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସଜାଇଥା'ନ୍ତି।

## ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ବିଶ୍ୱନିୟନ୍ତାଙ୍କୁ ଗୁହାରି

**ପୁରୀ, ୯।୩(ସମିସ):** ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ବିଶ୍ୱନିୟନ୍ତାଙ୍କୁ ଗୁହାରି କରିଛି ଶ୍ରୀଜଗନ୍ନାଥ ଚାରିଟେବୁଲ୍ ଟ୍ରଷ୍ଟ। ଟ୍ରଷ୍ଟ ସଦସ୍ୟ କହିଛନ୍ତି, ସମ୍ପ୍ରତି ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ସଂଗଠିତ ଯୁଦ୍ଧର ବିଭୀଷିକା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଛି। ଏ ଯୁଦ୍ଧ ଜାରି ରହିଲେ ଆନ୍ତର୍ଜାତିକ ବଜାରର ସ୍ଥିତି ବ୍ୟାପକ ଭାବେ ପ୍ରଭାବିତ ହୋଇପାରେ। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆମଦାନୀ ଓ ରପ୍ତାନି କ୍ଷେତ୍ରରେ ପ୍ରତିବନ୍ଧକ ଉପୁଜିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ବିଶେଷକରି ଅତ୍ୟାବଶ୍ୟକ ତୈଳର ଅସ୍ୱାଭାବିକ ମୂଲ୍ୟ ବୃଦ୍ଧି ଅର୍ଥନୈତିକ ସଙ୍କଟ ସୃଷ୍ଟି କରିପାରେ। ଯୁଦ୍ଧରେ ବ୍ୟାପକ କ୍ଷୟକ୍ଷତିକୁ ଭରଣା କରିବା ଦୁରୁହ ବ୍ୟାପାର। ଏଭଳି ଏକ ବିଷମ ପରିସ୍ଥିତିରେ ଦେଶ ଦେଶ ମଧ୍ୟରେ ଶାନ୍ତି, ମୈତ୍ରୀ, ସଂହତି ଏବଂ ସଦ୍‌ଭାବନା ବଜାୟ ରହିବା ଅପରିହାର୍ଯ୍ୟ। ଏହି ଯୁଦ୍ଧ ଆସନ୍ତା ସମୟରେ ତୃତୀୟ ବିଶ୍ୱ ଯୁଦ୍ଧର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବୁଦ୍ଧିଜୀବୀ ମତ ରଖୁଛନ୍ତି। ତେଣୁ ଶ୍ରୀକ୍ଷେତ୍ରାଧିପତି ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସାରା ଜଗତର ନାଥ। ସେ ହେଉଛନ୍ତି ବିଶ୍ୱନିୟନ୍ତା। କରୁଣାମୟ, ଇଚ୍ଛାମୟ ଓ ଦୟାମୟ। ମହାପ୍ରଭୁ ଇଚ୍ଛା କଲେ ସକଳ ବିପତ୍ତି ଟଳିଯିବ। ବିଶ୍ୱ ପିତା ବିଶ୍ୱ ପତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶିଷର ଧାରା ବର୍ଷିଯାଉ ସାରା ବିଶ୍ୱରେ। ଉପୁଜିଥିବା ଯୁଦ୍ଧର ବିରତି ଘଟୁ ଏବଂ ସାରା ବିଶ୍ୱରେ ଖେଳିଯାଉ ଶାନ୍ତିର ଲହରୀ। ବିଶ୍ୱନିୟନ୍ତାଙ୍କ ନିକଟରେ ଏତିକି କାମନା କରି ଟ୍ରଷ୍ଟ କର୍ମକର୍ତ୍ତା ରବିବାର ଶ୍ରୀମନ୍ଦିର ସମ୍ମୁଖରେ ଦୀପଦାନ, ପ୍ରଦୀପ ପ୍ରଜ୍ୱଳନ ଓ ଶୁଭଫଳ ପ୍ରଦାନକାରୀ ନଡ଼ିଆ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଟ୍ରଷ୍ଟ ସଭାପତି ଦମନ ମହାନ୍ତି, କେଦାର ସ୍ୱାଇଁ, ତପନ ନାଥ, ଶଶିକାନ୍ତ ନାଥ, ଦୀପ୍ତିରଞ୍ଜନ ସେଠୀ, ଅବିନାଶ ସ୍ୱାଇଁ, ସ୍ୱରାଜ ପତ୍ରି, ଜୟନ୍ତ ମହାନ୍ତି, ଜିତେନ୍ ସାହୁ, ଦେବଦତ୍ତ ଭଗତ ପ୍ରମୁଖ ଉପସ୍ଥିତ ଥିଲେ।

● ୨୩ରୁ ଧର୍ମ ତ୍ରିଶୂଳ ମହାଯାତ୍ରା

## ୧,୧୨୩ ଦିନରେ ପରିକ୍ରମା କରିବେ ୧୦,୮୦୦ ମନ୍ଦିର

**ପୁରୀ, ୯।୩(ସମିସ):** ଆସନ୍ତା ଧର୍ମ ତ୍ରିଶୂଳ ମହାଯାତ୍ରା ସମ୍ବନ୍ଧରେ ସୋମବାର ଶ୍ରୀଲୋକନାଥ ମନ୍ଦିର ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତ୍ରିଶୂଳ ମହାଯାତ୍ରାର ଦୃଷ୍ଟିକୋଣ, ଗଠନ ଓ ରୋଡ୍‌ମ୍ୟାପ୍ ସମ୍ବନ୍ଧରେ ବିସ୍ତୃତ ତଥ୍ୟ ଉପସ୍ଥାପିତ କରାଯାଇଥିଲା। ଏହି ମହାଯାତ୍ରା ଆଦି ଶଙ୍କରାଚାର୍ଯ୍ୟଙ୍କ ଆଧ୍ୟାତ୍ମିକ ଦର୍ଶନ ଓ ୪ଟି ଶଙ୍କରାଚାର୍ଯ୍ୟ ପୀଠର ଆଦର୍ଶରୁ ପ୍ରେରଣା ପ୍ରାପ୍ତ ହୋଇଛି। ଏହି ପଦଯାତ୍ରା ଚଳିତ ମାସ ୨୩ରୁ ଆରମ୍ଭ ହୋଇ ୨୩ ଏପ୍ରିଲ ୨୦୨୯ ପର୍ଯ୍ୟନ୍ତ ମୋଟ ୧,୧୨୩ ଦିନ ଧରି ଚାଲିବ। ଏହି ମହାଯାତ୍ରା ଶ୍ରୀଜଗନ୍ନାଥ ଧାମ ପୁରୀରୁ ଆରମ୍ଭ ହୋଇ ଶ୍ରୀଦ୍ୱାରକାଧୀଶ ଧାମ ଦ୍ୱାରକାରେ ସମାପ୍ତ ହେବ ଓ ଭାରତର ୨୮ଟି ରାଜ୍ୟ ଓ ପ୍ରାୟ ୮୦୦ଟି ଜିଲ୍ଲା ଅତିକ୍ରମ କରିବ। ଏହି ଆଧ୍ୟାତ୍ମିକ ଓ ସାଂସ୍କୃତିକ ଯାତ୍ରା ସମୟରେ ପଦଯାତ୍ରା ୧୨ଟି ଜ୍ୟୋତିର୍ଲିଙ୍ଗ, ୫୧ଟି ଶକ୍ତିପୀଠ, ୧୦୮୦ଟି ପ୍ରମୁଖ ମନ୍ଦିର ଓ ପ୍ରାୟ ୧୦ ହଜାର ୮୦୦ଟି ଅନ୍ୟାନ୍ୟ ମନ୍ଦିର ପରିଦର୍ଶନ କରିବାର ଲକ୍ଷ୍ୟ ରଖିଛି। ଏହି ମହାଯାତ୍ରା ମାଧ୍ୟମରେ ସନ୍ଥମହନ୍ତ, ଆଧ୍ୟାତ୍ମିକ ସଂସ୍ଥା, ସାମାଜିକ ସଂଗଠନ ଓ ଭକ୍ତମାନଙ୍କ ସହ ଯୋଗାଯୋଗ ସ୍ଥାପନ କରି ସନାତନ ଧର୍ମ ଓ ସାଂସ୍କୃତିକ ଏକତାକୁ ପ୍ରୋତ୍ସାହିତ କରାଯିବ।

> ୧୨ ଜ୍ୟୋତିର୍ଲିଙ୍ଗ, ୫୧ ଶକ୍ତିପୀଠ ଓ ୧୦୮୦ ପ୍ରମୁଖ ମନ୍ଦିରରେ ପହଞ୍ଚିବାକୁ ଲକ୍ଷ୍ୟ

ମହାଯାତ୍ରାରେ ଗୋ-ରକ୍ଷା, ନନ୍ଦୀ ମନ୍ଦିର ସ୍ଥାପନା, ସନାତନ ସଂସ୍କାର ଓ ବୈଦିକ ସଂସ୍କୃତିର ପୁନରୁଜ୍ଜୀବନ, ହିନ୍ଦୁ ଏକତା ଓ ସାମାଜିକ ସଚେତନତା, ପରିବେଶ ସୁରକ୍ଷା, ପ୍ଲାଷ୍ଟିକ୍‌ମୁକ୍ତ ଓ ଦାୟିତ୍ୱଶୀଳ ଜୀବନଶୈଳୀ ପ୍ରଚାର ପରି ବିଭିନ୍ନ ବିଷୟକୁ ଉତ୍ତୋଳନ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ରାଷ୍ଟ୍ରୀୟ ସ୍ୱରାଜର ଅଧ୍ୟକ୍ଷ ଜ୍ଞାନରଞ୍ଜନ ମହାପାତ୍ର ଓ ସଂଗଠନର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହି ମହାଯାତ୍ରାର ଉଦ୍ଦେଶ୍ୟ, ରୁଟ୍ ପ୍ଲାନ୍, ସାମାଜିକ ପଦକ୍ଷେପ ଓ ସାଧାରଣ ଲୋକଙ୍କ ଅଂଶଗ୍ରହଣ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ।

## ବାଲୁକା ଆନିମେସନରେ ଭାରତୀୟ କ୍ରିକେଟ ଦଳକୁ ଅଭିନନ୍ଦନ




**ପୁରୀ, ୯।୩(ସମିସ):** ଟି-୨୦ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଲାଗାତର ଦ୍ୱିତୀୟଥର ପାଇଁ ଚାମ୍ପିଅନ ହୋଇଛି ଭାରତ। ଏହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବ ଏବଂ ଗୌରବର ବିଷୟ ହୋଇଥିବାବେଳେ ଭାରତୀୟ କ୍ରିକେଟିୟରଙ୍କୁ ବିଭିନ୍ନ ମହଲରୁ ଛୁଟୁଛି ଶୁଭେଚ୍ଛାର ସୁଅ। ଏହି ପରିପ୍ରେକ୍ଷୀରେ ଭାରତୀୟ ଦଳକୁ ବାଲୁକା ଆନିମେସନରେ ଅଭିନନ୍ଦନ ଜଣାଇଛନ୍ତି ପ୍ରସିଦ୍ଧ ବାଲୁକା ଶିଳ୍ପୀ ମାନସ କୁମାର ସାହୁ। ମାନସ ତାଙ୍କ ଷ୍ଟୁଡିଓରେ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇବା ପାଇଁ ଏକ ସ୍ୱତନ୍ତ୍ର ବାଲୁକା ଆନିମେସନ ପ୍ରସ୍ତୁତ କରିଥିଲେ। ପ୍ରାୟ ଦୁଇ ଘଣ୍ଟା ସମୟ ଲାଗିଥିବା ଏହି କଳାକୃତିରେ ସେ ଭାରତର ବିଜୟ ଏବଂ ଜାତୀୟ ଗର୍ବର ଭାବନାକୁ ସୁନ୍ଦର ଭାବେ ପ୍ରତିଫଳିତ କରିଥିଲେ। ଏହି ସୃଜନଶୀଳ କଳାକୃତି ମାଧ୍ୟମରେ ଭାରତୀୟ ଦଳର ଉଲ୍ଲେଖନୀୟ ସଫଳତା ପାଇଁ ମାନସ ଖୁସି ଏବଂ ସମ୍ମାନ ପ୍ରଦର୍ଶନ କରିଛନ୍ତି। ମାନସ କହିଛନ୍ତି ଯେ, ଏହି ଐତିହାସିକ ବିଜୟ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ। ସେ ତାଙ୍କର ଅନନ୍ୟ ବାଲୁକା ଆନିମେସନ ମାଧ୍ୟମରେ ବିଜୟ ଉତ୍ସବ ପାଳନ କରିଛନ୍ତି।

### ଆଗକୁ ରଥଯାତ୍ରା

## ପୂର୍ବ ପ୍ରସ୍ତୁତିର ସମୀକ୍ଷା କଲେ ଏସ୍‌ପି

**ପୁରୀ, ୯।୩(ସମିସ):** ଆଗକୁ ଆସୁଛି ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ତେଣୁ ସମଗ୍ର ପୁରୀ ଜିଲ୍ଲାରେ ସୁରକ୍ଷା, ଯାତାୟାତ ଓ ଶୃଙ୍ଖଳା ରକ୍ଷା ପାଇଁ ପୁରୀ ପୁଲିସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଏହି ପରିପ୍ରେକ୍ଷୀରେ ସୋମବାର ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଏସ୍‌ପି ପ୍ରତୀକ୍ ସିଂଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ରଥଯାତ୍ରା ସମୟରେ ଲକ୍ଷାଧିକ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା, ଯାତାୟାତ ପରିଚାଳନା, ଭିଡ଼ ନିୟନ୍ତ୍ରଣ, ଆପତ୍‌କାଳୀନ ସହାୟତା ଓ ବିଭିନ୍ନ ବିଭାଗ ସହ ସମନ୍ୱୟ ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ସମସ୍ତ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ଏସ୍‌ପି ଶ୍ରୀ ସିଂ ଅଧିକାରୀମାନଙ୍କୁ ରଥଯାତ୍ରା ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା, ଭକ୍ତମାନଙ୍କ ସୁବିଧା ଓ ସୁରକ୍ଷା ପ୍ରତି ବିଶେଷ ଗୁରୁତ୍ୱ ଦେଇ ଦାୟିତ୍ୱପୂର୍ଣ୍ଣ ଭାବେ କାର୍ଯ୍ୟ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ।

ସେହିପରି ପୂର୍ବ ପ୍ରସ୍ତୁତି ସମ୍ବନ୍ଧୀୟ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା, ଆଧୁନିକ ପ୍ରଯୁକ୍ତିର ବ୍ୟବହାର, ସିସିଟିଭି ନିରୀକ୍ଷଣ ଓ ଆବଶ୍ୟକ ସ୍ଥାନରେ ନାକା ଚେକିଂ ବ୍ୟବସ୍ଥାକୁ ଜୋର୍‌ଦାର କରିବାକୁ କହିଥିଲେ। ବୈଠକରେ ଶ୍ରୀମନ୍ଦିର ସୁରକ୍ଷା ବାଟାଲିୟନର ମୁଖ୍ୟ ତାପସ ଦାସ, ଡିସି କୌଶିକ ନାୟକ, ଦୀପକ ଗଡ଼ନାୟକ, ଅତିରିକ୍ତ ଏସ୍‌ପି ସୁଶିଲ ମିଶ୍ର, ଦେବ ପ୍ରତାପ, ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ, ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର ଏବଂ ସିଟି ସବ୍‌ଡିଭିଜନ ଅଧୀନରେ ଥିବା ସମସ୍ତ ଥାନାର ଆଇଆଇସି ଉପସ୍ଥିତ ଥିଲେ।



## 'ମହିଳାଙ୍କ ଉନ୍ନତିରେ ଦେଶର ପ୍ରଗତି'

**ପୁରୀ, ୯।୩(ସମିସ):** ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ରବିବାର ସଙ୍ଗଶ୍ରୀ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ ଯୋଗଦେଇ କହିଥିଲେ ଯେ, ମହିଳାଙ୍କ ଉନ୍ନତିରେ ଦେଶର ପ୍ରଗତି ହୋଇଥାଏ। ବିଜୁବାବୁ ଦେଶରେ ପ୍ରଥମେ ପଞ୍ଚାୟତିରାଜ ବ୍ୟବସ୍ଥାରେ ୩୩ ପ୍ରତିଶତ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ କରି ଇତିହାସ ସୃଷ୍ଟି କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ମହିଳାମାନେ ଏକତ୍ରିତ ହୋଇ ପ୍ରତ୍ୟେକଙ୍କ ଅସୁବିଧା ସମୟରେ ଠିଆ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସିବିଆଇର ପ୍ରାକ୍ତନ ଆଇନ ପରାମର୍ଶଦାତା ରାଜଶ୍ରୀ ମହାପାତ୍ର, ଆଇନଜୀବୀ ଶୁକ୍ଳା ରାୟ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ବରିଷ୍ଠ ସାମ୍ବାଦିକ ବିଜୟ ମିଶ୍ର, ପଣ୍ଡିତ ସୂର୍ଯ୍ୟ ନାରାୟଣ ରଥ, ଦୃଷ୍ଟିର ନିର୍ଦ୍ଦେଶକ ନାରାୟଣ ଦାଶ, ବରିଷ୍ଠ କ୍ରୀଡ଼ା ସଂଗଠକ ରବିଶଙ୍କର ପ୍ରତିହାରୀ, ଫାଉଣ୍ଡେସନର ଲିଗାଲ୍ ଆଡ୍‌ଭାଇଜର ଭଗବାନ ପଢ଼ିଆରୀ ପ୍ରମୁଖ ମଞ୍ଚାସୀନ ହୋଇ ମହିଳାମାନଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବାରୁ ଖୁସିବ୍ୟକ୍ତ କରିଥିଲେ।

ଅନୁଷ୍ଠାନର ନିର୍ଦ୍ଦେଶିକା ଅରୁଣିମା ନନ୍ଦ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ସଭାନେତ୍ରୀ ରତ୍ନମଣି ନାୟକ, ସମ୍ପାଦିକା ପଦ୍ମିନୀ ବେହେରା, ସହ ସମ୍ପାଦିକା ମମତା ମିଶ୍ର, ସଂଯୋଜିକା ବିଚିତ୍ରା ମିଶ୍ର, ନୃତ୍ୟଗୁରୁ ମନିଷା ମହାନ୍ତି, ନାରାୟଣ ବେଜ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସୋନି ଟିଭିର ମାଷ୍ଟର ସେଫ୍‌ରେ ସଫଳତା ପାଇଥିବା ଶ୍ରୀକ୍ଷେତ୍ରର ପୂର୍ବତନ ପୌରସଦସ୍ୟା ଅଞ୍ଜୁ ପ୍ରଧାନଙ୍କୁ ଭୂୟଶୀ ପ୍ରଶଂସା କରିବା ସହ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ହୋଇଥିବା ଝୋଟି, ମ୍ୟୁଜିକ୍ ଚେୟାର, ହୁଳହୁଳି, କବିତାପାଠ, ଚିଟ୍ ଉଠାଣ ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂଯୋଜକ ଲଲାଟେନ୍ଦୁ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭ୍ୟାମାନେ ଗୀତିନାଟ୍ୟ, ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ସଭାନେତ୍ରୀ ରତ୍ନମଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ମହିଳା ସଦସ୍ୟା ଏକ ରଙ୍ଗର ଶାଢ଼ି ପିନ୍ଧି ମଞ୍ଚରେ ସ୍ୱାଗତ ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ବେଶ୍ ଆକର୍ଷିତ ହୋଇଥିଲା।



## ରୋଗୀଙ୍କୁ ଫଳ ବାଣ୍ଟିଲା ମହିଳା ମହାସଂଘ

**ପୁରୀ, ୯।୩(ସମିସ):** ମହିଳା ଦିବସ ଅବସରରେ କୁମ୍ଭାରପଡ଼ା ଆଞ୍ଚଳିକ ମହିଳା ମହାସଂଘ ୱାର୍ଡ ନଂ-୨୨ ତରଫରୁ ଯକ୍ଷ୍ମା ଓ ସଂକ୍ରାମକ ରୋଗ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇ ମାନବତାର ସନ୍ଦେଶ ପ୍ରଦାନ କରାଯାଇଥିଲା। ଏହି ସେବାମୂଳକ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ପୂର୍ବତନ ପୌର ସଦସ୍ୟ ସୁଦର୍ଶନ ସାହୁ, ସ୍ମିତାଞ୍ଜଳି ପତି ପ୍ରମୁଖ ଯୋଗଦେଇ ମହିଳାମାନଙ୍କ ଏହି ଉଦ୍ୟମକୁ ସ୍ୱାଗତ କରିଥିଲେ। ସମାଜରେ ସେବା, ସମ୍ବେଦନା ଓ ସହଯୋଗର ଭାବନାକୁ ଆଗକୁ ବଢ଼ାଇବା ପାଇଁ କୁମ୍ଭାରପଡ଼ା ଆଞ୍ଚଳିକ ମହିଳା ମହାସଂଘର ସମ୍ପାଦିକା ମାମିନା ସିହ୍ନା, ସଭାନେତ୍ରୀ ନମିତା ମିଶ୍ର ଓ ମହାସଂଘ ସହ ଜଡ଼ିତ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

## ଭିନ୍ନକ୍ଷମ ମହିଳାଙ୍କୁ ରାସନ ସାମଗ୍ରୀ ବଣ୍ଟନ

**ପୁରୀ, ୯।୩(ସମିସ):** ମହିଳା ଦିବସ ଅବସରରେ ରବିବାର ପୁରୀ ଆର୍ଟ ଅଫ୍ ଲିଭିଙ୍ଗ୍ ପରିବାରରେ ସକାଳୁ ରାତ୍ରି ପର୍ଯ୍ୟନ୍ତ ବିଭିନ୍ନ ସେବା କାର୍ଯ୍ୟ କରାଯାଇଥିଲା। ୧୬ଜଣ ଭିନ୍ନକ୍ଷମ ମହିଳାଙ୍କୁ ରାସନ ସାମଗ୍ରୀ ବଣ୍ଟନ, ବଳଭଦ୍ର ପାଟଣା, ବ୍ରହ୍ମଗିରି ହଳଦିଆ ନିକଟ ଗ୍ରାମର ଆଶାକର୍ମୀ ଭାବେ କାର୍ଯ୍ୟରତ ରତନୀ ବେହେରାଙ୍କୁ ୨୦୨୬ ସେବା ସମ୍ମାନ ଦିଆଯାଇଥିଲା। ଉତ୍ତମ ସେବା ପାଇଁ ସଂଘମିତ୍ରା ମହାନ୍ତି, ସସ୍ମିତା ପାତ୍ର, ଡ. ଜ୍ୟୋତି ରାଉତ, ଅରୁଣ ମହାନ୍ତି, ସଂଘମିତ୍ରା ଦାସଙ୍କୁ ସମ୍ମାନିତ କରାଯାଇଥିଲା। ମହିଳାମାନଙ୍କୁ ଧ୍ୟାନର ଉପକାରିତା ସମ୍ବନ୍ଧରେ ବୁଝାଇବା ସହିତ ଧ୍ୟାନ କରାଯାଇଥିଲା। ବାଲ୍ୟ ବିବାହ ରୋକିବା, ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତିଜ୍ଞା କରାଯାଇଥିଲା। ମହିଳାମାନେ ଧୀର, ନମ୍ର ଏବଂ ଆବଶ୍ୟକ ସମୟରେ କଠୋର ହେବା ପାଇଁ ପ୍ରଶିକ୍ଷକ ଅଶୋକ ମିଶ୍ର ଏବଂ ଗୀତା ଜେମାଙ୍କ ଦ୍ୱାରା ଉପଦେଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମହିଳା କ୍ଲବ୍ ସମ୍ପାଦକ ସୁଚିସ୍ମିତା ମହାନ୍ତି, ସଭାପତି ସଂଘମିତ୍ରା ମହାନ୍ତି ଏବଂ ଜିଲ୍ଲା ସଂଯୋଜକ ବ୍ରଜକିଶୋର ସାହୁ ପରିଚାଳନା କରିଥିଲେ।



# ପର୍ଯ୍ୟଟକଙ୍କୁ ଶୋଷଣ; ପ୍ରଶାସନର ନିଘା ନାହିଁ

**ପୁରୀ, ୯।୩(ସମିସ):** ଅନ୍ତର୍ଜାତୀୟ ପର୍ଯ୍ୟଟନ ତଥା ଆଧ୍ୟାତ୍ମିକ ସହର ପୁରୀ। ଏଠାକୁ ପ୍ରତ୍ୟେକ ଦିନ ଦେଶ ବିଦେଶରୁ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଆସିଥା'ନ୍ତି। ହେଲେ ବିଭିନ୍ନ ସମୟରେ ପର୍ଯ୍ୟଟକ ଶୋଷଣର ଶିକାର ହେଉଥିବା ଅଭିଯୋଗ ଶୁଣିବାକୁ ମିଳିଥାଏ। ପର୍ଯ୍ୟଟକମାନେ ଏମିତି ଏକ ଆର୍ଥିକ ଶୋଷଣର ଶିକାର ହୁଅନ୍ତି ପ୍ରତିବାଦ କରିବାକୁ ଚାହିଁଲେ ବି ସେମାନେ ମୁହଁ ଖୋଲିପାରୁ ନାହାନ୍ତି। ହୋଟେଲ ମାଲିକଙ୍କ ମନମାନୀ ସେମାନଙ୍କ ଉପରେ ଭାରି ପଡୁଛି। ଏମିତି ବି ସ୍ୱର ଉଠାଇ ରୋଷର ଶିକାର ହେବାକୁ ପ୍ରାୟ ପସନ୍ଦ କରି ନ ଥା'ନ୍ତି। ପୁରୀ ସହରରେ ହାତଗଣତି କିଛି ହୋଟେଲକୁ ଛାଡ଼ିଦେଲେ ପ୍ରାୟ ସବୁ ହୋଟେଲ, ଲଜ୍‌ରେ ପର୍ଯ୍ୟଟକଙ୍କୁ ଦିଆଯାଉଛି ଚେକ୍ ଆଉଟ୍ ଯାତନା। ଅର୍ଥାତ୍ ଚେକ୍ ଆଉଟ୍ କରିବାର ସମୟକୁ ନିର୍ଦ୍ଦିଷ୍ଟ ରଖି ଏଭଳି ମନମାନୀ ଚଳାଇଛନ୍ତି ହୋଟେଲ, ଲଜ୍‌ର ମାଲିକମାନେ। ପ୍ରଶାସନିକ ଅଧିକାରୀ ଏ ବିଷୟରେ ଅବଗତ ଥାଇ ମଧ୍ୟ ଚୁପ୍ ରହୁଛନ୍ତି। ଫଳରେ ପୁରୀକୁ ଆସି ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି ଭକ୍ତ ଓ ପର୍ଯ୍ୟଟକ।

ପୁରୀକୁ ଦୈନିକ ଦେଶ ବିଦେଶରୁ ହଜାର ହଜାର ପର୍ଯ୍ୟଟକ ଆସିଥା'ନ୍ତି। ସାଧାରଣ ଦିନ ଅପେକ୍ଷା ପର୍ବପର୍ବାଣି ଏବଂ ଛୁଟି ଦିନରେ ହୋଟେଲରେ ରୁମ୍ ମିଳିବା କଷ୍ଟକର ହୋଇପଡ଼େ। ଏହାକୁ ନଜରରେ ରଖି ସହରରେ ଛୋଟବଡ଼ ପ୍ରାୟ ୧୨୦୦ରୁ ଅଧିକ ହୋଟେଲ, ଲଜ୍ ଆଦି ରହିଛି। ପୁରୀକୁ ଭକ୍ତ, ପର୍ଯ୍ୟଟକ ଆସିବା ଦ୍ୱାରା ଏହାର ଅର୍ଥନୀତି ମଧ୍ୟ ସଶକ୍ତ ହେଉଛି, ଯାହା ଏକ ଶୁଭ ସଙ୍କେତ। ହେଲେ ଯେଉଁ ପର୍ଯ୍ୟଟକମାନେ ପୁରୀର ଅର୍ଥନୀତିକୁ ସୁଦୃଢ଼ କରିବାରେ ସହଯୋଗ ରଖୁଛନ୍ତି ସେମାନଙ୍କୁ କିନ୍ତୁ ଏଠାରେ ବିଭିନ୍ନ ଉପାୟରେ ଶୋଷଣ କରାଯାଉଛି। ସେଥିମଧ୍ୟରୁ ହୋଟେଲ ଶିଳ୍ପ କଥା ବିଚାର କଲେ ଏଠାରେ ମଧ୍ୟ ପର୍ଯ୍ୟଟକଙ୍କୁ ଚେକ୍ ଆଉଟ୍ ଯାତନା ଦିଆଯାଉଛି। ପର୍ଯ୍ୟଟକଙ୍କୁ ଉତ୍ତମ ସେବା ଓ ସୁବିଧା ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯାଉଛି। କାରଣ ସେମାନେ ଯଦି ଭଲ ଅନୁଭୂତି ନେଇ ଫେରିବେ ତେବେ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବଢ଼ିବ। କିନ୍ତୁ ଅନେକ ସମୟରେ ପର୍ଯ୍ୟଟକମାନେ ଆର୍ଥିକ ଶୋଷଣର ଶିକାର ହେଉଥିବାରୁ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ହୋଟେଲରେ ରହଣି ସମୟରେ ପର୍ଯ୍ୟଟକଙ୍କୁ ଶୋଷଣ କରାଯାଉଛି। ହୋଟେଲ ମାଲିକମାନେ ସେମାନଙ୍କ ମାନସିକତାରେ ପରିବର୍ତ୍ତନ ଆଣୁ ନ ଥିବା ଏହାର ମୁଖ୍ୟ କାରଣ। କାରଣ ପୁରୀର ପ୍ରାୟ ସବୁ ହୋଟେଲରେ ଚେକ୍ ଆଉଟ୍ ସମୟ ସକାଳ ୮ଟା ରଖାଯାଇଛି। ଏହାଦ୍ୱାରା ପର୍ଯ୍ୟଟକମାନେ ଆର୍ଥିକ ଶୋଷଣର ଶିକାର ହେଉଥିବାବେଳେ ମାନସିକ ଯାତନା ଭୋଗୁଛନ୍ତି। ଅଯଥାରେ ସେମାନଙ୍କୁ ଅଧିକ ଟଙ୍କା ଗଣିବାକୁ ପଡୁଛି।

ଓଡ଼ିଶାର ପ୍ରାୟ ସବୁ ସହରରେ ହୋଟେଲଗୁଡ଼ିକ ୨୪ ଘଣ୍ଟାରେ ଗୋଟିଏ ଦିନର ଭଡ଼ା ନେଉଛନ୍ତି। ଅର୍ଥାତ୍ ଯିଏ ଯେଉଁ ସମୟରେ ରହିଲା ୨୪ ଘଣ୍ଟା ହିସାବରେ ଗୋଟିଏ ଦିନର ଭଡ଼ା ଦେଉଛନ୍ତି। କିନ୍ତୁ ପୁରୀରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଜଣେ ଯାତ୍ରୀ ଯଦି ରାତି ୧୨ଟାରେ ହୋଟେଲରେ ପହଞ୍ଚି ରହୁଛନ୍ତି ତାଙ୍କର ଚେକ୍ ଆଉଟ୍ ସମୟ ସକାଳ ୮ଟା ରହୁଛି। ଅର୍ଥାତ୍ ୮ ଘଣ୍ଟା ରହିଲେ ମଧ୍ୟ ତାଙ୍କୁ ଗୋଟିଏ ଦିନର ଭଡ଼ା ଦେବାକୁ ପଡୁଛି। ଯଦି ତାଙ୍କର ଟ୍ରେନ୍ କିମ୍ବା ବସ୍ ସମୟ ଅପରାହ୍ଣ ୪ଟାରେ ଅଛି ସେ ସେହି ସମୟରେ ହୋଟେଲ ଛାଡ଼ିବାକୁ ଚାହିଁବେ, ତାଙ୍କୁ ୨ ଦିନର ରୁମ୍ ଭଡ଼ା ଦେବାକୁ ପଡୁଛି। ଏମିତି ଉପାୟରେ ପର୍ଯ୍ୟଟକମାନେ ହୋଟେଲରେ ଶୋଷଣର ଶିକାର ହେଉଛନ୍ତି। ବିଗତ ଦିନରେ ଜିଲ୍ଲା ଖାଉଟି ସୁରକ୍ଷା ପରିଷଦ ବୈଠକରେ ଏହି ପ୍ରସଙ୍ଗ ଉଠିଥିଲା। ଏହା ଉପରେ ଅନୁଧ୍ୟାନ କରାଯିବ ବୋଲି ଅଧିକାରୀ କହିଥିଲେ। କିନ୍ତୁ ଏହାପରେ ସମସ୍ତେ ଚୁପ୍। ଏମିତି ହୋଟେଲଗୁଡ଼ିକରେ ଚାଲିଛି ପୁରୀରେ ପର୍ଯ୍ୟଟକଙ୍କୁ ଶୋଷଣ। କିନ୍ତୁ ପ୍ରଶାସନର ଏଥିପ୍ରତି ନିଘା ନାହିଁ।

# ସମ୍ପାଦକୀୟ



ଓଡ଼ିଆ ଭାଷାର ପ୍ରତିଟି ଶବ୍ଦରେ ଅକ୍ଷରଗୁଡ଼ିକ ସ୍ପଷ୍ଟ ଧ୍ୱନି ଧାରଣ କରିଥା'ନ୍ତି । ଶବ୍ଦର ଭାବ ସହିତ ପଦଲାଳିତ୍ୟ, ସୁମଧୁର ଛନ୍ଦ ଓ ସାଂଗୀତିକତାର ସମାବେଶ ଏହି ଭାଷାକୁ ଗ୍ରାହ୍ୟ ତଥା ସୁଗମ କରିଥାଏ ।
-ଜି ଏ ଗ୍ରିୟରସନ୍

ସକାଳ THE SAKALA

## ଇତିହାସ ରଚିଲା ଭାରତ

ଭାରତର ଟି-୨୦ ବିଶ୍ୱକପ୍ ବିଜୟ କ୍ରିକେଟ ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିଛି । ଏ ପର୍ଯ୍ୟନ୍ତ କୌଣସି ଦଳ କ୍ରମାଗତ ଦୁଇଥର ଏହି ଟ୍ରଫି ହାସଲ କରିନଥିବାବେଳେ ଭାରତ ୨୦୨୪ ଓ ୨୦୨୬ ବିଶ୍ୱକପ୍ ହାସଲ କରିଛି । ସେହିଭଳି ଭାରତ ତୃତୀୟ ଥର ଟି-୨୦ ବିଶ୍ୱକପ୍ ହାସଲ କରିବା ମଧ୍ୟ ଅନ୍ୟତମ ରେକର୍ଡ । ଏପରିକି ଏ ବିଶ୍ୱକପ୍ ଆୟୋଜକ ଦେଶର ଜାତୀୟ ଦଳ ଚମ୍ପିଅନ୍ ହେବାରେ ପ୍ରାୟତଃ ପରିଲକ୍ଷିତ ହୋଇନଥାଏ । ତେବେ କ୍ରିକେଟ ଇତିହାସ ପୃଷ୍ଠାର ଏହି ସମସ୍ତ ରେକର୍ଡକୁ ଅତିକ୍ରମ କରି ଭାରତ ବିଶ୍ୱକପ୍ ଟି-୨୦ ଟ୍ରଫି ହାସଲ କରିବା ନିଶ୍ଚୟ ଗର୍ବ ଓ ଗୌରବର ବିଷୟ । ଏକଥା ସତ ଯେ ବିଶ୍ୱକପ୍ ଆରମ୍ଭ ପୂର୍ବରୁ ଭାରତୀୟ ଦଳର ଦକ୍ଷତା ଓ ସାମର୍ଥ୍ୟ ନେଇ ସମସ୍ତେ ଆଶାବାଦୀ ଥିଲେ । ହେଲେ ଟି-୨୦ କ୍ରିକେଟର ସଂକ୍ଷିପ୍ତ ଅବଧିକୁ ନେଇ କିଛି ସମ୍ଭାବନାର ଗଣିତ କଷିବା ଏତେ ସହଜ ନୁହେଁ । ଆଜିର କୃତିତ୍ୱ କାଲିର ମ୍ୟାଚରେ ଯେ ଉପଲବ୍ଧି ହେବ ତାହାର କିଛି ନିର୍ଦ୍ଦିଷ୍ଟତା ନଥାଏ ଏହି ଖେଳରେ । ତେବେ ଏକଥା ସ୍ୱୀକାର କରିବାକୁ ହେବ ଯେ ଭାରତୀୟ ଦଳର କିଛି ସୁଦକ୍ଷ କ୍ରିକେଟରଙ୍କ କମ୍ରାଗତ ଭଲ ପ୍ରଦର୍ଶନ ଯୋଗୁଁ ଏହି ବିଜୟ ସମ୍ଭବ ହୋଇଛି ।

ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ଦକ୍ଷିଣ ଆଫ୍ରିକା ନିକଟରୁ ଶୋଚନୀୟ ପରାଜିତ ହେବା ପରେ ଦଳକୁ ସୁଧାରିଛି ଓ ପରିସ୍ଥିତିର ମୁକାବିଲା ସକାଶେ ନୂଆ ରଣନୀତିକୁ ଆପଣାଇଛି । ସଞ୍ଜୁ ସାମ୍‌ସନ୍‌ଙ୍କୁ ପୁଣି ଥରେ ବ୍ୟାଟିଂ ଓପନ୍ କରିବାକୁ ସୁଯୋଗ ଦିଆଯାଇଛି । ବାମହାତୀ ବ୍ୟାଟ୍‌ସମ୍ୟାନଙ୍କୁ ଆଉଟ୍ କରିବା ସକାଶେ ଅଫ୍‌ସ୍ପିନର ସଫଳ ପ୍ରୟୋଗ କରି ପ୍ରତିପକ୍ଷ ଦଳ ଯେଉଁ ଫାଇନାଲର ସ୍ୱପ୍ନ ଦେଖୁଥିଲେ ତାହାକୁ ସଞ୍ଜୁ ସାମ୍‌ସନ୍ ମାଧ୍ୟମରେ ପ୍ରତିହତ କରାଯାଇପାରିଲା । ସୌଭାଗ୍ୟକୁ ସେ ମଧ୍ୟ ନିଜ ବ୍ୟାଟିଂ ଲୟ ଫେରିପାଇ କ୍ରମାଗତ ବଡ଼ ସ୍କୋର କରିବାକୁ ସମର୍ଥ ହୋଇଥିଲେ । କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଓ ଫାଇନାଲରେ ସେ ସର୍ବାଧିକ ରନ କରି ଦଳର ବିଜୟକୁ ଅପେକ୍ଷାକୃତ ସହଜ କରିଥିଲେ । ଏପରିକି ଟୁର୍ଣ୍ଣାମେଣ୍ଟରେ ସଞ୍ଜୁ ସର୍ବାଧିକ ୩୨୦ ରନ୍ କରି ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଛନ୍ତି ।

ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ବିରୋଧରେ ବିପୁଳ ବିଜୟ ହାସଲ କରି ଫାଇନାଲକୁ ଉନ୍ନୀତ ହୋଇଥିବା ନ୍ୟୁଜିଲାଣ୍ଡର କ୍ରିକେଟ୍ ରେକର୍ଡ ଉପରେ ଆଖି ପକାଇଲେ ଭାରତ ମଧ୍ୟ ଆତଙ୍କିତ ଅବସ୍ଥାରେ ପଡ଼ିଆକୁ ଓହ୍ଲାଇଥିଲା । ଟି-୨୦ ବିଶ୍ୱକପ୍‌ରେ ଦୁଇ ଦଳ ପରସ୍ପରକୁ ୩ ଥର ଭେଟିଥିଲେ ମଧ୍ୟ କୌଣସି ଗୋଟିଏ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇନଥିଲା । ଆଇସିସି ପ୍ରାୟୋଜିତ ବିଭିନ୍ନ ଫର୍ମାଟରେ ଏଥରକୁ ମିଶାଇ ଭାରତ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଚତୁର୍ଥଥର ପାଇଁ ଫାଇନାଲରେ ମୁକାବିଲା କରିଛନ୍ତି । ଚମ୍ପିଅନ୍ସ ଟ୍ରଫିର ଦୁଇଟି ଫାଇନାଲ ମ୍ୟାଚ୍ ମଧ୍ୟରୁ ପ୍ରତ୍ୟେକ ଦଳ ପରସ୍ପରକୁ ପରାଜିତ କରି ଚମ୍ପିଅନ୍ ହୋଇଛନ୍ତି । ତେବେ ଟେଷ୍ଟ ଚମ୍ପିଅନ୍‌ସିପ୍ ଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ଭାରତ ପରାସ୍ତ ହୋଇଥିଲା । କିନ୍ତୁ ଅହମ୍ମଦାବାଦର ସର୍ବବୃହତ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ଫାଇନାଲରେ ନ୍ୟୁଜିଲାଣ୍ଡକୁ ଭାରତ ୯୬ ରନ୍‌ରେ ପରାଜିତ କରିବା ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ । ଏଠାରେ ଉଲ୍ଲେଖଯୋଗ୍ୟ କି ସେମିଫାଇନାଲରେ ଭରାତ-ଇଂଲଣ୍ଡ ମ୍ୟାଚ୍ ଯେଭଳି ପ୍ରତିଯୋଗିତାପୂର୍ଣ୍ଣ ହୋଇଥିଲା, ତାହା ଫାଇନାଲ ମ୍ୟାଚ୍‌ରେ ପରିଲକ୍ଷିତ ହୋଇନଥିଲା । ଭାରତର ୨୫୪ ରନ୍‌ର ବିଜୟ ଲକ୍ଷ୍ୟକୁ ଇଂଲଣ୍ଡ ଯେଉଁ ଲଢ଼େଇ କରିଥିଲା ତାହା ପ୍ରଶଂସନୀୟ । ମାତ୍ର ୭ ରନ୍‌ରେ ପରାଜିତ ହୋଇଥିଲା ଇଂଲଣ୍ଡ । ଅଥଚ ରବିବାରର ଫାଇନାଲରେ ଭାରତ ପ୍ରଥମେ ବ୍ୟାଟିଂ କରି ୨୫୬ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା ନ୍ୟୁଜିଲାଣ୍ଡକୁ । ଭାରତୀୟ ବୋଲର ଯଶପ୍ରୀତ ବୁମରା ଓ ଅକ୍ଷର ପଟେଲ ଯଥାକ୍ରମେ ୪ ଓ ୩ ୱିକେଟ ହାସଲ କରି ନ୍ୟୁଜିଲାଣ୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ । ବୁମରା ୪ ଓଭରରେ ମାତ୍ର ୧୫ ରନ୍ ବିନିମୟରେ ୪ଟି ୱିକେଟ ଅକ୍ତିଆର କରିଥିବାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଭାରତୀୟ ଦଳର ୩ଟି ଅର୍ଦ୍ଧଶତକ ବିପୁଳ ରନ୍ ସଂଗ୍ରହରେ ସହାୟକ ହୋଇଥିଲା । ସେଥିମଧ୍ୟରେ ଥିଲା ସଞ୍ଜୁ ସାମସନ୍‌ଙ୍କ ୮୯ ରନ୍ । ବଡ଼ ସ୍କୋରର ପାଶ୍ଚାତ ଧାବନକରି ବିଜୟୀ ହେବା ଏତେ ସହଜ ନୁହେଁ । ନ୍ୟୁଜିଲାଣ୍ଡ ପକ୍ଷରୁ ଟମ୍ ସୈଇଫର୍ଟ ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ଦୁର୍ଦ୍ଦଶ ଫିନ୍ ଆଲେନ୍‌ଙ୍କ ବିଫଳତାକୁ ଅନ୍ୟ ସହଯୋଗୀମାନେ ଭରଣା କରିବାକୁ ସମର୍ଥ ହୋଇନଥିଲେ ।

ଆଇସିସି ଟ୍ରଫି ଆୟୋଜନକୁ ନେଇ ଉପୁଜିଥିବା ବିବାଦୀୟ ପରିସ୍ଥିତି ଓ ଆଇପିଏଲ୍ ପାଇଁ ଖେଳାଳି ଚୟନରୁ ବାଂଲାଦେଶ ବାଦ୍ ପଡ଼ିବା ଘଟଣାରୁ ବିବାଦର ସୂତ୍ରପାତ ହୋଇଥିଲା । ବାଂଲାଦେଶ ଓ ପାକିସ୍ତାନ ଟୁର୍ଣ୍ଣାମେଣ୍ଟରୁ ଓହରିଯିବା ଧମକର ସମାଧାନ ସକାଶେ ଆଇସିସିକୁ କେବଳ ହସ୍ତକ୍ଷେପ କରିବାକୁ ପଡ଼ିଲାନି କିଛି ସର୍ତ୍ତକୁ ମଧ୍ୟ ମାନିନେବାକୁ ପଡ଼ିଲା । ଏସୀୟ ରାଷ୍ଟ୍ରରେ କ୍ରିକେଟ କେଜ୍ ପ୍ରତି ଏହା ଶକ୍ତ ଧକ୍କା ।

ଗତଥର ଅପେକ୍ଷା ଟି-୨୦ ବିଶ୍ୱକପ୍ ବିଜେତାଙ୍କ ପୁରସ୍କାର ରାଶି ୨୦ ପ୍ରତିଶତ ବଢ଼ିଛି । ତାହା ଏବେ ୪୭-୪୮ କୋଟି ଟଙ୍କାରେ ପହଞ୍ଚିଛି । ଉପବିଜେତାଙ୍କଠାରୁ ଅନ୍ୟ ଅଂଶୀଦାର ଦଳ ସକାଶେ ପୁରସ୍କାର ରାଶି ଘୋଷଣା ହୋଇଛି । ଭାରତୀୟ ଉପମହାଦେଶରେ କ୍ରିକେଟ ପ୍ରତି ଯେଭଳି ଅତିଶୟ ଉତ୍ସାହ ରହିଛି, ସେହିଭଳି ଗାଁରୁ ସହର ପର୍ଯ୍ୟନ୍ତ ସବୁଠାରେ ପିଲାଙ୍କୁ ବାୟା କରିଛି କ୍ରିକେଟ୍ । ଗୋଟିଏ ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟ ନ ସରୁଣୁ ଆଇପିଏଲ୍ ସକାଶେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । କ୍ରିକେଟର ସବୁ ଫର୍ମାଟରେ ଭାରତୀୟ ଦଳର ପ୍ରଶଂସନୀୟ ଅବଦାନ ସତ୍ତ୍ୱେ କେଜାଣି କାହିଁକି ମନ କହେ ଆମ ଯୁବଶକ୍ତି ଅନ୍ୟ ଦିନରେ ମଧ୍ୟ ଅନୁରୂପ ଭାବେ ଆଗୁସାର ହୁଅନ୍ତେ ତ?

## କୃଷି ଅଭିବୃଦ୍ଧିରେ ଓୟୁଏଟିର ଗବେଷଣା

ପ୍ରଫେସର ନିରଞ୍ଜନ ପଣ୍ଡା



କୃଷି ଗବେଷଣା, ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ (ଓୟୁଏଟି)ର ଏକ ପ୍ରମୁଖ ଆଭିମୁଖ୍ୟ ହୋଇଥିଲା ବେଳେ, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଆନ୍ତଃ ବିଭାଗୀୟ ଗବେଷଣା ବ୍ୟବହାର କରି ଚାଷ କାର୍ଯ୍ୟକୁ ଅଧିକ ଲାଭଜନକ, ଜଳବାୟୁ ସହନଶୀଳ ଓ ଚିର ନମନୀୟ କରିବା ପାଇଁ ବିଶ୍ୱବିଦ୍ୟାଳୟ ତରଫରୁ ଅନେକ ନୂଆ ପଦକ୍ଷେପ ନିଆ ଯାଉଛି । ପରିବର୍ତ୍ତିତ ଜଳବାୟୁ ଓ ଅନିଶ୍ଚିତ କୃଷି ଦୃଷ୍ଟିପଟ ପରିପ୍ରେକ୍ଷୀରେ ଗବେଷଣା ନିର୍ଦ୍ଦେଶାଳୟର ଅବଦାନ ଓ ଏହାର ଗୁରୁତ୍ୱ ମଧ୍ୟ ସ୍ୱତନ୍ତ୍ର ହେବାରେ ଲାଗିଛି । କୃଷି ଗବେଷଣାକୁ ସ୍ଥାନୀୟ ସମସ୍ୟା, ଅଂଚଳ ଓ ଫସଲ ଭିତ୍ତିକ କରିବା ପାଇଁ ୮ ଟି ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର, ୪ଟି ଉପ-ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର, ୭ଟି ଦ୍ରବ୍ୟ ଭିତ୍ତିକ ଗବେଷଣା କେନ୍ଦ୍ର ଓ ୫୦ ଗୋଟି ସର୍ବଭାରତୀୟ ସମନ୍ୱିତ ପ୍ରକଳ୍ପ ନିରନ୍ତର ଭାବେ କାର୍ଯ୍ୟରତ ଅଛନ୍ତି ।

ବୈଷୟିକ ଜ୍ଞାନକୌଶଳ ଦ୍ୱାରା କୃଷିରେ ବ୍ୟାପକ କର୍ମନିଯୁକ୍ତି, ଆତ୍ମନିଯୁକ୍ତି ଓ ଗ୍ରାମୀଣ ଜୀବିକାରେ ମାନଦଣ୍ଡ ବୃଦ୍ଧି ନିମନ୍ତେ ସର୍ବଦା ପ୍ରାଥମିକତା ଦିଆଯାଉଛି । ନୂତନ କିସମ ଉଦ୍ଭାବନ ସହ ଫସଲରେ ଖାଦ୍ୟସାର ଓ ରୋଗପୋକ ପରିଚାଳନା, ଫସଲ ପର୍ଯ୍ୟାୟ, ସମନ୍ୱିତ କୃଷି ପଦ୍ଧତି ଓ କୃଷି ବନୀକରଣ, ଜୈବିକ ଓ ଜଳବାୟୁ ଅନୁକୂଳ କୃଷି ପ୍ରଣାଳୀ, ମୃତ୍ତିକା ଓ ଜଳ ପରିଚାଳନା, କ୍ଷୁଦ୍ର ଜଳସେଚନ, ଶୁଷ୍କାଞ୍ଚଳ କୃଷି, କୃଷି ଯାନ୍ତ୍ରିକରଣ, ଛତୁ ଚାଷ, ମହୁମାଛି ପାଳନ, ପଶୁପକ୍ଷୀ ପାଳନ, ଖାଦ୍ୟ ପ୍ରକ୍ରିୟାକରଣ ଆଦିରେ ନୂତନ ଜ୍ଞାନକୌଶଳର ବିକାଶ, ପରୀକ୍ଷଣ ଓ ପ୍ରମାଣୀକରଣରେ ବୈଜ୍ଞାନିକ ଓ ଗବେଷକମାନେ ନିୟୋଜିତ ରହି ବିଶ୍ୱବିଦ୍ୟାଳୟର ଗବେଷଣା ଅବଦାନକୁ ପୂର୍ଣ୍ଣାଙ୍ଗ ରୂପରେଖ ପ୍ରଦାନ କରୁଛନ୍ତି । ପରିବର୍ତ୍ତିତ ସମସ୍ୟା, ସୁଯୋଗ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂରକ୍ଷିତ କୃଷି, ସଠିକ୍ ଓ ସୁରକ୍ଷିତ କୃଷି, ଜୈବ ପ୍ରଯୁକ୍ତିବିଦ୍ୟା, ନାନୋଟେକ୍ନୋଲୋଜି, କୃତ୍ରିମ ବୁଦ୍ଧିମତା ଓ ଭୌଗୋଳିକ ସୂଚନା ପ୍ରଣାଳୀ ଭିତ୍ତିକ କୃଷି ଉପରେ ଗବେଷଣା ଉଦ୍ୟମ ମଧ୍ୟ ଆରମ୍ଭ ହୋଇଛି ।

ବିଶ୍ୱ ବିଦ୍ୟାଳୟ ତରଫରୁ ଅଦ୍ୟାବଧି ୨୧୭ ଅଧିକ ଅମଳକ୍ଷମ ଫସଲ କିସମ ବିକଶିତ ହୋଇ ରାଜ୍ୟର କୃଷକମାନଙ୍କ ପାଖରେ ଆଦୃତ ହୋଇ ସାରିଥିବା ବେଳେ ଚଳିତ ବର୍ଷ ବୈଜ୍ଞାନିକମାନଙ୍କ ଦ୍ୱାରା ୧୨ ଗୋଟି ଅଧିକ ଅମଳକ୍ଷମ, ରୋଗପୋକ ସହନଶୀଳ ଓ ପୋଷକ ତତ୍ତ୍ୱଯୁକ୍ତ କ୍ଷେତ୍ର ଫସଲ (ଧାନ, ମକା, ମାଣ୍ଡିଆ, ବିରି, ସୋରିଷ, ଅଳସି, ଜଡ଼ା) ଓ ୮ ଟି ଉଦ୍ୟାନ ଫସଲ କିସମ (ପନିପରିବା, ଆଳୁ, କାଜୁ, କଳା ହଳଦୀ ଓ ଆମ୍ବ ଅଦା) କିସମ କୃଷକମାନଙ୍କ ସେବାରେ ଲୋକାର୍ପିତ ହୋଇଛି । ଅଧିକ ପୋଷକ ତତ୍ତ୍ୱ ଓ ଆଣ୍ଟି ଅକ୍ସିଡାଂଟ ଯୁକ୍ତ ନାଲି ଧାନ କିସମ ସମ୍ପଦ ଓ ପଦ୍ମଜା, ସ୍ୱଳ୍ପ ଅବଧି ଓ ରୋଗପୋକ ସହନଶୀଳ କିସମ ପରଜା ଏବଂ ଅଧିକ ଅମଳକ୍ଷମ, ରୋଗପୋକ ସହନଶୀଳ ଓ ବିଳମ୍ବ ଧାନ କିସମ ଶ୍ରୀପଦ ଚାଷୀମାନଙ୍କ ନିକଟରେ ଆଦୃତ ହେବା ସହ ରାଜ୍ୟରେ ଧାନ ଉତ୍ପାଦନ ବୃଦ୍ଧିରେ ବିଶେଷ ସହାୟକ ହେବ ବୋଲି ଆଶା କରା ଯାଉଛି ।

ଏତଦ୍ ବ୍ୟତୀତ ସଦ୍ୟ ବିକଶିତ ହୋଇଥିବା ଅଣଧାନ କିସମ ରାଜ୍ୟ ସରକାରଙ୍କ ଫସଲ ବିବିଧିକରଣ ଓ ଧାନ ପରବର୍ତ୍ତୀ ପଡିଆ ଜମି ପରିଚାଳନା ଯୋଜନାକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ । ଏହି ଫସଲ କିସମଗୁଡିକ ମାଣ୍ଡିଆ (ଶ୍ରୀ ନିଧି), ବିରି (ଶ୍ରୀୟା), ଅଳସି (ପ୍ରଭାତ), ମକା (ଖୁସି), ଜଡ଼ା (ମାଣିକ), ସୋରିଷ (ସମୃଦ୍ଧି ଓ ସିଦ୍ଧି) ଓ ଟୋରିଆ (ଜୟନ୍ତୀ) ନିଜସ୍ୱ ସ୍ୱତନ୍ତ୍ର ବିଶେଷତା ଯୋଗୁଁ ଚାଷୀମାନଙ୍କ ମଧ୍ୟରେ ନିଶ୍ଚୟ ଆଦୃତ ହୋଇ ପାରିବ । ମଧ୍ୟମ ଅବଧି ମାଣ୍ଡିଆ କିସମ (ଶ୍ରୀ ନିଧି)ର ହାରାହାରି ହେକ୍ଟର ପ୍ରତି ଅମଳ ୨୫.୨୦ କ୍ୱିଣ୍ଟାଲ ହୋଇଥିଲା ବେଳେ ଏଥିରେ ପୁଷ୍ଟିସାର, ଲୌହ ଓ ଜିଙ୍କ୍ ଆଦି ପୋଷକତତ୍ତ୍ୱ ମାତ୍ରା ଅଧିକ ରହୁଥିବାରୁ ଏହି ଲଘୁ ଶସ୍ୟ କିସମଟି ରାଜ୍ୟ ଖାଦ୍ୟ ଓ ପୋଷଣ ସୁରକ୍ଷାରେ ବ୍ୟାପକ ଭୂମିକା ଗ୍ରହଣରେ ସହାୟକ ହେବ । ସାହେବି ଓ ପତ୍ରମୋଡା ରୋଗ ଏବଂ ଧଳା ମାଛି, ପତ୍ର ଡଂକୁଣି ଓ ଛୁଇଁ ବିନ୍ଧା ପୋକ ସହନଶୀଳ ମଧ୍ୟମ ଅବଧିର ବିରି କିସମ (ଶ୍ରୀୟା) ଧାନ ପରବର୍ତ୍ତୀ ପଡିଆ ଜମିର ସଫଳ ପରିଚାଳନା ପାଇଁ ଉପଯୋଗୀ ସାବ୍ୟସ୍ତ ହେବ । ସ୍ୱଳ୍ପ ଅବଧିର ଟୋରିଆ କିସମ (ଜୟନ୍ତୀ) ଓ ସୋରିଷ କିସମ (ସମୃଦ୍ଧି ଓ ସିଦ୍ଧି) ରାଜ୍ୟର ଉଭୟ ଉପକୂଳବର୍ତ୍ତୀ ଓ ଆଭ୍ୟନ୍ତରୀଣ ଅଂଚଳର ଧାନ ପର୍ଯ୍ୟବସିତ ଫସଲ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇ ଚାଷୀର ଆୟ ଦ୍ୱିଗୁଣିତ କରିବା ସହ ଖାଇବା ତେଲ ଉତ୍ପାଦନରେ ସ୍ୱାବଲମ୍ବୀ ହେବାରେ ଯଥେଷ୍ଟ ସହାୟକ ହେବ । ଅଧିକ ଅମଳକ୍ଷମ, ମଧ୍ୟମ ଅବଧି ଏବଂ ଉଭୟ ଖରିଫ ଓ ପ୍ରାକ ରବି ଚାଷ ପାଇଁ ଉପଯୋଗୀ ଅଳସି କିସମ ପ୍ରଭାତ, କୋରାପୁଟ, ମାଲକାନଗିରି ଓ କେନ୍ଦୁଝର ଆଦି ଆଦିବାସୀ ବହୁଳ ଅଂଚଳର ଚାଷୀମାନଙ୍କ ପାଖରେ ଆଦୃତ ହୋଇ ପାରିବ । ସମ୍ପ୍ରତି ଅନ୍ତର୍ଜାତୀୟ ଓ ଘରୋଇ ବଜାରରେ ଅଳସି ଦାନା, ତେଲ ଓ ପିଡିଆର ଚାହିଦା ବୃଦ୍ଧି ପାଉଥିଲା ବେଳେ, ଏହି କିସମଟି ଚାଷୀମାନଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି । ରାଜ୍ୟ ସରକାର ରେଶମ ଚାଷକୁ ପ୍ରୋତ୍ସାହନ ଦେଉଥିଲା ବେଳେ ଏରି ରେଶମ କୀଟର ପୋଷକ ଫସଲ ଜଡ଼ା ଚାଷକୁ ମଧ୍ୟ ପ୍ରାଥମିକତା ଦିଆଯାଉଛି । ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ତରଫରୁ ରାଜ୍ୟର ପ୍ରଥମ ଶଙ୍କର ଜଡ଼ା କିସମ "ମାଣିକ" ବିକଶିତ ହୋଇଛି । ଅଧିକ ଅମଳକ୍ଷମ ମକା କିସମ "ଖୁସି" ରାଜ୍ୟର ଉଚ୍ଚ ଓ ଡିପ ଜମିରେ ଫସଲ ପରିବର୍ତ୍ତନ ପ୍ରୟାସକୁ ତ୍ୱରାନ୍ୱିତ କରି ପାରିବ ।

ଅମ୍ଳ ମାଟିରେ ଖାଦ୍ୟ ସାର ପରିଚାଳନା; ଧାନ, ସୂର୍ଯ୍ୟମୁଖୀ ଓ ଅଳସି ଫସଲରେ ନାନୋ ୟୁରିଆର ପ୍ରୟୋଗ ବିଧି; ଫସଲରେ ଅନାବନା ଘାସ ନିୟନ୍ତ୍ରଣ; ଧାନ ଫସଲରେ ଲୌହ ବିଷାକ୍ତ ନିୟନ୍ତ୍ରଣ; ମାଣ୍ଡିଆ ଓ ହରଡ ଭିତ୍ତିକ ଅନ୍ତଃଫସଲ ଚାଷ, ବାସନା ଧାନ ଓ ହଳଦୀରେ ଜୈବିକ ଚାଷ ପ୍ରଣାଳୀ, ପ୍ରାକୃତିକ କୃଷି ଉପାୟରେ ବିଲାତି ବାଇଗଣ ଚାଷ, ଗମ୍ଭାରୀ ଭିତ୍ତିକ କୃଷି ବନୀକରଣ, ଫଳ ବଗିଚାରେ ଅନ୍ତଃଫସଲ ଚାଷ, ମାଣ୍ଡିଆ ଅମଳ ଯନ୍ତ୍ର, ବଳଦ ଟଣା ମଞ୍ଜିବୁଣା ଯନ୍ତ୍ର, ସୌରଚାଳିତ ବହୁମୁଖୀ ଯାନ ଆଦିର ଉଦ୍ଭାବନ ବିଶ୍ୱବିଦ୍ୟାଳୟର ଯାନ୍ତ୍ରିକରଣ ଗବେଷଣାକୁ ସମୃଦ୍ଧ କରିଛି । ଧାତବ ଲବଣ ଓ ବୃଦ୍ଧି ଉଦ୍ଦୀପକ ପ୍ରୟୋଗ ଦ୍ୱାରା ବିଂଝାରପୁର ଦେଶୀ ଗାଈର ପ୍ରଜନନ ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି, କୃମି ନାଶକ ଓ ପୋଷାକ ତତ୍ତ୍ୱ ପରିଚାଳନା ମାଧ୍ୟମରେ ଗଂଜାମ ଛେଳିର ଶାରୀରିକ ବିକାଶ ଆଦି ଜ୍ଞାନକୌଶଳ ରାଜ୍ୟର ପ୍ରାଣୀ ପାଳନ ଭିତ୍ତିକ ଜୀବିକାକୁ ନୂତନ ଦିଗ ପ୍ରଦାନ କରିଛି । ଅନେକ ଉପଲବ୍ଧି ସହ ଆଗାମୀ ଦିନର ଆହ୍ୱାନକୁ ସମୁଖୀନ ହୋଇ କୃଷି ଓ କୃଷକମାନଙ୍କ ସେବାରେ ବିଶ୍ୱବିଦ୍ୟାଳୟର ଏହି ନିର୍ଦ୍ଦେଶାଳୟ ସଦାସର୍ବଦା ସମର୍ପିତ ।

ଗବେଷଣା ଅଧକ୍ଷ, ଓୟୁଏଟି

## ଯୁଦ୍ଧ ଓ ଅସ୍ଥିରତା ମଧ୍ୟରେ ମୋଦୀଙ୍କ ଇସ୍ରାଏଲ୍ ଗସ୍ତ

ଡ. ସୁଶାନ୍ତ କୁମାର ପରିଡ଼ା

ଆଜିର ବିଶ୍ୱ ରାଜନୀତି ଏକ ଅସ୍ଥିର, ଅନିଶ୍ଚିତ ଓ ଦ୍ରୁତ ପରିବର୍ତ୍ତନଶୀଳ ପର୍ଯ୍ୟାୟ ମଧ୍ୟକୁ ଯାଉଛି । ଯୁଦ୍ଧ, ଭୂ-ରାଜନୀତିକ ପ୍ରତିସ୍ପର୍ଦ୍ଧା, ଆର୍ଥିକ ଅସ୍ଥିରତା ଓ ସୁରକ୍ଷା ସଙ୍କଟ ଅନ୍ତର୍ଜାତୀୟ ବ୍ୟବସ୍ଥାକୁ ନୂଆ ଆକୃତି ଦେଉଛି । ବିଶେଷକରି ପଶ୍ଚିମ ଏସିଆ ପୁନର୍ବାର ବିଶ୍ୱ ରାଜନୀତିର କେନ୍ଦ୍ରବିନ୍ଦୁ ଭାବେ ଉଭା ହୋଇଛି । ଗାଜା ସଂଘର୍ଷ, ଇରାନ-ଇସ୍ରାଏଲ୍ ମଧ୍ୟରେ ଉତ୍ତେଜନା, ଶକ୍ତି ସୁରକ୍ଷା ଓ ବୃହତ୍ ଶକ୍ତିମାନ୍ ଦେଶମାନଙ୍କ ପ୍ରଭାବୀ ଯୁଦ୍ଧ ଏହି ଅଞ୍ଚଳକୁ ବିଶ୍ୱ ରଣନୀତିର ମୁଖ୍ୟ ମଞ୍ଚରେ ପରିଣତ କରିଛି । ଏହି ଜଟିଳ ପରିସ୍ଥିତିରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇସ୍ରାଏଲ୍ ଯାତ୍ରା କେବଳ ଏକ ସାଧାରଣ ଦ୍ୱିପକ୍ଷୀୟ ଭ୍ରମଣ ନୁହେଁ; ଏହା ବଦଳୁଥିବା ଭାରତୀୟ ବିଦେଶ ନୀତି, ରଣନୀତିକ ଚିନ୍ତାଧାରା ଓ ବୈଶ୍ୱିକ ଭୂମିକାର ଏକ ସ୍ପଷ୍ଟ ପ୍ରକାଶ । ଏହି ଯାତ୍ରା ଦେଖାଇଦେଉଛି ଯେ ଭାରତ ଆଜି ପୁରୁଣା ଆଦର୍ଶବାଦୀ ସୀମାରେ ଅଟକି ରହୁନାହିଁ; ବରଂ ସୁରକ୍ଷା, ପ୍ରଯୁକ୍ତି ଓ ଜାତୀୟ ସ୍ୱାର୍ଥକୁ କେନ୍ଦ୍ର କରି ବାସ୍ତବବାଦୀ କୂଟନୀତିର ମାର୍ଗରେ ଆଗୁଆ ହେଉଛି ।

ପଶ୍ଚିମ ଏସିଆ ଦୀର୍ଘଦିନ ଧରି ଅନ୍ତର୍ଜାତୀୟ ରାଜନୀତିର ସବୁଠାରୁ ସଂବେଦନଶୀଳ ଅଞ୍ଚଳ । ତେଲ ରାଜନୀତି, ଧର୍ମୀୟ ପରିଚୟ ସଂଘର୍ଷ, ଆତଙ୍କବାଦ, ସାମରିକ ହସ୍ତକ୍ଷେପ ଓ ଅଞ୍ଚଳୀୟ ଶକ୍ତି ସଂଘର୍ଷ ଏହାକୁ ସଦା ବିଶ୍ୱ ଧ୍ୟାନର କେନ୍ଦ୍ରରେ ରଖିଛି । ଶୀତଳ ଯୁଦ୍ଧ କାଳରୁ ଆଜି ପର୍ଯ୍ୟନ୍ତ ଏହି ଅଞ୍ଚଳ ଆମେରିକା, ରୁଷିଆ ଓ ବର୍ତ୍ତମାନ ଚୀନର ରଣନୀତିକ ଆଗ୍ରହର କେନ୍ଦ୍ର ରହିଆସିଛି । ଗାଜାର ସଂଘର୍ଷ ପଶ୍ଚିମ ଏସିଆର ସୁରକ୍ଷା ସମୀକରଣକୁ ଆହୁରି ଜଟିଳ କରିଛି । ଏହା କେବଳ ଇସ୍ରାଏଲ୍-ପାଲେଷ୍ଟାଇନ୍ ସଂଘର୍ଷ ନୁହେଁ; ବରଂ ଏକ ବ୍ୟାପକ ଭୂ-ରାଜନୀତିକ ପ୍ରତିସ୍ପର୍ଦ୍ଧାର ଅଂଶ । ଏହି ପରିସ୍ଥିତିରେ ଯେକୌଣସି ଦେଶର କୂଟନୀତିକ ପଦକ୍ଷେପ ଏକ ବଡ଼ ରଣନୀତିକ ସନ୍ଦେଶ ବହନ କରେ । ମୋଦୀଙ୍କ ଇସ୍ରାଏଲ୍ ଯାତ୍ରା ଏହି ବୈଶ୍ୱିକ ପରିପ୍ରେକ୍ଷୀରେ ବିଶେଷ ମହତ୍ତ୍ୱ ବହନ କରେ ।

ସ୍ୱାଧୀନତା ପରେ ଦୀର୍ଘ ସମୟ ଧରି ଭାରତ ପଶ୍ଚିମ ଏସିଆ ପ୍ରତି ସତର୍କ ଓ ସନ୍ତୁଳିତ ନୀତି ଅନୁସରଣ କରିଥିଲା । ପାଲେଷ୍ଟାଇନ ପ୍ରତି ଐତିହାସିକ ସମର୍ଥନ, ଆରବ ଦେଶ ସହ ଶକ୍ତି ନିର୍ଭରତା ଓ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ଆଦର୍ଶ ଭାରତର ବିଦେଶ ନୀତିକୁ ପ୍ରଭାବିତ କରୁଥିଲା । ସେହି କାରଣରୁ ଇସ୍ରାଏଲ୍ ସହ ଭାରତ ସମ୍ପର୍କ ରଖୁଥିଲେ ମଧ୍ୟ ତାହାକୁ ଦୀର୍ଘଦିନ ନିମ୍ନ ପ୍ରୋଫାଇଲରେ ରଖିଥିଲା ।

କିନ୍ତୁ ଏକବିଂଶ ଶତାବ୍ଦୀର ଭୂ-ରାଜନୀତି ଏହି ଧାରଣାକୁ ପରିବର୍ତ୍ତନ କରିଦେଲା । ସୁରକ୍ଷା, ପ୍ରଯୁକ୍ତି ଓ ନବୀନତା ବିଦେଶ ନୀତିର ନୂଆ ଆଧାର ହୋଇପଡ଼ିଲା । ଏହି ପରିବର୍ତ୍ତନ ସହ ଭାରତ ନିଜ ଆଭିମୁଖ୍ୟକୁ ପୁନଃନିର୍ଦ୍ଧାରଣ କଲା । ଆଜି ଭାରତ—ଇସ୍ରାଏଲ୍ ସହ ରଣନୀତିକ ସହଯୋଗ କରୁଛି, ଆରବ ଦେଶମାନଙ୍କ ସହ ଆର୍ଥିକ ଭାଗୀଦାରୀ ବଢ଼ାଉଛି, ପାଲେଷ୍ଟାଇନ୍ ରାଷ୍ଟ୍ର ଧାରଣାକୁ ସମର୍ଥନ ଜାରି ରଖୁଛି । ଏହି ନୀତିକୁ ଆଜି "Multi-Alignment Diplomacy ବୋଲି କୁହାଯାଏ ।

ଇସ୍ରାଏଲ୍ ବିଶ୍ୱର ଅଗ୍ରଣୀ ସୁରକ୍ଷା ଓ ପ୍ରଯୁକ୍ତି ଶକ୍ତିମାନ ଦେଶମାନଙ୍କ ମଧ୍ୟରେ ଗଣ୍ୟ । ସୀମା ସୁରକ୍ଷା, ଡ୍ରୋନ୍ ପ୍ରଯୁକ୍ତି, ମିସାଇଲ୍ ରକ୍ଷା ପ୍ରଣାଳୀ, ସାଇବର ସୁରକ୍ଷା ଓ Artificial Intelligenceରେ ତାହାର ଅଭିଜ୍ଞତା ବିଶ୍ୱସ୍ତରରେ ସ୍ୱୀକୃତ । ଭାରତ ପାଇଁ ଏହା ବିଶେଷ ଗୁରୁତ୍ୱପୂର୍ଣ୍ଣ, କାରଣ—ସୀମା ସୁରକ୍ଷା ଚ୍ୟାଲେଞ୍ଜ, ଆତଙ୍କବାଦୀ ଆଶଙ୍କା, ସାଇବର ଯୁଦ୍ଧ, ଆଧୁନିକ ସାମରିକ ପ୍ରଯୁକ୍ତିର ଆବଶ୍ୟକତା ଦ୍ରୁତ ଗତିରେ ବଢ଼ୁଛି । ମୋଦୀ ଓ ବେଞ୍ଜାମିନ୍ ନେତନ୍ୟାହୁଙ୍କ ସାକ୍ଷାତକାର ଏହି ସହଯୋଗକୁ ଆହୁରି ଗଭୀର କରିବାର ସଙ୍କେତ ଦେଇଛି ।

ବିଶ୍ୱ ଆଜି ଧୀରେଧୀରେ ବହୁଧ୍ରୁବୀୟ ବ୍ୟବସ୍ଥାକୁ ଅଗ୍ରସର ହେଉଛି । ଆମେରିକା-ଚୀନ୍ ପ୍ରତିସ୍ପର୍ଦ୍ଧା, ରୁଷିଆ-ପଶ୍ଚିମ ମତଭେଦ ଓ ଅଞ୍ଚଳୀୟ ସଂଘର୍ଷ ନୂଆ ଶକ୍ତି ସମୀକରଣ ସୃଷ୍ଟି କରୁଛି । ଏହି ପରିସ୍ଥିତିରେ ଭାରତ କୌଣସି ଏକ ଶିବିରରେ ନ ଥାଇ "Strategic Autonomy" ଅନୁସରଣ କରୁଛି । ଅର୍ଥାତ— ଭାରତ ନିଜ ସ୍ୱାର୍ଥ ଆଧାରରେ ସମ୍ପର୍କ ଗଠନ କରୁଛି । ଇସ୍ରାଏଲ୍ ଯାତ୍ରା ଏହି ନୀତିର ସ୍ପଷ୍ଟ ପ୍ରକାଶ । ଭାରତର ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ସନ୍ତୁଳନ । ଭାରତ ଏକାଧାରରେ— ଇସ୍ରାଏଲ୍, *UAE*, ସାଉଦି ଆରବ, ଇରାନ୍ ଓ ପାଲେଷ୍ଟାଇନ୍ ସହ ସମ୍ପର୍କ ରଖୁଛି । ଏହା ଭାରତକୁ ପଶ୍ଚିମ ଏସିଆରେ "Balance Power Actor" ଭାବେ ପରିଣତ କରୁଛି । କିଛି ମହଲ ମନେ କରେ ଯେ ଗାଜା ସଂଘର୍ଷ ସମୟରେ ଏହି ଯାତ୍ରା ସଂବେଦନଶୀଳ । ପାଲେଷ୍ଟାଇନ୍ ପ୍ରଶ୍ନରେ ଭୁଲ୍ ସନ୍ଦେଶ ଯାଇପାରେ । କିନ୍ତୁ ବାସ୍ତବ ରାଜନୀତିରେ ଦେଶମାନେ ଭାବନା ନୁହେଁ; ଜାତୀୟ ସ୍ୱାର୍ଥ ଆଧାରରେ ନୀତି ଗଠନ କରନ୍ତି ।

ଜି-୨୦ ନେତୃତ୍ୱ, *Global South* ର ପ୍ରତିନିଧିତ୍ୱ ଓ ବହୁପକ୍ଷୀୟ କୂଟନୀତିରେ ସକ୍ରିୟତା ଭାରତର ବୃଦ୍ଧିଶୀଳ ପ୍ରଭାବକୁ ପ୍ରକାଶ କରୁଛି । ମୋଦୀଙ୍କ ଇସ୍ରାଏଲ୍ ଯାତ୍ରା ଏହି ବଡ଼ ରଣନୀତିର ଏକ ଅଂଶ— ଭାରତ ଆଜି କେବଳ ପର୍ଯ୍ୟବେକ୍ଷକ ନୁହେଁ; ବରଂ ବୈଶ୍ୱିକ ରାଜନୀତିର ଏକ ସକ୍ରିୟ ନିର୍ମାତା । ଯୁଦ୍ଧ, ଅସ୍ଥିରତା ଓ ଶକ୍ତି ପ୍ରତିସ୍ପର୍ଦ୍ଧାର ଏହି ଯୁଗରେ ମୋଦୀଙ୍କ ଇସ୍ରାଏଲ୍ ଯାତ୍ରା ଭାରତର ବଦଳୁଥିବା ବିଦେଶ ନୀତିର ପ୍ରତୀକ । ଆଦର୍ଶବାଦ ଓ ବାସ୍ତବବାଦ ମଧ୍ୟରେ ସନ୍ତୁଳନ ରଖି ଭାରତ ଆଜି ଏକ ନୂଆ କୂଟନୀତିକ ପଥ ଗଢ଼ୁଛି— ଯେଉଁଠାରେ ମିତ୍ରତା ଭାବନାରୁ ନୁହେଁ; ସହଯୋଗ, ପ୍ରଯୁକ୍ତି ଓ ଜାତୀୟ ସ୍ୱାର୍ଥ ଉପରେ ନିର୍ଭର କରେ । ପଶ୍ଚିମ ଏସିଆର ଜଟିଳ ରାଜନୀତି ମଧ୍ୟରେ ଭାରତର ସନ୍ତୁଳିତ ଭୂମିକା ଭବିଷ୍ୟତରେ ତାହାକୁ ଏକ ବିଶ୍ୱସ୍ତ ମଧ୍ୟସ୍ଥ ଓ ପ୍ରଭାବଶାଳୀ ବୈଶ୍ୱିକ ଶକ୍ତି ଭାବେ ସ୍ଥାପିତ କରିପାରେ ।

ଅଧ୍ୟାପକ
ଲୋକନାଥ ମହାବିଦ୍ୟାଳୟ, ପାଟକୁରା,
କେନ୍ଦ୍ରାପଡ଼ା

## ତାପମାତ୍ରା ବୃଦ୍ଧିର ଚେତାବନୀ

ସୌଭାଗ୍ୟ ରଂଜନ ମହାନ୍ତି (ରାଜା)

ଚଳିତ ବର୍ଷ ଦେଶରେ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ସହ ବହୁ ଘରୋଇ ପାଣିପାଗ ସଂସ୍ଥା ପୂର୍ବାନୁମାନ କରିଛନ୍ତି । ମାର୍ଚ୍ଚ ମାସର ପ୍ରଥମ ସପ୍ତାହରେ ଦୈନିକ ଉଚ୍ଚ ତାପମାତ୍ରା ଏହାର ଏକ ଚେତାବନୀର ସଂକେତ ବୋଲି କହିଲେ ଅତ୍ୟୁକ୍ତି ହୋଇ ନ ପାରେ । କେବଳ ଏତିକି ନୁହେଁ; ଆଗକୁ ପରିସ୍ଥିତି କ'ଣ ହେବ, ଏହା ତାହାର ଏକ ପ୍ରାକ୍ ସୂଚନା । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ବେଳକୁ ଦେଶର ବିଭିନ୍ନ ଭାଗରେ ବିଶେଷକରି ଉତ୍ତର ଭାରତୀୟ ଅଂଚଳରେ ଦିନର ତାପମାତ୍ରା ୩୬ ଡିଗ୍ରୀ ସେଲ୍‌ସିୟସ୍ ଅତିକ୍ରମ କରିବ, ଯାହାକି ଏହି ସମୟରେ ସ୍ୱାଭାବିକ ତାପମାତ୍ରାଠାରୁ ୪ ଡିଗ୍ରୀ ଅଧିକ । ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆମ ରାଜ୍ୟର ଝାରସୁଗୁଡ଼ା ଅଞ୍ଚଳରେ ତାପମାତ୍ରା ୩୯ ଡିଗ୍ରୀରେ ପହଞ୍ଚିସାରିଲାଣି । ସୂଚନାଯୋଗ୍ୟ ଯେ ଗତବର୍ଷ ଝାରସୁଗୁଡ଼ାର ତାପମାତ୍ରା ଦେଶରେ ରେକର୍ଡ ସୃଷ୍ଟି କରିଥିଲା । ଗ୍ରୀଷ୍ମ ଅବଧିରେ ଝାରସୁଗୁଡ଼ାର ଦୈନିକ ତାପମାତ୍ରା ହାରାହାରି ୪୨ ଡିଗ୍ରୀ ଉପରେ ରହିଥିଲା । ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ ୧୯୮୦ ପରଠାରୁ ଦେଶରେ ହିଟ୍‌ୱେଭ୍ ସଂଖ୍ୟା ଦୁଇଗୁଣ କିମ୍ବା ତା'ଠାରୁ ଅଧିକ ହୋଇଛି । ସେହିପରି ଦେଶରେ ଅସହ୍ୟ ହିଟ୍‌ୱେଭ୍ ପ୍ରଭାବରେ ଅଂଶୁଘାତ ଜନିତ ମୃତାହତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ବିଶ୍ୱ ତାପମାତ୍ରା ବୃଦ୍ଧି, କୋଇଲା, ଡିଜେଲ, ପେଟ୍ରୋଲ ଆଦି ଇନ୍ଧନର ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଦ୍ରୁତ ସହରୀକରଣ, ଆଖିବୁଜା ଗଛକଟା, ଜଙ୍ଗଲପୋଡ଼ି, ବ୍ୟାପକ ଜଙ୍ଗଲ ଧ୍ୱଂସ ସାଙ୍ଗକୁ ସବୁଜ ବଳୟ ପରିସର ପ୍ରତିବର୍ଷ ସଂକୁଚିତ ହେବା, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ୍‌ର ଚାପ ବୃଦ୍ଧି ଅସହ୍ୟ ଗ୍ରୀଷ୍ମ ପ୍ରବାହର କାରଣ ବୋଲି କୁହାଯାଏ ।

### ପ୍ରକୃତି-ପରିବେଶ



ଉଲ୍ଲେଖଯୋଗ୍ୟ ଯେ ଚଳିତବର୍ଷ ଦୀର୍ଘ ଅବଧି ଧରି ଦେଶରେ ଶୀତର ଲହରି ପରେ ଗ୍ରୀଷ୍ମ ଏବେ ହଠାତ୍ ତାପମାତ୍ରା ବୃଦ୍ଧି ଜଳବାୟୁ ଢାଂଚାରେ ଏକ ନିର୍ଦ୍ଦିଷ୍ଟ ପରିବର୍ତ୍ତନର ସଂକେତ ପ୍ରଦାନ କରେ । କହିବା ବାହୁଲ୍ୟ ଯେ ବସନ୍ତ ଋତୁ ଉଭାନ୍ ହୋଇଯିବା ସହ ଆଗୁଆ ଗ୍ରୀଷ୍ମକାଳ ଆରମ୍ଭ ହୋଇଯାଇଛି । ଯାହାକି ଆଂଚଳିକ ବାୟୁମଣ୍ଡଳୀୟ ଏବଂ ଦୀର୍ଘକାଳୀନ ଜଳବାୟୁ ପରିବର୍ତ୍ତନର ସନ୍ଦେଶ ପ୍ରଦାନ କରେ । ଏଭଳି ଜଳବାୟୁ ପରିବର୍ତ୍ତନଶୀଳତାର ପ୍ରଭାବ ଜୀବନ ଓ ଜୀବିକାକୁ ପ୍ରଭାବିତ କରୁଛି । କେବଳ ଜୀବନଜୀବିକା ନୁହେଁ; ଦେଶର ଅର୍ଥନୀତିକୁ ପ୍ରଭାବିତ କରିଥିବାବେଳେ କୃଷି କ୍ଷେତ୍ର ପାଇଁ ଉଦ୍‌ବେଗର କାରଣ ଭାବେ ଉଭା ହୋଇଛି । ୨୦୧୧ରେ ମାର୍ଚ୍ଚ-ଏପ୍ରିଲରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଗହମ ଚାଷ କ୍ଷତିଗ୍ରସ୍ତ ହୋଇଥିଲା । ବୋଧହୁଏ କେହି ଏହା ପାସୋରି ନ ଥିବେ । ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଦେଶରେ ସେଓ ଚାଷ ସହ ଫଳ ଓ ପନିପରିବା ଚାଷ ମଧ୍ୟ ପ୍ରଭାବିତ ହୋଇଛି । କହିବା ବାହୁଲ୍ୟ ଯେ ଜଳବାୟୁ ପରିବର୍ତ୍ତନ ଏକ ଆକସ୍ମିକ ପ୍ରବାହ ନୁହେଁ । ଦେଶରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଥିବାରୁ ଏହାକୁ ଦୃଷ୍ଟିରେ ରଖି ଏଣିକି ଜଳବାୟୁ ଉପଯୋଗୀ ବା ଜଳବାୟୁ ନମନୀୟ ଚାଷ ପାଇଁ ପ୍ରସ୍ତୁତ ହେବାକୁ ହେବ । ଅନ୍ୟଥା, ଦେଶ ଗୁରୁତର ଖାଦ୍ୟ ସଂକଟର ସମ୍ମୁଖୀନ ହୋଇପାରେ । ଆସନ୍ତା ୨୦୫୦ ବେଳକୁ ଖାଦ୍ୟ ସଂକଟ ଦେଖାଦେବା ନେଇ ବିଜ୍ଞାନୀମାନେ ଚେତାବନୀ ଦେଇସାରିଲେଣି । ତେବେ କେବଳ ଖାଦ୍ୟ ସଂକଟ ନୁହେଁ; ଉତ୍କଟ ପାନୀୟ ଜଳ ସଂକଟକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ । ସାଧାରଣତଃ ଖରାଦିନ ଆସିଲେ ଆମ ଦେଶରେ ଉପକୂଳ, ସମତଳ, ଅଂଚଳଠାରୁ ଆରମ୍ଭ କରି ଦୁର୍ଗମ ପାହାଡ଼ିଆ ଅଂଚଳ ସବୁଠାରେ ଉତ୍କଟ ପାନୀୟ ଜଳ ସଂକଟର ଧ୍ୱନି ଶୁଣାଯାଏ । କୁଅ-ପୋଖରୀ ଶୁଖିଯିବା ସହ ଭୂତଳ ଜଳ ମଧ୍ୟ ହ୍ରାସ ପାଇବାରେ ଲାଗିଛି, ଯାହାକି ଏବେ ଚିନ୍ତାର କାରଣ । ସେହିପରି ବିଦ୍ୟୁତ୍ ସଂକଟ ମଧ୍ୟ ଦେଖାଯାଏ । ବିଦ୍ୟୁତ୍ ଓ ପାନୀୟ ଜଳ ସଂକଟର ମୁକାବିଲା ପାଇଁ ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ଜରୁରୀ । ଏହା ନିଃସନ୍ଦେହ ଯେ ଜଳବାୟୁ ପରିବର୍ତ୍ତନ ଏବଂ ତାପମାତ୍ରା ବୃଦ୍ଧି କେବଳ ଗୋଟଏ ଦେଶର ସମସ୍ୟା ନୁହେଁ; ଏହା ଏକ ବୈଶ୍ୱିକ ସମସ୍ୟା । ଏବେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଯୁଦ୍ଧ, ବୈଶ୍ୱିକ ତାପମାତ୍ରାକୁ ଆହୁରି ପ୍ରଜ୍ୱଳିତ କରିବାରେ ଖୋରାକ୍ ଯୋଗାଇଛି ବୋଲି କହିଲେ ଭୁଲ୍ ହୋଇ ନ ପାରେ । ତେଣୁ ବେଳହୁଁ ସାବଧାନ ନ ହେଲେ, ତାପମାତ୍ରା ବୃଦ୍ଧି ମୁକାବିଲା ପାଇଁ ଯୋଜନା ନ କଲେ, ଧ୍ୱଂସ ହିଁ ସାର ହେବ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ୍ ନଂ-୩, ଶିଶୁପାଳଗଡ଼,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ଜିଲ୍ଲାପାଳଙ୍କ ଉପସ୍ଥିତିରେ ଖୋଲିଲା ବିଦ୍ୟାଳୟ

ଗଣିଆ, ୯ ।୩(ସମିସ)



## ୧୩ ଜଣଙ୍କୁ କୋର୍ଟ ଚାଲାଣ କଲା ପୁଲିସ
## ଏବେ ବି ପୁଲିସ ଛାଉଣିରେ ବେଲପଡ଼ାପାଟଣା

ବାଦବିବାଦର ଅନ୍ତ ଘଟିଛି । ପ୍ରାଥମିକ ବିଦ୍ୟାଳୟର ତାଲା ଖୋଲିବାକୁ ନେଇ ଉପୁଜିଥିବା ଦ୍ୱନ୍ଦ୍ୱରେ ପଡ଼ିଛି ପୂର୍ଣ୍ଣଚ୍ଛେଦ । ଜିଲ୍ଲାପାଳଙ୍କ ଉପସ୍ଥିତିରେ ସୋମବାର ଖୋଲିଛି ବିଦ୍ୟାଳୟ । ଦୀର୍ଘ ମାସେରୁ ଅଧିକ ସମୟ ଧରି ଗ୍ରାମରେ ଚାଲିଥିବା ବିବାଦରୁ ଆଶ୍ୱସ୍ତି ମିଳିଛି । ତେବେ ଏବେ ବି ପୁଲିସ ଛାଉଣିରେ ଅଛି ଗ୍ରାମ । ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ବେଲପଡ଼ାପାଟଣା ଗ୍ରାମ ପ୍ରାଥମିକ ବିଦ୍ୟାଳୟରୁ ସୋମବାର ତାଲା ଖୋଲିଛି । ବିଦ୍ୟାଳୟ ଖୋଲିବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଉପୁଜିଥିବା ବେଳେ ଛାତ୍ରଛାତ୍ରୀ ପାଠପଢ଼ାରୁ ବଞ୍ଚିତ ହୋଇଥିଲେ ।

ଗତ ଫେବୃୟାରୀ ୩ ତାରିଖ ଏହି ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ର ଭୋଳାନାଥ ମଳିକ ସ୍କୁଲରୁ ଶୌଚ ହେବାକୁ ଯାଇ ଆଉ ଫେରି ନ ଥିଲେ । ପରଦିନ ଏକ ଖୋଲା କୂଅରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ପୁଅକୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରି ୪ ତାରିଖରୁ ବିଦ୍ୟାଳୟରେ ତାଲା ପକାଇଥିଲେ । ସେବେଠାରୁ ସ୍କୁଲ ବନ୍ଦ ରହିଛି । ଏବେ ବାର୍ଷିକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଗତ ଶୁକ୍ରବାର ମୌଖିକ ପରୀକ୍ଷା ଥିଲା । ପିଲାମାନେ ନିକଟସ୍ଥ ହାଇସ୍କୁଲରେ ପରୀକ୍ଷା ଦେଇଥିଲେ । ତେବେ ମୃତ ଛାତ୍ରଙ୍କ ପରିବାର ଲୋକେ ଏହାକୁ ବିରୋଧ କରି ଭଙ୍ଗାରୁଜା କରିଥିଲେ । ଫଳରେ ପରୀକ୍ଷା ହୋଇପାରି ନ ଥିଲା । ଶନିବାର ଜିଲ୍ଲା ପୁଲିସର ହସ୍ତକ୍ଷେପ ପରେ ପରୀକ୍ଷା ହୋଇଥିଲେ ମଧ ବିଦ୍ୟାଳୟ ତାଲା ଖୋଲାଯାଇ ନ ଥିଲା । ଶନିବାର ବେଲପଡ଼ାପାଟଣାର ୨ ଶହରୁ ଅଧିକ ଗ୍ରାମବାସୀ ବିଦ୍ୟାଳୟ ତାଲା ଖୋଲିବା ପାଇଁ ନୟାଗଡ଼ରେ ପହଞ୍ଚି ଜିଲ୍ଲାପାଳଙ୍କୁ ଭେଟିବା ସହିତ ଧାରଣା ଦେଇଥିଲେ । ସୋମବାର ବିଦ୍ୟାଳୟ ଖୋଲିବାକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଫେରିଥିଲେ । ରବିବାର ରାତିରେ ଜିଲ୍ଲା ପୁଲିସ ତରଫରୁ ବେଲପଡ଼ାପାଟଣା ଗ୍ରାମରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା । ସୋମବାର ସକାଳୁ ପୁଲିସ ଉପସ୍ଥିତିରେ ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟ ପରିସରରେ ପରୀକ୍ଷା କରାଯାଇଥିଲା । ଏହି ସମୟରେ ମୃତ ଛାତ୍ରଙ୍କ ପରିବାର ଲୋକଙ୍କ ସହ ପ୍ରାୟ ୧୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଟଙ୍କଧର ଛତ୍ରିଆ ପ୍ରକାଶ କରିଛନ୍ତି ।

ଜିଲ୍ଲାପାଳ ମଧୁମିତା ରଥ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଏସପି ଏସ୍ ସୁଶ୍ରୀ, ଅତିରିକ୍ତ ଏସପି ସୁବାସ ଚନ୍ଦ୍ର ପଣ୍ଡା, ଏସଡିପିଓ ମଦନ ମୋହନ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ତହସିଲଦାର ଐଶ୍ୱର୍ଯ୍ୟା ପୃଷେଠ, ବ୍ଲକ ଶିକ୍ଷା ଅଧିକାରୀ ଲିପ୍ସା ନନ୍ଦଙ୍କ ସମେତ ଜିଲ୍ଲାର ବିଭିନ୍ନ ଥାନାର ଅଧିକାରୀ ଏବଂ ପୁଲିସ ଫୋର୍ସ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ । ପ୍ରଥମରୁ ପଞ୍ଚମ ଶ୍ରେଣୀର ପ୍ରାୟ ୫୨ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସୋମବାର ୫୦ ଜଣ ପରୀକ୍ଷା ଦେଇଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି । ପ୍ରାଥମିକ ବିଦ୍ୟାଳୟରୁ ତାଲା ଖୋଲିବା ପରେ ଜିଲ୍ଲାପାଳ ନିଜେ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ଭିତରକୁ ନେଇ ଯାଇଥିଲେ । ଦୀର୍ଘ ୧ ମାସରୁ ଅଧିକ ସମୟ ପରେ ବିଦ୍ୟାଳୟ ଖୋଲିଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରୀ ଦେଖିବାକୁ ମିଳିଥିଲା । ଛାତ୍ରଛାତ୍ରୀମାନେ ମଧ୍ୟାହ୍ନ ଭୋଜନ ଖାଇ ଘରକୁ ଫେରିଥିଲେ । ତେବେ ବିଦ୍ୟାଳୟ ଖୋଲିଥିଲେ ମଧ ଏବେ ବି ଗ୍ରାମରେ ପୁଲିସ ଛାଉଣି ଥିବା ଦେଖିବାକୁ ମିଳିଛି । ପୁଲିସ ୧୩ ଜଣଙ୍କୁ କୋର୍ଟ ଚାଲାଣ କରିଥିବାରୁ ଆଗକୁ କିଛି ଅପ୍ରିତିକର ପରିସ୍ଥିତିକୁ ଦୃଷ୍ଟିରେ ରଖି କିଛିଦିନ ପାଇଁ ଏଠାରେ ପୁଲିସ ଫୋର୍ସ ମୁତୟନ ହେବେ ବୋଲି କୁହାଯାଇଛି ।

## ମନ୍ଦିର ହୁଣ୍ଡି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ୍

ଭାପୁର, ୯ ।୩(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଭଗବାନପୁର ପଞ୍ଚାୟତ ବେତଖୋଲି ଗ୍ରାମ ମୁଣ୍ଡମଥାଳୀ ପାହାଡ଼ ଉପରେ ଗତ ମାସ ୨୦ ତାରିଖ ଜିଲ୍ଲାର ବୃହତ୍ତମ ହନୁମାନ ମୂର୍ତ୍ତି ଓ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା । ଏହି ନବନିର୍ମିତ ମନ୍ଦିର ପରିସରରେ ନିର୍ମିତ ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କା ଲୁଟ କରିଥିବା ଅଭିଯୋଗ ହୋଇଛି । ଏ ନେଇ ଫତେଗଡ଼ ଥାନାରେ ପଞ୍ଚାୟତର ସମିତି ସଭ୍ୟାଙ୍କ ପ୍ରତିନିଧି ବସନ୍ତ କୁମାର ନାୟକ ସୋମବାର ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ମନ୍ଦିର ପୂଜକ ବନମାଳୀ ମିଶ୍ର ସୋମବାର ସକାଳେ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ପହଞ୍ଚିଲା ବେଳକୁ ରାତିରେ କେହି ଦୁର୍ବୃତ୍ତ ହୁଣ୍ଡି ତାଲା ଭାଙ୍ଗି ଟଙ୍କା ଲୁଟି ନେଇଛନ୍ତି । ପୁଲିସ ଏ ନେଇ ତଦନ୍ତ ଆରମ୍ଭ କରିଛି ।

## ପାର୍ବତୀପୁର ଗ୍ରାମରେ ପଞ୍ଚୁଦୋଳ ଯାତ୍ରା

ଭାପୁର, ୯ ।୩(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ପଞ୍ଚାୟତ ପାର୍ବତୀପୁର ଗ୍ରାମରେ ପଞ୍ଚୁଦୋଳ ଯାତ୍ରା ଆୟୋଜିତ ହୋଇଛି । ଗ୍ରାମର ଆରାଧ୍ୟ ଦେବତା ବାଲୁଙ୍କେଶ୍ୱର ଦେବଙ୍କ ପ୍ରାଙ୍ଗଣରେ ରବିବାର ଠାକୁରଙ୍କ ବିଜେ ପ୍ରତିମା ପହଞ୍ଚିବା ପରେ ଦୋଳଯାତ୍ରା ପଡ଼ିଆରେ ଯାତ୍ରା ଆୟୋଜିତ ହୋଇଛି । ରବିବାର ବାଲୁଙ୍କେଶ୍ୱର ଦେବଙ୍କ ବିଜେ ପ୍ରତିମା ଗ୍ରାମ ପରିକ୍ରମା କରି ଯାତ୍ରା ପଡିଆରେ ଅବସ୍ଥାନ କରିଥିଲେ । ସୋମବାର ଦିନ ସକାଳୁ ଭାପୁର ଗ୍ରାମରେ ବାଲୁଙ୍କେଶ୍ୱର ଓ ପତିତପାବନ ଠାକୁର, କଇଁଫୁଲିଆ ଗ୍ରାମର ଖଣତିବାନା, ମାଳିବେରେଣୀ ଗ୍ରାମର ଆଳେଶ୍ୱର ଓ ଖଣତିବାନା, ଏଲପଡ଼ା ଗ୍ରାମର ବୈଦନାଥ, ତରବାଲୋ ଗ୍ରାମର ଜଳେଶ୍ୱର, ଗୋପୀନାଥ ଓ ରାଧାକୃଷ୍ଣ, କରଡାପଲ୍ଲୀ ଗ୍ରାମର ବାଲୁଙ୍କେଶ୍ୱର ଦେବଙ୍କ ବିଜେ ପ୍ରତିମା ଦୋଳ ବିମାନରେ ମନ୍ଦିର ନିକଟରେ ନିଜ ନିଜ ଆସ୍ଥାନରେ ବିଜେ କରିଥିଲେ । ଏହି ଯାତ୍ରା ଉପଲକ୍ଷେ ରବିବାର ଗ୍ରାମର ଯୁବକମାନଙ୍କ ଦ୍ୱାରା ସାମାଜିକ ନାଟକ 'ଏମିତି ଭୁଲ କେବେ ବି ହେବନି' ମଞ୍ଚସ୍ଥ ହୋଇଥିଲା । ସୋମବାର ରାମ ନାଟକ ମଧ ଆୟୋଜିତ ହୋଇଥିଲା । ଅପରାହ୍ନରେ ସମସ୍ତ ଠାକୁର ପଟୁଆରରେ ପାର୍ବତୀପୁର ଗ୍ରାମ ପରିକ୍ରମା କରି ଗ୍ରାମକୁ ଫେରିଯାଇଥିଲେ ।

## କେନ୍ଦ୍ରୀୟ ଅଧିକାରୀଙ୍କ ପିଏମଶ୍ରୀ ବିଦ୍ୟାଳୟ ପରିଦର୍ଶନ



ନୟାଗଡ଼, ୯ ।୩(ସମିସ): ନୟାଗଡ଼ ଜିଲ୍ଲାର ପିଏମଶ୍ରୀ ବିଦ୍ୟାଳୟଗୁଡ଼ିକୁ କେନ୍ଦ୍ରୀୟ ଅଧିକାରୀ ମନସୁର ହାସନ୍ ଖାଁ, ରାଜ୍ୟ ଗଣଶିକ୍ଷା ମାଧ୍ୟମିକ ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ସାହୁ, ଜିଲ୍ଲା ଶିକ୍ଷାଧିକାରୀ ଚିତରଞ୍ଜନ ପାଣ୍ଡେ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ବନଲତା ବେହେରା ପ୍ରମୁଖ ଦୁଇଦିନିଆ ପରିଦର୍ଶନରେ ଯାଇଥିଲେ । ପିଏମଶ୍ରୀ ବିଦ୍ୟାଳୟଗୁଡ଼ିକରେ ସମାଜ ସଂସ୍କାର ଆଧାରିତ ଶିକ୍ଷା ତଥା କୌଶଳ ବିକାଶ ଶିକ୍ଷା, ମାନସିକ ସୁସ୍ଥତା, ଶାରୀରିକ ବିକାଶ, ଧନ୍ଦାମୂଳକ ଶିକ୍ଷା, ଖେଳ, କମ୍ପ୍ୟୁଟର ଓ ଅର୍ଥନୈତିକ ସଠିକ୍ ପରିଚାଳନା, ପରିଷ୍କାର ଓ ପରିଛନ୍ନତା ଉପରେ ଗୁରୁତ୍ୱ ଦେଇ ଆଲୋକପାତ କରିଥିଲେ । ପରେ ଉପସ୍ଥିତ ଅଧିକାରୀମାନେ ସାଇନ୍ସ ଲ୍ୟାବ ଓ ଆର୍ଟ କ୍ଲବ୍ ବୁଲି ଦେଖିଥିଲେ । ପରେ ନୂଆଗାଁ ବ୍ଲକ୍ ମହୀପୁର ପିଏମଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଜିଲ୍ଲାପାଳ ମଧୁମିତା ରଥଙ୍କ ସହ ଆଲୋଚନା କରିଥିଲେ । ବୈଠକରେ ଏଡିଏମ ଉପସ୍ଥିତ ରହି ସହ ପରିଦର୍ଶନ କରିଥିବା ବିଦ୍ୟାଳୟଗୁଡ଼ିକ ସଠିକ୍ ପରିଚାଳନା ହେଉଥିବା ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ । ବୈଠକରେ ସମସ୍ତ ପିଏମଶ୍ରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ବୈଠକ ପରେ ପିଏମଶ୍ରୀ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟକୁ ସମସ୍ତ ଅଧିକାରୀ ଗସ୍ତ କରି ବିଦ୍ୟାଳୟର ଧନ୍ଦାମୂଳକ ଶିକ୍ଷା, ଖେଳ, କମ୍ପ୍ୟୁଟର ଓ ଅର୍ଥନୈତିକ ପରିଚାଳନା, ପରିଷ୍କାର ଓ ପରିଛନ୍ନତା, ପଞ୍ଚଶଖା ଶିକ୍ଷା ସେତୁରେ ଆଲୁମ୍ନି ଦେଉଥିବା ଆର୍ଥିକ ସହାୟତା ଦେଖି ଖୁସୀବ୍ୟକ୍ତ କରିଥିଲେ । ସମସ୍ତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ସମଗ୍ର ଶିକ୍ଷାର ସଂଯୋଜକ ସହଯୋଗ କରିଥିଲେ ।

## ନୟାଗଡ଼ରେ ଶିକ୍ଷକ ସହିଦ ଦିବସ ପାଳିତ



ନୟାଗଡ଼, ୯ ।୩(ସମିସ): ୧୯୭୮ ଶିକ୍ଷକ ମହାସଂଘର ରାଜ୍ୟସ୍ତରୀୟ ଆନ୍ଦୋଳନରେ ଯୋଗଦେବାକୁ ଯାଉଥିବା ସମୟରେ ଟିକାତାଳଠାରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ନୟାଗଡ଼ ଜିଲ୍ଲାର ୬ ଶିକ୍ଷକ ଶିକ୍ଷୟିତ୍ରୀ ସହିଦ ହୋଇଥିଲେ । ସେମାନଙ୍କ ସ୍ମୃତିରେ ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ପୂର୍ବାହ୍ନରେ ନୟାଗଡ଼ କଲେଜ କାହ୍ନୁଚରଣ ପଟ୍ଟନାୟକ ସ୍ମୃତି ପୀଠରେ ପ୍ରତିବର୍ଷ ଭଳି ଶିକ୍ଷକ ସହିଦ ଦିବସ ପାଳନ କରାଯାଇଛି । ସ୍ମାରକୀ ପୀଠରେ ପୁଷ୍ପାଞ୍ଜଳି ପୂର୍ବକ ଶିକ୍ଷକ ଆନ୍ଦୋଳନର ଗୌରବମୟ ଅଧ୍ୟାୟକୁ ରୋମନ୍ଥନ କରିବା ସହିତ ଏବେ ବି କିଭଳି ଶିକ୍ଷା ବ୍ୟବସ୍ଥା କର୍ପୋରେଟ୍ ପୁଞ୍ଜିର ଦାସତ୍ୱ ସ୍ୱୀକାର କରିଛି, ଠିକାନିଯୁକ୍ତି ସହିତ ପେନସନ ସୁବିଧାର ମୂଳଚ୍ଛେଦ କରାଯାଇଛି, ଶାନ୍ତି ପରିବର୍ତ୍ତେ ଯୁଦ୍ଧଖୋର ଆମେରିକାର ପଦଲେହନ କରାଯାଉଛି, ଏଥି ପାଇଁ ବକ୍ତାମାନେ ଗଭୀର ଚିନ୍ତା ପ୍ରକଟ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ସମାଜସେବୀ ପ୍ରମୋଦ ପଟ୍ଟନାୟକ, ଓଷ୍ଟାର ପ୍ରାକ୍ତନ ସମ୍ପାଦକ କିଶୋର ପରମଗୁରୁ, ରାଜ୍ୟ କର୍ମକର୍ତ୍ତା ମାଣିକେଶ୍ୱର ସ୍ୱାଇଁ, ଅଧ୍ୟାପକ ଡ. ଆଶୁତୋଷ ମିଶ୍ର, ଶିକ୍ଷାବିତ ଏମ୍. ଆଉରଙ୍ଗଜେବ, ଅନାଦି ଚରଣ ମହାନ୍ତି, ଶିକ୍ଷାର୍ଥୀ ଗଙ୍ଗାଧର ଦାସ, ରୋଜାଲିନ ଦାସ, ପାୟଲ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ବିଡିଓଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଲେ ବ୍ଲକ ଅଧ୍ୟକ୍ଷା

### ତିନିଦିନ ମଧ୍ୟରେ ଫାଇଲ ଦେବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ



ଭାପୁର, ୯ ।୩(ସମିସ): ସୋମବାର ଭାପୁର ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ଭାପୁର ବିଡିଓଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଛନ୍ତି । ବିଡିଓ ତାଙ୍କ ବିନା ଦସ୍ତଖତରେ ବିନା କାମରେ ମିଥ୍ୟା ବିଲ୍ କରିଥିବା ବ୍ଲକ ଅଧ୍ୟକ୍ଷା ଗୁରୁତର ଅଭିଯୋଗ କରିଛନ୍ତି । ଏପରିକି ଫାଇଲଗୁଡ଼ିକୁ ବିଡିଓ ବ୍ଲକ ଅଧ୍ୟକ୍ଷାଙ୍କୁ ଦେଖାଉ ନ ଥିବା ମଧ ଅଭିଯୋଗ କରିଛନ୍ତି । ତିନିଦିନ ମଧ୍ୟରେ ଏହି ଫାଇଲ ଅଧ୍ୟକ୍ଷାଙ୍କୁ ଦେବାକୁ ଜିଲ୍ଲାପାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ବିଡିଓମାନଙ୍କ କ୍ଷମତା ବୃଦ୍ଧି ଓ ବ୍ଲକ ଅଧ୍ୟକ୍ଷ, ଅଧ୍ୟକ୍ଷାମାନଙ୍କ କ୍ଷମତା ସଂକୁଚିତ କରିବା ପାଇଁ ଏମଏଲ ଓ ଏମପି ଲ୍ୟାଡ ଭଳି ଟଙ୍କାର ବ୍ୟୟ ସମୟରେ ବ୍ଲକ ଅଧ୍ୟକ୍ଷମାନଙ୍କ ଦସ୍ତଖତ ଆବଶ୍ୟକ ନାହିଁ ବୋଲି ରାଜ୍ୟ ସରକାର ବିଧାନସଭାରେ ବିଲ୍ ପାସ୍ କରି ଦୁର୍ନୀତିକୁ ପ୍ରୋତ୍ସାହିତ କରୁଛନ୍ତି । ମାତ୍ର ଅନେକ କାର୍ଯ୍ୟର ବିଲ୍ ବର୍ତ୍ତମାନ ବି ଅଧ୍ୟକ୍ଷଙ୍କ ବିନା ଦସ୍ତଖତରେ ପୈଠ ହୋଇପାରିବ ନାହିଁ ବୋଲି ନିୟମ ରହିଛି । ଯେପରି ଅର୍ଥ କମିଶନଙ୍କ ଟଙ୍କାର କାର୍ଯ୍ୟ । ଭାପୁର ବ୍ଲକରେ ୧୫ଶ ଅର୍ଥ କମିଶନଙ୍କ ଅର୍ଥରେ ଅନେକ କାର୍ଯ୍ୟ ହୋଇଛି ଓ ହେଉଛି । ମାତ୍ର ଏହି ଫାଇଲ ବ୍ଲକ ଅଧ୍ୟକ୍ଷାଙ୍କ ଅଗୋଚରରେ ଓ ବିନା ଦସ୍ତଖତରେ ବିଲ୍ ପୈଠ ହୋଇଛି ବୋଲି ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ଜିଲ୍ଲାପାଳ ମଧୁମିତା ରଥଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଏହା ବିଡିଓ ସାରଦା ପ୍ରସନ୍ନ ପଣ୍ଡାଙ୍କ ଅନୈତିକ କାର୍ଯ୍ୟ ଓ ଦୁର୍ନୀତିଖୋର ମନୋବୃତ୍ତିର ପ୍ରମାଣ ବୋଲି ସେ ଅଭିଯୋଗ କରିଛନ୍ତି । ସେ ଫାଇଲ ଦେଖିବାକୁ ମାଗିଲେ ମଧ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଦେଉନାହାନ୍ତି । ଫାଇଲ ନ ଦେବାକୁ ସେମାନଙ୍କୁ ବିଡିଓଙ୍କ ନିର୍ଦ୍ଦେଶ ଥିବା କହୁଛନ୍ତି । ଯଦି ଫାଇଲରେ ଅଧ୍ୟକ୍ଷାଙ୍କ ଦସ୍ତଖତ ଆବଶ୍ୟକ ନାହିଁ ତେବେ ତାଙ୍କୁ ସରକାର ପ୍ରଦାନ କରିଥିବା ଡିସିବି ତାଙ୍କଠାରୁ ନେଇଯାଆନ୍ତୁ ବୋଲି ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି । ଜିଲ୍ଲାପାଳ ଏହି ଅଭିଯୋଗ ପାଇବା ପରେ ତତ୍କାଳ ବିଡିଓଙ୍କୁ ଡାକି ୩ ଦିନ ମଧ୍ୟରେ ଉକ୍ତ ଫାଇଲଗୁଡ଼ିକ ବ୍ଲକ ଅଧ୍ୟକ୍ଷାଙ୍କୁ ଦେବାକୁ ନିର୍ଦ୍ଦେଶ ଦେବା ସହ ସମସ୍ତ ଉନ୍ନୟନ କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବାକୁ ମଧ କହିଛନ୍ତି ।

## ବନମାଳୀପୁର ପଞ୍ଚୁଦୋଳ ଯାତ୍ରା ଓ ମହୋତ୍ସବ ଉଦଘାଟିତ





ଖଣ୍ଡପଡ଼ା, ୯ ।୩(ସମିସ): ନୟାଗଡ଼ ଜିଲ୍ଲାର ମନ୍ଦିର ମାଳିନୀ ଗ୍ରାମ ଭାବେ ପରିଚିତ ଖଣ୍ଡପଡ଼ା ବ୍ଲକ ବନମାଳିପୁର ପ୍ରସିଦ୍ଧ ଦ୍ୱିତୀୟ ବାର୍ଷିକ ପଞ୍ଚୁଦୋଳ ଯାତ୍ରା ଓ ମହୋତ୍ସବ ସୋମବାର ଉଦଘାଟିତ ହୋଇଛି । ବାବା ସୋମନାଥ ଦେବଙ୍କ ପୀଠରେ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଗ୍ରାମ ସଭାପତି ରାଧାନାଥ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ବିଡିଓ ଅଙ୍କୁର ଅଭିଳାଷ, ସ୍ଥାନୀୟ ସରପଞ୍ଚ ବାସନ୍ତୀ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । କଳା, ସଂସ୍କୃତି, ପରମ୍ପରା ଓ ଭାଇଚାରାକୁ ଉଜ୍ଜୀବିତ ରଖିବା ପାଇଁ ପଞ୍ଚୁଦୋଳ ମହୋତ୍ସବ ସର୍ବଦା ପ୍ରୟାସ ଜାରି ରଖିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଗ୍ରାମ ସମ୍ପାଦକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ପ୍ରସିଦ୍ଧ କାକଟପୁର ପାରମ୍ପରିକ ଘୋଡ଼ାନାଚ ଦର୍ଶକଙ୍କ ମନ ମୋହିଥିଲା । ପରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ସଙ୍ଗୀତା ପାଢ଼ୀଙ୍କ ସଙ୍ଗୀତରେ ଦର୍ଶକ ଝୁମିଥିଲେ । ମଙ୍ଗଳବାର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଯୁବ ଗାୟିକା ନାଭିଆ ଯାଇତିଙ୍କ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ।

## ସ୍ୱାଗତ ଓ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ନୟାଗଡ଼, ୯ ।୩(ସମିସ): ନୟାଗଡ଼ ଜିଲ୍ଲା ଫାର୍ମାସୀ ଅଫିସର ସର୍ଭିସ ଆସୋସିଏସନ୍ ଦ୍ୱାରା ରବିବାର ସ୍ୱାଗତ ଓ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଅନୁଷ୍ଠିତ ହୋଇଛି । ଜିଲ୍ଲା ସଭାପତି ମାନସ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପୁଷ୍ପନୀଳିମା ଲାକ୍ରା, ସମ୍ମାନିତ ଅତିଥି ଭାବେ ଡା. ସୁଶାନ୍ତ କୁମାର ବେହେରା, ରାଜ୍ୟ ସଂଘ ସଭାପତି ଶୁଭଲକ୍ଷ୍ମୀ ସ୍ୱାଇଁ, ଉପ ସଭାପତି ଭବାନୀ ପାତ୍ର, ସମ୍ପାଦକ ଖିତିଶ ପଟ୍ଟନାୟକ, କୋଷାଧ୍ୟକ୍ଷ ସୁଧୀର କୁମାର ନାୟକ, ସାଙ୍ଗଠନିକ ସମ୍ପାଦକ ଲୋକନାଥ ସୁନା ଓ ଲଳିତ ବିଶୋଇ ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ ନୂଆ କରି ଯୋଗ ଦେଇଥିବା ଫାର୍ମାସୀ ଅଧିକାରୀଙ୍କୁ ସଙ୍ଘ ତରଫରୁ ସ୍ୱାଗତ କରାଯାଇଥିଲା । ପରେ ଅବସର ଗ୍ରହଣ କରିଥିବା ଫାର୍ମାସୀ ଅଧିକାରୀ ବିଜୟ କୁମାର ସାହୁ, ଶରତ ଖଟୁଆ, ବ୍ରଜକିଶୋର ଦଳେଇ, ଦୀନବନ୍ଧୁ ପୃଷ୍ଟି, ରବି ନାରାୟଣ ବେହେରା, ସତ୍ୟନାରାୟଣ ଚୌଧୁରୀ, ରବୀନ୍ଦ୍ର କୁମାର ଭଞ୍ଜବ୍ରହ୍ମା, ବସନ୍ତ କୁମାର ପାଣିଗ୍ରାହୀଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ । ଅବସର ଗ୍ରହଣ କରିଥିବା ସମସ୍ତ ଅଧିକାରୀ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ । ଜିଲ୍ଲା ସଙ୍ଘ ତରଫରୁ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା । କୁନ୍ଦନ କୁମାର ସାହୁ ଓ ମାନସ କୁମାର ସାହୁ ସଭା ପରିଚାଳନା କରିଥିଲେ । ସମ୍ପାଦକ କିଶୋର କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ମଙ୍ଗରାଜପୁରରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ଦାବି

ଖଣ୍ଡପଡ଼ା, ୯ ।୩(ସମିସ): ଖଣ୍ଡପଡ଼ା ବ୍ଲକ କିଆଝର ପଞ୍ଚାୟତ ମଙ୍ଗରାଜପୁରରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି । ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧା ପାଇବା ନିମନ୍ତେ ୧୦ ଗ୍ରାମର ଲୋକେ ନାନା ସମସ୍ୟା ଭୋଗୁଥିବା ନେଇ ପ୍ରାୟ ଦୁଇବର୍ଷ ହେଲା ଅଭିଯୋଗ କରିଆସୁଛନ୍ତି । ଅଭିଯୋଗ ଅନୁଯାୟୀ ଖଣ୍ଡପଡ଼ା ବ୍ଲକ ଅଧୀନ ସରପୋଖରୀ, କୁଞ୍ଜବେଲି, ରାକେସିଆ, ସେରଜଙ୍ଗ, ମଙ୍ଗରାଜପୁର, କୋଦୁଆଁପଲ୍ଲୀ, କନ୍ଧମିରିଗ, କେନ୍ଦୁପଲ୍ଲୀ, ବରପଲ୍ଲୀ ଓ କୁଟୁକୁଣୀ ଆଦି ୩ ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତର ହଜାର ହଜାର ଲୋକେ ସ୍ୱାସ୍ଥ୍ୟସେବା ପାଇବା ନିମନ୍ତେ ସମସ୍ୟାରେ ପଡ଼ୁଛନ୍ତି । ଅନ୍ୟପକ୍ଷରେ ସ୍ୱାସ୍ଥ୍ୟସେବା ପାଇବା ନିମନ୍ତେ ସେମାନେ ଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ବେଳେ ଗ୍ରାମଗୁଡ଼ିକରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଦୂରତା ପ୍ରାୟ ୧୫ କିମିରୁ ଊର୍ଦ୍ଧ୍ୱ । ଏଥିଯୋଗୁଁ ବିଭିନ୍ନ ସମୟରେ ଅକାଳରେ ଅନେକ ଲୋକ ପ୍ରାଣ ହରାଉଥିବା ବେଳେ ଗର୍ଭବତୀ ମହିଳା ତଥା ଶିଶୁମାନେ ବହୁ କଷ୍ଟର ସାମ୍ନା କରୁଛନ୍ତି । ଉକ୍ତ ଗ୍ରାମ ସମୂହ ନିମନ୍ତେ ଆଖପାଖ ଅଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ କରାଗଲେ ଅଞ୍ଚଳବାସୀ ଉପକୃତ ହୋଇପାରିବେ । ଏନେଇ ଦୁଇବର୍ଷ ତଳେ ରୋଗୀ କଲ୍ୟାଣ ସମିତି ବୈଠକରେ ଗଡ଼ିଆସାହି ସରପଞ୍ଚ ପ୍ରତିମା ଆଚାର୍ଯ୍ୟ ଓ କିଆଝର ସରପଞ୍ଚ ଦୀପାଞ୍ଜଳି ମହାନ୍ତି ଦାବି ଉପସ୍ଥାପନ କରିଥିଲେ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଭଳି ଦାବିକୁ ଗ୍ରହଣ କରାଯାଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି । ଦୁଇବର୍ଷ ପରେ ମଧ ଏ ଦିଗରେ ଆଶା ଓ ଆଶଙ୍କାରେ ଗତି କରୁଛନ୍ତି ଅଞ୍ଚଳବାସୀ । ଅନ୍ୟପକ୍ଷରେ ଲୋକଙ୍କ ଦାବି ଅନୁଯାୟୀ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେବଳ ଗୋଟିଏ ନୁହେଁ ଏକାଧିକ ସ୍ଥାନରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ଥାପନ ପ୍ରସ୍ତାବକୁ ମଞ୍ଜୁରୀ ନିମନ୍ତେ ଉପରିସ୍ଥ ଅଧିକାରୀଙ୍କୁ ପଠାଇ ଦିଆଯାଇଥିବା ବେଳେ ଏ ଦିଗରେ ଆନୁଷ୍ଠାନିକ ପଦକ୍ଷେପ ଗ୍ରହଣ କରାଯାଇ ଗଡ଼ିଆସାହି ପଞ୍ଚାୟତ ଅଧୀନ କୁଞ୍ଜବେଲି ଗ୍ରାମରେ ଗୋଟିଏ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଏବଂ କିଆଝର ପଞ୍ଚାୟତ ଅଧୀନ ପେଟାପଲ୍ଲୀଠାରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଖୋଲିବା ପାଇଁ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଥିବା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସୂଚନା ମିଳିଛି । ତେବେ ମଙ୍ଗରାଜପୁର ଗ୍ରାମବାସୀଙ୍କ ପୂର୍ବ ଦାବି ମୁତାବକ ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ମଙ୍ଗରାଜପୁରଠାରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ପ୍ରହସନ ପାଲଟିଛି ଡିଜିଟାଲ ଇଣ୍ଡିଆ

### ଜିଲ୍ଲାର ଶତାଧିକ ଗ୍ରାମରେ ନାହିଁ ମୋବାଇଲ୍ ନେଟୱର୍କ

ନୟାଗଡ଼, ୯ ।୩(ସମିସ)



ରାଜ୍ୟ ରାଜଧାନୀଠାରୁ ମାତ୍ର ୧୦୦ କିମି ଦୂରରେ ଅବସ୍ଥିତ ନୟାଗଡ଼ ଜିଲ୍ଲାର ଗ୍ରାମାଞ୍ଚଳରେ ଡିଜିଟାଲ ଇଣ୍ଡିଆ ଲୋକଙ୍କ ପାଇଁ ଧୂଆଁବାଣ ପାଲଟିଛି । ଜିଲ୍ଲାର ଅଧିକାଂଶ ସ୍ଥାନରେ ନେଟୱର୍କ ସମସ୍ୟା ରହିଥିବା ବେଳେ ଗଣିଆ, ଓଡ଼ଗାଁ, ରଣପୁର ଓ ଦଶପଲ୍ଲା ବ୍ଲକର ଶତାଧିକ ଗ୍ରାମ ପାଇଁ ମୋବାଇଲ ସେବା ଭେଳିକି ସଦୃଶ ହୋଇଛି । ରଣପୁର ବ୍ଲକ ବନ୍ଧମୁଣ୍ଡା ପଞ୍ଚାୟତ, ନରେନ୍ଦ୍ରପୁର ପଞ୍ଚାୟତ ବଧିପାଟଣା ମୌଜାର ନୂଆଗାଁ, ରାଜସୁନାଖଳା ପଞ୍ଚାୟତ କୋଟଗଡ଼, ପୋକଶୁଙ୍ଗା ମୌଜା, ଶୁରୁକାବାଡ଼ି ପଞ୍ଚାୟତ ହାତୀବାରି, କାଳିଆଷଣ୍ଢ ଅଞ୍ଚଳରେ ନେଟୱର୍କ ନ ଥିବା ଜଣାଯାଇଛି । ସେହିଭଳି ଚାନ୍ଦପୁର ଜଙ୍ଗଲିଆ ଅଞ୍ଚଳରେ ସମାନ ସମସ୍ୟା ଦେଖିବାକୁ ମିଳିଛି । ଦଶପଲ୍ଲା ବ୍ଲକ କଳସାଖମଣ, ନୂଆଗାଁ ପଞ୍ଚାୟତର ୧୫ରୁ ଊର୍ଦ୍ଧ୍ୱ ଗ୍ରାମ ଆଦୌ ନେଟୱର୍କ ସୁବିଧା ନାହିଁ । ଚଢ଼େୟାପଲ୍ଲୀ, ଦୁଡ଼ା, କୁଜାମେଣ୍ଢି, ତୁମାଣ୍ଡି, ପୋଖରୀଗୋଛା ପଞ୍ଚାୟତର କିଛି କିଛି ଗ୍ରାମ ମଧ ନୋ ନେଟୱର୍କ ଜୋନ୍ ସାଜିଛି । ବିଏସଏନଏଲ୍ ଟାୱାର ଅଧା ସମୟ କାମ କରୁନାହିଁ । ଗଣିଆ ବ୍ଲକ ବଡ଼ସିଲିଙ୍ଗା ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ଗ୍ରାମରେ ଆଦୌ ନେଟୱର୍କ ନ ଥିବା ଜଣାଯାଇଛି । ଏହି ଗ୍ରାମଗୁଡ଼ିକ ମଧ୍ୟରୁ ୧୦ରୁ ଊର୍ଦ୍ଧ୍ୱ ଗ୍ରାମରେ କେକେବିଏନ୍ ମାଓ ସଂଗଠନ ବିଭିନ୍ନ ସମୟରେ ଆଶ୍ରୟ ନେବା ତଥା ସଂଗଠନ କରିବାର ସୂଚନା ମଧ ରହିଛି । ସେହିଭଳି ଛାମୁଣ୍ଡିଆ ପଞ୍ଚାୟତର ୧୦ରୁ ଊର୍ଦ୍ଧ୍ୱ ଗ୍ରାମ ନୋ ନେଟୱର୍କ ଜୋନରେ ରହିଛି । ବାଇଶିପଲ୍ଲୀ ଅଭୟାରଣ୍ୟକୁ ଲାଗି ରହିଥିବା ଏହି ଦୁଇ ପଞ୍ଚାୟତବାସୀ ଅନଲାଇନ ଶିକ୍ଷା ଏବଂ ବ୍ୟାଙ୍କ ନେଣଦେଣ ନେଇ ଯାବତୀୟ ସମସ୍ୟା ଭୋଗୁଛନ୍ତି । ବଡ଼ଶିଲିଙ୍ଗା ପଞ୍ଚାୟତରେ ଆମ ବ୍ୟାଙ୍କ ସେବା ପାଇଁ ଲୋକଙ୍କୁ ପାହାଡ଼ ଚଢ଼ିବାକୁ ପଡ଼ୁଛି । ବଡ଼ଶିଲିଙ୍ଗାରେ ବିଏସ୍ଏନ୍ଏଲ୍ ଟାୱାର ଥିଲେ ବି ପଞ୍ଚାୟତବାସୀ ଉପଯୁକ୍ତ ସେବା ପାଇ ପାରୁନାହାନ୍ତି । ଯେଉଁ କାରଣକୁ ନେଇ ଲୋକମାନେ ପାହାଡ଼ ଉପରେ ଥିବା ଗଛରେ ଚଢ଼ିବାକୁ ମଧ ବାଧ ହେଉଛନ୍ତି ।

ଓଡ଼ଗାଁ ବ୍ଲକର ବାଣ୍ଟପୁର, କଜଳାଇପଲ୍ଲୀ ପଞ୍ଚାୟତର କିଛି ଗ୍ରାମ ଏବଂ ନୂଆଗାଁ ବ୍ଲକର କେତେକ ପଞ୍ଚାୟତରେ ନେଟୱର୍କ ଆସୁନଥିବା ଦେଖାଯାଇଛି । ଜିଲ୍ଲାରେ ଶତାଧିକ ଗ୍ରାମ ଏବେ ବି ଅନଲାଇନ ସେବା ପାଇବାରୁ ବଞ୍ଚିତ ରହିଛନ୍ତି । ଆଦିବାସୀ ବହୁଳ ଅଞ୍ଚଳରେ ରୋଗ, ଘରପୋଡ଼ି ତଥା ଜରୁରୀକାଳୀନ ସହାୟତା ପାଇଁ ଫୋନଟିଏ କରିବାକୁ ଲୋକେ କେଉଁଠି ପାହାଡ଼ ଉପରେ ଚଢ଼ୁଛନ୍ତି ତ ପୁଣି କେତେବେଳେ ଦୁଇରୁ ଚାରି କିଲୋମିଟର ବାଟ ଦୌଡ଼ୁଛନ୍ତି । ଏହି ନୋ ନେଟୱର୍କ ଜୋନଗୁଡ଼ିକରେ ସବୁଠାରୁ ସାଂଘାତିକ ସମସ୍ୟା ଭୋଗୁଛନ୍ତି ଅଙ୍ଗନବାଡ଼ି କର୍ମୀ ଏବଂ ସରକାରୀ ଅଧିକାରୀ । ସବୁକାମ ଅନଲାଇନ ମାଧ୍ୟମରେ କରାଯାଉଥିବା ବେଳେ ସେମାନଙ୍କ ପାଇଁ ଉତ୍କଟ ପରିସ୍ଥିତି ସୃଷ୍ଟି ହେଉଛି । ନୋ ନେଟୱର୍କ ଜୋନରେ ବାସ କରୁଥିବା ଲୋକେ ଡିଜିଟାଲ ଯୁଗ ସହ ତାଳ ଦେଇପାରୁ ନ ଥିବା ଅନୁଭବ ହେଉଛି । ମନରେଗାରେ ଆସୁଥିବା ମଜୁରି, ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ସହାୟତା ରାଶିଠାରୁ ଆରମ୍ଭ କରି ବ୍ୟାଙ୍କ ଦେଣନେଣ ପାଇଁ ବହୁତ ହଇରାଣ ହେଉଥିବା ଦେଖାଯାଇଛି । ଦଶପଲ୍ଲା ବ୍ଲକର କେତେକ ଆଦିବାସୀ ଅଞ୍ଚଳରେ ଏହି ସମସ୍ୟା ସବୁଠାରୁ ଜଟିଳ ପରିସ୍ଥିତି ସୃଷ୍ଟି କରିଛି । ଗୋଟିଏ ଗାଁରୁ ଅନ୍ୟ ଏକ ଗାଁକୁ ଯିବାକୁ ଏକାଧିକ ପାହାଡ଼ ଚଢ଼ିବାକୁ ପଡୁଥିବା ବେଳେ ସେମାନେ ଆବଶ୍ୟକ କାମ ପାଇଁ ହଇରାଣ ହେଉଛନ୍ତି । ଜିଲ୍ଲାର ନେଟୱର୍କ ଜୋନରେ ରହୁଥିବା ଗାଁଗୁଡ଼ିକରେ ଅନଲାଇନ ଶିକ୍ଷା ମଧ ପ୍ରହସନ ପାଲଟିଛି । ଜିଲ୍ଲାରୁ ଏହି ସମସ୍ୟା କେବେ ଦୂରୀଭୂତ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

### କୁକୁର କାମୁଡ଼ାରେ ଲୋକେ ଆକ୍ରାନ୍ତ; ସହର ସାରା ମାଲମାଲ କୁକୁର

# କୁକୁର ବନ୍ଧ୍ୟାକରଣ ନୈରାଶ୍ୟଜନକ, ବଢୁଛି ଅସନ୍ତୋଷ



ଖୋର୍ଦ୍ଧା, ୯।୩(ସମିସ): ସରକାର କୁକୁର ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ପାଇଁ ଅର୍ଥ ମଞ୍ଜୁର କରୁଛନ୍ତି କିନ୍ତୁ ପ୍ରଶାସନିକ ଅଧିକାରୀଙ୍କ ଅନିଚ୍ଛା ସତ୍ତ୍ୱେ ହେଉ କିମ୍ବା ଆନ୍ତରିକତା ଅଭାବରୁ ଜିଲ୍ଲାରେ କୁକୁର ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ହେବାର ନାଁ ଧରୁନି। ଗତ ୫ବର୍ଷ ମଧ୍ୟରେ କେବଳ ବିଏମସିକୁ ବାଦ ଦେଲେ ଜିଲ୍ଲାର ଅନ୍ୟ କୌଣସି ସ୍ଥାନରେ କୁକୁର ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ହୋଇନଥିବା ଜଣାଯାଇଛି। ଫଳରେ ଖୋର୍ଦ୍ଧା ସହର ଓ ଏହାର ଅଖା ପାଖ ଉପକଣ୍ଠ ଅଞ୍ଚଳରେ ଦିନକୁ ଦିନ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି। ଲୋକେ ବୁଲା କୁକୁର କାମୁଡାର ଶିକାର ହୋଇ ଡାକ୍ତରଖାନାକୁ ଆସୁଛନ୍ତି। ହେଲେ ଯେଉଁ ଯନ୍ତ୍ରଣାରେ ଲୋକେ କୁକୁର କାମୁଡାରେ ଛଟପଟ ହେଉଛନ୍ତି ତାହା ଦିନକୁ ଦିନ ଅସହ୍ୟ ହେବାରେ ଲାଗିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ହେଉ କି ସ୍ୱାସ୍ଥ୍ୟ ବିଭାଗ ନିଘା ନ ଥିବା ପରି ମନେ ହେଉଛି। ଜିଲ୍ଲାପ୍ରଶାସନ ବନ୍ଧ୍ୟାକରଣ ପ୍ରତି ଗୁରୁତ୍ୱ ଦେଉନଥିବା ହେତୁ ଜିଲ୍ଲାରେ ପ୍ରତିଦିନ କୁକୁର କାମୁଡା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାବେଳେ ଆକ୍ରାନ୍ତମାନେ ଖୋର୍ଦ୍ଧା ମେଡିକାଲକୁ ଚିକିତ୍ସା ନିମନ୍ତେ ଆସୁଥିବା ଦେଖିବାକୁ ମିଳୁଛି।

ଆନିମଲ ବାର୍ଥ କଂଟ୍ରୋଲ ଆକ୍ଟ ଅନୁଯାଇ ପୌରପରିଷଦ ଓ ବିଜ୍ଞାପିତ ଅଂଚଳ ଅଧିକାରୀମାନେ ଆନିମଲ ବାର୍ଥ କଂଟ୍ରୋଲ ପାଇଁ ଏକ ଗୃହର ବ୍ୟବସ୍ଥା କରିବା ସହିତ କୁକୁର ଧରିବା ଠାରୁ ଆରମ୍ଭକରି ବନ୍ଧ୍ୟାକରଣର ୭ଦିନ ପର୍ଯ୍ୟନ୍ତ ସେମାନଙ୍କ ଯତ୍ନ ନେବା ଏବଂ ପରବର୍ତୀ ସମୟରେ କୁକୁର ମାନଙ୍କୁ ସୁସ୍ଥ କରି ଯେଉଁ ସ୍ଥାନରୁ ଅଣିଥିବେ ସେହି ସ୍ଥାନରେ ଛାଡ଼ିବା ନିୟମ ରହିଛି। ଏହି ଦାୟିତ୍ୱ ପୌରପରିଷଦ କାର୍ଯ୍ୟାଳୟର ରହିଥିବାବେଳେ ଏହା ବାସ୍ତବରେ କିନ୍ତୁ ଭୁବନେଶ୍ୱର ମହାନଗର ନିଗମକୁ ଛାଡିଦେଲେ ଅନ୍ୟ କେଉଁଠାରେ ହେଉନଥିବା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ସଦାଶିବ ମହାପାତ୍ର ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ପୌରପରିଷଦ ବିଭାଗ ଭୁଲିଯାଇଥିବା ପରି ମନେ ହେଉଛି। ପୌରପରିଷଦ ପକ୍ଷରୁ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଜଣାଇବା ସହିତ ବନ୍ଧ୍ୟାକରଣ ସର୍ଜରୀ ନିମନ୍ତେ ପ୍ରାଣୀ ଚିକିତ୍ସା ବିଭାଗକୁ ପତ୍ର ଦ୍ୱାରା ଅବଗତ କରାଇ ସର୍ଜରୀ ନିମନ୍ତେ ଅନୁରୋଧ କରିବା କଥା। କିନ୍ତୁ ଦୃର୍ଭାଗ୍ୟର ବିଷୟ ଆଜକୁ ୩ବର୍ଷ ମଧ୍ୟରେ ଥରେ ମଧ୍ୟ ପୌରପରିଷଦ ପକ୍ଷରୁ କୌଣସି ପତ୍ର ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ହୋଇନଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି।

ପ୍ରାଣୀ ଚିକିତ୍ସକଙ୍କ କହିବା ଅନୁଯାୟୀ ଭୁବନେଶ୍ୱର ବିଏମସି ପକ୍ଷରୁ ୨୦୧୯ ମସିହାରେ ୩୧୫୦ କୁକୁର ବନ୍ଧ୍ୟା କାରଣ ହୋଇଥିବା ବେଳେ ୨୦୨୦ ମସିହାରେ ୧୬୫୦, ୨୦୨୧ ରେ ୨୨୦୦ ଏବଂ ୨୦୨୩ ମସିହାରେ ୩୫୭୪ କୁକୁରକୁ ବନ୍ଧ୍ୟା କରଣ କରାଯାଇଛି। ମାତ୍ର ଅନ୍ୟ କୌଣସି ପୌରପରିଷଦ ଓ ବିଜ୍ଞାପିତ ଅଂଚଳରେ ଏହି କାର୍ଯ୍ୟକ୍ରମ ହୋଇନଥିବା ଜଣାପଡିଛି। ଫଳରେ ଜିଲ୍ଲାରେ କୁକୁରଙ୍କ ସଂଖ୍ୟା ଦିନକୁ ଦିନ ସହରରେ ବୃଦ୍ଧି ହେବାରେ ଲାଗିଛି। ସହର ଠାରୁ ଆରମ୍ଭ କରି ଗାଁ ମାନଙ୍କର ମୁଖ୍ୟ ରାସ୍ତା ଓ ବିଭିନ୍ନ ଗଳିକନ୍ଦିରେ ଦେଶୀ କୁକୁରଙ୍କ ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଗ୍ରାମାଂଚଳରେ ମଧ୍ୟ ବୁଲା କୁକୁର ଲୋକଙ୍କୁ କାମୁଡିବା ଦ୍ୱାରା ଲୋକେ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ ପ୍ରତିଦିନ ଶତାଧିକ କୁକୁର କାମୁଡା ରୋଗୀ ଡାକ୍ତର ଖାନାକୁ ଆସି ଇଞ୍ଜେକସନ ନେଉଛନ୍ତି। କୁକୁରଙ୍କ ବନ୍ଧ୍ୟାକରଣ କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନ ଅନିଚ୍ଛା ହେଉ କିମ୍ବା ଆନ୍ତରିକତା ଅଭାବରୁ ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ଜିଲ୍ଲାରେ ହେବାର ନାଁ ଧରୁନି। ତେଣୁ ଶୀଘ୍ର କୁକୁର ବନ୍ଧ୍ୟାକରଣ ଲାଗି ପଦକ୍ଷେପ ନିଆଯାଉ ବୋଲି ସାଧାରଣରେ ଦାବି ହେଉଛି।

## ଆକ୍ରମଣ କରି ଲୁଟ୍, ଦୁଇ ଗିରଫ



ଜଟଣୀ, ୯।୩ (ସମିସ): ଜଟଣୀ ଥାନା ଅନ୍ତର୍ଗତ ଲୋକ କଲୋନିରେ ଜଣେ ବ୍ୟକ୍ତିଙ୍କୁ ଅଟକାଇ ପଥରରେ ଆକ୍ରମଣ କରି ଟଙ୍କା ଓ ମୋବାଇଲ୍ ଲୁଟ୍ କରିବା ଘଟଣାରେ ପୁଲିସ ଦୁଇ ଜଣ ଲୁଟେରାଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଲୋକ କଲୋନି ମାଣିଆ ଛକର ସୁଶାନ୍ତ ଏସ କେ ବାବର ଅଲ୍ଲୀ (୨୯) ଓ ଶଶାଙ୍କ ଦାସ (୪୦)। ସୂଚନାଯୋଗ୍ୟ ଯେ, ଗତ ୭ତାରିଖ ସଂଧ୍ୟାରେ ମଙ୍ଗୁ ନାୟକ ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍ ରୁ ଲୋକ କଲୋନି ସ୍ଥିତ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ଗିରଫ ଦୁଇ ଅଭିଯୁକ୍ତ ଓ ତାଙ୍କ ସହଯୋଗୀ ମିଶି ତାଙ୍କୁ ଅଟକାଇ ଦାଦାବଟି ମାଗିଥିଲେ। ଏହାକୁ ବିରୋଧ କରିବାରୁ ସେମାନେ ତାଙ୍କ ହାତକୁ ଗାମୁଛାରେ ବାନ୍ଧି ମାଡ଼ ମାରିବା ସହ ପଥରରେ ଆକ୍ରମଣ କରିଥିଲେ। ପରେ ତାଙ୍କଠାରୁ ୨୫ ହଜାର ଟଙ୍କା ଓ ମୋବାଇଲ ଫୋନ୍ ଛଡ଼ାଇ ନେଇ ପଳାଇଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ଲୋକ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏମ୍ସକୁ ସ୍ଥାନାନ୍ତର କରିଥିଲେ। ଅନ୍ୟପଟେ ଆଜି ଦୁଇ ଅଭିଯୁକ୍ତ ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍ ନିକଟରେ ବୁଲୁଥିବା ପୁଲିସ ଖବର ପାଇ ଅତର୍କିତ ଚଢ଼ଉ କରି ସେମାନଙ୍କୁ କାବୁ କରିଥିଲା। ଏ ନେଇ ଥାନାରେ ଏକ କେସ ନଂ ୧୨୪/୨୬ ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୁଲିସ।

## ଘରୁ ତାଲା ଭାଙ୍ଗି ଲୁଟ୍ ଘଟଣାରେ ଅଭିଯୁକ୍ତ ଗିରଫ

ଜଟଣୀ, ୯।୩ (ସମିସ): ଜଟଣୀ ଥାନା ଅନ୍ତର୍ଗତ ବିକାଶ ନଗରରେ ଘରର ତାଲା ଭାଙ୍ଗି ଆଲମିରାରୁ ସୁନା ଅଳଙ୍କାର, ଟଙ୍କା ଓ ପୋଷାକ ଆଦି ଲୁଟ୍ ଘଟଣାରେ ଜଣେ ପେସାଦାର ଅପରାଧୀକୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ହେଲା ଜଟଣୀ ବାଲିଛକ ମୁଣ୍ଡିଆ ସାହିର ରଘୁନାଥ ଦଳେଇ ଓରଫ୍ ସନା (୩୪)। ପୁଲିସ ତା ନିକଟରୁ ଚୋରି ସୁନା ଓ ରୂପା ଅଳଙ୍କାର, ପୋଷାକ ଓ ନଗଦ ଟଙ୍କା ଜବତ କରିଛି। ସୂଚନାଯୋଗ୍ୟ ଯେ, ଗତ ୫ତାରିଖରେ ଅଭିଯୋଗକାରିଣୀ ଓ ତାଙ୍କ ପରିବାର ଲୋକ ଘର ତାଲା ପକାଇ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଘରର ତାଲା ଭାଙ୍ଗି ଘରେ ପଶିଥିଲା। ଆଲମିରାରୁ ସୁନା, ରୂପା ଓ ନଗଦ ଟଙ୍କା ଲୁଟି ନେଇଥିଲା ଅଭିଯୁକ୍ତ। ପରେ ସେମାନେ ଘରକୁ ଫେରି ଲୁଟ୍ ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ କରି ଆଜି ଅଭିଯୁକ୍ତକୁ ଗିରଫ କରିଛି। ତା ଲୁଟ୍ ଜିନିଷ ସବୁ ଜବତ ହୋଇଛି। ଏ ନେଇ ଥାନାରେ ଏକ କେସ ନମ୍ବର ୧୧୮/୨୬ ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣେ ପେସାଦାର ଅପରାଧୀ ହୋଇଥିବା ବେଳେ ପୂର୍ବରୁ ତା ନାଁରେ ଜଟଣୀ ଥାନାରେ ୪ଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି।

## ଅଟୋକୁ ପିଟିଲା କାର୍: ୫ ଯାତ୍ରୀ ଆହତ, ମହିଳା ମୃତ

ଜଟଣୀ, ୯।୩ (ସମିସ): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ନାଇଜର ସାମ୍ନାରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଖୋର୍ଦ୍ଧା ପଟୁ ଦ୍ରୁତଗତିରେ ଆସୁଥିବା ଏକ କାର୍ ଯାତ୍ରୀବାହୀ ଅଟୋକୁ ପଛରୁ ପିଟିଥିଲା। ଫଳରେ ଅଟୋରେ ବସିଥିବା ୫ଜଣ ଯାତ୍ରୀ ଆହତ ହୋଇଥିଲେ। ତେବେ ସେମାନଙ୍କ ମଧ୍ୟରେ ଜଣେ ମହିଳା ସଞ୍ଜୁ ବେହେରାଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟି ଜବତ କରିବା ସହ କାର ଚାଳକଙ୍କୁ ଥାନାରେ ଅଟକ ରଖିଛି। ଘଟଣାନୁଯାୟୀ, ଆଜି ଖୋର୍ଦ୍ଧା ଆଡୁ (ଓଡି୦୨ ଜେଡ୍ ୦୫୨୧) ଏକ ଅଟୋ ଯାତ୍ରୀ ନେଇ ଆସୁଥିଲା। ଏହି ସମୟରେ ନାଇଜର ସାମ୍ନାରେ (ଓଡି ୦୨ସିଏ ୮୨୯୫) ବିଶିଷ୍ଟ ଏକ କାର୍ ଦ୍ରୁତ ଗତିରେ ଆସି ପଛରୁ ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ବସିଥିବା ଦୁଇ ଜଣ ପୁରୁଷ ଓ ୩ଜଣ ମହିଳା ଯାତ୍ରୀମାନେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲ୍ଲା ହସ୍ପିଟାଲ୍ ଓ କ୍ୟାପିଟାଲ ହସ୍ପିଟାଲ୍‌କୁ ପଠେଇଥିଲେ। ଆହତମାନେ ହେଲେ ଗୋପୀନାଥ ପରିଡ଼ା, କୁନି ପରିଡ଼ା, ସନ୍ତୋଷ କୁମାର ସାହୁ, ମମତା ବେହେରା ଓ ମୃତ ସଞ୍ଜୁ ବେହେରା। ତେବେ ଚିକିତ୍ସାଧୀନ ଅବସ୍ଥାରେ ସଞ୍ଜୁଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟମାନେ ଚିକିତ୍ସା ପରେ ଘରକୁ ଫେରୁଥିବା ସୂଚନା ମିଳିଛି। ତେବେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡ଼ିକୁ ଜବତ କରିଛି। କାର ଚାଳକ ଜଣଙ୍କ ଅତ୍ୟଧିକ ମଦ୍ୟପାନ କରି ଗାଡ଼ି ଚଳାଉଥିବାରୁ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ତେବେ ଦୁର୍ଘଟଣାରେ ଗାଡ଼ି ଦୁଇଟି ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି।

# ପଞ୍ଚୁ ଦୋଳ ଉତ୍ସବ: କମ୍ପୁଛି ଛଣଗିରି ଓ ରାମେଶ୍ୱର ମେଳଣ ପଡ଼ିଆ



ନିରାକାରପୁର, ୯।୩ (ସମିସ): ଖୋର୍ଦ୍ଧା ଜିଲ୍ଲା ଛଣଗିରି ଓ ରାମେଶ୍ୱର ଗ୍ରାମରେ ପଞ୍ଚୁ ଦୋଳ ଉତ୍ସବ ଆରମ୍ଭ ହୋଇଛି। ରାତିରୁ ବିରାଟ ଶୋଭାଯାତ୍ରାରେ ବିଭିନ୍ନ ସ୍ଥାନରୁ ଥାନାପତିଙ୍କ ସମେତ ଅନ୍ୟ ଦେବଦେବୀମାନେ ସୁସଜ୍ଜିତ ବିମାନରେ ବିରାଟ ବିରାଟ ପଟୁଆରରେ ମେଳଣ ପଡ଼ିଆରେ ପହଞ୍ଚିବା ପରେ ପୂଜାର୍ଚ୍ଚନା ଶେଷ ହୋଇଛି। ଏହି ସମୟରେ ଲୋକମାନେ ବିଭିନ୍ନ ଆତସବାଜି ସହିତ ଘଣ୍ଟା ଘଣ୍ଟି, ମୃଦଙ୍ଗ, ହରିବୋଲ , ହୁଳ ହୁଳି ଧ୍ୱନୀ ମଧ୍ୟରେ ଠାକୁରମାନଙ୍କ ଆଗମନ ବେଶ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଗତକାଲି ରାତିରେ ଛଣଗିରି ପଞ୍ଚୁ ଦୋଳ ପଡିଆକୁ ଥାନାପତି ଗୋପୀନାଥ ଦେବ ଓ ଚନ୍ଦ୍ରଶେଖର ଦେବଙ୍କ ଆଗମନ ସହିତ ସରପାରୀ ମା ଭଗବତୀ, ଛଣଗିରି ମା ଭଗବତୀ, ମା ଶାରଳା, ମା ବଘେଇ, ରମାବିଲି, ଦେଉଳି ଗ୍ରାମର ଭଗବତ ଦେବ, ଅଚ୍ୟୁତପୁର, ସରପାରୀ, ନାଳସିଂହ, ରତାମାଟି, ତୋଟପଡା ଓ ବାରିଝାଲିରୁ ଭଗବତ ଦେବ ସମେତ ସମୁଦାୟ ୪୬ ଜଣ ଦେବଦେବୀ ବିମାନରେ ଆସି ଆସ୍ଥାନ ରେ ବିରଜା ମାନ କରୁଛନ୍ତି। ଏହି ଯାତ୍ରା ପଡ଼ିଆରେ ଯାତ୍ରା ପାର୍ଟି ଲୋକମାନଙ୍କ ମନୋରଞ୍ଜନ ପାଇଁ ଆଜି ଓ ଆସନ୍ତାକାଲି ପ୍ରଦର୍ଶିତ ହେବ। ସେହିପରି ରାମେଶ୍ୱର ପଞ୍ଚୁଦୋଳ ପଡିଆକୁ ଥାନାପତି ମଝି ସାହି ଭଗବତ ଦେବଙ୍କ ସମେତ ୨୮ ଜଣ ଠାକୁର ବିମାନରେ ପଟୁଆରରେ ଆସି ଅଧିଷ୍ଠିତ ହୋଇଛନ୍ତି। ରାମେଶ୍ୱର ରାମନିଧି ଦେବ, ଜଗତ ମୋହନ ଦେବ ସହିତ ୪ ସାହିର ଭଗବତ ଦେବ, ଖଜୁରୀପଡ଼ା ଦ୍ୱାରିନାୟକାଣି, ଦୁଇ ଭଗବତ ଦେବ, ପଦ୍ମପୁର ତାଳପଡ଼ା, ମଧୁବନ, ରେଙ୍ଗଟା ଗ୍ରାମର ଭଗବତ ଦେବ, ଯାଜପୁର ରଙ୍ଗନାଥ ଦେବ ଓ ରାମେଶ୍ୱର ଗଡ ରଘୁନାଥ ଦେବ ବିରାଟ ପଟୁଆରରେ ଆତସବାଜି ଓ ହରିବୋଲ ହୁଳହୁଳି ମଧ୍ୟରେ ଆସି ବିଳମ୍ବିତ ରାତିରେ ଅଧିଷ୍ଠିତ ହୋଇଛନ୍ତି। ଏହି ମେଳଣ ବୁଧବାର ଦିନଟିଏ ଅନୁଷ୍ଠିତ ହେଉଥିବାବେଳେ କିନ୍ତୁ ଅପେରା ପାର୍ଟି ଦୁଇ ଦିନ ପରିବେଷଣ କରୁଥିବାରୁ ଦୋକାନ ବଜାର ଦୁଇ ଦିନ ଯାତ୍ରା ପଡ଼ିଆରେ ରହୁଛି।

## ପଦନପୁରରେ ବୋମାମାଡ଼ ଘଟଣାରେ ଅଭିଯୁକ୍ତ ଗିରଫ

ଜଟଣୀ, ୯।୩ (ସମିସ): ଜଟଣୀ ଥାନା ଅନ୍ତର୍ଗତ ପଦନପୁରରେ ଗତ ୬ତାରିଖ ବିଳମ୍ବିତ ରାତିରେ ବୋମାମାଡ଼ ଘଟଣାରେ ଆଜି ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ହେଲା ପଦନପୁର ମଝିସାହିର ପ୍ରଭାତ କୁମାର ମହାନ୍ତି (୫୮)। ଜାତିଆଣ ଆକ୍ଷେପକୁ କେନ୍ଦ୍ରକରି ଏହି ବୋମା ମାଡ଼ ହୋଇଥିବା ଜଣାପଡ଼ିଛି। ଗତ ଶୁକ୍ରବାର ପଦନପୁର ଗ୍ରାମରେ ମେଳଣ ଚାଲିଥିଲା। ବିଳମ୍ବିତ ରାତିରେ ଗ୍ରାମର ସ୍କୁଲ ନିକଟରେ ପୂର୍ବ ଶତ୍ରୁତା ତଥା ଜାତିଆଣ ଆକ୍ଷେପକୁ କେନ୍ଦ୍ରକରି ବୋମାମାଡ଼ ହୋଇଥିଲା। ଏଥିରେ ଦୁଇ ଜଣ ଯୁବକ ଆହତ ହୋଇଥିବା ବେଳେ ଜଣେ ନାବାଳକ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଆହତମାନେ ହେଲେ କୃଷ୍ଣ ନାୟକ, ସ୍ମୃତି ରଞ୍ଜନ ନାୟକ ଓ ଚିକୁନା ନାୟକ। ପରେ ଅଭିଯୁକ୍ତଙ୍କୁ ଗିରଫ ଦାବିକରି ଗ୍ରାମବାସୀମାନେ ରାସ୍ତାରୋକ୍ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ୩ ଜଣଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରୁଥିଲା। ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ପ୍ରଭାତକୁ ଗିରଫ ପରେ ଆଜି କୋର୍ଟ ଚାଲାଣ କରିଛି ପୁଲିସ।

## ଅରୋମିରା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ନିରାକାରପୁର, ୯।୩ (ସମିସ): ନିରାକାରପୁର ଷ୍ଟେସନ ନିକଟସ୍ଥ ଅରୋମିରା ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସ୍କୁଲ ଚେୟାରମ୍ୟାନ ଦେବୀ ପ୍ରସାଦ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ପ୍ରତିଷ୍ଠାତା ରାମକୃଷ୍ଣ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ।




ମୁଖ୍ୟଅତିଥି ଭାବେ ଆଇନଷ୍ଟାଇନ ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ଡ. ଅବଦୁଲ କଲାମ, ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ ଓ ସମ୍ମାନୀତ ଅତିଥି ଭାବେ ସ୍କୁଲ ଅଧ୍ୟକ୍ଷା ରଞ୍ଜୁକ୍ତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଶିକ୍ଷୟିତ୍ରୀ ତପସ୍ୱିନୀ ବଳିଆର ସିଂହ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶ୍ରୀନିବାସ ରାଉତରାୟ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସଙ୍ଗୀତା ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଟିକଟ ଯାଞ୍ଚ୍ ଷ୍ଟାଫ୍‌ଙ୍କ ସାମୁହିକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଜଟଣୀ, ୯।୩ (ସମିସ): ସ୍ଥାନୀୟ ଖୋର୍ଦ୍ଧାରୋଡ ରେଳମଣ୍ଡଳ ଠାରେ ଟିକଟ ଚେକିଙ୍ଗ ଷ୍ଟାଫଙ୍କ ସାମୁହିକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଟିକଟ ନିରୀକ୍ଷକ ବାନାମ୍ବର ମୁଦୁଲି, ରମେଶ ପ୍ରଧାନ, ଏସି ହାଁସଦା , ଏନ ଶ୍ରୀନିବାସ ରାଓ ଓ ବି ସାହୁ ଚାକିରିରୁ ଅବସର ନେଇଥିଲେ ।



ସେମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ନିମନ୍ତେ ଷ୍ଟେସନ ଇନଚାର୍ଜ ସୁନିତା ପରିଡାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ପୁରୀ ଷ୍ଟେସନ ଡାଇରେକ୍ଟର ନିର୍ମଳ କୁମାର ଜେନା, କମରସିଆଲ ମ୍ୟାନେଜର ସୁଶାନ୍ତ କୁମାର ସାହୁ, ଶ୍ରମିକ କଂଗ୍ରେସ ଶାଖା ସମ୍ପାଦକ ଏଲ ଡି ମହାନ୍ତି, ଶ୍ରମିକ ୟୁନିଅନ ସାଙ୍ଗଠନିକ ସମ୍ପାଦକ କମ୍ରେଡ ରବି ଶର୍ମା ଅତିଥି ଭାବେ ଯୋଗଦେଇଥିଲେ। ତ୍ରିନାଥ ବେହେରା, ନବ କିଶୋର ସାହାଣୀ, ପ୍ରବୀଣ ପଣ୍ଡା , ସନାତନ ମଲ୍ଲିକ, ବି ପି ରାୟ ପ୍ରମୁଖ ଆୟୋଜନ ରେ ମୁଖ୍ୟ ଭୂମିକା ନେଇଥିବା ବେଳେ ଶିବ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## ପଞ୍ଚୁଦୋଳ ଉପଲକ୍ଷେ ମୁକ୍ତମଞ୍ଚ ନାଟକ ମଞ୍ଚସ୍ଥ

ବେଗୁନିଆ, ୯।୩(ସମିସ): ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ତଳଗଡ ଗ୍ରାମରେ ପଞ୍ଚୁଦୋଳ ଉପଲକ୍ଷେ ଗ୍ରାମବାସୀଙ୍କ ସହଯୋଗରେ ଶ୍ରୀ ଲୋକନାଥ ଦେବ ନାଟ୍ୟ ସଂସଦ ପକ୍ଷରୁ ଦୁଇ ଦିନ ଧରି ମୁକ୍ତମଞ୍ଚ ନାଟକ ମଞ୍ଚସ୍ଥ ହେବ। ଏଥିରେ ଅସତୀ ତୁଳସୀ ସତୀ ଚଉରା ଓ ଏମିତି ବନ୍ଧନ ଯୋଡ଼ିଚି କିଏ ଗ୍ରାମ୍ୟ କଳାକାରମାନେ ଅଂଶ ଗ୍ରହଣ କରି ମନୋରଞ୍ଜନର ଖୋରାକ ଯୋଗାଇବେ ବୋଲି ଯାତ୍ରା ପରିଚାଳନା କମିଟିର ସଭାପତି ମନମୋହନ ସାମନ୍ତରାୟ, ସମ୍ପାଦକ ପ୍ରତାପ ବିଶ୍ୱାଳ, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବରିଷ୍ଠ ସଦସ୍ୟ ବ୍ରଜ କିଶୋର ସାମଲଙ୍କ ସମେତ କମିଟି ସଦସ୍ୟ ମାନେ କହିଛନ୍ତି। ଏହି ନାଟକ ନିର୍ଦ୍ଦେଶନା ଦେଇଛନ୍ତି ଚଳଚିତ୍ର ନିର୍ଦ୍ଦେଶକ ଡମ୍ବରୁଧର ବେହେରା, ରଜତ କୁମାର ପାଇକରାୟ ଓ ମୁନା ଘଡେଇ।

## ପଲ୍ଲୀରେ ପ୍ରଶାସନ ; ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର

ବାଲୁଗାଁ, ୯।୩(ସମିସ) : ଖୋର୍ଦ୍ଧା ଜିଲ୍ଲା ଚିଲିକା ପଞ୍ଚାୟତ ସମିତି ଅନ୍ତର୍ଗତ ହାଟବରଡ଼ିହ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅୟୋଜିତ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଖୋର୍ଦ୍ଧା ଉପ ଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ସହକାରୀ ଜିଲ୍ଲାପାଳ ଅଭିଯୋଗ ଭୂବନେଶ୍ୱର କଅଁର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଂଜୟ ଚନ୍ଦ୍ର ରାୟ, ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କିସୁମ କୁମାରୀ ପ୍ରହରାଜ, ଚିଲିକା ବିଡିଓ ପୁନମ ମହାପାତ୍ର, ଚିଲିକା ତହସିଲଦା କାହ୍ନୁ ଚରଣ ଘଡ଼େଇ, ଏସଡିପିଓ ସଂଜୟ ପଟ୍ଟନାୟକ ଓ ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା ପ୍ରମୁଖ ଯୋଗଦେଇ ହାଟବରଡ଼ିହ ଗ୍ରାମ ପଞ୍ଚାୟତ ବିଭିନ୍ନ ଗ୍ରାମ ସହ ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ଶୁଣାଣି କରିଥିଲେ। ଉକ୍ତ ଶିବିରରେ ସମୁଦାୟ ୭୯ଟି ଅଭିଯୋଗ ଦରଖାସ୍ତ ବିଚାର ପାଇଁ ପଞ୍ଜୀକରଣ କରାଯାଇଥିଲା। ସେଥି ମଧ୍ୟରୁ ୭୪ଟି ଅଭିଯୋଗ ବ୍ୟକ୍ତିଗତ ହୋଇଥିବା ବେଳେ ୫ଟି ବିଭିନ୍ନ ଗ୍ରାମର ସାମୁହିକ ଅଭିଯୋଗ ଅନ୍ତର୍ଭୁକ୍ତ। ଉକ୍ତ ଶିବିରରେ ୫ଟି ଅଭିଯୋଗ ଦରଖାସ୍ତର ସ୍ଥଳ ବିଶେଷରେ ତ୍ୱରିତ ଫଇସଲା କରାଯାଇଥିଲା। ଉକ୍ତ ଜନ ଶୁଣାଣି ଶିବିରରେ ନିର୍ବାଚିତ ଜନ ପ୍ରତିନିଧି ଓ ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଓ ସ୍ଥାନୀୟ ପଦାଧିକାରୀମାନେ ଉପସ୍ଥିତ ରହି ଆସିଥିବା ବିଭିନ୍ନ ଅଭିଯୋଗ ଦରଖାସ୍ତର ସମାଧାନ ଦିଗରେ ଆବଶ୍ୟକୀୟ ସହଯୋଗ ପ୍ରଦାନ କରିଥିଲେ। ବିଭିନ୍ନ ଅଭିଯୋଗ ମଧ୍ୟରେ ଆବାସ ଯୋଜନା, ଆଧାରକାଡର୍, ଖାଉଟିକାଡର୍ ଓ ଭତ୍ତା ସମ୍ପର୍କିତ ବହୁ ଅଭିଯୋଗ ମାନ ଆସିଥିବା ଜଣାଯାଇଛି। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଖୋଲାଯାଇଥିବା ବିଭିନ୍ନ ଷ୍ଟଲ ମାନ ପ୍ରଶାସନିକ ଅଧିକାରୀ ପରିଦର୍ଶନ କରିଥିଲେ।

## ଐତିହାସିକ ପଞ୍ଚୁଦୋଳ ଉତ୍ସବ ଉଦ୍‌ଘାଟିତ

ବେଗୁନିଆ, ୯।୩(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ସିମୋର୍ ଗ୍ରାମ ସ୍ଥିତ ୧୭୩ ତମ ପଞ୍ଚୁଦୋଳ ପର୍ବ ପାଳନ ଅବସରରେ ବାବା ପଞ୍ଚୁଦୋଳ କମିଟିର ସଦସ୍ୟଙ୍କ ସହଯୋଗରେ ପ୍ରଥମ ବାର୍ଷିକ ଐତିହାସିକ ପଞ୍ଚୁଦୋଳ ଉତ୍ସବ (ଏକତା) ଉଦଘାଟିତ ହୋଇଛି। ଏଥିରେ ଗ୍ରାମ୍ୟ କମିଟି ସଭାପତି ମହେନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତା ଓ ହର ପ୍ରସାଦ ସିଂହଙ୍କ ସଂଯୋଜନାରେ ଡ଼ାକ୍ତର ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି, ଚଳଚ୍ଚିତ୍ର ସଂଳାପ ଲେଖକ ତଥା ଅଧ୍ୟାପକ ଡ ରଜନୀ ରଞ୍ଜନ ମୁଖ୍ୟବକ୍ତା, କଣ୍ଠଶିଳ୍ପୀ ଯଜ୍ଞ ଦାସ, ଶିକ୍ଷାବିତ୍ ଦେବରାଜ ପ୍ରହରାଜ, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର,ଚଳଚ୍ଚିତ୍ର ଅଭିନେତା ହର ରଥ, ସମାଜସେବୀ ଡ. ଲକ୍ଷ୍ମୀପ୍ରିୟା ପଣ୍ଡା, ମହୋତ୍ସବ କମିଟିର ସଭାପତି ବଳଭଦ୍ର ପ୍ରଧାନ, ସମ୍ପାଦକ ଅଶୋକ କୁମାର ପ୍ରଧାନ ଓ କୋଷାଧ୍ୟକ୍ଷ ଡ଼ଃ ସନ୍ଦୀପ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଉତ୍ସବ ଭାଇଚାରା ଓ ସଂସ୍କୃତିକୁ ଉଜ୍ଜୀବିତ କରିଥାଏ



ବୋଲି ମତ ପ୍ରକାଶ କରିଥିଲେ। ପରେ ଗଁପୁର ଜୟ ଦୁର୍ଗା ଡ୍ୟାନସ ଗ୍ରୁପ ସହ ଶିଶୁ କଳାକାର ମାନେ ନୃତ୍ୟ ପରିବେଷଣ କରିଥିଲେ।

# ବାଣପୁରର ଐତିହାସିକ ପଞ୍ଚୁଦୋଳ ମେଳଣ ଉଦ୍‌ଯାପିତ



ବାଣପୁର, ୯।୩ (ସମିସ) : ପ୍ରତି ବର୍ଷ ପରି ଚଳିତ ବର୍ଷ ଅନେକ ସମ୍ଭାର ଓ ସୁରଭି ନେଇ ପ୍ରାୟ ୫ଶହ ବର୍ଷର ପଞ୍ଚୁଦୋଳ ମେଳଣ ସମାରୋହ ବାଣପୁରସ୍ଥିତ ଏ÷÷ୟତିହାସିକ ପଲଟଣ ପଡିଆରେ ଦୁଇ ଦିନ ବ୍ୟାପି ଆଡମ୍ବର ସହ ଅନୁଷ୍ଠିତ ହୋଇ ଯାଇଛି। ପଞ୍ଚୁଦୋଳ ଯାତ୍ରାକୁ ରବିବାର ଦେବାଦେବୀଙ୍କ ଆଗମନ ହୋଇଥିବା ବେଳେ ସୋମବାର ସନ୍ଧ୍ୟାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ସୁସଜ୍ଜିତ ଦୋଳ ବିମାନରେ ଠାକୁରଙ୍କ ମହାମେଳଣ ସମାରୋହ ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି। ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ ଲାଗି ପ୍ରଶାସନ ତରଫରୁ ବ୍ୟପକ ବନ୍ଦୋବସ୍ତ କରାଯାଇଥିଲା। ରବିବାର ସନ୍ଧ୍ୟାରେ ଏହି ପଂଚୁଦୋଳ ଯାତ୍ରା ଉଦ୍‌ଘାଟିତ ହୋଇ ଛାୟା ମଣ୍ଡପଠାରେ ତୁଳସୀ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣରେ ଦର୍ଶକ ବେଶ ଝୁମିଥିଲେ। ଦୁଇ ଦିନ ବ୍ୟାପି ଅନୁଷ୍ଠିତ ପଞ୍ଚୁଦୋଳ ମେଳଣ ସୋମବାର ସନ୍ଧ୍ୟାରେ ପ୍ରାୟ ଲକ୍ଷାଧିକ ଭକ୍ତଙ୍କ ସମାବେଶରେ ୭୬ ସୁସଜ୍ଜିତ ଦୋଳ ବିମାନରେ ୧୬୨ ଠାକୁରଙ୍କ ମହାମେଳଣ ଉତ୍ସବ ନିର୍ଦ୍ଧାରିତ ସମୟର ଏକ ଘଣ୍ଟା ବିଳମ୍ବରେ ଅନୁଷ୍ଠିତ ହୋଇଯାଇଛି। ରବିବାର ବିଳମ୍ବିତ ରାତିରେ ସ୍ଥାନାଧିପତି ଶ୍ରୀ ଶ୍ରୀ ଚରଣ ଚକା ଦେବଙ୍କ ନିମନ୍ତ୍ରଣ କ୍ରମେ ମା ଭଗବତୀ, ଶ୍ରୀ ଶ୍ରୀ ଦକ୍ଷେଶ୍ୱରଦେବ, ରଙ୍କନାଥ ଦେବ, ଉମାମହେଶ୍ୱର ଦେବ, ଭେଟିନାଥ ଦେବ ଆଦି ଦେବାଦେବୀଙ୍କ ସହିତ କପିଳେଶ୍ୱର ଦେବ, ଗୋପୀନାଥ ଦେବ, ବାଲୁଙ୍କେଶ୍ୱର ଦେବ, ରଘୁନାଥ ଦେବ, ଗତିଶ୍ୱର ଦେବ, ଗୁପ୍ତେଶ୍ୱର ଦେବ, ରାମେଶ୍ୱର ଦେବ, ସ୍ୱପ୍ନେଶ୍ୱର ଦେବ, ଝାଡେଶ୍ୱର ଦେବ ଆଦି ତମାମ ବାଣପୁର ଅଞ୍ଚଳର ୧୬୨ ଠାକୁରଙ୍କ ବିଜେ ପ୍ରତିମା ବୃଷଭ, ସିଂହ, ଗରୁଡ, ହନୁମାନ ଓ ଚଉଦୋଳ ଆଦି ୭୬ଗୋଟି ଦୋଳ ବିମାନରେ ପାଟପଟୁଆର ସହ ଐତିହାସିକ ପଲଟଣ ପଡିଆକୁ ଆଗମନ କରିଥିଲେ। ଏହି ପଞ୍ଚଦୋଳ ମେଳଣର ସ୍ଥାନାଧିପତି ଚରଣ ଚକାଦେବ ପ୍ରଥମେ ମା' ଭଗବତୀଙ୍କ ପାଛୋଟି ନେଇ ଆସନ ଅଂଳଙ୍କୃତ କରିବା ପରେ ରଙ୍କନାଥ ଦେବ, ଉମା ମହେଶ୍ୱର ଦେବ ପ୍ରମୁଖ ଆସନ ଗ୍ରହଣ କରିବା ପରେ ଅନ୍ୟାନ୍ୟ ଦେବା ଦେବୀ ମାନେ ନିଜ ନିଜର ଆସନ ଅଂଳଙ୍କୃତ କରିଥିଲେ। ସୋମବାର ଦିନ ତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ ହୋଇଥିଲା। ସନ୍ଧ୍ୟାରେ ମେଳଣ ସମାରୋହ ଦର୍ଶନ କରିବାକୁ ଲକ୍ଷାଧିକ ଭକ୍ତଙ୍କ ସମାବେଶ ହୋଇଥିଲା। ପ୍ରତିବର୍ଷ ପରି ଚଳିତ ବର୍ଷ ପାଟପଟୁଆରରେ ତଥା ଶୋଭାଯାତ୍ରାରେ ଶ୍ରୀଭେଟିନାଥ ଦେବ ବିଜେ-ଭେଟେଶ୍ୱର ପ୍ରଥମ, ଶ୍ରୀ ଗୁପ୍ତେଶ୍ୱର ଦେବ, ବିଜେ- ଗାଲୁଆ ଦ୍ୱିତୀୟ, ମା' ଭଗବତୀ ଦେବୀ ବିଜେ ଦକ୍ଷେଶ୍ୱରସାହି ତୃତୀୟ, ଶ୍ରୀଗ୍ରାମେଶ୍ୱର ଦେବ ବିଜେ-ଘାସେଡିହ ଓ ଶ୍ରୀ ସୋମନାଥ ଦେବ ବିଜେ-ଏକଡ଼ାଳିଆ ଶୋଭାଯାତ୍ରାରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ବେଳେ ସୁନ୍ଦର ଚଉଦଳରେ ଲୋକନାଥ ଦେବ ବିଜେ ବାଲିପଦର, ବୃଷବରେ ଜଗଡିଶ୍ୱର ବିଜେ- ସୁବୁଦ୍ଧିପାଟଣା ବାଲୁଗାଁ, ସିଂହରେ ଶ୍ରୀକନକଦୁର୍ଗାଦେବୀ ବିଜେ- ସାମନ୍ତରାପୁର, ଭିମପୁର, ଗରୁଡରେ ଶ୍ରୀ ଗୋବିନ୍ଦଗୋପାଳଦେବ, ହରିଚନ୍ଦନପୁର ଗମ୍ଭାରିମୁଣ୍ଡା, ହନୁମାନରେ ଶ୍ରୀରଘୁନାଥଦେବ ସାନହନୁଆଡ଼, ଓ ସ୍ୱତନ୍ତ୍ର ପୁରସ୍କାର ଭାବେ ଭେଟିନାଥ ଦେବ, ଭେଟେଶ୍ୱର, କନକଦୁର୍ଗା ଦେବୀ, ପୁଞ୍ଜିଆମା ଓ ରଘୁନାଥ ଦେବ ବିଜେ- ବାଣପୁର ସମେତ ବିଭିନ୍ନ ସ୍ୱଚ୍ଛାସେବୀ ଅନୁଷ୍ଠାନକୁ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଏସପି ବିବେକାନନ୍ଦ ଶର୍ମା, ଉପ ଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପିନାଥ ମହାରଣା, ବାଣପୁର ଏନଏସି ନଗରପାଳ ମିଟୁ ନାୟକ, ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହଙ୍କ ସମେତ ପଞ୍ଚୁଦୋଳ ଯାତ୍ରା କମିଟିର କର୍ମକର୍ତ୍ତା ମାନେ ଯୋଗଦେଇ କମିଟି ପକ୍ଷରୁ ପୁରସ୍କାର ବଣ୍ଟନ କରିଥିଲେ। ଶାନ୍ତିଶୃଙ୍ଖଳାର ସହ ଯାତ୍ର ସମାପନ ନିମନ୍ତେ ବାଲୁଗାଁ ଏସଡିପିଓ ସଂଜୟ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବାଣପୁର ଥାନାଧିକାରୀ ରମେଶ କୁମାର ଦେବତା, ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡା, ନାଚୁଣୀ ଥାନା ଅଧିକାରୀ ଚନ୍ଦ୍ରଶେଖର ଜେନାଙ୍କ ନେତୃତ୍ୱରେ ୫ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

# ଏମ୍‌କେସିଜିରେ ୩ମାସ ହେଲା ମିଳୁନି ପେନ୍‌କିଲର ଇଞ୍ଜେକ୍ସନ

## ହନ୍ତସନ୍ତ ହେଉଛନ୍ତି ଅସ୍ଥିଶଲ୍ୟ, ସର୍ଜରୀ, ସ୍ତ୍ରୀ ଓ ପ୍ରସୂତି ବିଭାଗ ରୋଗୀ

ବ୍ରହ୍ମପୁର, ୯।୩ (ସମିସ): ଏମ୍‌କେସିଜି ମେଡିକାଲରେ ଦୀର୍ଘ ୩ ମାସରୁ ଅଧିକ ଦିନ ହେବ ପେନ୍-କିଲର ଇଞ୍ଜେକ୍ସନ୍‌ର ଘୋର୍ ଅଭାବ ଦେଖାଦେଇଛି। ଏହାର ପ୍ରଭାବ ସିଧାସଳଖ ରୋଗୀଙ୍କ ଉପରେ ପଡ଼ିଛି। ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ମେଡିକାଲକୁ ଆସୁଥିବା ପେନ୍-କିଲର୍ ଇଞ୍ଜେକ୍ସନ ଅଭାବରୁ ରୋଗୀଙ୍କ କଷ୍ଟ ଦ୍ୱିଗୁଣିତ ହୋଇଯାଇଛି। ସମସ୍ୟା ସମ୍ପର୍କରେ ଏକାଧିକ ବିଭାଗୀୟ ମୁଖ୍ୟ ମେଡ଼ିକାଲ ଷ୍ଟୋରକୁ ଅବଗତ କରିଥିଲେ ହେଁ ସମସ୍ୟାର ସମାଧାନ ହେଉନଥିବା ଦେଖିବାକୁ ମିଳିଛି। ଫଳରେ ଡାକ୍ତରଖାନାର ଅସ୍ଥିଶଲ୍ୟ, ସର୍ଜରୀ ଏବଂ ସ୍ତ୍ର ଓ ପ୍ରସୂତି ରୋଗ ଆଦି ବିଭାଗର ରୋଗୀଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବିଶେଷକରି ଅସ୍ତ୍ରୋପଚାର ପରେ ରୋଗୀଙ୍କୁ ଭୟଙ୍କର ବେଦନାରେ ଛଟପଟ ହେଉଛନ୍ତି। ମେଡିକାଲକୁ ଉପରୋକ୍ତ ବିଭାଗଗୁଡ଼ିକରେ ଦୈନିକ ୫ଶହରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସା ନିମନ୍ତେ ଭର୍ତ୍ତି ହେଉଛନ୍ତି। ଏମାନଙ୍କ ଚିକିତ୍ସା ସମୟରେ ଯନ୍ତ୍ରଣା ହ୍ରାସ କରିବାକୁ ତୁରନ୍ତ ପେନ୍ କିଲର ଇଞ୍ଜେକ୍ସନର ଆବଶ୍ୟକତା ରହିଥାଏ। କିନ୍ତୁ ଦୀର୍ଘ ୩ମାସ ଧରି ମେଡିକାଲ ଷ୍ଟୋରରେ ଏହି ଇଞ୍ଜେକ୍ସନ ଉପଲବ୍ଧ ନଥିବା ଜଣାପଡ଼ିଛି।



ସାଧାରଣତଃ ରୋଗୀଙ୍କ କଷ୍ଟ ଦୂର କରିବା ପାଇଁ ଡାଇକ୍ଲୋଫିନେକ୍ ଓ ଏସିକ୍ଲୋଫିନେକ୍ ଇଞ୍ଜେକ୍ସନ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଥିବା ବେଳେ ମେଡ଼ିକାଲ ଷ୍ଟୋରରେ ତାହା ଆଦୌ ଉପଲବ୍ଧ ନାହିଁ। ଏଭଳି ସ୍ଥିତିରେ ମେଡ଼ିକାଲରେ ରୋଗୀକୁ ଆବଶ୍ୟକ ସ୍ଥଳେ ପେନ୍ କିଲର ଟାବଲେଟ ବା ବଟିକା ଦିଆଯାଉଥିଲେ ହେଁ ତାହା ସଠିକ ଭାବେ କାର୍ଯ୍ୟ କରୁନଥିବା ଅଭିଯୋଗ ହୋଇଛି। ଫଳରେ ବହୁ ସମୟରେ ରୋଗୀଙ୍କୁ ବାହାର ଔଷଧ ଦୋକାନରୁ ଅଧିକ ମୂଲ୍ୟରେ ଇଞ୍ଜେକ୍ସନ କିଣି ଖର୍ଚ୍ଚାନ୍ତ ହେବାକୁ ପଡୁଛି। ସେପଟେ ଲୋକାଲ ପରଚେଜ ନିମନ୍ତେ ବ୍ୟବସ୍ଥା ରହିଥିବା ବେଳେ ଏଥିରେ ଅନେକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଔଷଧର ଲୋକାଲ ପରଚେଜ ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଅନେକ ନୀତି ନିୟମ ଅନୁକରଣ କରିବାକୁ ପଡ଼ିଥାଏ। ଏଭଳି କ୍ଷେତ୍ରରେ ପ୍ରତିଦିନ ଶତାଧିକ ରୋଗୀଙ୍କୁ ଲୋକାଲ ପରଚେଜ ଔଷଧ ଯୋଗାଇବା କଷ୍ଟକର।

ସରକାରୀ ମେଡିକାଲରେ ମାଗଣା ଚିକିତ୍ସା ସୁବିଧା ଥିଲେ ମଧ୍ୟ ଆବଶ୍ୟକ ଔଷଧ ମିଳୁ ନ ଥିବାରୁ ରୋଗୀ ଓ ସେମାନଙ୍କ ଆତ୍ମୀୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଡାକ୍ତରଖାନା ପ୍ରଶାସନ କିମ୍ବା ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ପ୍ରଭାବଶାଳୀ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହୋଇଛି। ଏହି ପରିସ୍ଥିତିରେ ତୁରନ୍ତ ପେନ୍-କିଲର୍ ଇଞ୍ଜେକ୍ସନ ଯୋଗାଣ ସୁନିଶ୍ଚିତ କରି ରୋଗୀଙ୍କୁ ଉପଯୁକ୍ତ ସୁବିଧା ଯୋଗାଇବାକୁ ସାଧାରଣରେ ତଥା ରୋଗୀଙ୍କ ପରିବାର ପକ୍ଷରୁ ଦାବି ହୋଇଛି। ଅନ୍ୟପକ୍ଷରେ ଇଞ୍ଜେକ୍ସନର ଲୋକାଲ ପରଚେଜ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ଖୁବ୍‌ଶୀଘ୍ର ରୋଗୀଙ୍କୁ ପେନ୍ କିଲର ଇଞ୍ଜେକ୍ସନ ଯୋଗାଇ ଦିଆଯିବ ବୋଲି ଏମକେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗା ମାଧବ ଶତପଥୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ୨ ବାଇକ୍ ଉପରେ ବୋଲେରୋ ମାଡିଯିବା ଘଟଣା; ଡ୍ରାଇଭର ଗିରଫ

# ଗାଁ ମଶାଣିରେ ଏକାଠି ଜଳିଲା ୪ଜଣଙ୍କ ଜୁଇ

ବିନିକା/ଭେଡେନ, ୯।୩(ସମିସ): ରବିବାର ରାତିରେ ଗୋଡଭଗା-ସୋନପୁର ରାସ୍ତାର ବରଗଡ଼ ଜିଲ୍ଲା ମେହେନା ଗାଁ ନିକଟରେ ଦୁଇ ବାଇକ୍ ଉପରେ ଏକ ବୋଲୋରୋ ମାଡ଼ିଯିବା ଘଟଣାରେ ଭେଡେନ୍ ପୁଲିସ ବୋଲୋରୋ ଚାଳକକୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ, କଳାହାଣ୍ଡି ଜିଲ୍ଲା କେ. କମଗାଁ ଥାନାର ମୁକେଶ ପୁଟେଲ(୨୪)। ଅନ୍ୟପକ୍ଷେ ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ଆଜି ୪ ମୃତକଙ୍କ ଜୁଇ ଏକାଠି ଜଳିଛି।

ସୂଚନାନୁଯାୟୀ, ସୋନପୁର ଜିଲ୍ଲା ବିନିକା ଥାନା ଘାଟି ଜାମପାଲି ଗାଁର ସନ୍ତୋଷ ପଧାନ, ତାଙ୍କ ପତ୍ନୀ କହର ପଧାନ, ବଡ଼ଭାଇ ଦୟାସାଗର ପଧାନ, ତାଙ୍କ ନାତି ଶ୍ରେୟାଂଶ ପଧାନ, ଦୟାସାଗରଙ୍କ ପୁଅ ଓ ପୁତୁରା ପ୍ରମୁଖ ୬ଜଣ ରବିବାର ଦୁଇଟି ବାଇକରେ ବରଗଡ଼ ଜିଲ୍ଲା ଅତାବିରା ଅଞ୍ଚଳକୁ ଏକ ବିବାହ ଉତ୍ସବକୁ ଯାଇଥିଲେ। ସେଠାରୁ ପ୍ରାୟରାତି ପ୍ରାୟ ୮ଟାରେ ଫେରିବା ବେଳେ ଗୋଡଭଗା-ସୋନପୁର ରାସ୍ତାର ମେହେନା ନିକଟରେ ଦୁଇ ବାଇକ୍‌କୁ ସାମନା ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ବୋଲେରୋ ଧକ୍କା ଦେଇ ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଘଟଣାସ୍ଥଳରେ ହିଁ ସନ୍ତୋଷ, କହର, ଦୟାସାଗର ଓ ଶ୍ରେୟାଂସଙ୍କ ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ଦୁଇ ଗୁରୁତର ସୁମନ ପଧାନ (୧୫), ସୋମ୍ୟରଞ୍ଜନ ପଧାନ (୨୫)ଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବୁର୍ଲାରେ ବ୍ୟବଚ୍ଛେଦ ପରେ ୪ ଜଣଙ୍କ ଶବ ଆଜି ଅପରାହ୍ନରେ ଗାଁରେ ପହଞ୍ଚିଥିଲା। ଏହାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। କାନ୍ଦ ବୋବାଳିରେ



ଗାଁଦାଣ୍ଡ ଫାଟି ପଡ଼ିଥିଲା। ପରେ ଶବଗୁଡ଼ିକୁ ଏକ ବିରାଟ ଶୋଭାଯାତ୍ରାରେ ଗାଁ ମଶାଣିକୁ ନିଆଯାଇଥିଲା। ସେଠାରେ ଏକା ସାଙ୍ଗରେ ୪ଜଣଙ୍କ ଜୁଇ ଜଳିଥିଲା। ଏହି ଦୁଃଖଦ ଘଟଣାକୁ ନେଇ ମେହେନା ଗାଁ ସମେତ ଜିଲ୍ଲାବ୍ୟାପୀ ଶୋକ ପ୍ରକାଶ ପାଇଛି।

# ପୁରୀ କୋର୍ଟକୁ ପୁଣି ବୋମା ଧମକ

**ପୁରୀ, ୯।୩ (ସମିସ):** ପୁଣି ପୁରୀ କୋର୍ଟକୁ ବୋମା ଧମକ। ସୋମବାର ପୁରୀ କୋର୍ଟକୁ ଉଡ଼ାଇଦେବାକୁ ଆସିଥିଲା ଧମକପୂର୍ଣ୍ଣ ଇ-ମେଲ୍। ଅଜଣା ଆଇଡିରୁ ଆସିଥିବା ଏହି ଧମକପୂର୍ଣ୍ଣ ମେଲ୍‌କୁ ନେଇ କିଛି ସମୟ ପାଇଁ ପୁରୀରେ ଭୟର ବାତାବରଣ ଖେଳିଯାଇଥିଲା। ଯାଞ୍ଚ ପରେ ପୁଣି ସ୍ୱାଭାବିକ ହୋଇଥିଲା କୋର୍ଟ କାର୍ଯ୍ୟ।

ସୋମବାର କୋର୍ଟ ଖୋଲିବା ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ହଠାତ୍ ଏକ ଅଜଣା ମେଲ୍ ଆଇଡିରୁ ପୁରୀ କୋର୍ଟକୁ ବୋମାରେ ଉଡ଼ାଇଦେବା ନିମନ୍ତେ ଆସିଥିଲା ଧମକପୂର୍ଣ୍ଣ ମେଲ୍। ଏହା ପରେ କୋର୍ଟ ସମେତ ଆଖପାଖ ଅଞ୍ଚଳ ଏପରିକି, ପୁରୀ ସହରରେ ଭୟର ବାତାବରଣ ଖେଳିଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ସଶସ୍ତ୍ର ପୁଲିସ ଓ ବମ୍ ସ୍କ୍ୱାଡ୍ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲେ। କିଏ, କାହିଁକି ଓ କାହା ଉଦ୍ଦେଶ୍ୟରେ ଏହି ମେଲ୍ ପଠାଇଛି, ସେନେଇ ଖୋଳତାଡ଼ କରାଯାଇଥିଲା। କୋର୍ଟ ପରିସରରେ ସମସ୍ତ କୋଠରି ଓ ଯାନବାହନଗୁଡ଼ିକୁ ଯାଞ୍ଚ କରାଯାଇଥିଲା। କିନ୍ତୁ ସେମିତି କୌଣସି ବିସ୍ଫୋରକ ମଧ୍ୟ ଠାବ ହୋଇନଥିଲା।

ଏନେଇ ପୁରୀ ଓକିଲ ସଂଘ ସମ୍ପାଦକ ଶରତ କୁମାର ରାୟଗୁରୁ କହିଛନ୍ତି, ଫେକ୍ ଆଇଡିରୁ ଏପରି ମେଲ୍ ବାରମ୍ବାର ଆସୁଛି। ପୂର୍ବରୁ ପୁରୀ କୋର୍ଟ ସମତେ ଅନ୍ୟ କିଛି କୋର୍ଟକୁ ମଧ୍ୟ ଏଭଳି ଧମକପୂର୍ଣ୍ଣ ମେଲ୍ ଆସିଥିଲା। ଏହାଦ୍ୱାରା ସମସ୍ତଙ୍କ ମନରେ ଭୟ ହେବା ସ୍ୱାଭାବିକ। ତେଣୁ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଅଜଣା ମେଲ୍ ଆଇଡି କରି ଅଭିଯୁକ୍ତ ବ୍ୟବସ୍ଥାକୁ ଚାଲେଞ୍ଜ ଦେଉଛନ୍ତି। ଲୋକଙ୍କ ମନରେ ଭୟ ସୃଷ୍ଟି କରିବା ପାଇଁ ଏପରି ମେଲ୍ କରାଯାଉଛି। ପୁଲିସ ମେଲ୍ କରୁଥିବା ବ୍ୟକ୍ତିଙ୍କୁ କାହିଁକି ଧରିପାରୁନି ବୋଲି ସେ ପ୍ରଶ୍ନ କରିଛନ୍ତି।



ଯାଞ୍ଚ ପରେ ସ୍ୱାଭାବିକ ହେଲା କୋର୍ଟ କାର୍ଯ୍ୟ

ଅନ୍ୟପକ୍ଷରେ, ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି, 'ପୁରୀ କୋର୍ଟକୁ ବୋମା ଥିବା ନେଇ ଧମକପୂର୍ଣ୍ଣ ମେଲ୍ ଆସିଥିଲା। ଏହାପରେ ପୁଲିସ ତୁରନ୍ତ ଡଗ୍ ସ୍କ୍ୱାଡ୍, ବମ୍ ସ୍କ୍ୱାଡ୍ ସହ କୋର୍ଟ ପରିସରକୁ ସମ୍ପୂର୍ଣ୍ଣ ଭାବେ ସର୍ଚ୍ଚ କରିଥିଲା। ତେବେ ଯାଞ୍ଚ ପରେ କୌଣସି ବୋମା କିମ୍ବା ଅନ୍ୟ କିଛି ସନ୍ଦେହଜନକ ସାମଗ୍ରୀ ମିଳି ନ ଥିଲା। ତଦନ୍ତରୁ ଜଣାପଡ଼ିଛି, ଏହା ଏକ ଫେକ୍ ମେଲ୍। କିନ୍ତୁ, କିଏ ଧମକପୂର୍ଣ୍ଣ ମେଲ୍ ପଠାଇଛି, ତାହାର ତଦନ୍ତ କରାଯାଉଛି। ଦୋଷୀକୁ ଠାବ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯାଞ୍ଚ ପରେ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହୋଇଛି।

ପୁରୀ କୋର୍ଟକୁ ବୋମା ଧମକ ନୂଆ ନୁହେଁ। ପୂର୍ବରୁ ମଧ୍ୟ ଆସିଛି ଧମକପୂର୍ଣ୍ଣ ମେଲ୍। ଗତ ଫେବୃଆରୀ ୬ ତାରିଖରେ ପୁରୀ କୋର୍ଟକୁ ବୋମାରେ ଉଡ଼ାଇଦେବାକୁ ଧମକପୂର୍ଣ୍ଣ ମେଲ୍ ଆସିଥିଲା। ତଦନ୍ତ ପରେ ତାହା ମିଥ୍ୟା ଧମକ ବୋଲି ଜଣାପଡ଼ିଥିଲା। ଲଗାତାର କିଛି ମାସ ଧରି ଓଡ଼ିଶାର ବିଭିନ୍ନ କୋର୍ଟକୁ ମିଥ୍ୟା ଧମକ ଆସିବାରେ ଲାଗିଛି। ଏପରି ଧମକ ଆସିବା ପରେ କୋର୍ଟ ପରିସରରେ ଭୟର ବାତାବରଣ ଖେଳିବା ସହ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସାଇବର ପୁଲିସ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଆସୁଛି।

# ପ୍ରାଚୀ ନଦୀ କୂଳରୁ ନର କଙ୍କାଳ ଉଦ୍ଧାର

ନିମାପଡ଼ା, ୯।୩(ସମିସ): ରବିବାର ଚାରିଛକ ଥାନା ହୀରାପାଟଣା ନିକଟସ୍ଥ ବେଲବଣିଆ ଗାଦି ମଠ ନିକଟରେ ବହି ଯାଇଥିବା ପ୍ରାଚୀ ନଦୀ କୂଳରୁ ଏକ ଜରି ବସ୍ତାରେ ବନ୍ଧା ହୋଇଥିବା ଅବସ୍ଥାରେ ନର କଙ୍କାଳ ମିଳିଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ରବିବାର ହୀରାପାଟଣା ଗ୍ରାମର କିଛି ଲୋକ ମାଛ ଧରୁଥିବା ବେଳେ ଏହି ନରକଙ୍କାଳ ଭର୍ତ୍ତି ଜରି ବସ୍ତା ଦେଖିଥିଲେ। କେହି ଦୁର୍ବୃତ୍ତ ହତ୍ୟା କରି ବସ୍ତାରେ ଭର୍ତ୍ତି କରି ନଦୀ ଗର୍ଭକୁ ଫିଙ୍ଗି ଦେଇଛି। ତାହା ଭାସିଭାସି ଆସି ହୀରାପାଟଣାସ୍ଥିତ ପ୍ରାଚୀ ନଦୀ କୂଳରେ ଥିବା ବେଲବଣ ଗାଦି ମଠ ପାଖ ନଦୀ ତଟରେ ଲାଗିଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ଚାରିଛକ ଥାନା ଅଧିକାରୀ ଶୋଭରାଜ ପ୍ରିୟଦର୍ଶୀ ମହାନ୍ତି, ନିଆଳି ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର, ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନର କଙ୍କାଳ, ଖପୁରି, ଚୁଡ଼ି ଜବତ କରି ତଦନ୍ତ କରୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସ୍ଥାନୀୟ ୱାର୍ଡ ସଭ୍ୟ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ନେଇ ସୋମବାର ନିଆଳି ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନିଆଳି ଥାନା ପୁଲିସ ତଥ୍ୟ ଗୁପ୍ତ ରଖି ତଦନ୍ତ ଚଳାଇଛି।

# ମେଳଣ ପଡ଼ିଆରେ ଛାତ୍ରଙ୍କୁ ଛୁରାମାଡ଼

ବଲଙ୍ଗା, ୯।୩ (ସମିସ): ରବିବାର ବିଳମ୍ବିତ ରାତିରେ ବଲଙ୍ଗା ମେଳଣ ପଡ଼ିଆରେ ଚାଲିଥିବା ବଲଙ୍ଗା ପଞ୍ଚୁଦୋଳ ମେଳଣ ଜମାଣ ଶୋଭାଯାତ୍ରାରେ ହଜାର ହଜାର ଲୋକଙ୍କ ଆଗରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ କଲେଜ ଛାତ୍ରକୁ ଛୁରାମାଡ଼ କରାଯାଇଛି। ଗୁରୁତର ଛାତ୍ରଜଣଙ୍କ ଉକ୍ତ ଥାନା ଅନ୍ତର୍ଗତ ରେଶିଙ୍ଗା ଗ୍ରାମର ଅଶୋକ ଖୁଣ୍ଟିଆଙ୍କ ପୁଅ ସୌମ୍ୟ ରଞ୍ଜନ ଖୁଣ୍ଟିଆ। ଘଟଣାସ୍ଥଳରେ ଥିବା ବଲଙ୍ଗା ଥାନା ଆଇଆଇସି ସସ୍ମିତା ସାହୁ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଥିଲେ। ପରେ ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଆଇଆଇସି ଶ୍ରୀମତୀ ସାହୁ ସୋମବାର ମଧ୍ୟାହ୍ନରେ ୨ଜଣଙ୍କୁ ଧରି ଥାନାରେ ଅଟକ ରଖି ପଚରାଉଚରା ଚଳାଇଛନ୍ତି। ଏନେଇ ଅଶୋକ ଖୁଣ୍ଟିଆଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି।

ଅଭିଯୋଗ ଅନୁଯାୟୀ, ସୌମ୍ୟରଞ୍ଜନ ରବିବାର ରାତିରେ ତାଙ୍କର ୨ଜଣ ବନ୍ଧୁଙ୍କ ସହ ବଲଙ୍ଗା ପଞ୍ଚୁଦୋଳ ମେଳଣ ଜମାଣ ଶୋଭାଯାତ୍ରା ଦେଖିବାକୁ ଆସିଥିଲେ। ମେଳଣ ପଡ଼ିଆରେ ସମସ୍ତେ ଶୋଭାଯାତ୍ରା ଦେଖୁଥିବା ବେଳେ ବଲଙ୍ଗା ଥାନା ବାଲିଘାଇର ମିଥୁନ ମଲ୍ଲିକ ଓ ଅନ୍ୟ ୨ଜଣ ଯୁବକ ଆସି ହଠାତ୍ ସୌମ୍ୟଙ୍କ ପିଠିକୁ ପଛପଟୁ ଛୁରାମାଡ଼ କରିଥିଲେ। ଫଳରେ ସୌମ୍ୟଙ୍କ ପିଠିରେ ୬ଟି ସ୍ଥାନରେ ଗୁରୁତର କ୍ଷତ ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଘଟଣାସ୍ଥଳରେ ସୌମ୍ୟ ଚେତା ହରାଇଥିଲେ। ଏହି ସମୟରେ ଅଭିଯୁକ୍ତମାନେ ସୌମ୍ୟଙ୍କ ବେକରୁ ଏକ ସୁନାଚେନ୍ ଓ ପ୍ୟାଣ୍ଟ ପକେଟ୍‌ରେ ଥିବା ୭୦୦ ଟଙ୍କା ନେଇ ତାଙ୍କ ମୋବାଇଲ୍‌କୁ ଭାଙ୍ଗି ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

# ବରଯାତ୍ରୀଙ୍କୁ ଆକ୍ରମଣ; ଜଣେ ମୃତ

ବୌଦ୍ଧ/ଜହ୍ନାପଙ୍କ, ୯।୩(ସମିସ): ବୌଦ୍ଧ ଥାନା କାଶଲପୁର ଗ୍ରାମରେ ରବିବାର ରାତିରେ ବରଯାତ୍ରୀଙ୍କ ଉପରେ କିଛି ଦୁର୍ବୃତ୍ତ ଆକ୍ରମଣ କରିଥିବା ବେଳେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିଲା। ମୃତକ ହେଲେ, ମୁଣ୍ଡାପଡା ଗ୍ରାମର ବାସୁଦେବ ଝାଙ୍କର। ଅନ୍ୟ ଜଣେ ମୁଣ୍ଡପଡା ଗ୍ରାମର ଶାନ୍ତନୁ କୁମାର ଝାଙ୍କର ଏଥିରେ ଗୁରୁତର ହୋଇଥିଲେ। ସୋମବାର ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି ବୌଦ୍ଧ ପୁଲିସ ଓ ସାଇଣ୍ଟିଫିକ ଟିମ। ସୂଚନାନୁଯାୟୀ, ଗତକାଲି ରାତିରେ ବ୍ରାହ୍ମଣୀପାଲି ପଞ୍ଚାୟତ ବକପାଲି ଗ୍ରାମରୁ ଏକ ବରଯାତ୍ରୀ ଦଳ ତେଲିବନ୍ଧ ଗ୍ରାମ ପଞ୍ଚାୟତ କାଶଲପୁର ଗ୍ରାମକୁ ଆସିଥିଲେ। ବିଳମ୍ବିତ ରାତିରେ ବରଯାତ୍ରୀ ଦଳରେ ଆସିଥିବା ମୁଣ୍ଡାପଡା ଗ୍ରାମର ବାସୁଦେବ ଝାଙ୍କର ଓ ଶାନ୍ତନୁ କୁମାର ଝାଙ୍କର ନାମକ ଦୁଇ ଯୁବକଙ୍କୁ ଗ୍ରାମର ବିଦ୍ୟାଳୟ ନିକଟରେ କିଛି ଦୁର୍ବୃତ୍ତ ମାରଣାସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ବାସୁଦେବଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଶାନ୍ତନୁ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ବୌଦ୍ଧ ଡାକ୍ତରଖାନା ଅଣାଯାଇଥିଲା। ଡାକ୍ତର ବାସୁଦେବଙ୍କୁ ମୃତ ଘୋଷଣା କରିଥିବା ବେଳେ ଶାନ୍ତନୁଙ୍କୁ ବୁର୍ଲା ସ୍ଥାନାନ୍ତର କରିଥିଲେ। ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଥିବା ବେଳେ ପୁଲିସ ଓ ସାଇଣ୍ଟିଫିକ ଟିମ ସୋମବାର ସକାଳେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରିବା ସହ ସନ୍ଦେହରେ ୨ ଜଣଙ୍କୁ ଥାନାରେ ଅଟକ ରଖି ପୁଲିସ ପଚରାଉଚରା କରୁଥିବା ସୂଚନା ମିଳିଛି।

# ବରଫ କଳ କମ୍ପ୍ରେସର ଫାଟି ଜଣେ ମୃତ

ଧରାକୋଟ, ୯।୩(ସମିସ): ଧରାକୋଟ ଥାନା ତାଳପାଟଣାରେ ବରଫ କଳର ମରାମତି ବେଳେ କମ୍ପ୍ରେସର୍ ଟ୍ୟାଙ୍କ ଫାଟି ଜଣେ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଆହତ ହୋଇଛନ୍ତି। ମୃତକ ହେଲେ, ଜଗନ୍ନାଥପ୍ରସାଦ ନିକଟସ୍ଥ କୁସପଲି ଗ୍ରାମର ବିଦେଶୀ ପ୍ରଧାନ(୫୬)। ସେହିପରି ଆହତମାନେ ହେଲେ, ରମେଶ ଚନ୍ଦ୍ର ମହାପାତ୍ର (୭୫), ଶୋଭାବତୀ ମହାପାତ୍ର (୬୫) ହେମନ୍ତ ମହାପାତ୍ର (୪୮)। ସେମାନଙ୍କୁ ଆସିକା ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

କିଛି ଦିନ ହେଲା ସ୍ଥାନୀୟ ଅଞ୍ଚଳର ରମେଶ ଚନ୍ଦ୍ର ମହାପାତ୍ର ଆଇସ୍‌କ୍ରିମ୍ ବ୍ୟବସାୟ କରିବା ପାଇଁ ନିଜ ଘରେ ଏକ ଛୋଟ ଫ୍ୟାକ୍ଟ୍ରି କରିଥିଲେ। ହେଲେ ଉପଯୁକ୍ତ ଥଣ୍ଡା ନହେବାରୁ ଏହି ମେସିନକୁ ଫିଟିଂ କରିଥିବା ମେକାନିକ ବିଦେଶୀ ପ୍ରଧାନଙ୍କୁ ଡାକିଥିଲେ। ବିଦେଶୀ ସଜାଡୁଥିବା ବେଳେ ଅଚାନକ କମ୍ପ୍ରେସର୍ ଟ୍ୟାଙ୍କଟି ଫାଟି ଯାଇଥିଲା।

ଘଟଣାସ୍ଥଳରେ ପ୍ରବଳ ଶବ୍ଦ ହେବା ସହ ଘରର ଟିଣଟି ଉଡ଼ି ଯାଇଥିଲା। ଏହାସହ ବିଦେଶୀଙ୍କ ସମେତ ତାଙ୍କ ଘରଲୋକ ରମେଶ, ଶୋଭାବତୀ ଓ ହେମନ୍ତ ଆହତ ହୋଇଥିଲେ। ପାଖ ପଡ଼ୋଶୀ ସେମାନଙ୍କୁ ଆସିକା ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବିଦେଶୀଙ୍କ ମୃତ୍ୟୁ ହୋଇଯାଇଥିଲା। ରମେଶ ଓ ହେମନ୍ତ ସେଠାରେ ଚିକିତ୍ସାଧୀନ ଅଛନ୍ତି। ଧରାକୋଟ ପୁଲିସ ତଦନ୍ତ କରିବା ସହ ବିଦେଶୀଙ୍କ ଶବ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଥାନାଧିକାରୀ ଚନ୍ଦ୍ରିକା ସ୍ୱାଇଁ ପ୍ରକାଶ କରିଛନ୍ତି।

### ଅର୍ଥ ବିଭାଗର ସବୁ ବିଭାଗକୁ ଚିଠି

# ୮ମ ବେତନ ଆୟୋଗ ସମ୍ପର୍କରେ ଲୋଡ଼ିଲା ମତାମତ

ଭୁବନେଶ୍ୱର, ୯।୩(ସମିସ): କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଶୀଘ୍ର ୮ମ ବେତନ ଆୟୋଗ ଲାଗୁ ହେବାର ସମ୍ଭାବନା ଅଛି। ଏହା ପୂର୍ବରୁ ଏ ସମ୍ପର୍କରେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ, ବିଭିନ୍ନ ଅନୁଷ୍ଠାନ ଓ ଜନସାଧାରଣଙ୍କ ମତାମତ ଲୋଡ଼ିଛନ୍ତି। ଏହିକ୍ରମରେ ଅର୍ଥ ବିଭାଗ ପକ୍ଷରୁ ରାଜ୍ୟ ସମସ୍ତ ବିଭାଗୀୟ ମୁଖ୍ୟ, ଜିଲ୍ଲାପାଳଙ୍କୁ ଚିଠି ଲେଖାଯାଇଛି। ଚିଠିରେ କୁହାଯାଇଚି ଯେ ଦରମା, ଭତ୍ତା ତଥା ପେନସନ ବାବଦରେ ମତାମତ ଦେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୮ଟି ପ୍ରଶ୍ନର ଏକ ସାରଣୀ ପ୍ରସ୍ତୁତ କରାଯାଇଛି। ଏହି ପ୍ରଶ୍ନ ସାରଣୀକୁ ସମସ୍ତ ବିଭାଗ ସହ ତୃଣମୂଳସ୍ତରରେ କାର୍ଯ୍ୟରତା ଅଧିକାରପୀଙ୍କ ନିକଟରେ ପହଞ୍ଚାଇବା ସହ ନିର୍ଦ୍ଧାରିତ ପୋର୍ଟାଲରେ ସେମାନେ ମତାମତ ପ୍ରଦାନ କରିବାକୁ ଉତ୍ସାହିତ କରିବାକୁ ପରାମର୍ଶ ଦେଇଛି ଅର୍ଥ ବିଭାଗ।

ସୂଚନାଯୋଗ୍ୟ ଯେ ଭାରତ ସରକାରଙ୍କ କେନ୍ଦ୍ରୀୟ ବେତନ ଆୟୋଗଙ୍କ ସଦସ୍ୟ ସଚିବ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ପତ୍ର ଲେଖି କହିଛନ୍ତି ଯେ ଭାରତ ସରକାର ଗଠନ କରିଥିବା ୮ମ ବେତନ ଆୟୋଗ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାରିଶ୍ରମିକ, ଭତ୍ତା ବୃଦ୍ଧି ସମ୍ପର୍କରେ ସମୀକ୍ଷା ଆରମ୍ଭ କରିବେ। ଏହା ବୃଦ୍ଧି କରାଯିବା ଦ୍ୱାରା କେବଳ କେନ୍ଦ୍ର ସରକାରଙ୍କ କର୍ମଚାରୀ ନୁହନ୍ତି ବରଂ ରାଜ୍ୟ ସରକାରୀ ବିଭାଗ, ସ୍ୱାଧୀନ ସଂସ୍ଥା, ବିଭିନ୍ନ ଅନୁଷ୍ଠାନ ଉପରେ ତାହାର ପ୍ରଭାବ ପଡ଼ିଥାଏ। ଏପରିସ୍ଥଳେ ୮ମ ବେତନ ଆୟୋଗ ଲାଗୁ କରିବା ପୂର୍ବରୁ ସବୁ ବର୍ଗର ଲୋକଙ୍କ ମତାମତ ନେବା ଏକାନ୍ତ ଆବଶ୍ୟକ। ଆୟୋଗଙ୍କ ପକ୍ଷରୁ ପ୍ରସ୍ତୁତ ପ୍ରଶ୍ନ ସାରଣୀରେ ଗୋଟିଏ ପ୍ରଶ୍ନ ରହିଛି, ସରକାରୀ ଓ ଘରୋଇ ସଂସ୍ଥାରେ ପାରିଶ୍ରମିକ/ଭତ୍ତା କେତେ ହେବା ଆବଶ୍ୟକ ତାହା ଆୟୋଗ କିପରି ମୂଲ୍ୟାଙ୍କନ କରିବେ? ପ୍ରତ୍ୟେକ ବିଭାଗ ପାଇଁ ସମାନ ପାରିଶ୍ରମିକ ଢାଞ୍ଚା ରହିବା ଆବଶ୍ୟକ ନା କାମ ଅନୁଯାୟୀ ଧାର୍ଯ୍ୟ ହେବା ଜରୁରୀ।

# ଆକାଉଣ୍ଟାଣ୍ଟଙ୍କ ହାତରୁ ଝାମ୍ପିନେଲେ ୨ ଲକ୍ଷ

ରାୟଗଡ଼ା, ୯।୩(ସମିସ): ରାୟଗଡ଼ା ସହରରେ କିଛି ଦିନର ବ୍ୟବଧାନ ପରେ ପୁଣି ଦିନ ଦ୍ୱିପହରରେ ଦୁର୍ବୃତ୍ତମାନେ ଜଣେ ବ୍ୟକ୍ତିଙ୍କ ଠାରୁ ୨ ଲକ୍ଷ ଟଙ୍କା ଝାମ୍ପି ନେଇଛନ୍ତି। ରାୟଗଡ଼ା ସହର ଭିଆଇପି ରାସ୍ତାରେ ଥିବା ଏସବିଆଇ (ଏଡିବି) ବ୍ୟାଙ୍କ ନିକଟରେ ଏହି ଘଟଣା ଘଟିଛି। ସୋମବାର ଅପରାହ୍ଣରେ କପିଳାସ ରୋଡ୍‌ରେ ଥିବା ଏକ ସୋ' ରୁମ୍‌ର ଆକାଉଣ୍ଟାଣ୍ଟ ରଂଜିତ କୁମାର ଦଳାଇ ଷ୍ଟେଟ୍ ବ୍ୟାଙ୍କର ଏଡିବି ଶାଖାକୁ ଟଙ୍କା ଡିପୋଜିଟ୍ କରିବାକୁ ଯାଉଥିଲେ। ଏହି ସମୟରେ ପଛ ପଟୁ ୨ ଜଣ ଅଜଣା ଯୁବକ ଏକ ବାଇକ୍ ଯୋଗେ ଆସି ରଂଜିତ ହାତରୁ ଟଙ୍କା ଝାମ୍ପି ନେଇଥିଲେ। ସଂପୃକ୍ତ ଆକାଉଣ୍ଟାଣ୍ଟ ସେମାନଙ୍କ ପିଛା କରିଥିଲେ ହେଁ ଦୁର୍ବୃତ୍ତମାନେ କେଉଁ ଆଡେ ଚମ୍ପଟ୍ ମାରିଥିଲେ। ଏନେଇ ରାୟଗଡ଼ା ଟାଉନ୍ ଥାନାରେ ଲିଖିତ ଅଭିଯୋଗ ହେବା ପରେ ଥାନା ଅଧିକାରୀ ପ୍ରସନ୍ନ କୁମାର ବେହେରା ଓ ଅନ୍ୟ ଷ୍ଟାଫ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ସିସିଟିଭିକୁ ଯାଞ୍ଚ୍ କରାଯାଉଛି। ତେବେ ଏନେଇ ପୁଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନଥିବା ବେଳେ ସହରରେ ପୁଣି ଲୁଟେରାଙ୍କ ଦ୍ୱାରା ଅପରାଧ ବୃଦ୍ଧି ପାଇବାର ଆଶଙ୍କା ନେଇ ସହରବାସୀ ଚିନ୍ତା ପ୍ରକଟ କରିଛନ୍ତି।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

କେନ୍ଦ୍ରାପଡ଼ା, ୯।୩(ସମିସ): ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ସ୍ୱତନ୍ତ୍ର ପକ୍‌ସୋ କୋର୍ଟ ଅଭିଯୁକ୍ତ ତନ୍ତିଆପାଳ ସାମୁଦ୍ରିକ ଥାନା ଅଞ୍ଚଳର ସୁମନ୍ତ ରାଉତ ଓରଫ୍ ଚିକୁକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଭିଯୁକ୍ତଙ୍କୁ ଅଧିକ ୧ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ସେହିପରି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ମାଧ୍ୟମରେ ପୀଡିତା ନାବାଳିକାଙ୍କୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, ୨୦୨୧ ସେପ୍ଟେମ୍ବର ୨୦ ତାରିଖ ରାତିରେ ସୁମନ୍ତ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ହାଇଦ୍ରାବାଦ ନେଇଯାଇଥିଲା। ସେଠାରେ ସେ ନାବାଳିକାଙ୍କୁ ବାରମ୍ବାର ଦୁଷ୍କର୍ମ କରିବା ସହ ମାରପିଟ୍ କରିଥିଲା। ଏନେଇ ସେପ୍ଟେମ୍ବର ୨୧ ତାରିଖରେ ପୀଡିତାଙ୍କ ପରିବାର ଲୋକେ ତନ୍ତିଆପାଳ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଦୁଷ୍କର୍ମ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ପୁଲିସ ହାଇଦ୍ରାବାଦ ଯାଇ ଅଭିଯୁକ୍ତକୁ ଘଟଣାର ପ୍ରାୟ ୨ ମାସ ପରେ ଗିରଫ କରିଥିବା ବେଳେ ନାବାଳିକାଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ାକୁ ଅଣାଯାଇଥିଲା। ଉଭୟଙ୍କ ଡାକ୍ତରୀ ପରୀକ୍ଷା କରାଯିବା ପରେ ପୀଡ଼ିତାଙ୍କୁ ସ୍ୱାଧାର ଗୃହରେ ରଖାଯାଇଥିଲା ଓ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିଲା। ମାମଲାରେ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପକ୍‌ସୋ କୋର୍ଟ ବିଚାରପତି ପ୍ରଜ୍ଞା ପରମିତା ରାଉଳ ଅଭିଯୁକ୍ତ ଚିକୁ ଓରଫ ସୁମନ୍ତ ରାଉତକୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ନେହେରୁ କୁମାର ସାହୁ ମାମଲା ପରିଚାଳନା କରିଥିଲେ।

# ତ୍ରିଲୋଚନଙ୍କ ମୃତ୍ୟୁ ହୃଦ୍‌ଘାତଜନିତ: ମନ୍ତ୍ରୀ

**ଭୁବନେଶ୍ୱର, ୯।୩ (ସମିସ):** ଧାନକିଣାରେ ଅବ୍ୟବସ୍ଥାରୁ ରାଜନଗରର ଚାଷୀ ତ୍ରିଲୋଚନ ନାୟକଙ୍କ ମୃତ୍ୟୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ କହିଛନ୍ତି, ଜିଲ୍ଲାପାଳଙ୍କଠାରୁ ହସ୍ତଗତ ତଦନ୍ତ ରିପୋର୍ଟ ଅନୁସାରେ ତାଙ୍କ ମୃତ୍ୟୁ ହୃଦ୍‌ଘାତଜନିତ। ଫେବ୍ରୁଆରି ୧୮ରେ ତ୍ରିଲୋଚନଙ୍କ ଆକାଉଣ୍ଟକୁ ଏମ୍‌ଏସପି ଓ ଇନପୁଟ୍ ସହାୟତା ବାବଦକୁ ୧ଲକ୍ଷ ୨୦ ହଜାର ଟଙ୍କା ଯାଇଥିଲା। ସେ ୨୦ ଓ ୨୧ ତାରିଖରେ ଟଙ୍କା ଉଠାଇଛନ୍ତି। ୨୫ ତାରିଖରେ ତାଙ୍କର ମୃତ୍ୟୁ ହୋଇଛି। ମିଲର୍‌ମାନଙ୍କ ସହ ସରକାରଙ୍କ ମଧୁଚନ୍ଦ୍ରିକା ଏବଂ ସେମାନଙ୍କଠାରୁ ଅର୍ଥ ଆଦାୟ ନେଇ ବିରୋଧୀ ତଥ୍ୟ ଦେଲେ ଆମେ ତଦନ୍ତ କରିବୁ ବୋଲି ମନ୍ତ୍ରୀ କହିଛନ୍ତି।

**ମିଲରଙ୍କ ପାଖରେ ରହିଛି ୧.୧୮ ଲକ୍ଷ ଟନ୍ ଚାଉଳ**
**ପୂର୍ବ ବର୍ଷର ୪.୯୫ ଲକ୍ଷ ମେଟ୍ରିକ ଟନ ଚାଉଳ ବଳକା**

ସୋମବାର ମୁଲତବୀ ଆଲୋଚନାର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଗତବର୍ଷ ମୋଟ୍ ୯୨.୭୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଥିଲା। ସେଥିମଧ୍ୟରୁ ୬୨.୮୨ଲକ୍ଷ ମେଟ୍ରିକ ଟନ୍ ଚାଉଳ ହୋଇଥିଲା। ୨୬ଲକ୍ଷ ମେଟ୍ରିକ ଟନ୍ ଚାଉଳ ଏଫ୍‌ସିଆଇ ନେବା ସହ ୩୧.୬୫ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ପିଡିଏସ୍ ପାଇଁ ରହିଥିଲା। ବାକି ୪.୯୫ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବଳକା ରହିଛି। ସେଥିମଧ୍ୟରୁ ୩.୭୯ଲକ୍ଷ ମେଟ୍ରିକ ଟନ୍ ସରକାରୀ ଗୋଦାମ ଓ ୧.୧୮ ଲକ୍ଷ ମେଟ୍ରିକ ଟନ୍ ମିଲରଙ୍କ ପାଖରେ ରହିଛି। ଖୁବ୍‌ଶୀଘ୍ର ଏଫ୍‌ସିଆଇ ୧.୫ ଲକ୍ଷ ମେଟ୍ରିକ୍ ଟନ ଉଷୁନା ଚାଉଳ ଉଠାଇବ। ରାଜ୍ୟରେ ବର୍ତ୍ତମାନ ୯୭ପ୍ରତିଶତ ହିତାଧିକାରୀଙ୍କ ଇ-କେୱାଇସି ହୋଇସାରିଛି। କେୱାଇସି କରି ନଥିଲେ ବି କାହାର ଚାଉଳ କଟି ନାହିଁ। ରାଜ୍ୟ ବାହାରେ ରହୁଥିବା ୧ ଲକ୍ଷ ୪୬ ହଜାର ହିତାଧିକାରୀ ଇ-କେୱାଇସି କରିଛନ୍ତି। ଏହାସହ ବଳକା ଚାଉଳ ଯୋଗୁଁ ଧାନକିଣାରେ ସମସ୍ୟା ନେଇ ବିରୋଧୀଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନସଭାରେ କହିଛନ୍ତି।

ବର୍ତ୍ତମାନ ରାଜ୍ୟରେ ୧୨ ଲକ୍ଷ ୩୬ ହଜାର ୩୯୯ ପରିବାରର ୩୪ ଲକ୍ଷ ୭୭ ହଜାର ୫୫୦ ସଦସ୍ୟ ଅନ୍ତ୍ୟୋଦୟ ଅନ୍ନ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ଥିବା ବେଳେ ୮୬ଲକ୍ଷ ୬୨୫ ପରିବାରର ୨କୋଟି ୯୧ ଲକ୍ଷ ୧୮ ହଜାର ୫୭୬ ସଦସ୍ୟ ଅଗ୍ରାଧିକାର ପରିବାର ଶ୍ରେଣୀରେ ଅନ୍ତର୍ଭୁକ୍ତ ଅଛନ୍ତି। ଏହି ଦୁଇ ଶ୍ରେଣୀର ହିତାଧିକାରୀଙ୍କୁ ମିଶାଇ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ସମୁଦାୟ ୯୮ଲକ୍ଷ ୩୭ ହଜାର ୨୪ ପରିବାରର ୩ କୋଟି ୨୫ ଲକ୍ଷ ୯୬ ହଜାର ୧୨୬ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରେ ଉପକୃତ ହେଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# ଓଏଏସ୍ ଓ ଓଆରଏସ୍ ଅଧିକାରୀଙ୍କ ବିରୋଧରେ ପୁଳାପୁଳା ଅଭିଯୋଗ

**ଭୁବନେଶ୍ୱର, ୯।୩(ସମିସ):** ଓଏଏସ୍ (କନିଷ୍ଠ ବର୍ଗ) ଏବଂ ଓଆରଏସ୍ ଅଧିକାରୀମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବକେୟା ଥିବା ତଦନ୍ତ ରିପୋର୍ଟଗୁଡିକ ଶୀଘ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସରକାର। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢୀ ସବୁ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର, କନ୍ଧମାଳର ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, କଟକ ଓ ସମ୍ବଲପୁର ଆରଡିସିଙ୍କୁ ଚିଠି ଲେଖି ଏ ସଂକ୍ରାନ୍ତରେ ପଦକ୍ଷେପ ନେବାକୁ କହିଛନ୍ତି।

- ମାର୍ଚ୍ଚ ୩୧ ପୂର୍ବରୁ ତଦନ୍ତ ରିପୋର୍ଟ ଦାଖଲ ପାଇଁ ସରକାରଙ୍କ ନିର୍ଦ୍ଦେଶ
- ଅବହେଳା କଲେ ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ପୂର୍ବରୁ ସରକାରଙ୍କ ନିର୍ଦ୍ଦେଶାନୁସାରେ ତଦନ୍ତକାରୀ ଅଧିକାରୀ ନିଯୁକ୍ତି ତାରିଖରୁ ୯୦ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ବକେୟା ଥିବା ମାମଲା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାରେ ଅନାବଶ୍ୟକ ବିଳମ୍ବ ହେଉଛି। ଏହି ପରିପ୍ରେକ୍ଷୀରେ ସମସ୍ତ ବକେୟା ମାମଲାକୁ ପ୍ରାଥମିକତା ଆଧାରରେ ତଦନ୍ତ କରାଯାଇ ଏକ ମାସ ମଧ୍ୟରେ ଅର୍ଥାତ୍ ୩୧ ମାର୍ଚ୍ଚ ୨୦୨୬ ପୂର୍ବରୁ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଡଃ ପାଢୀ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକସ୍ଥଳେ ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା ଅବହେଳା କିମ୍ବା ଖିଲାପ ହେଲେ ଏ ସମ୍ପର୍କିତ ମାମଲା ସରକାରଙ୍କ ଦୃଷ୍ଟିଗୋଚରକୁ ଆଣି ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି। ଏଥିସହିତ ସମସ୍ତ ଜିଲ୍ଲାପାଳଙ୍କୁ ମଧ୍ୟ ଏହି ମାମଲାଗୁଡିକର ନିୟମିତ ସମୀକ୍ଷା କରି ସରକାରୀ ନିର୍ଦ୍ଦେଶ ପାଳନ ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୨.୩୩ ● ପାଉଣ୍ଡ ୧୨୨.୫୨
- ୟୁରୋ ୧୦୬.୪୮ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୮,୩୫୦ (ନୂଆଦିଲ୍ଲୀ)
- ରୁପା : ୨,୯୦,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୫୬୬.୦୦
- ନିଫ୍ଟି ୨୪,୦୨୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଯୁଦ୍ଧ ସଙ୍କଟରେ ଖାଇବା ତେଲ ମହଙ୍ଗା



ନୂଆଦିଲ୍ଲୀ, ୯।୩(ଏଜେନ୍ସି): ଇରାନ ଯୁଦ୍ଧ ମଧ୍ୟରେ ଦେଶରେ ତେଲ ଓ ଗ୍ୟାସ୍ ସଙ୍କଟ ଜୋର ଧରିବାରେ ଲାଗିଛି। ହେଲେ ଏହା ମଧ୍ୟରେ ଖାଉଟିଙ୍କୁ ଆଉ ଏକ ବଡ଼ ଝଟ୍‌କା ଲାଗିବାକୁ ଯାଉଛି। ତାହା ହେଉଛି ଖାଇବା ତେଲ ମୂଲ୍ୟରେ ବୃଦ୍ଧି। ମଧ୍ୟ ପ୍ରାଚ୍ୟ ଅସ୍ଥିରତାରେ ଦେଶରେ ସୂର୍ଯ୍ୟମୁଖୀଠାରୁ ଆରମ୍ଭ କରି ସୋୟାବିନ୍ ଏବଂ ପାମୋଲିନ୍ ତେଲ ମହଙ୍ଗା ହୋଇଛି। ହଠାତ୍ ଖୁଚୁରା ବଜାରରେ ଏହିସବୁ ତେଲ ମୂଲ୍ୟରେ ଲିଟର ପିଛା ୧୦ ଟଙ୍କା ବୃଦ୍ଧି ଘଟିଛି।

ଯୁଦ୍ଧଘଟା ମଧ୍ୟରେ ଅଶୋଧିତ ତେଲ ମୂଲ୍ୟ ଆକାଶଛୁଆଁ ହୋଇଥିବାବେଳେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଦୁର୍ବଳ ହେବାରେ ଲାଗିଛି। ଏହାର ପ୍ରଥମ ଏବଂ ସର୍ବାଧିକ ସିଧାସଳଖ ପ୍ରଭାବ ଆମର ଦୈନନ୍ଦିନ ଖାଇବା ତେଲ ଉପରେ ପଡ଼ିଛି। ଗତ କିଛି ଦିନ ମଧ୍ୟରେ ଖାଇବା ତେଲ ମୂଲ୍ୟ ଲିଟର ପିଛା ୩ ରୁ ୫ ଟଙ୍କା (ପ୍ରାୟ ୫%) ବୃଦ୍ଧି ପାଇଛି। ବିଶ୍ୱସ୍ତରୀୟ ଉତ୍ତେଜନା ଯୋଗାଣ ଶୃଙ୍ଖଳାକୁ ବାଧାପ୍ରାପ୍ତ କରିଛି, ମାଲ ପରିବହନ ଖର୍ଚ୍ଚ ବୃଦ୍ଧି କରିଛି। ଫଳସ୍ୱରୂପ, ସୂର୍ଯ୍ୟମୁଖୀ, ସୋୟାବିନ୍, ପାମୋଲିନ୍ ତେଲ ମୂଲ୍ୟ ଦ୍ରୁତ ବେଗରେ ବୃଦ୍ଧି ପାଉଛି। ବିଦେଶୀ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଏବଂ ମୁଦ୍ରା ବଜାରରେ ଟଙ୍କା ଦୁର୍ବଳ ହେବା ଯୋଗୁଁ ଆମଦାନୀ ଖର୍ଚ୍ଚ ବୃଦ୍ଧି ପାଇଛି। ବ୍ୟବସାୟୀମାନେ ସ୍ପଷ୍ଟ ଭାବରେ କହୁଛନ୍ତି ଯେ ଯୋଗାଣ ସମସ୍ୟା ଆହୁରି ଗଭୀର ହୋଇଛି। ଯୁଦ୍ଧ ଅନ୍ତର୍ଜାତୀୟ ରୁଟ୍‌ରେ ବିପଦ ବୃଦ୍ଧି କରିଛି, ଯାହା ଫଳରେ ମାଲ ପରିବହନ ଶୁଳ୍କରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଏଥିଯୋଗୁ ଦେଶ ଭିତରେ ତେଲ ମୂଲ୍ୟରେ ହଠାତ୍ ବୃଦ୍ଧି ପାଇଛି। ସାଧାରଣ ପରିବାରରେ ବ୍ୟାପକ ଭାବରେ ବ୍ୟବହୃତ ପାମୋଲିନ୍ ତେଲ ସହିତ ସୂର୍ଯ୍ୟମୁଖୀ ଏବଂ ସୋୟାବିନ୍ ତେଲ ଦର ସର୍ବାଧିକ ପ୍ରଭାବିତ ହୋଇଛି। ଭାରତରେ ଖାଇବା ତେଲର ବ୍ୟବହାର ବହୁତ ଅଧିକ, କିନ୍ତୁ ଆମର ଘରୋଇ ଉତ୍ପାଦନ ଯଥେଷ୍ଟ କମ୍। ଉଦାହରଣ ସ୍ୱରୂପ, ସୂର୍ଯ୍ୟମୁଖୀ ତେଲ ଦେଶର ସବୁଠାରୁ ବଡ଼ ଉତ୍ପାଦକ କର୍ଣ୍ଣାଟକ। ଏହା ମହାରାଷ୍ଟ୍ର ଏବଂ ଆନ୍ଧ୍ର ପ୍ରଦେଶରେ ମଧ୍ୟ ଚାଷ କରାଯାଏ। ତଥାପି, ଏହି ଉତ୍ପାଦନ ଦେଶର ମୋଟ ଚାହିଦା ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ। ଏହି କାରଣରୁ ଭାରତକୁ ୟୁକ୍ରେନ, ରୁଷ, ଆର୍ଜେଣ୍ଟିନା ଏବଂ ବୁଲଗେରିଆ ଭଳି ଦେଶଗୁଡ଼ିକରୁ ଏହାର ତୈଳ ଆବଶ୍ୟକତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଆମଦାନୀ କରିବାକୁ ପଡୁଛି। ବର୍ତ୍ତମାନର ବିଶ୍ୱ ଯୁଦ୍ଧ ପରିସ୍ଥିତି ଏହି ଦେଶଗୁଡ଼ିକରୁ ଆମଦାନୀ ଉପରେ ରୋକ୍ ଲଗାଇଛି। ଯେତେବେଳେ ବିଦେଶରୁ ସାମଗ୍ରୀ ପ୍ରବାହରେ ବାଧା ସୃଷ୍ଟି ହୁଏ, ଘରୋଇ ବଜାରରେ ମୂଲ୍ୟ ସ୍ୱୟଂଚାଳିତ ଭାବରେ ବୃଦ୍ଧି ପାଏ। ଏହି ମୁଦ୍ରାସ୍ଫୀତିର ପ୍ରଭାବ ବଜାରରେ ସମ୍ପୂର୍ଣ୍ଣ ଭାବରେ ଦୃଶ୍ୟମାନ। ବଜାରରେ ବିଶେଷକରି ସୂର୍ଯ୍ୟମୁଖୀ ତେଲର ମୂଲ୍ୟ ଏବେ ଅନ୍ୟତ୍ର ତୀବ୍ର ଭାବରେ ବୃଦ୍ଧି ପାଇଛି। ଯୁଦ୍ଧ ପରିସ୍ଥିତି ବୃଦ୍ଧି ପାଇବାର ମାତ୍ର ଗୋଟିଏ ସପ୍ତାହ ପୂର୍ବରୁ ସୂର୍ଯ୍ୟମୁଖୀ ତେଲ ପ୍ରତି ଲିଟର ୧୬୦ ଟଙ୍କା ରହିଥିବାବେଳେ ଏବେ ଏହା ୧୭୦ ଟଙ୍କାକୁ ବୃଦ୍ଧି ହୋଇଛି। ସେହିପରି ପାମୋଲିନ୍ ତେଲ ମୂଲ୍ୟ ଲିଟର ପିଛା ୧୨୦ ଟଙ୍କାରୁ ୧୨୫ ଟଙ୍କାକୁ ବୃଦ୍ଧି ଘଟିଛି।

**ଲିଟର ପିଛା ୧୦ ଟଙ୍କା ବଢ଼ିଲା**

# ୯୨ ସ୍ତର ତଳକୁ ଖସିଲା ଟଙ୍କା



ନୂଆଦିଲ୍ଲୀ, ୯।୩(ଏଜେନ୍ସି): ମଧ୍ୟପ୍ରାଚ୍ୟ ଯୁଦ୍ଧ ଓ ଭୂ-ରାଜନୈତିକ ଅସ୍ଥିରତା ଭିତରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଟଙ୍କା ରସାତଳକୁ ଗଲାଣି। ଦୈନିକ ତଳକୁ ଖସୁଛି ଭାରତୀୟ ମୁଦ୍ରା ମୂଲ୍ୟ। ସୋମବାର ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୪୬ ପଇସା ହ୍ରାସ ଘଟିଛି। ଫଳରେ ଗୋଟିଏ ଡଲାରର ମୂଲ୍ୟ ବର୍ତ୍ତମାନ ୯୨.୩୩ ଟଙ୍କାରେ ପହଞ୍ଚିଛି। ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ବୃଦ୍ଧି ଏବଂ ମଧ୍ୟପ୍ରାଚ୍ୟରେ ପରିସ୍ଥିତି ଖରାପ ହେଉଥିବା ମଧ୍ୟରେ ଡଲାରର ମଜବୁତ ହେବା ଯୋଗୁ ଟଙ୍କାର ଏହି ବଡ଼ ହ୍ରାସ ଘଟିଛି।

**୧ ଡଲାର: ୯୨.୩୩ ଟଙ୍କା**

**ମହଙ୍ଗା ହେବ ଆମଦାନୀ**

ବିଶେଷଜ୍ଞମାନେ କହିଛନ୍ତି ଯେ ଯୁଦ୍ଧ ନ କମିବା ପର୍ଯ୍ୟନ୍ତ ଟଙ୍କା ଚାପରେ ରହିପାରେ। ଚଳିତ ବର୍ଷ ଟଙ୍କା ମୂଲ୍ୟରେ ୨%ରୁ ଅଧିକ ହ୍ରାସ ପାଇଛି, ଫଳରେ ୨୦୨୬ରେ ବିଶ୍ୱର ଇମର୍ଜିଂ ମାର୍କେଟ୍ (ଉଦୀୟମାନ ବଜାର)ରେ ଟଙ୍କା ସବୁଠାରୁ ଖରାପ ପ୍ରଦର୍ଶନ କରିଥିବା ମୁଦ୍ରା ପାଲଟିଛି। ଟଙ୍କା ମୂଲ୍ୟରେ ଏହି ବଡ଼ ହ୍ରାସର ପ୍ରମୁଖ କାରଣ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ହେବା। ମଧ୍ୟପ୍ରାଚ୍ୟରେ ଚାପ ଯୋଗୁ ଯୋଗାଣ ଶୃଙ୍ଖଳା ବନ୍ଦ ହେବାର ଭୟ ରହିଛି। ତେଣୁ ଅଶୋଧି ତେଲ ମୂଲ୍ୟ ବଢ଼ିଛି। ସୋମବାର ବ୍ରେଣ୍ଟ କ୍ରୁଡ୍ ୨୫% ବଢ଼ି ପ୍ରତି ବ୍ୟାରେଲ୍ ୧୧୭ ଡଲାର ପାଖାପାଖି ପହଞ୍ଚି ଯାଇଛି। ଇରାନ ସହ ଯୁଦ୍ଧ ହେବା ପରେ ତୈଳ ମୂଲ୍ୟରେ ୫୦% ବଢ଼ି ସାରିଲାଣି। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ବିଶ୍ୱବ୍ୟାପୀ ବଜାରରେ ଅନିଶ୍ଚିତତାର ବାତାବରଣ ସୃଷ୍ଟି କରିଛି। ନିବେଶକମାନେ ରିସ୍କ ଉଠାଇବା ପରିବର୍ତ୍ତେ ଏକ ନିରାପଦ ଆସେଟ ଭାବରେ ଆମେରିକୀୟ ଡଲାରରେ ନିବେଶ କରୁଛନ୍ତି। ବୋଫା ଗ୍ଲୋବାଲ୍ ରିସର୍ଚ୍ଚର ଏକ ରିପୋର୍ଟ ଅନୁଯାୟୀ, ଯଦି ଏହି ଯୁଦ୍ଧ ଦୀର୍ଘ ସମୟ ଧରି ଜାରି ରୁହେ, ତେବେ ତୈଳ ଆମଦାନୀ ଉପରେ ନିର୍ଭରଶୀଳ ଦେଶଗୁଡ଼ିକର ମୁଦ୍ରା ସବୁଠାରୁ ଅଧିକ ଚାପରେ ରହିବ। ଭାରତ ଏବଂ ଫିଲିପାଇନ୍ସର ମୁଦ୍ରା ସବୁଠାରୁ ଦୁର୍ବଳ ପରିସ୍ଥିତିର ସାମ୍ନା କରିପାରନ୍ତି। ମୁଦ୍ରା ମୂଲ୍ୟ ହ୍ରାସ ହେବା ଦ୍ୱାରା ଦେଶରେ ମହଙ୍ଗା ସ୍ଥିତି ଦେଖା ଦେବ। କାରଣ ଆମଦାନୀ କରାଯାଉଥିବା କିଛି ସାମଗ୍ରୀର ମୂଲ୍ୟ ବଢ଼ିବ। ସେହିପରି ବିଦେଶରେ ପାଠପଢ଼ିବାରେ ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ ଆହୁରି ବ୍ୟୟବହୁଳ ହେବ।

**ଇରାନ୍ ଯୁଦ୍ଧର ପ୍ରଭାବ:ବଦଳିଲା ରନ୍ଧନ ଗ୍ୟାସ୍ ବୁକିଂ ନିୟମ**

# ଏଲ୍‌ପିଜି ସିଲିଣ୍ଡରର ବୁକିଂ ଅବଧି ୨୫ ଦିନକୁ ବୃଦ୍ଧି

ନୂଆଦିଲ୍ଲୀ, ୯।୩(ଏଜେନ୍ସି)





ବଢୁଛି ମଧ୍ୟ ପ୍ରାଚ୍ୟ ଅସ୍ଥିରତା। ଯୁଦ୍ଧ ଯେତେ ଘନଉଛି ତେଲ ଏବଂ ରନ୍ଧନ ଗ୍ୟାସ୍‌କୁ ନେଇ ଚିନ୍ତା ସେତେ ବଢୁଛି। ଯଦିବା ବର୍ତ୍ତମାନ ସୁଦ୍ଧା ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବଢ଼ିନାହିଁ, ହେଲେ ରନ୍ଧନ ଗ୍ୟାସ୍ ଦର ଇତିମଧ୍ୟରେ ସିଲିଣ୍ଡର ପିଛା ୬୦ ଟଙ୍କା ବୃଦ୍ଧି ଘଟିସାରିଲାଣି। ଯୁଦ୍ଧ ସ୍ଥିତିରେ ବର୍ତ୍ତମାନ ଉପସାଗରୀୟ କ୍ଷେତ୍ରରୁ ରନ୍ଧନ ଗ୍ୟାସ୍ ଯୋଗାଣ ହ୍ରାସ ପାଇବାରେ ଲାଗିଛି। ଏହା ଏବେ ସରକାରଙ୍କ ପାଇଁ ବଡ଼ ଚିନ୍ତାର ବିଷୟ। ମହଜୁଦକାରୀ ଏବଂ କଳାବଜାରୀକୁ ରୋକିବା ଏବେ ଘରୋଇ କ୍ଷେତ୍ରରେ ରନ୍ଧନ ଗ୍ୟାସ୍ ଯୋଗାଣ ସ୍ୱାଭାବିକ ରଖିବା ପାଇଁ ସରକାର ଏଲପିଜି ସିଲିଣ୍ଡର ବୁକିଂ ନିୟମରେ ବଡ଼ ପରିବର୍ତ୍ତନ କରିଛନ୍ତି। ଫଳସ୍ୱରୂପ ଏଲ୍‌ପିଜି ସିଲିଣ୍ଡର ପାଇଁ ବୁକିଂ ଅବଧି ୨୧ ଦିନରୁ ୨୫ ଦିନକୁ ବୃଦ୍ଧି କରାଯାଇଛି। ଅର୍ଥାତ୍ ଗ୍ରାହକ ଗୋଟିଏ ସିଲିଣ୍ଡର ଡେଲିଭରୀ ହେବାର ୨୫ ଦିନ ପରେ ଆଉ ଏକ ସିଲିଣ୍ଡର ବୁକିଂ କରିପାରିବେ।

ସୂତ୍ର ଅନୁଯାୟୀ, ଉପସାଗରୀୟ ଅଞ୍ଚଳ ଏବଂ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ମଧ୍ୟରେ ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ଯୋଗୁ ରନ୍ଧନ ଗ୍ୟାସ୍ ଯୋଗାଣ ପ୍ରଭାବିତ ହୋଇଛି। ପୂର୍ବରୁ ଗ୍ରାହକମାନେ ସାଧାରଣତଃ ଏଲ୍‌ପିଜି ସିଲିଣ୍ଡର ବୁକିଂ ମଧ୍ୟରେ ବ୍ୟବଧାନ ୫୫ ଦିନ ରଖୁଥିବାବେଳେ ଏବେ ତାହା ୧୫ ଦିନକୁ ହ୍ରାସ ଘଟିଛି। ଅର୍ଥାତ୍ ଗ୍ରାହକ ଗୋଟିଏ ସିଲିଣ୍ଡର ବୁକିଂ କରିବାର ମାତ୍ର ୧୫ ଦିନରେ ଆଉ ଏକ ସିଲିଣ୍ଡର ବୁକିଂ କରିବା ଆରମ୍ଭ କରିଛନ୍ତି। ଏହାର ମୁଖ୍ୟ କାରଣ ହେଉଛି ଇରାନ୍ ଯୁଦ୍ଧରେ ରନ୍ଧନ ଗ୍ୟାସ୍ ଯୋଗାଣ ନେଇ ଗ୍ରାହକଙ୍କ ମଧ୍ୟରେ ଆଶଙ୍କା ବଢ଼ିଯାଇଛି। ଏଥିରେ ବୁକିଂ ବ୍ୟବଧାନ ବଢ଼ାଇବା ସହ ସରକାର ରିଫାଇନାରୀଗୁଡ଼ିକୁ ଏଲ୍‌ପିଜି ଉତ୍ପାଦନ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାଣିଜ୍ୟିକ ଅପେକ୍ଷା ଘରୋଇ ଏଲ୍‌ପିଜି ଯୋଗାଣକୁ ପ୍ରାଥମିକତା ଦେବାକୁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ ଇରାନ୍ ଯୁଦ୍ଧ ମଧ୍ୟରେ ଅନେକ ଦେଶ ଭାରତକୁ ରନ୍ଧନ ଗ୍ୟାସ୍ ବିକ୍ରି କରିବାକୁ ଆଗେଇ ଆସିଛନ୍ତି। ସୂତ୍ର ଅନୁଯାୟୀ, ଆଲଜେରିଆ, ଅଷ୍ଟ୍ରେଲିଆ, କାନାଡା ଏବଂ ନରୱେ ଭଳି ଦେଶଗୁଡ଼ିକ ଏଲ୍‌ପିଜି ବିକ୍ରି କରିବାକୁ ଭାରତ ସହିତ ଯୋଗାଯୋଗ କରିଛନ୍ତି। ତେବେ ନ୍ୟାସନାଲ ରେସ୍ତୋରାଁ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଏଆଇ) ରେସ୍ତୋରାଁଗୁଡ଼ିକୁ ଏଲପିଜି ଯୋଗାଣରେ ସମ୍ଭାବ୍ୟ ବାଧାକୁ ନେଇ ଚିନ୍ତା ପ୍ରକଟ କରିଛି। ଏହି କ୍ଷେତ୍ରରେ ବ୍ୟବହୃତ ବାଣିଜ୍ୟିକ ସିଲିଣ୍ଡରଗୁଡ଼ିକର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବାକୁ ସଂଘ ସରକାରଙ୍କୁ ନିବେଦନ କରିଛି।

**ସରକାରଙ୍କୁ ଘାରିଲାଣି ଯୋଗାଣ ସମସ୍ୟା**

**ଏଲପିଜି ଉତ୍ପାଦନ ବଢ଼ାଇବାକୁ ରିଫାଇନାରୀଗୁଡ଼ିକୁ ନିର୍ଦ୍ଦେଶ**

# ସେୟାର ବଜାର ତଳମୁହାଁ

## ନିବେଶକଙ୍କ ସମ୍ପତ୍ତିରେ ୨୨ ଲକ୍ଷ କୋଟି ହ୍ରାସ

ମୁମ୍ବଇ, ୯।୩(ଏଜେନ୍ସି): ଆମେରିକା-ଇସ୍ରାଏଲ-ଇରାନ ଯୁଦ୍ଧ ଯୋଗୁଁ ଷ୍ଟକ୍ ବଜାରରେ ଏକ ବଡ଼ ଧରଣର ହ୍ରାସ ଘଟିଛି। ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନସେକ୍ସରେ ୧,୩୫୩ ପଏଣ୍ଟ (୧.୭୧%) ହ୍ରାସ ପାଇ ୭୭,୫୬୬ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍‌ଟିରେ ମଧ୍ୟ ୪୨୨ ପଏଣ୍ଟ (୧.୭୩%) ହ୍ରାସ ଘଟି ୨୪,୦୨୮ ପଏଣ୍ଟରେ କାରବାର ଶେଷ ହୋଇଛି। ଆଜିର କାରବାରରେ ବ୍ୟାଙ୍କ, ଅଟୋ, ଧାତୁ, ଶକ୍ତି ଏବଂ ଏଫ୍‌ଏମ୍‌ସିଜି ଷ୍ଟକ୍ ଗୁଡ଼ିକରେ ପ୍ରବଳ ବିକ୍ରି ଦେଖିବାକୁ ମିଳିଛି। ଭୂ-ରାଜନୈତିକ ଉତ୍ତେଜନା ଏବଂ ଯୁଦ୍ଧ ଭଳି ପରିସ୍ଥିତି ବୃଦ୍ଧି ପାଉଥିବା ଯୋଗୁ ଦେଶକୁ ଏବେ ମୁଦ୍ରାସ୍ଫୀତିର ବିପଦ, ଯାହା କର୍ପୋରେଟ୍ ଲାଭକୁ ହ୍ରାସ କରିପାରେ। ଫଳସ୍ୱରୂପ, ନିବେଶକମାନେ ସେମାନଙ୍କର ସେୟାର ବିକ୍ରି କରିବା ଆରମ୍ଭ କରୁଛନ୍ତି ଏବଂ ସୁରକ୍ଷିତ ଆଶ୍ରୟସ୍ଥଳ ଖୋଜନ୍ତି, ଯାହା ଫଳରେ ବଜାରରେ ହ୍ରାସ ଘଟିଥାଏ। ଭାରତୀୟ ବଜାରରେ ହ୍ରାସ ଯୋଗୁ ଆଜି ନିବେଶକଙ୍କ ସମ୍ପତ୍ତିରେ ୨୨ ଲକ୍ଷ କୋଟିରୁ ଅଧିକ ହ୍ରାସ ଘଟିଛି। ଆଜି ସେୟାର ବଜାରରେ ହ୍ରାସର ତିନୋଟି ମୁଖ୍ୟ କାରଣ ହେଉଛି ଇରାନ-ଇସ୍ରାଏଲ ଯୁଦ୍ଧ ଯୋଗୁଁ ଯୋଗାଣ ଶୃଙ୍ଖଳା ବିଭ୍ରାଟ ହେବାର ଭୟ। ଦ୍ୱିତୀୟଟି ହେଉଛି ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଭାରତର ଆମଦାନୀ ବିଲ୍ ଏବଂ ମୁଦ୍ରାସ୍ଫୀତିକୁ ବୃଦ୍ଧି କରିବ। ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ, ଫେବୃଆରୀ ୨୭ରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ସମସ୍ତ କମ୍ପାନୀର ମୋଟ ବଜାର ମୂଲ୍ୟ ୪.୬୩ ଲକ୍ଷ କୋଟି ଟଙ୍କା ଥିଲା। କିନ୍ତୁ, ଯୁଦ୍ଧ ଯୋଗୁଁ ବଜାରରେ ପ୍ରବଳ ବିକ୍ରି ଯୋଗୁଁ ଏହା ମାର୍ଚ୍ଚ ୯ ତାରିଖ ସୁଦ୍ଧା ୪.୪୧ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି। ଶୁକ୍ରବାର ବଜାରରେ ସେନସେକ୍ସ ୭୮,୯୧୮.୯୦ରେ ବନ୍ଦ ହୋଇଥିଲା। ସୋମବାର ଏହା ୭୭,୦୫୬.୭୬ ପଏଣ୍ଟରେ ଖୋଲିଛି। ଏହାର କିଛି ମିନିଟ୍‌ରେ ଏହା ୭୬,୪୨୪ପଏଣ୍ଟକୁ ଖସିଯାଇଥିଲା। ସେହିପରି ନିଫ୍‌ଟି ଶୁକ୍ରବାର ୨୪,୪୫୦ ପଏଣ୍ଟରେ ବନ୍ଦ ହୋଇଥିବା ବେଳେ ଶୁକ୍ରବାର ୨୩,୮୬୮ ପ ଏଣ୍ଟରେ ଖୋଲିଥିଲା।

**ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ମାନ୍ଦା ପଡ଼ିଲାଣି ପରିବହନ**

# ଘରକୁ ଟଙ୍କା ପଠାଇପାରୁନାହାନ୍ତି ପ୍ରବାସୀ ଭାରତୀୟ



ନୂଆଦିଲ୍ଲୀ, ୯।୩(ଏଜେନ୍ସି): ଆମେରିକା ଏବଂ ଇସ୍ରାଏଲ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଇରାନୀ ପଡ଼ୋଶୀ ଉପସାଗରୀୟ ଦେଶଗୁଡ଼ିକ ଉପରେ ଆକ୍ରମଣ କରିବା ପରେ ଉକ୍ତ ଅଞ୍ଚଳଗୁଡ଼ିକରେ ବିମାନ ସେବା ପ୍ରଭାବିତ ହୋଇଛି। ଏଥିରେ ଦୁବାଇ ଆନ୍ତର୍ଜାତୀୟ ବିମାନବନ୍ଦର ଗୁରୁତର ଭାବରେ ପ୍ରଭାବିତ ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଦୁବାଇ ଆନ୍ତର୍ଜାତୀୟ ବିମାନବନ୍ଦର ହେଉଛି ବିଶ୍ୱର ଦ୍ୱିତୀୟ ବ୍ୟସ୍ତବହୁଳ ବିମାନବନ୍ଦର। ଏଠାରୁ ସାଧାରଣତଃ ବାର୍ଷିକ ପ୍ରାୟ ୯୨ ମିଲିଅନ ବା ୯.୨ କୋଟି ଯାତ୍ରୀ ଯାତ୍ରା କରିଥାନ୍ତି। ପ୍ରାୟ ପ୍ରତି ୭୨ ସେକେଣ୍ଡରେ ଏଠାରୁ ଗୋଟିଏ ବିମାନ ଉଡ଼ାଣ ଓ ଅବତରଣ କରିଥାଏ। ଯୁଦ୍ଧ ଯୋଗୁ ଗତ ଶନିବାର ପ୍ରଥମେ ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦର ବନ୍ଦ ହୋଇଥିଲା। ଏହାର କିଛି ଘଣ୍ଟା ମଧ୍ୟରେ ଦୁବାଇ, ଦୋହା ଏବଂ ଆବୁଧାବି ସମେତ ଉପସାଗରୀୟ କ୍ଷେତ୍ରର ପ୍ରମୁଖ ବିମାନ ଚଳାଚଳ କେନ୍ଦ୍ରଗୁଡ଼ିକ ଅଫ୍‌ଲାଇନ୍ ହୋଇଯାଇଥିଲା।

ଏକ ରିପୋର୍ଟ ଅନୁଯାୟୀ, ମାତ୍ର ତିନି ଦିନ ମଧ୍ୟରେ ଅତି କମ୍‌ରେ ୧୨,୦୦୦ ବିମାନ ବାତିଲ ହୋଇଥିଲା, ଯାହା ନିର୍ଦ୍ଧାରିତ ବିମାନ ଉଡାଣ ଟାର୍ଗେଟ୍‌ର ପ୍ରାୟ ୪୦ ପ୍ରତିଶତ ଥିଲା। ଫଳରେ ୧୦ ଲକ୍ଷରୁ ଅଧିକ ଯାତ୍ରୀ ଫସି ରହିଥିଲେ। ଯୁଦ୍ଧ ମଧ୍ୟରେ ଆଉ ଏକ ବଡ଼ ସମସ୍ୟା ହେଉଛି, ଏବେ ପ୍ରବାସୀ ଭାରତୀୟମାନେ ଘରକୁ ଟଙ୍କା ପଠାଇବାରେ ବଡ଼ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସଂଯୁକ୍ତ ଆରବ ଏମିରେଟ୍ସରେ, ୬୦ ପ୍ରତିଶତରୁ ଅଧିକ ପ୍ରବାସୀ ଶ୍ରମିକ ପ୍ରତିମାସରେ ୧,୩୬୦ ଡଲାରୁ କମ୍ ରୋଜଗାର କରିଥାନ୍ତି। ଏହି ଶ୍ରେଣୀରେ ନିର୍ମାଣ ଶ୍ରମିକ, ଡ୍ରାଇଭର ଏବଂ ଘରୋଇ ଶ୍ରମିକ ସାମିଲ। ଏମାନେ ବିଦେଶରୁ ଟଙ୍କା ଆୟ କରି ପରିବାର ପୋଷଣ କରିଥାନ୍ତି। ଉପସାଗରୀୟ କ୍ଷେତ୍ରରେ ଶ୍ରମିକମାନେ ପଠାଉଥିବା ଟଙ୍କା ଅନେକ ଦେଶ ପାଇଁ ଏକ ପ୍ରମୁଖ ଆର୍ଥିକ ଜୀବନରେଖା ହୋଇଥାଏ। ସେଠାରୁ ଭାରତୀୟ ଶ୍ରମିକମାନେ ବାର୍ଷିକ ପ୍ରାୟ ୪୯ ବିଲିୟନ ଡଲାର ଘରକୁ ପଠାଉଥିବାବେଳେ ସାଉଦି ଆରବ ଏବଂ ୟୁଏଇରେ ପାକିସ୍ତାନୀ ଶ୍ରମିକମାନେ ୧୭ ବିଲିୟନ ଡଲାରରୁ ଅଧିକ ମୁଦ୍ରା ରୋଜଗାର କରିଥାନ୍ତି। ଏହି ଅଞ୍ଚଳରେ ବାଂଲାଦେଶୀ ଶ୍ରମିକମାନେ ପ୍ରତିବର୍ଷ ପ୍ରାୟ ୧୧ ବିଲିୟନ ଡଲାର କାରବାର କରିଥାନ୍ତି। ଉପସାଗର ବିମାନ ଚଳାଚଳ କେନ୍ଦ୍ରଗୁଡ଼ିକ ବନ୍ଦ ହୋଇଗଲେ ଏହା ଗଭୀର ଭାବରେ ବାଧାପ୍ରାପ୍ତ ହୋଇଥାଏ। ଏହାର ପରିଣାମ ହଜାର ହଜାର ମାଇଲ ଦୂରରେ ଥିବା ପରିବାରଗୁଡ଼ିକ ଉପରେ ପଡୁଛି। ପରିବାର ଲୋକ ଟଙ୍କା ପାଇଁ ଅପେକ୍ଷା କରିଥିବାବେଳେ ସେମାନଙ୍କ ପାଖରେ ଟଙ୍କା ପହଞ୍ଚିପାରୁନି। ଇତିମଧ୍ୟରେ ଇରାକ ଏବଂ ଇରାନର ବିମାନ ବନ୍ଦର ବନ୍ଦ କରିଦିଆଯାଇଥିଲା। ଏହି ଦୁଇ ବିମାନ ବନ୍ଦରର ଆକାଶ ପଥ ୟୁରୋପକୁ ଦକ୍ଷିଣ ଏବଂ ଦକ୍ଷିଣ ପୂର୍ବ ଏସିଆ ସହିତ ସଂଯୋଗ କରୁଥିବାରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ କରିଡର ଭାବରେ କାର୍ଯ୍ୟ କରେ। ଏହି ରୁଟ୍ ସେଣ୍ଟରରେ ତିନୋଟି ପ୍ରମୁଖ ଉପସାଗରୀୟ ବିମାନବନ୍ଦର ରହିଛି। ପ୍ରତ୍ୟେକ ଦିନ ଏଠାରୁ ପ୍ରାୟ ୯୦,୦୦୦ ଯାତ୍ରୀ ଯାତ୍ରା କରିଥାନ୍ତି। ଏମିରେଟ୍ସ, କତାର ଏୟାରୱେଜ୍ ଏବଂ ଏତିହାଦ ଏୟାରୱେଜ୍ ସମେତ ବିମାନ କମ୍ପାନୀଗୁଡ଼ିକ ମିଳିତ ଭାବରେ ବାର୍ଷିକ ୬୮ ବିଲିୟନ ଡଲାରରୁ ଅଧିକ ରାଜସ୍ୱ ପାଇଥାନ୍ତି।

**୯ କୋଟିରୁ ଅଧିକ ଯାତ୍ରୀ ପ୍ରଭାବିତ**

**ଅର୍ଥନୀତି ଆଗକୁ ବଢ଼ାଇବା ପାଇଁ ଡ୍ରାଗନ୍‌ର ନୂଆ ଯୋଜନା**

# ହଟାଇବ ଶସ୍ତା ମାଲ୍‌ର ଟ୍ୟାଗ୍

ନୂଆଦିଲ୍ଲୀ, ୯।୩(ଏଜେନ୍ସି)



ଚୀନ୍ ଭାରତ ତୁଳନାରେ ବହୁତ ଶସ୍ତା ସାମଗ୍ରୀ ଉତ୍ପାଦନ କରେ। ଏହି କାରଣରୁ ଭାରତ ସମେତ ଅନେକ ଦେଶରେ ସେଗୁଡିକ ବ୍ୟବହୃତ ହୋଇଥାଏ। ତଥାପି, ସେହି ସାମଗ୍ରୀଗୁଡିକର ଦୀର୍ଘାୟୁକୁ ନେଇ କୌଣସି ଗ୍ୟାରେଣ୍ଟି ନାହିଁ। ଏହି କାରଣରୁ ଦୋକାନୀମାନେ ଅଧିକାଂଶ ଚୀନ୍ ସାମଗ୍ରୀ ଉପରେ କୌଣସି ଗ୍ୟାରେଣ୍ଟି ଦିଅନ୍ତିନାହିଁ। ଫଳସ୍ୱରୂପ, ଚୀରେ ଉପରେ ଶସ୍ତା ସାମଗ୍ରୀର ଉତ୍ପାଦନକାରୀର ଲେବଲ୍ ଲାଗିଯାଇଛି। କିନ୍ତୁ ଚୀନ୍ ଏବେ ନିଜ ଉପରୁ ଏହି ଶସ୍ତା ମାଲ୍‌ର ଟ୍ୟାଗ୍ ହଟାଇବାକୁ ଚାହୁଁଛି। ଚୀନ୍ ସଂସଦର ବାର୍ଷିକ ଅଧିବେଶନରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଯୋଜନା ଉପସ୍ଥାପିତ ହୋଇଛି। ଏହି ଯୋଜନାଗୁଡ଼ିକ ସ୍ପଷ୍ଟ କରେ ଯେ ଦେଶ ଆଗାମୀ ବର୍ଷଗୁଡ଼ିକରେ ଏକ ପ୍ରଯୁକ୍ତିବିଦ୍ୟା-ଆଧାରିତ ଅର୍ଥନୀତି ଗଠନ କରିବ। ଏଥିରେ ପ୍ରଯୁକ୍ତିବିଦ୍ୟାର ପ୍ରତିଯୋଗିତାରେ ଆମେରିକା ଉପରେ ଅଗ୍ରଣୀ ହାସଲ କରିବା ପାଇଁ ଦେଶ ଏକ ବଡ଼ ବାଜି ଲଗାଉଛି। ଚୀନ୍ ଏହାର ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଦୁଇଟି ଦିଗରେ ଏକ ଯୋଜନା ବିକଶିତ କରିଛି। ୨୦୨୬ ପାଇଁ ସରକାରଙ୍କ ଆର୍ଥିକ ଯୋଜନାରେ ଏକ ଦୃଢ଼ ଘରୋଇ ବଜାର ସୃଷ୍ଟିକୁ ଏହାର ସର୍ବୋଚ୍ଚ ପ୍ରାଥମିକତା ଭାବରେ ଦର୍ଶାଯାଇଛି। ପ୍ରଯୁକ୍ତିବିଦ୍ୟା ପ୍ରଗତିକୁ ତ୍ୱରାନ୍ୱିତ କରିବାକୁ ଏଥିରେ ଦ୍ୱିତୀୟ ସ୍ଥାନରେ ରଖାଯାଇଛି। ଆଗାମୀ ୫ ବର୍ଷ ପାଇଁ ଚୀନ୍‌ର ଯୋଜନା ହେଉଛି ପ୍ରମୁଖ ପ୍ରଯୁକ୍ତିବିଦ୍ୟା ସଫଳତା ହାସଲ କରିବା।

ଚୀନ୍ ଶସ୍ତା ସାମଗ୍ରୀ ଉତ୍ପାଦନ ପାଇଁ ସାରା ବିଶ୍ୱରେ ଜଣାଶୁଣା। ଚୀନ୍‌ର ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ଏବେ ଏହି ଟ୍ୟାଗ୍‌କୁ ହଟାଇବାକୁ ଚାହୁଁଛନ୍ତି। ତାଙ୍କର ଯୋଜନା ହେଉଛି ଚୀନ୍‌କୁ ଏକ କମ୍ ମୂଲ୍ୟର ଉତ୍ପାଦନ ମଡେଲ୍‌ରୁ ଏକ ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଅର୍ଥନୀତିରେ ପରିଣତ କରିବା। ଜାତୀୟ ପିପୁଲ୍ସ କଂଗ୍ରେସରେ ଭାଷଣ ଦେଇ ସି ଜିନ୍‌ପିଙ୍ଗ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ନବସୃଜନ ଏବଂ ରଣନୈତିକ ଲାଭ ହାସଲ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଆମେରିକା ଚୀନ୍ କମ୍ପାନୀଗୁଡ଼ିକ ପାଇଁ ଉଚ୍ଚମାନର ସେମିକଣ୍ଡକ୍ଟର୍ ଏବଂ ପ୍ରଯୁକ୍ତିବିଦ୍ୟାରେ ପ୍ରବେଶକୁ ସୀମିତ କରିଛି। ଏହା ପରେ ଚୀନ୍ ତା'ର ଆତ୍ମନିର୍ଭରଶୀଳତା ରଣନୀତିକୁ ତ୍ୱରାନ୍ୱିତ କରିଛି। ଚୀନ୍ ସେମିକଣ୍ଡକ୍ଟର୍, ବ୍ୟାଟେରୀ, ବାୟୋମେଡିସିନ୍ ଏବଂ ନୂତନ ପ୍ରଯୁକ୍ତିବିଦ୍ୟାରେ ଗୁରୁତ୍ୱପୂର୍ଣ୍ଣ ନିବେଶ କରୁଛି। ଚୀନ୍ ମଧ୍ୟ ଏହାର ଘରୋଇ ଯାତ୍ରୀବାହୀ ବିମାନ, ସି୯୧୯ ର ଉତ୍ପାଦନକୁ ତ୍ୱରାନ୍ୱିତ କରୁଛି ଏବଂ ସ୍ୱଦେଶୀ ଜେଟ୍ ଇଞ୍ଜିନ ବିକଶିତ କରୁଛି।

# ମହିଳା ଦିବସରେ ଟାଟା ପାୱାର ଓଡ଼ିଶା ଡିସ୍‌କମ୍‌ର 'ନୂଆ ଆରମ୍ଭ' ଅଭିଯାନ



ଭୁବନେଶ୍ୱର, ୯।୩(ସମିସ): ବିବିଧତା, ଅନ୍ତର୍ଭୁକ୍ତିକରଣ ଏବଂ ମହିଳା ସଶକ୍ତିକରଣ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ଗୁଡିକ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ 'ନୂଆ ଆରମ୍ଭ' ଅଭିଯାନ ଆରମ୍ଭ କରାଯାଇଛି। 'ନୂଆ ଆରମ୍ଭ' ମାଧ୍ୟମରେ ଡିସକମ୍‌ଗୁଡିକ ପ୍ରତିଭାବାନ ମହିଳା ବୃତ୍ତିଧାରୀମାନଙ୍କ ପାଇଁ ସେମାନଙ୍କର ଦ୍ୱିତୀୟ କ୍ୟାରିୟର ଆରମ୍ଭ କରିବା ଏବଂ ଓଡ଼ିଶାର ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବା ପାଇଁ ପଥ ସୃଷ୍ଟି କରୁଛି। ଏହି ଅଭିଯାନର ଅଂଶସ୍ୱରୂପ ଓଡ଼ିଶାର ୪ଟି ଡିସକମ୍‌ରେ ବିଭିନ୍ନ ଦାୟିତ୍ୱ ଓ ପେଶାଗତ ପୃଷ୍ଠଭୂମିରୁ ୭ ଜଣ ମହିଳା ବୃତ୍ତିଧାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଦିଲ୍ଲୀର ଫ୍ୟାକଲ୍ଟି ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ର ପ୍ରଫେସର ତଥା ଟିପିଏନଓଡିଏଲ୍ ଏବଂ ଟିପିଡବ୍ଲୁଓଡିଏଲ୍ ର ବୋର୍ଡ ନିର୍ଦ୍ଦେଶିକା ଡକ୍ଟର ମୋନିକା ସିଂଘାନିଆ, ଟାଟା ପାୱାରର ଚିଫ୍ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ବିଜନେସ ଗଜାନନ କାଲେ, ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂହ ଏବଂ ଚିଫ୍ ବିଏଚ୍‌ଆର ଶ୍ୟାମ ସୁନ୍ଦର ଚୌଧୁରୀଙ୍କ ସମେତ ଓଡ଼ିଶା ଡିସକମ୍ ଗୁଡିକର ବରିଷ୍ଠ ନେତୃତ୍ୱ ମଣ୍ଡଳୀ ଉପସ୍ଥିତ ଥିଲେ।

# ପରବର୍ତ୍ତୀ ଲକ୍ଷ୍ୟ ୨୦୨୮ ଅଲିମ୍ପିକ୍ସ: ସୂର୍ଯ୍ୟକୁମାର



ଅହମ୍ମଦାବାଦ୍, ୯।୩(ଏଜେନ୍ସି)

ନ୍ୟୁଜିଲାଣ୍ଡକୁ ୯୬ ରନ୍‌ରେ ହରାଇ ଭାରତ ତୃତୀୟଥର ଟି-୨୦ ବିଶ୍ୱକପ୍ ଜିତିବା ପରେ ଭାରତୀୟ କ୍ରିକେଟ ଦଳ ତାହାର ପରବର୍ତ୍ତୀ ଲକ୍ଷ୍ୟ ସ୍ଥିର କରିସାରିଛି। 'ଆମର ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଲସ୍ ଆଞ୍ଜେଲସରେ ହେବାକୁ ଥିବା ୨୦୨୮ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଓ ସେହିବର୍ଷ ଖେଳାଯିବାକୁ ଥିବା ଟି-୨୦ ବିଶକପ୍ ଜିତିବା'। ଘରୋଇ ମାଟିରେ ପ୍ରଥମଥର କୌଣସି ଏକ ଦଳ ଟି-୨୦ ବିଶ୍ୱକପ୍‌ରେ ବିଜୟୀ ହୋଇଛି। ଭାରତସାରା ଏହି ବିଜୟକୁ ଉତ୍ସବ ଭାବେ ପାଳନ କରାଯାଉଥିବା ବେଳେ ଅଧିନାୟକ ସୂର୍ଯ୍ୟକୁମାର ସାମ୍ବାଦିକ ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି। ବିଶ୍ୱକପ୍ ବିଜୟ ଆମ ଲାଗି ସ୍ୱତନ୍ତ୍ର। ଆମର ଭୟଶୂନ୍ୟ, ଆକ୍ରମଣାତ୍ମକ ଖେଳ ଶୈଳୀ ଟାଇଟଲ ଜିତିବାରେ ସହାୟକ ହୋଇଛି। ଏହି ଶୈଳୀକୁ ଆମେ ବଜାୟ ରଖିବୁ ବୋଲି ସେ କହିଛନ୍ତି। ଭାରତ ଏଠାରେ ଚାମ୍ପିଅନ ହୋଇଥିଲାବେଳେ ସୂର୍ଯ୍ୟକୁମାର ଖାତା ଖୋଲିବାରେ ସମର୍ଥ ହୋଇ ନ ଥିଲେ।

### ଦୁଇ ଅଙ୍କ ଟପି ନାହାନ୍ତି ଭାରତୀୟ ଅଧିନାୟକ

ଚଳିତ ବିଶ୍ୱକପ୍‌କୁ ମିଶାଇ ଭାରତ ୪ଥର ଟି-୨୦ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ଫାଇନାଲରେ ଭାରତର କୌଣସି ଅଧିନାୟକ ଦୁଇ ଅଙ୍କ ଟପି ନାହାନ୍ତି। ୨୦୦୭ରେ ଭାରତ ଚାମ୍ପିଅନ ହୋଇଥିଲାବେଳେ ପାକିସ୍ତାନ ବିପକ୍ଷରେ ଅଧିନାୟକ ଏମ୍‌ଏସ୍ ଧୋନି ୧୦ବଲ୍‌ରେ ୬ ରନ୍ କରିଥିଲେ। ତାଙ୍କ ନେତୃତ୍ୱରେ ଭାରତ ଦ୍ୱିତୀୟଥର ଫାଇନାଲ ୨୦୧୪ରେ ଶ୍ରୀଲଙ୍କା ବିପକ୍ଷରେ ଖେଳିଥିଲା। ଏଥିରେ ଧୋନି ୭ ବଲ ଖେଳି ୪ ରନ୍‌ରେ ଅପରାଜିତ ରହିଥିଲେ। ସେହିପରି ୨୦୨୪ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲରେ ଅଧିନାୟକ ରୋହିତ ଶର୍ମା ୫ବଲ୍‌ରୁ ୯ ରନ୍ କରିଥିଲେ। ଏଥର ଫାଇନାଲରେ ଅଧିନାୟକ ସୂର୍ଯ୍ୟକୁମାର ପ୍ରଥମ ବଲ୍‌ରେ ଆଉଟ ହୋଇ ଖାତା ଖୋଲି ପାରି ନ ଥିଲେ।

### ଭାରତକୁ ପରିବେଶ ସୁହାଇବା ଯୁକ୍ତି ଅଯୌକ୍ତିକ

ଘରୋଇ ପରିବେଶରୁ ଫାଇଦା ଉଠାଇ ଭାରତ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଛି ବୋଲି କିଛି ନିନ୍ଦୁକ ଅଭିଯୋଗ ଆଣିଛନ୍ତି। ଏହାକୁ ଘୋର ବିରୋଧ କରିଛନ୍ତି ଅଷ୍ଟ୍ରେଲୀୟ କ୍ରୀଡ଼ା ସାମ୍ବାଦିକ ନିଲ ଗାର୍ଡନର। ତାଙ୍କ ମତରେ ଭାରତ ଲାଗ୍ ଲାଗ୍ ଭିନ୍ନ ଭିନ୍ନ ପରିବେଶରେ ଦୁଇଥର ଚାମ୍ପିଅନ ହୋଇଛି। ଦଳରେ ମଧ୍ୟ ଭିନ୍ନ ଭିନ୍ନ ଖେଳାଳି ରହିଛନ୍ତି। ଏହା ସତ୍ତ୍ୱେ ଘରୋଇ ପରିବେଶ ଭାରତକୁ ଫାଇଦାରେ ରଖିଛି ବୋଲି କହିବା ଅଯୌକ୍ତିକ। ସତକଥା କହିବାକୁ ଗଲେ ସୀମିତ ଓଭର କ୍ରିକେଟରେ ଭାରତ ଏବେ ବିଶ୍ୱରେ ସର୍ବଶ୍ରେଷ୍ଠ ଦଳ ବୋଲି ଗାର୍ଡନର କହିଛନ୍ତି।

### ଦୁଇ ଦିନ ପୂର୍ବରୁ ଇଶାନଙ୍କ ଭଉଣୀ ଓ ଭିଣୋଇ ମୃତ୍ୟୁବରଣ କରିଥିଲେ

ଭାରତୀୟ ଦଳର ଅନ୍ୟତମ ୱିକେଟ ରକ୍ଷକ/ବ୍ୟାଟର ଇଶାନ କିଶାନ ଟି-୨୦ ବିଶ୍ୱକପ୍ ଫାଇନାଲର ଦୁଇ ଦିନ ପୂର୍ବରୁ ତାଙ୍କ ସମ୍ପର୍କୀୟ ଭଉଣୀ ଓ ଭିଣୋଇଙ୍କୁ ହରାଇଥିଲେ। ସେମାନେ ଏକ ରାସ୍ତା ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ଏହି ଖବର ଫାଇନାଲ ପୂର୍ବଦିନ ତାଙ୍କୁ ମିଳିଥିଲା। ଫଳରେ ଇଶାନ ବିବ୍ରତ ହୋଇପଡ଼ିଥିଲେ ବୋଲି ଫାଇନାଲ ଜିତିବା ପରେ କହିଛନ୍ତି। ମୋତେ ଏମାନେ ସର୍ବଦା ଉତ୍ସାହିତ କରୁଥିଲେ ଓ ବଡ଼ ସ୍କୋର କରିବା ଲାଗି କହୁଥିଲେ। ଫାଇନାଲରେ ଇଶାନ ୨୫ ବଲ୍‌ରୁ ୫୨ ରନ୍ କରିଥିଲେ। ତାଙ୍କ ବ୍ୟାଟିଂ ଦମଦାର ଥିଲା। ଭାରତ ଜିତିବା ପରେ ଗର୍ଲଫ୍ରେଣ୍ଡ ଅଦିତି ହୁଣ୍ଡିଆଙ୍କ ସହ ଇଶାନଙ୍କୁ ପଡ଼ିଆରେ ବିଜୟ ଉତ୍ସବ ପାଳନ କରୁଥିବାର ଦେଖାଯାଇଥିଲା।

### ୩ ବର୍ଷରେ ୬ ବିଶ୍ୱ ଟାଇଟଲ, ଭାରତ ଏବେ କ୍ରିକେଟରେ ସୁପର ପାୱାର: ଶାହ

ଗତ ୩ ବର୍ଷରେ ଭାରତର ବିଭିନ୍ନ କ୍ରିକେଟ ଦଳ ୬ଟି ବିଶ୍ୱକପ୍ ଟାଇଟଲ ବିଜୟୀ ହୋଇଛି। ଏହା ପ୍ରମାଣିତ କରୁଛି ଯେ ଭାରତ ଏବେ ବିଶ୍ୱକ୍ରିକେଟରେ ସୁପର ପାୱାର ବୋଲି ଅହମ୍ମଦାବାଦ୍‌ରେ ଫାଇନାଲ ଖେଳ ଦେଖୁଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଛନ୍ତି।

ଶାହଙ୍କ କହିବା ଅନୁଯାୟୀ ୨୦୨୬ରେ ଭାରତ ପୁରୁଷ ଟି-୨୦ ବିଶ୍ୱକପ୍ ଓ ୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍ ଚାମ୍ପିଅନ ହୋଇଛି। ୨୦୨୫ରେ ମହିଳା ଦଳ ଦିନିକିଆ ବିଶ୍ୱକପ୍, ଦୃଷ୍ଟିବାଧିତ ଟି-୨୦ ମହିଳା ବିଶ୍ୱକପ୍ ଓ ୧୯ ବର୍ଷରୁ କମ୍ ମହିଳା ବିଶ୍ୱକପ୍‌ରେ ଟାଇଟଲ ଜିତିଥିଲା। ଏହା ପୂର୍ବରୁ ୨୦୨୪ରେ ଭାରତୀୟ ପୁରୁଷ ଦଳ ଟି-୨୦ ବିଶ୍ୱକପ୍ ଜିତି ଏହି ସଫଳ ଅଧ୍ୟାୟ ଆରମ୍ଭ କରିଥିଲା।

### ଅଭିଶପ୍ତ ନୁହେଁ ଅହମ୍ମଦାବାଦ୍

୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆ ନିକଟରୁ ଓ ଚଳିତ ବିଶ୍ୱକପ୍ ସୁପର ଏଇଟ୍‌ସରେ ଦକ୍ଷିଣ ଆଫ୍ରିକାଠାରୁ ସୁପର ଏଇଟ୍‌ସ ମୁକାବିଲା ହାରିଯିବା ପରେ ଅହମ୍ମଦାବାଦ୍ ଷ୍ଟାଡିୟମ୍ ଭାରତ ଲାଗି ଅଭିଶପ୍ତ ବୋଲି ଜୋର ଚର୍ଚ୍ଚା ହୋଇଥିଲା। ଏପରିକି ଯେଉଁ କାରଣ ଲାଗି ହେଉ ବରଂ ଭାରତ ହୋଟେଲ ବଦଳାଇବା ଘଟଣାକୁ ଏହା ସହ ଯୋଡ଼ାଯାଇଥିଲା। ନ୍ୟୁଜିଲାଣ୍ଡକୁ ହରାଇ ଭାରତ ଟି-୨୦ ବିଶ୍ୱକପ୍ ଜିତିବା ପରେ ଏହି ଚର୍ଚ୍ଚା ଶେଷ ହୋଇଛି ଓ ଅହମ୍ମଦାବାଦ୍ ଆମ ଲାଗି ଅଭିଶପ୍ତ ନୁହେଁ ବୋଲି ଭାରତର ଦୁଇ ପ୍ରମୁଖ ସ୍ପିନ୍ ବୋଲର ରବିଚନ୍ଦ୍ରନ ଅଶ୍ୱିନ ଓ ହରଭଜନ ସିଂହ କହିଛନ୍ତି। ସେମାନେ କହନ୍ତି, ଆମେ ଏଠାରେ ଅନେକ ମ୍ୟାଚ୍ ଜିତିଛୁ, କିଛି ମ୍ୟାଚ୍ ହାରିବା ଲାଗି ଏହି ଷ୍ଟାଡିୟମକୁ ଅଭିଶପ୍ତ କହିବା ଆଦୌ ଠିକ୍ ନୁହେଁ।

---

# ଜୁନ୍ ୧୧ରୁ ଫିଫା ବିଶ୍ୱକପ୍ ଫୁଟବଲ୍

## ■ ୪୮ ଟିମ୍ ଖେଳିବେ ୧୦୪ଟି ମ୍ୟାଚ୍

**ଲସ୍‌ଆଞ୍ଜେଲସ, ୯।୩(ଏଜେନ୍ସି):** ବିଶ୍ୱର ସବୁଠାରୁ ଲୋକପ୍ରିୟ ଖେଳ ଫୁଟବଲରେ ଫିଫା ବିଶ୍ୱକପ୍ର ୨୩ତମ ସଂସ୍କରଣ ୩ଟି ଦେଶ ଯଥା ଆମେରିକା, ମେକ୍ସିକୋ ଓ କାନାଡ଼ାରେ ଜୁନ୍ ୧୧ରୁ ଆରମ୍ଭ ହୋଇ ଜୁଲାଇ ୧୯ରେ ଶେଷ ହେବ। ଏଥିଲାଗି ଫିଫା ପକ୍ଷରୁ ପ୍ରଥମ ପର୍ଯ୍ୟାୟ ଖେଳସୂଚୀ ପ୍ରକାଶ କରାଯାଇଛି। ୩୯ ଦିନ ଧରି ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୪୮ଟି ଦେଶ ୧୬ଟି ସହରରେ ୧୦୪ଟି ମ୍ୟାଚ୍ ଖେଳିବେ। ମେକ୍ସିକୋ ସିଟିର ଇଷ୍ଟାଡିଓ ଆଜଟେକା (ଷ୍ଟାଡିୟମ୍)ରେ ମେକ୍ସିକୋ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଉଦଘାଟନୀ ମୁକାବିଲା ଖେଳାଯିବ। ଆମେରିକାର ମେଟ୍‌ଲାଇଫ ଷ୍ଟାଡିୟମ୍‌ରେ ଜୁଲାଇ ୧୯ ତାରିଖରେ ଫାଇନାଲ ମୁକାବିଲା ହେବ।

### ସଂକ୍ଷେପରେ ଫିଫା ବିଶ୍ୱକପ୍ ୨୦୨୬

ଆୟୋଜକ ଦେଶ : ଆମେରିକା, ମେକ୍ସିକୋ, କାନାଡ଼ା
ଆୟୋଜନ ସମୟ : ଜୁନ୍ ୧୧ରୁ ଜୁଲାଇ ୧୯
ଆୟୋଜକ ସହର : ୧୬ଟି
ମୋଟ ଖେଳ ଦିବସ : ୩୯ ଦିନ
ଅଂଶଗ୍ରହଣକାରୀ ଦଳ : ୪୮
ଗ୍ରୁପ୍ ପର୍ଯ୍ୟାୟ ଖେଳ : ଜୁନ୍ ୧୧ରୁ ୨୭
ରାଉଣ୍ଡ ଅଫ୍ ୩୨ : ଜୁନ୍ ୨୯ରୁ ଜୁଲାଇ ୩
କ୍ୱାର୍ଟରଫାଇନାଲ : ଜୁଲାଇ ୪ ଓ ୬
ସେମିଫାଇନାଲ : ଜୁଲାଇ ୯ ଓ ୧୧
ଫାଇନାଲ : ଜୁଲାଇ ୧୯, ନ୍ୟୁଜର୍ସି



### କେଉଁ ଗ୍ରୁପ୍‌ରେ କିଏ

ଗ୍ରୁପ୍-ଏ : ମେକ୍ସିକୋ, ଦକ୍ଷିଣ ଆଫ୍ରିକା, ଦକ୍ଷିଣ କୋରିଆ ଓ କ୍ୱାଲିଫାଇଂ ଟିମ୍।
ଗ୍ରୁପ୍-ବି : କାନାଡ଼ା, କତାର, ସ୍ୱିଜରଲାଣ୍ଡ ଓ କ୍ୱାଲିଫାଇଂ ଟିମ୍।
ଗ୍ରୁପ-ସି : ବ୍ରାଜିଲ, ମରୋକ୍କୋ, ହାଇତି ଓ ସ୍କଟଲାଣ୍ଡ।
ଗ୍ରୁପ୍-ଡି : ଆମେରିକା, ପାରାଗୁଏ, ଅଷ୍ଟ୍ରେଲିଆ ଓ କ୍ୱାଲିଫାଇଂ ଟିମ୍।
ଗ୍ରୁପ୍-ଇ : ଜର୍ମାନୀ, କୁରାକାଓ, ଆଇଭରୀ କୋଷ୍ଟ ଓ ଇକ୍ୱେଡର।
ଗ୍ରୁପ୍-ଏଫ : ନେଦରଲାଣ୍ଡ୍‌ସ, ଜାପାନ, ଟ୍ୟୁନିସିଆ ଓ କ୍ୱାଲିଫାଇଂ ଟିମ୍।
ଗ୍ରୁପ୍-ଜି : ବେଲଜିୟମ, ଇଜିପ୍ଟ, ଇରାନ ଓ ନ୍ୟୁଜିଲାଣ୍ଡ।
ଗ୍ରୁପ୍-ଏଚ୍ : ସ୍ପେନ୍, କେପ୍ ଭେର୍ଡେ, ସାଉଦି ଆରବ ଓ ଉରୁଗୁଏ।
ଗ୍ରୁପ୍-ଆଇ : ଫ୍ରାନ୍ସ, ସେନେଗାଲ, ନରୱେ ଓ କ୍ୱାଲିଫାଇଂ ଟିମ୍।
ଗ୍ରୁପ-ଜେ : ଆର୍ଜେଣ୍ଟିନା, ଆଲଜେରିଆ, ଅଷ୍ଟ୍ରିଆ ଓ ଜୋର୍ଡାନ।
ଗ୍ରୁପ୍-କେ : ପର୍ତ୍ତୁଗାଲ, କଲମ୍ବିଆ, ଉଜ୍‌ବେକିସ୍ତାନ ଓ କ୍ୱାଲିଫାଇଂ ଟିମ୍।
ଗ୍ରୁପ୍-ଏଲ୍ : ଇଂଲଣ୍ଡ, କ୍ରୋଏସିଆ, ଘାନା ଓ ପାନାମା।

## ବ୍ରାଜିଲ ଫୁଟ୍‌ବଲ ଲିଗ୍ ଗୋଟିଏ ମ୍ୟାଚରେ ୨୩ ରେଡ୍ କାର୍ଡ

**ନୂଆଦିଲ୍ଲୀ, ୯।୩ (ଏଜେନ୍ସି):** ବ୍ରାଜିଲର ଶ୍ରେଷ୍ଠ ଘରୋଇ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ 'କାମ୍ପେଓନାଟୋ ମିନେଇରୋ'ର ଫାଇନାଲରେ ଏକାଧିକ ବିଶୃଙ୍ଖଳିତ ଆଚରଣ ଦେଖିବାକୁ ମିଳିଥିଲା। ଯେଉଁଥି ପାଇଁ ରେଫରୀ ସମ୍ପୂର୍ଣ୍ଣ ମ୍ୟାଚରେ ୨୩ଟି ରେଡ୍ କାର୍ଡ ଦେଖାଇଥିଲେ। ଗତକାଲି କ୍ରୁଜେଇରୋ କ୍ଲବ ଓ ଆଟଲେଟିକୋ ମିନେଇରୋ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚର ଶେଷ ମୁହୂର୍ତ୍ତରେ ଖେଳାଳି, ବଦଳ ଖେଳାଳି ଓ କୋଚିଂ ଷ୍ଟାଫ୍‌ଙ୍କ ମଧ୍ୟରେ ପଡ଼ିଆ ମଧ୍ୟରେ ଗଣ ସଂଘର୍ଷ ଦେଖିବାକୁ ମିଳିଥିଲା। ଯେଉଁଥି ପାଇଁ ଶେଷରେ ସୁରକ୍ଷାକର୍ମୀ ଓ ସାମରିକ ପୁଲିସଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଏହି ଘଟଣାରେ ରେଫରୀ ପୂର୍ବତନ ବ୍ରାଜିଲ ଖେଳାଳି ହଲ୍କ'ଙ୍କ ସମେତ ୨୩ଜଣଙ୍କୁ ରେଡ କାର୍ଡ ଦେଖାଇ ପଡ଼ିଆରୁ ବାହାର କରିଥିଲେ। ଆଟଲେଟିକୋର ଗୋଲରକ୍ଷକ ଏଭରସନ ପ୍ରତିପକ୍ଷ ଖେଳାଳି କ୍ରିଷ୍ଟେନଙ୍କୁ ଧକ୍କା ମାରି ପଡ଼ିଆରେ ପକାଇବା ସହ ଦୁଇ ଆଣ୍ଠୁରେ ବେକକୁ ଚାପି ଦେଇଥିଲେ।

---

● ଟି-୨୦ ବିଶ୍ୱକପ୍ ୨୦୨୬

## ଆଇସିସି ଟିମ୍‌ରେ ୪ ଭାରତୀୟ

**ଦୁବାଇ, ୯।୩(ଏଜେନ୍ସି):** ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଆରମ୍ଭ ହୋଇଥିବା ଟି-୨୦ ବିଶ୍ୱକପ୍ କ୍ରିକେଟ ମାର୍ଚ୍ଚ ୮ ତାରିଖ ବା ଗତକାଲି ଶେଷ ହୋଇଛି। ଅହମ୍ମଦାବାଦ୍‌ରେ ଖେଳାଯାଇଥିବା ଫାଇନାଲରେ ନ୍ୟୁଜିଲାଣ୍ଡକୁ ୯୬ ରନ୍‌ର ବିଶାଳ ବ୍ୟବଧାନରେ ପରାସ୍ତ କରି ଭାରତ ତୃତୀୟଥର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଆଇସିସି ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଟିମ୍ ଆଜି ଘୋଷଣା କରାଯାଇଛି। ଏହି ଟିମରେ ଭାରତରୁ ସର୍ବାଧିକ ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ସଞ୍ଜୁ ସାମସନ, ଇଶାନ କିଶାନ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଯଶପ୍ରୀତ ବୁମ୍‌ରା। ଦକ୍ଷିଣ ଆଫ୍ରିକାର ଆଇଡେନ୍ ମାରକ୍ରମଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ଏହି ଦଳରୁ ଲୁଙ୍ଗି ଏନ୍‌ଗିଡି ଦ୍ୱିତୀୟ ଖେଳାଳିଭାବେ ସ୍ଥାନ ପାଇଛନ୍ତି। ପାକିସ୍ତାନର ସାହିବଜାଦା ଫରହାନଙ୍କୁ ଓପନର ଭାବେ ନିଆଯାଇଛି। ପାକିସ୍ତାନ ସୁପର ଏଇଟସରୁ ବିଦାୟ ନେଇଥିଲେ ମଧ୍ୟ ଫରହାନ ସର୍ବାଧିକ ୩୮୩ ରନ୍ କରିଥିଲେ। ଇଂଲଣ୍ଡର ୱିଲ ଜ୍ୟାକ୍ସ ଓ ଆଦିଲ ରଶିଦ୍, ୱେଷ୍ଟଇଣ୍ଡିଜ୍‌ର ଜେସନ ହୋଲ୍ଡର, ଜିମ୍ବାୱେର ବ୍ଲେସିଂ ମୁଜାରବାନୀ ଓ ଆମେରିକାର ଭାନ ସ୍କାଲକ୍ୱିକ୍‌ଙ୍କୁ ଏହି ଦଳରେ ସାମିଲ କରାଯାଇଛି।

## ଗମ୍ଭୀର 'ଗୌତମ'ଙ୍କୁ ହସାଇଲେ ଅର୍ଶଦୀପ

**ଅହମ୍ମଦାବାଦ୍, ୯।୩(ଏଜେନ୍ସି):** ଦଳ ମ୍ୟାଚ୍ ଜିତୁ କି ହାରୁ ତାହାର ପ୍ରଭାବ ଗାମ୍ଭୀରଙ୍କ ମୁହଁ ଉପରେ ପଡ଼ି ନ ଥାଏ। ସେ ସର୍ବଦା ଗାମ୍ଭୀର୍ଯ୍ୟପୂର୍ଣ୍ଣ ଭାବେ ନିଜ କାମ କରିଚାଲିଥାନ୍ତି। ରବିବାର ଭାରତ ଚାମ୍ପିଅନ ହେବା ପରେ ଗାମ୍ଭୀରଙ୍କୁ ପ୍ରଥମଥର ହସିବା ଦେଖିବାକୁ ମିଳିଥିଲା। ଫାଷ୍ଟ ବୋଲର ଅର୍ଶଦୀପ ସିଂହ ତାଙ୍କୁ ହସିବାକୁ ଅନୁରୋଧ କରୁଥିବାର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏଥିରେ ଉଭୟ ହସୁଥିବାର ଦେଖିବାକୁ ମିଳିଛି। ଗାମ୍ଭୀରଙ୍କୁ ଏହି ସ୍ମିତହାସ୍ୟକୁ ଧୋନି ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଉଲ୍ଲେଖ କରିଛନ୍ତି। 'କୋଚ୍ ସାହାବ .... ସ୍ମିତହାସ୍ୟ ତୁମକୁ ଖୁବ୍ ମାନୁଛି। ତୁମ ଏହି ସ୍ମିତ ହସ ସହ ତୀବ୍ରତା ଏକ ହତ୍ୟାକାରୀର ମିଶ୍ରଣ ଭାବେ ଦେଖାଯାଉଛି। ତୁମେ ଖୁବ୍ ଭଲ କାମ କରିଛ ବୋଲି ଧୋନି କହିଛନ୍ତି।



ଅନ୍ୟପକ୍ଷରେ କୋଚ୍ ଗମ୍ଭୀର ଭାରତୀୟ ଦଳର ପୂର୍ବତନ ହେଡ୍ କୋଚ୍ ରାହୁଲ ଦ୍ରାବିଡ ଓ ନ୍ୟାସନାଲ କ୍ରିକେଟ ଏକାଡେମୀର ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣଙ୍କୁ ଭାରତର ଏହି ବିଜୟକୁ ଉତ୍ସର୍ଗ କରିଛନ୍ତି। ଗାମ୍ଭୀର କହନ୍ତି, ରାହୁଲ ଭାଇ କୋଚ୍ ଭାବେ ଭାରତୀୟ ଦଳକୁ ଏପରି ପ୍ରସ୍ତୁତି କରିଛନ୍ତି ଯେ, ଏବେ ତାହାର ଫାଇଦା ମିଳୁଛି। ସେ ମଧ୍ୟ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ଫାଇନାଲ ହାରି ନାହାନ୍ତି

ଭାରତୀୟ କ୍ରିକେଟ ଦଳର ହେଡ୍ କୋଚ୍ ଗୌତମ ଗାମ୍ଭୀର ଏଯାଏ ଜଣେ ଖେଳାଳି, ମେଣ୍ଟର କିମ୍ବା କୋଚ୍ ଭାବେ ଦଳକୁ ଫାଇନାଲରେ ପ୍ରବେଶ କରାଇବା ପରେ ଏଯାଏ ହାରି ନାହାନ୍ତି। ୨୦୦୭ରେ ସେ ଟି-୨୦ ବିଶ୍ୱକପ୍, ୨୦୧୧ରେ ଦିନିକିଆ ବିଶ୍ୱକପ୍, ୨୦୧୨ ଓ ୨୦୧୪ରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ଜଣେ ଖେଳାଳିଭାବେ ଚାମ୍ପିଅନ ହୋଇଛନ୍ତି। ସେହିପରି ୨୦୨୪ ଆଇପିଏଲ୍, ୨୦୨୫ ଚାମ୍ପିଅନ୍ସ ଟ୍ରଫି ଓ ୨୦୨୬ ଟି-୨୦ ବିଶ୍ୱକପ୍ ଫାଇନାଲରେ ଜଣେ ମେଣ୍ଟର କିମ୍ବା ହେଡ କୋଚ୍ ଭାବେ ବିଜୟୀ ହୋଇଛନ୍ତି। ଏଣୁ ଗାମ୍ଭୀର ଯେ କୌଣସି ପୋଜିସନରେ ଥାଇ ଦଳ ଫାଇନାଲ ଖେଳିଥିଲାବେଳେ ସବୁଥିରେ ଦଳ ଚାମ୍ପିଅନ ହୋଇଛି।

---

### ଖେଲୋ ଇଣ୍ଡିଆ ଅସ୍ମିତା ପେଙ୍କାକ ସିଲଟ

## ଓଡ଼ିଶା ଓଭରଅଲ୍ ଚାମ୍ପିଅନ

**ଭୁବନେଶ୍ୱର, ୯।୩ (ସମିସ):** ଝାରସୁଗୁଡ଼ାରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଅସ୍ମିତା ପେଙ୍କାକ ସିଲଟ୍ ଲିଗ (ପୂର୍ବାଞ୍ଚଳ)ରେ ଓଡ଼ିଶା ମହିଳା ଦଳ ଓଭରଅଲ୍ ଚାମ୍ପିଅନ ହୋଇଛି। ଓଡ଼ିଶା ମହିଳା ଦଳ ମୋଟ୍ ୮୦ଟି ପଦକ ବିଜୟୀ ହୋଇଥିଲା। ଯେଉଁଥିରେ ୨୩ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୦ କାଂସ୍ୟ ପଦକ ରହିଥିଲା। ଭାରତୀୟ ପେଙ୍କାକ ମହାସଂଘ, ରାଜ୍ୟ ସଂଘ, ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଓ ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ଦୁଇ ଦିନିଆ ଏହି ପ୍ରତିଯୋଗିତାରେ ୧୨ ରାଜ୍ୟର ୬୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ସଶସ୍ତ୍ର ପୋଲିସ ଦ୍ୱିତୀୟ ବାଟାଲିୟନର କମାଣ୍ଡାଣ୍ଟ ପ୍ରସାଦ ତମାଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଘର ସଭାପତି ତାପସ କୁମାର ରାୟ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପ୍ପା ପ୍ରମୁଖ ଉପସ୍ଥିତ ରହିଥିଲେ।



## ସୁଇସ୍ ଓପନରୁ ଓହରିଲେ ସିନ୍ଧୁ

**ନୂଆଦିଲ୍ଲୀ, ୯।୩ (ଏଜେନ୍ସି):** ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ମଙ୍ଗଳବାରଠାରୁ ଆରମ୍ଭ ହେବାକୁଥିବା ସୁଇସ୍ ଓପନ୍‌ରୁ ଓହରିଯାଇଛନ୍ତି। ଏଥିପୂର୍ବରୁ ସିନ୍ଧୁ ଗତ ସପ୍ତାହରେ ମଧ୍ୟ ଶେଷ ମୁହୂର୍ତ୍ତରେ ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍‌ରୁ ଓହରିଯାଇଥିଲେ। ସିନ୍ଧୁ ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍‌ରେ ଭାଗନେବା ଲାଗି ବର୍ମିହାମ ଯାତ୍ରା କରିବା ବାଟରେ ଦୁବାଇରେ ଫସିଯାଇଥିଲେ। ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧସ୍ଥିତି ସକାଶେ ବିମାନ ଚଳାଚଳ ବନ୍ଦ ରହିବାରୁ ସିନ୍ଧୁଙ୍କୁ ଦୁବାଇରେ ୩ ଦିନ ବିତାଇବାକୁ ପଡ଼ିଥିଲା ଓ ସେ ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍‌ରେ ଭାଗନେଇପାରି ନ ଥିଲେ। ଏହାପରେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ସେ ମାନସିକ ସ୍ଥିତିରୁ ମୁକୁଳିପାରି ନାହାନ୍ତି। ଦୁବାଇରେ ଯୁଦ୍ଧ ପରିସ୍ଥିତି ମଧ୍ୟରେ ତାଙ୍କ ମାନସିକ ସ୍ଥିତି ବିଗିଡ଼ି ଯାଇଥିଲା ବୋଲି ସିନ୍ଧୁ ନିଜେ ସ୍ୱୀକାର କରିଥିଲେ। ଏବେ ଏଥିରୁ ବାହାରିବା ଲାଗି ତାଙ୍କୁ ଆଉ କିଛି ଦିନ ସମୟ ଲାଗିବ। ଯେଉଁଥି ପାଇଁ ସେ ସୁଇସ୍ ଓପନ ନ ଖେଳିବା ଲାଗି ନିଷ୍ପତ୍ତି ନେଇଛନ୍ତି।

## ଗ୍ୟାରୀ କିର୍ଷ୍ଟେନ ଶ୍ରୀଲଙ୍କାର ମୁଖ୍ୟ କୋଚ୍

**କଲମ୍ବୋ, ୯।୩ (ଏଜେନ୍ସି):** ଦକ୍ଷିଣ ଆଫ୍ରିକାର ପୂର୍ବତନ ଓପନର୍ ଗ୍ୟାରୀ କିର୍ଷ୍ଟେନ ଶ୍ରୀଲଙ୍କା ପୁରୁଷ କ୍ରିକେଟ୍ ଦଳର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। ଏପ୍ରିଲ ୧୫ ତାରିଖରୁ କିର୍ଷ୍ଟେନ ଦାୟିତ୍ୱ ଗ୍ରହଣ କରିବେ। ଆଗାମୀ ଦୁଇ ବର୍ଷ ଲାଗି ସେ ଏହି ଗୁରୁଦାୟିତ୍ୱ ତୁଲାଇବା ଲାଗି ଚୁକ୍ତି କରିଛନ୍ତି। ଶ୍ରୀଲଙ୍କା କ୍ରିକେଟ୍ (ଏସଏଲ୍‌ସି) ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି। ସନଥ ଜୟସୁରିଆଙ୍କ ସ୍ଥାନରେ ୫୮ ବର୍ଷୀୟ କିର୍ଷ୍ଟେନ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତକାଲି ଶେଷ ହୋଇଥିବା ଟି-୨୦ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଦଳ ସୁପର୍-୮ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଦଳର ଏହି ନୈରାଶ୍ୟଜନକ ପ୍ରଦର୍ଶନ ପରେ ଜୟସୁରିଆ ମୁଖ୍ୟ କୋଚ୍ ପଦରୁ ଇସ୍ତଫା ଦେଇଥିଲେ। ଅପରପକ୍ଷରେ କିର୍ଷ୍ଟେନ ଟି-୨୦ ବିଶ୍ୱକପରେ ନାମିବ୍ୟା ଦଳର ପରାମର୍ଶଦାତା ଭାବେ ସାମୟିକ କାର୍ଯ୍ୟ କରିଥିଲେ। ଦକ୍ଷିଣ ଆଫ୍ରିକା ପାଇଁ ୧୦୧ ଟେଷ୍ଟ ଓ ୧୮୫ ଦିନିକିଆ ମ୍ୟାଚ୍ ଖେଳିଥିବା କିର୍ଷ୍ଟେନ ଏଥିପୂର୍ବରୁ ଭାରତୀୟ ଦଳର ମୁଖ୍ୟ କୋଚ୍ ଭାବେ ଦାୟିତ୍ୱ ତୁଲାଇ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ ଭାରତ ୨୦୧୧ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ଏଥିସହ ଆଇସିସି ଟେଷ୍ଟ ମାନ୍ୟତାରେ ମଧ୍ୟ ଶୀର୍ଷ ସ୍ଥାନ ହାସଲ କରିଥିଲା। ଏହାପରେ ଗ୍ୟାରୀ ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ଦିନିକିଆ ଦଳର କୋଚ୍ ଭାବେ କାର୍ଯ୍ୟ କରିଥିଲେ।



---

### କଳାହାଣ୍ଡି କପ୍: ବିପ୍ଳବ, ରାମ, ଗୋବିନ୍ଦଙ୍କ ଶତକ

## କଟକ ଏ'-ସୁନ୍ଦରଗଡ଼ ଫାଇନାଲ ଲଢ଼େଇ

ଭୁବନେଶ୍ୱର, ୯।୩ (ସମିସ)

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ସିନିଅର ଆନ୍ତଃଜିଲ୍ଲା ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ବୁଧବାର କଟକ-ଏ ଓ ସୁନ୍ଦରଗଡ଼ ମଧ୍ୟରେ ବାରବାଟୀ ଷ୍ଟାଡିୟମରେ ଫାଇନାଲ ଲଢ଼େଇ ହେବ। ସୋମବାର ଖେଳାଯାଇଥିବା ଦୁଇଟିଯାକ ସେମିଫାଇନାଲରେ ୩ ତାରକା ଖେଳାଳି ବିପ୍ଳବ ସାମନ୍ତରାୟ, ରାମଚନ୍ଦ୍ର ବେହେରା ଓ ଗୋବିନ୍ଦ ପୋଦ୍ଦାରଙ୍କ ଦମ୍‌ଦାର ଶତକୀୟ ପାଳି ଉଲ୍ଲେଖନୀୟ ଘଟଣା ରହିଥିଲା।

ରେଭେନସା ଗ୍ରାଉଣ୍ଡ-୧ରେ ପ୍ରଥମ ସେମିଫାଇନାଲରେ କଟକ-ଏ ଓ ଅନୁଗୋଳ ସାମ୍ନାସାମ୍ନି ହୋଇଥିଲେ। ବିପ୍ଳବ ଓ ରାମଚନ୍ଦ୍ରଙ୍କ ଦ୍ରୁତ ଶତକୀୟ ପାଳି ବଳରେ କଟକ-ଏ ୫୦ ଓଭରରେ ୮ ୱିକେଟ୍ ହରାଇ ୩୯୬ ରନ ସଂଗ୍ରହ କରିଥିଲା। ବିପ୍ଳବ ୧୦୫ଟି ବଲରେ ୧୭୩ ଓ ରାମଚନ୍ଦ୍ର ୯୮ ବଲରେ ୧୩୦ ରନ କରିଥିଲେ। ଅନୁଗୋଳର ମିଳନ ସାମଲ ଓ ଆକାଶ ପ୍ରଧାନ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଅନୁଗୋଳ ଧିମା ବ୍ୟାଟିଂ କରି ୯ ୱିକେଟ୍‌ରେ ୧୪୨ ରନ କରି ୨୫୪ ରନର ବୃହତ୍ ବ୍ୟବଧାନରେ ପରାସ୍ତ ହୋଇଥିଲା। ବିପ୍ଳବ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ବାରବାଟୀ ଷ୍ଟାଡିୟମରେ ଦ୍ୱିତୀୟ ସେମିଫାଇନାଲରେ ସୁନ୍ଦରଗଡ଼ ୧୧୮ ରନରେ ରାଉରକେଲାକୁ ହରାଇଥିଲା। ଗୋବିନ୍ଦ (୭୨ ବଲରେ ୧୧୧ ରନ)ଙ୍କ ଶତକ ଏବଂ ୱାଲ୍ଟର ଟପ୍ପୋ (୫୫) ଓ ଉମେଶ ଗୌତମ (୫୧)ଙ୍କ ଅର୍ଦ୍ଧଶତକ ବଳରେ ୫୦ ଓଭରରେ ୭ ୱିକେଟରେ ୩୫୩ ରନ କରିଥିଲା। ଜବାବରେ ସୂଜଲ ସିଂଙ୍କ ୮୫ ରନ ସତ୍ତ୍ୱେ ରାଉରକେଲା ୨୩୫ ରନରେ ସୀମିତ ରହିଥିଲା। ବୋଲିଂରେ ମଧ୍ୟ ୨ଟି ୱିକେଟ ନେଇ ଗୋବିନ୍ଦ ଶ୍ରେଷ୍ଠ ଖେଳାଳି ହୋଇଥିଲେ।





### ମହିଳା ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ

## ଭାରତ-ସ୍କଟଲାଣ୍ଡ ମ୍ୟାଚ୍ ଡ୍ର

**ହାଇଦରାବାଦ, ୯।୩ (ଏଜେନ୍ସି):** ତେଲେଙ୍ଗାନାର ବାଲଯୋଗୀ ହକି ଗ୍ରାଉଣ୍ଡରେ ଚାଲିଥିବା ମହିଳା ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ଭାରତ ସୋମବାର ସ୍କଟଲାଣ୍ଡ ବିପକ୍ଷରେ ମ୍ୟାଚ୍ ୨-୨ ଗୋଲରେ ଡ୍ର ରଖିଛି। ସନ୍ଧ୍ୟାରେ ଖେଳାଯାଇଥିବା ଏହି ମ୍ୟାଚର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ପ୍ରଥମ କ୍ୱାର୍ଟର ତଥା ୬ଷ୍ଠ ମିନିଟରେ ହେଥର ମ୍ୟାକ୍‌ୱାନଙ୍କ ଗୋଲ୍ ବଳରେ ସ୍କଟଲାଣ୍ଡ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ତେବେ ଦ୍ୱିତୀୟ କ୍ୱାର୍ଟରରେ ଭାରତ ୪ ମିନିଟରେ ଦୁଇଟି ଗୋଲ୍ ପେନାଲ୍ଟି କର୍ଣ୍ଣର ଜରିଆରେ ଦେଇ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲା। ୧୮ତମ ମିନିଟରେ ନବନୀତ କୌର ଓ ୨୯ତମ ମିନିଟରେ ଓଡ଼ିଆ ଖେଳାଳି ସୁନେଲିତା ଟପ୍ପୋ ଦ୍ୱିତୀୟ ଗୋଲଟି ଦେଇଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS